

୨୦୨୭ରେ 'କ୍ରିସ୍-୪'
ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-78 THURSDAY 11 SEPTEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୭୮ ଗୁରୁବାର ୧୧ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍‌ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା 'ଜେନ୍ ଜେଡ୍' ଆନ୍ଦୋଳନ ଥମିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଓଲି ସରକାରର ପତନ ପରେ ପରିବେଶ ଶାନ୍ତ ହେଉଛି। ତେବେ ଗତ ତିନି ଦିନ ଧରି ହୋଇଥିବା ହିଂସାରେ ୩୦ ଜଣଙ୍କ ଜୀବନ ଯାଇଛି। ହିଂସ୍ର ପ୍ରଦର୍ଶନ ପରି।।।।ପ୍ରକ୍ଷୀରେ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ମଧ୍ୟବର୍ତ୍ତିକାଳୀନ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ପତ୍ନୀକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୃଷ୍ଠା-୭

### ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ
### ୩ ଦଶନ୍ଧି ଧରି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି
### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ପୋଡ଼ାଶବ ଉଦ୍ଧାର
### ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ
### ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିଲେ। ସେ ୧୯୭୯ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## କାଠମାଣ୍ଡୁରେ ଫସିଛନ୍ତି କେନ୍ଦ୍ରାପଡ଼ାର ଶତାଧିକ

### ଭାରତ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ

■ ପଟ୍ଟାମୁଣ୍ଡାଇ, ୧୦।୯ (ସମିସ): ନେପାଳରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇ ଥିବାରୁ ସମ୍ପ୍ରତି ସେଠାକାର ଜାତୀୟ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ପରେ ଆନ୍ଦୋଳନକାରୀଙ୍କ କବଜାରେ ରହିଛି ନେପାଳ। ଅନ୍ୟପକ୍ଷରେ ସରକାର ପତନ ହେବା କାରଣରୁ ଦେଶର ଦାୟିତ୍ୱ ସେନା ହାତକୁ ନେଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳରେ ଫସିରହିଥିବା ଭାରତର ଲକ୍ଷାଧିକ ନାଗରିକଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନେପାଳ ରାଜଧାନୀ କାଠମାଣ୍ଡୁରେ ରହି କାମ କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଜୀବନଜୀବିକା ବିପନ୍ନ ହେବା ସହ ନେପାଳ ସେନା ଦେଶର ସୀମାକୁ ସିଲ୍ କରିଦେଇଥିବାରୁ ସେମାନଙ୍କର ଭାରତ ଫେରିବା ଆଶା ମଉଳିଯାଇଛି। ନିଜ ଦେଶକୁ ଫେରିପାରୁ ନ ଥିବାରୁ ସେମାନଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି।

ନେପାଳରେ ଫସିଥିବା ପଟ୍ଟାମୁଣ୍ଡାଇ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଓ ଠିକାଦାର ଥିବା ଜଣାପଡ଼ିଛି। ଫସିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ନେପାଳର କାଠମାଣ୍ଡୁରେ ଅବସ୍ଥାନ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପବିତ୍ର ପଣ୍ଡା(୪୬), ତାଙ୍କ ପତ୍ନୀ ତୁଳସୀ ପଣ୍ଡା (୪୨), ଝିଅ ପ୍ରିୟଙ୍କା ପଣ୍ଡା(୧୪), ସାଇରାମ ପଣ୍ଡା(୧୦) ପ୍ରମୁଖ ଆସନ୍ତା ୨୩ ତାରିଖରେ ଦୁର୍ଗାପୂଜା ପାଇଁ ଘରକୁ ଫେରିବାର ଥିଲା। କିନ୍ତୁ ସେମାନଙ୍କ ଆସିବା ବାଟ ଏବେ ବନ୍ଦ ହୋଇଯାଇଛି। ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ୮୭ ବର୍ଷର ବୃଦ୍ଧା ମାଆ କୁନ୍ତଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓଉପଦା ଅଞ୍ଚଳର ସ୍ୱର୍ଗତ ନରେନ୍ଦ୍ର କୁମାର କରଙ୍କ ପୁଅ ଅଜିତ କୁମାର କର କାଠମାଣ୍ଡୁ କୁଲେଶ୍ୱରରେ ରହୁଥିବା ବେଳେ ପ୍ରକଳ୍ପ କାମ ପୃଷ୍ଠା-୭

## ଅକ୍ଟୋବରରୁ ସାରା ଦେଶରେ ଏସ୍‌ଆଇଆର୍

### ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍‌ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଦେଶବ୍ୟାପୀ ଏସ୍‌ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍‌ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ପୃଷ୍ଠା-୭

### କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ଅନୁମୋଦନ

## 'ଭୁବନେଶ୍ୱର ନୂଆ ସହର' ଉନ୍ନୟନ ଯୋଜନାକୁ ମଞ୍ଜୁରୀ

■ ଭୁବନେଶ୍ୱର, ୧୦।୯ (ସମିସ): ବୁଧବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏକ ଆଧୁନିକ ଏବଂ ସମାବେଶୀ ସହରୀ କେନ୍ଦ୍ର ସୃଷ୍ଟି ଲକ୍ଷ୍ୟରେ ପ୍ରସ୍ତାବିତ 'ଭୁବନେଶ୍ୱର ନୂଆ ସହର' ଉନ୍ନୟନ(ନିୟୁ ସିଟି) ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଅନ୍ୟ ଏକ ପ୍ରମୁଖ ପ୍ରସ୍ତାବକ୍ରମେ ୪୨୮ଟି ଆମ୍ବୁଲାନ୍ସ ପାଇଁ ୧୧୮.୯୮ କୋଟି ଟଙ୍କାର ବ୍ୟୟ ଅଟକଳକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, 'ଭୁବନେଶ୍ୱର ନୂଆ ସହର ଉନ୍ନୟନ ଯୋଜନା' ପ୍ରକଳ୍ପ ଗୋଠପାଟଣା, ମଳିପଡା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହି ଯୋଜନାରେ ନୂଆ ସହରର ସମସ୍ତ ଅଧିବାସୀଙ୍କୁ ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ।

୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁରର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ସିଙ୍ଗାପୁରର ସୁର୍ବାନା ଜୁରୋଙ୍ଗ ସଂସ୍ଥା ମଧ୍ୟରେ ଏକ ପୃଷ୍ଠା-୭

ବଢ଼ିଲା ବିଡିଓ, ଯନ୍ତ୍ରୀଙ୍କ କ୍ଷମତା → ପୃଷ୍ଠା-୩

## ଅସହ୍ୟ ହେଲାଣି ଦରଦାମ୍ ବୃଦ୍ଧି

# ୩ ବର୍ଷରେ ୩୩% ବଢ଼ିଗଲାଣି ଘର ଖର୍ଚ୍ଚ

### ପରିବାର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ମଧ୍ୟବିତ୍ତ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାର ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ତ୍ରୈମାସିକ ଖର୍ଚ୍ଚ ୫୨,୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩,୫୭୯ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ତ୍ରୈମାସିକ ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୭୨୩ ଟଙ୍କାରେ ପହଞ୍ଚିଛି।

**ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

### ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ
### ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%

ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

'ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍' ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ପୃଷ୍ଠା-୭

## ପେଟ୍ରୋଲ ଢାଳି ନିଜକୁ ଜାଳିଦେଲେ

### ୯୦ ପ୍ରତିଶତ ଦଗ୍ଧ



■ ବ୍ରହ୍ମପୁର, ୧୦।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ମେଣ୍ଟୁଛକଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ଗୁରୁତର ଯୁବକଜଣଙ୍କ ହେଲେ, ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଚାରିଚକିଆ ଗାଡ଼ି କିଣା ଓ ଧାନ ବିକ୍ରି ପଞ୍ଜୀକରଣ

## ସୁଭଦ୍ରାରୁ ୨ ଲକ୍ଷ ହିତାଧିକାରୀ ବାଦ୍

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ପରିବାରରେ ଚାରିଚକିଆ ଗାଡ଼ି କିଣାଯାଇଛି, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକରଦାତା ରହିଛନ୍ତି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର କରିଥିବା ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରେ ଦର୍ଶାଯାଇଛି ଯେ ମୃତ୍ୟୁ ଯୋଗୁଁ ୧୫,୯୮୪ଜଣ, ଚାରିଚକିଆ ଗାଡ଼ି କିଣିଥିବାରୁ ୩୬ ହଜାର ୭୦୨ଜଣ, ଆୟ କର ରିଟର୍ଣ୍ଣ ଦାଖଲ କରିଥିବା ୨୧ ହଜାର ୩୫ଜଣ ଏବଂ ଧାନ ବିକ୍ରି ପାଇଁ କୃଷକ ଭାବେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୩୩ ହଜାର ୬୯୧ ଜଣ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେବେ ସରକାରଙ୍କ ମୃତ୍ୟୁ ତାଲିକାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ମୃତ ଘୋଷଣା କରାଯାଇଛି, ସେମାନଙ୍କ ପୃଷ୍ଠା-୭

### ମୃତ ଦର୍ଶାଇ ୧୮୦୫ ଜଣଙ୍କୁ କାଟିଦେଲେ

## ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍‌ଆଇଭି

■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ ରକ୍ତଭଣ୍ଡାରରେ ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି (ଆଇଡି-ଏନ୍‌ଏଟି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ରକ୍ତର ଏଚ୍‌ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମଣର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍‌ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ



### ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍‌ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ

ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି। ଏହି ପଦ୍ଧତିରେ ଏଚ୍‌ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍‌ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସ ବି' ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ, ଓଏସଏମସିଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ, ପୂର୍ବରୁ ବିଚାରାଧୀନ ପୃଷ୍ଠା-୭

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଶିକରପାଇ,୧୦।୯ (ସମିସ): ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ ହୋଇଛି । ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ଗ୍ରାମରେ ଦୀର୍ଘ ୨୩ ବର୍ଷ ଧରି ମା' ଗଜଲକ୍ଷ୍ମୀଙ୍କ ପୂଜା ଖୁବ୍ ଧୁମଧାମରେ ପାଳନ କରୁଥିବା କହିଥିଲେ କମିଟି ସଦସ୍ୟ । ପୂଜକ ସନ୍ତୋଷ ଦାସ ମା'ଙ୍କ ପୂଜା କରିବା ଦ୍ୱାରା ଅଞ୍ଚଳରେ କୃଷି ବାଣିଜ୍ୟ ବୃଦ୍ଧି ସହ ଶାନ୍ତିର ସହ ଅଞ୍ଚଳବାସୀ ରହିଥିବା ପ୍ରକାଶ କରିଥିଲେ । ଆଜି ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଗ୍ରାମଦେବୀଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ରୀତିନୀତି ଅନୁଯାୟୀ ପୂଜା କରିବା ସହ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା । ଏ ବର୍ଷ କର୍ତ୍ତା ଭାବେ ପୃଥ୍ୱୀରାଜ ପାବୁଲୁ ବସିବା ନେଇ କମିଟି ତରଫରୁ କୁହାଯାଇଛି । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସାଂସ୍କୃତିକ କାର୍ଯକ୍ରମ ସହ ମିନା ବଜାର ଆୟୋଜନ କରାଯିବ ବୋଲି କମିଟି ସଭାପତି ରାଜୀବ ନାୟକ କହିଥିଲେ ।

## ସମୂହ ଚାରାରୋପଣ କାର୍ଯ୍ୟକ୍ରମ




ରାୟଗଡ଼ା,୧୦।୯ (ସମିସ): ମା'ଙ୍କ ନାମରେ ଗଛଟିଏ ଉଦ୍ଦେଶ୍ୟରେ ଚଳିତ ମାସ ୧୭ ତାରିଖରେ ହେବାକୁ ଥିବା ଏକ ଦିବସିୟ ସମୂହ ଚାରାରୋପଣ କାର୍ଯକ୍ରମ ସକାଶେ ରାୟଗଡ଼ା ବନାଞ୍ଚଳ ତରଫରୁ ରାୟଗଡ଼ା ବନାଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତ ଯଥା ଜିମିଡିପେଟା ,ହାଟ ଶେଷଖାଲ, ଡାଙ୍ଗଲୋଡି, ତାଡମା , ଗୁମ୍ମା ପଞ୍ଚାୟତକୁ ୫୦୦ ଲେଖାଏଁ ବିଭିନ୍ନ କିସମର ଚାରା ହଁସା କେନ୍ଦ୍ରୀୟ ନର୍ସରୀ ଓ ଲ‡ । ଅସ୍ଥ ।ୟୀ ନର୍ସରୀରୁ ବଣ୍ଟନ କରାଯାଇଥିଲା । ଚଳିତ ମାସ ୧ ତାରିଖରୁ ୧୦ ତାରିଖ ମଧ୍ୟରେ ରାୟଗଡା ପଞ୍ଚାୟତ ସମିତିର ୨୭ ପଞ୍ଚାୟତ ଏବଂ କୋଲନରା ପଞ୍ଚାୟତସମିତିଅଧୀନରେଥିବା୧୨ପଞ୍ଚାୟତପିଛା୫୦୦ବିଭିନ୍ନକିସମରଚାରାରେଙ୍ଗାଲପାଡୁ ଅସ୍ଥାୟୀ ନର୍ସରୀ ହଁସା କେନ୍ଦ୍ରୀୟ ନର୍ସରୀ ଓ ଲଙ୍ଗା ଅସ୍ଥ ।ୟୀ ନର୍ସରୀରୁ ଯୋଗାଇ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଚାରା ବଣ୍ଟନ ସହ ଜନ- ସଚେତନ କରାଯାଇଥିଲା । ଏହି କାର୍ଯକ୍ରମକୁ ଅଶୋକ କୁମାର ପ୍ରଧାନ, ଉପ ବନ ସଂରକ୍ଷକ , ରାୟଗଡା ବନଖଣ୍ଡ ସବୁଜ ପତାକା ଦେଖାଇ ସବୁଜ ରଥର ଶୁଭାରମ୍ଭ କରିଥିଲେ । କାମେଶ୍ୱର ଆଚାରୀ , ବନାଞ୍ଚଳ ଅଧିକାରୀ , ରାୟଗଡା ଏହାକ ପରିଚାଳନା କରିଥିଲେ ।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା



### କୋରମ ଅଭାବରୁ ବୈଠକ ନୋହିଲା

ଉମରକୋଟ, ୧୦।୯ (ସମିସ): ଉମରକୋଟ ପୌର ଅଧ୍ୟକ୍ଷାଙ୍କ ପଦ ରହିଲା କାଏମ । ଅନାସ୍ଥା ପ୍ରସ୍ତାବ ଘଟଣାକୁ ନେଇ ଆଜି ପୌର କାର୍ଯ୍ୟାଳୟ ଠାରେ ଏକ ଆଲୋଚନା ପାଇଁ ସମସ୍ତ କାଉନ୍ସିଲର ଉପସ୍ଥିତ ରହିବା ପାଇଁ ନବରଙ୍ଗପୁର ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନା ପରେ ନିଷ୍କର୍ସ ନ ବାହାରିଲେ ଭୋଟ ହେବାର ଥିଲା । କିନ୍ତୁ ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିବାରୁ ଭୋଟ କିମ୍ବା ଆଲୋଚନା ହୋଇ ପାରିଲା ନାହିଁ । ଆଜିର ଏହି ଆଲୋଚନାରେ ପୌର ପରିଷଦର ୧୪ କାଉନସିଲର ମଧ୍ୟରୁ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଜେଡିର ନେତ୍ର ହରିଜନ, କଂଗ୍ରେସ ର ସାଇ ନାରାୟଣ ପାଢ଼ୀ ଉପସ୍ଥିତ ରହିଥିଲେ । ୧୦ଜଣ ବିଜେଡ଼ିର କାଉନସିଲର ଆଜି ବୈଠକରେ ଅନୁପସ୍ଥିତ ଥିଲେ । ସେଥିମଧ୍ୟରୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିଜେଡିର ସରୋଜିନୀ ଶବର ଓ ବିଜେପିର କନକଲତା ନାୟକ ବୈଠକକୁ ଆସି ନଥିଲେ । ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତ୍ରା ଙ୍କ ବିରୁଦ୍ଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ଆଣି ପୌର ପରିଷଦର ୧୨ ବିଜେଡି, ଜଣେ କଂଗ୍ରେସ ଓ ବିଜେପି କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଅନ୍ୟପଟେ ୧୨ ଜଣ ବିଜେଡି କାଉନସିଲର ବିଜେଡିରେ ରହି ମଧ୍ୟ ନିଜ ଦଳର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ ବିଜେଡି ଅଧ୍ୟକ୍ଷାଙ୍କ ଚୌକି ବଞ୍ଚାଇବାକୁ ବିଜେଡ଼ିର ଆଗ ଧାଡ଼ିର ନେତା ଜୋର ସୋର ଉଦ୍ୟମ ଆରମ୍ଭ କରି ଗୁପ୍ତ ବୈଠକ ଆୟୋଜନ କରିଥିଲେ ଏବଂ ବୈଠକ କରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ନଦେବା ପାଇଁ ଅନୁରୋଧ କରିଥିଲେ । ବୈଠକର ଦୁଇଦିନ ପରେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ବିଜେଡିର ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇ ଥିଲା । ମୋଟ ୯ ଜଣ ବିଜେଡ଼ିର କାଉନସିଲର ମାନେ ଆଜି ବୈଠକ ରେ ଅନୁପସ୍ଥିତ ଥିଲେ । କିନ୍ତୁ ବିଜେଡ଼ିର ୨ କାଉନସିଲର ନେତ୍ର ହରିଜନ ଓ ସରୋଜିନୀ ଶବର ଯେଉଁ ମାନେ କି ସୁଧାଂଶୁ ଦାସଙ୍କ ସମର୍ଥକ ଭୁବନେଶ୍ୱର ନ ଯାଇ ସୁଧାଂଶୁ ଦାସଙ୍କ ସହ ରହି ଥିଲେ । ଆଜି ଆଲୋଚନାରେ ବିଜେଡିର ଅଧିକାଂଶ କାଉନସିଲର ଆସିନାହାନ୍ତି । ତେଣୁ ଅଧ୍ୟକ୍ଷାଙ୍କ ଚୌକି ବଞ୍ଚି ଯାଇଛି । କିନ୍ତୁ ଆଗାମୀ ଦିନରେ କିଛି କାଉନସିଲର ମିଶି ଯାହା ସବୁ ଦୁର୍ନୀତି ହୋଇଛି ତାହାର ପର୍ଦାଫାଶ କରିବୁ ବୋଲି କହିଛନ୍ତି କଂଗ୍ରେସ କାଉନସିଲର ସାଇ ନାରାୟଣ ପାଢ଼ୀ । ଅନ୍ୟପଟେ ଗଣେଶ ପୂଜା ପୂର୍ବରୁ ପେଟି କାମର ବିଲକୁ ନେଇ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଅନ୍ୟପଟେ ହାଇକୋର୍ଟରେ ଅନାସ୍ଥା ମାମଲା ବିଚାରାଧୀନ ରହିଥିବା ଯୋଗୁଁ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ରାଧା ଭତ୍ରା ଅଧ୍ୟକ୍ଷା ପଦରେ ରହିବେ ବୋଲି କହିଛନ୍ତି ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ।

# ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ

ତେନ୍ତୁଳିଖୁଣ୍ଟି,୧୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ପରିସରରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ପରିଷଦ ବୈଠକ ବ୍ଲକ ଅଧ୍ୟକ୍ଷା ନିଁଳେନ୍ଦ୍ରି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ,ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କଅଁର ପ୍ରମୁଖ ମଂଚାସୀନ ଥିଲେ । ବିଡିଓ ମନୋଜ କୁମାର ପାଣିଗ୍ରାହୀ ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ ଜନ ପ୍ରତନିଧିଙ୍କୁ ଅଭିନନ୍ଦନ ଜଣେଇଥିଲେ । ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଧାକାନ୍ତ ରଣା ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଆଲୋଚନା ଆରମ୍ଭ ହୋଇଥିଲା । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପାନୀୟ ଜଳ,ମହିଳା ଓ ଶିଶୁ ବିକାଶ,କୃଷି,ଗ୍ରାମ୍ୟ ଉନ୍ନୟନ ତଥା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।ସ ରକାରୀ ନିୟମ ପ୍ରକାରେ ନିୟୋମିତ ବ୍ୟବଧାନରେ ସମିତି ବୈଠକର ଆୟୋଜନ କରିବା ନେଇ କୁକୁଡ଼ା ବାଇ ସମିତି ସଭ୍ୟ ଅଭିଯୋଗ କରିଥିଲେ । ବିନା ଡାକ୍ତର ରେ ପଣସ ପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲୁଛି । ଜଣେ ଭେଷଜକଙ୍କୁ ରୋଗୀ ସେବା ଦାୟିତ୍ୱ ଦିଆଯାଇଥିବା ବେଳେ ସେ ମଧ୍ୟ ଦିନେ ଠିକରେ ଦାୟିତ୍ୱ ନିର୍ବାହ କରୁନଥିବା ସରପଞ୍ଚ କିଶୋର ନାୟକ ଅଭିଯୋଗ କରିଛନ୍ତି । ଆଜିର ବୈଠକରେ ଯେଉଁ ବିଭାଗର ଅଧିକାରୀ ଉପସ୍ଥିତ ରହିନାହାନ୍ତି ଏବଂ ବୈଠକକୁ ବିଳମ୍ବରେ ଆସିଛନ୍ତି ସେମାନଙ୍କୁ ନୋଟିସ କରିବା ନେଇ ବିଧାୟକ ଶ୍ରୀ ମାଝି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଡାକ୍ତର ଓ ଷ୍ଟାଫ କ୍ୱାର୍ଟର୍ସର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଯୋଗୁଁ ଡାକ୍ତର ଓ ଷ୍ଟାଫ ମାନେ ନବରଙ୍ଗପୁରରେ ରହୁଥିବା ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା ଅଭିଯୋଗ କରିଥିଲେ । ଝରିଗୁମ୍ମା ଫଂଚାୟତ ର କଂସାରୀ ଗୁଡା,ଲାଢ଼ିଗୁଡା ଓ ମଙ୍ଗରଦୋରା ଗ୍ରାମକୁ ରାସ୍ତା ବ୍ୟବସ୍ଥା ନଥିବା ଯୋଗୁଁ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନି ଏବଂ ମଙ୍ଗରଦୋରା ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ସାମଗ୍ରୀ ବାବଦ ଅର୍ଥ ପ୍ରଦାନ କରାଯାଇନଥିବା ବେଳେ ୯୦ ହଜାର ଟଙ୍କା ମାଇନସ ରେ ଚାଲିଥିବା ସରପଞ୍ଚ ମନମୋହନ ଦଳପତି ଅଭିଯୋଗ କରିଥିଲେ । ବ୍ଲକ ଉପାଧ୍ୟକ୍ଷ ଶ୍ରୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବିବାହିତ ଯୁବକଙ୍କ ଆତ୍ମହତ୍ୟା

## ପୁଲିସକୁ ସୂଚନା ନ ଦେଇ ଶବକୁ ପୋଡିଦେଲେ

ଜୟପୁର,୧୦।୯ (ସମିସ): ଜୟପୁର ସଦରଥାନା ବିଜେ-୨ ଗ୍ରାମରେ ଜଣେ ବିବାହିତ ଯୁବକ ବେକରେ ଦଉଡ଼ି ଦେଇ ନିଜ ଗୃହରେ ଆତ୍ମହତ୍ୟା କରିଛନ୍ତି । କିନ୍ତୁ ପରିବାର କିମ୍ବା ଗ୍ରାମବାସୀ ପୁଲିସକୁ ସୂଚନା ନ ଦେଇ ମୃତକଙ୍କ ଶବକୁ ଦାହ କରିଛନ୍ତି । ପୁଲିସ ସୂଚନା ପାଇବା ପରେ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ଏବଂ ଏତଲା ଦେବାକୁ କହିଥିଲେ । କିନ୍ତୁ ପରିବାର ପକ୍ଷରୁ ଏତଲା ଦେବାକୁ ଆଗ୍ରହ ପ୍ରକାଶ କରିନଥିଲେ କିମ୍ବା କାହା ବିରୋଧରେ ଅଭିଯୋଗ କରିନଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଉକ୍ତ ବିବାହିତ ଯୁବକ ଗତ କିଛିଦିନ ପୂର୍ବରୁ ଜଣେ ନାବାଳିକା ଝିଅକୁ ଶାରରୀକ ନିର୍ଯାତନା ଦେବା ନେଇ ଅଭିଯୋଗ କ୍ରମେ ନିଜକୁ ଲଜ୍ଜା ଅନୁଭବ କରିଥିଲେ । ଗତକାଲି ପତ୍ନୀ ଏବଂ ପରିବାର ଲୋକ ମାନେ ଘରେ ନଥିବା ସୁଯୋଗ ନେଇ ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ ।

● ଗ୍ରାମ୍ୟ ଉନ୍ନୟନ ବିଭଗର ଅବହେଳା

## ରାସ୍ତା ମରାମତି କଲେ ସରପଞ୍ଚ



ବୈପାରୀଗୁଡା, ୧୦।୯ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁଁ ଗାଁ ଗହଳି ଲୋକେ ହନ୍ତସନ୍ତ ହେଉଛନ୍ତି । ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପି ମାଳିଗୁଡା ଗାଁ ଲୋକେ କାଦୁଅ ରାସ୍ତାକୁ ନେଇ ହନ୍ତସନ୍ତ ହେଉଥିବା ବେଳେ ସ୍ଥାନୀୟ ସରପଞ୍ଚ ରାସ୍ତା ମରାମତି କଲେ । ସୂଚନା ଥାଉକି, ବୋଦାପୁଟ ଆରଡି ରୋଡ ଠାରୁ ପି ମାଳିଗୁଡା ପର୍ଯ୍ୟନ୍ତ ୩ କିଲୋମିଟର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୩ ବର୍ଷ ପୂର୍ବେ ୨,୨ ଲକ୍ଷ ଟଙ୍କା ବ୍ୟୟରେ ଏନବିସିସି ନାମକ ଏକ ଠିକା ସଂସ୍ଥା ନିର୍ମାଣ କରିଥିଲା । ହେଲେ ସେ ରାସ୍ତା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । କାଦୁଅ ରାସ୍ତକୁ ନେଇ ଯାତାୟାତ ବାଧା ସୃଷ୍ଟି ହୋଇଛି । ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନି । ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ରୋକ୍ଷଣା ଦାଇତ୍ୱ ନିୟମ ଥିବା ବେଳେ କିନ୍ତୁ ଅଭିଯୋଗ ପରେ ମଧ୍ୟ ଜାଣି ଅଜଣା ଭଳି ରହିଛି ବିଭାଗ । ଶେଷରେ ଗାଁ ଲୋକ ସମସ୍ୟା କୁ ଦୃଷ୍ଟିରେ ରଖି ନିଜସ୍ୱ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ କରି ରାସ୍ତା ମରାମତି କଲେ ସରପଞ୍ଚ ଆର ରୋହିତ କୁମାର ।

## ଯବାନଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

ମାଲକାନଗିରି, ୧୦।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ଯବାନଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛି । ସୂଚନା ଅନୁଯାୟୀ, କାଂକେର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ ମାଓ ଦମନ ଅଭିଯାନ ଜାରି ରହିଥିବା ବେଳେ ଜିଲ୍ଲାର ପ୍ରତାପୁର ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ଗୁଳି ବିନିମୟ ଘଟିଥିଲା । ତେବେ ଏହି ଗୁଳିବିନିମୟର ସାମ୍ନା କରି ନପରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିବା ବେଳେ ଘଟଣାସ୍ଥଳରେ ଜଣେ ମାଓବାଦୀର ମର ଶରୀର ଜବତ କରିବା ସହ ଗୋଟିଏ ୩୦୩ ବନ୍ଧୁକ ମଧ୍ୟ ଜବତ କରାଯାଇଛି । ମୃତ ମାଓବାଦୀଙ୍କ ପରିଚୟ ମିଳି ନଥିବା ବେଳେ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି ।

## ମଦ ଜବତ, ଜଣେ ଗିରଫ

ତେନ୍ତୁଳିଖୁଣ୍ଟି ୧୦।୯ (ସମିସ) ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲିପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭାଗିୟ କର୍ମଚାରୀ ଏବଂ ପାପଡ଼ାହାଣ୍ଡି ଅବକାରୀ ଥାନା କର୍ମଚାରୀ ମିଳିତ ଭାବରେ କୁସୁମୀ ଗ୍ରାମର ଆସାମୀ ଶଙ୍କର ବିଶୋଇଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି । ଏହି ଚଢଉରେ ସୁଧାଂଶୁ ଶେଖର ବଘ୍ ଓ ଅକ୍ରମ ଖାନ ପ୍ରମୁଖ ସାମିଲ ଥିଲେ ।

# ରାମାୟଣ କୁଇଜ୍ ପ୍ରତିଯୋଗିତା

ଜୟପୁର,୧୦।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସିୱା ଅନୁଷ୍ଠାନ ପକ୍ଷରୁ ଗତ ରବିବାର ପୂର୍ବାହ୍ନରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଠାରେ ସ୍ଥାନୀୟ ସିୱା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା । ଏଥିରେ କିଛି ଜାଣିବା କିଛି ଜଣେଇବା-ଜଣା ଅଜଣା କାର୍ଯ୍ୟକ୍ରମ ରାମାୟଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଧାତ୍ମିକ ଭାବ ଜାଗ୍ରତ କରିବା ତଥା ଉପଯୁକ୍ତ ମଣିଷ କରାଇବା ପାଇଁ ଚେଷ୍ଟା କରିବା, ବଡ଼ଙ୍କୁ ସମ୍ମାନ ଏବଂ ଛୋଟଙ୍କୁ ସ୍ନେହ, ମଣିଷ ପ୍ରତି ଭକ୍ତି, ପରିବେଶ ସହିତ ଶୃଙ୍ଖଳିତ ଜୀବନଯାପନ କରିବା ଭଳି ଏକ ନୂଆ ରୂପରେ କୁଇଜ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଧର୍ମ ବିଷୟରେ ଅବଗତ କରେଇବା ପାଇଁ ଏକ ପ୍ରୟାସ କରାଯାଇଥିଲା । ଏହି କୁଇଜରେ ସହରର ବିଭିନ୍ନ ବିଦ୍ୟାଳୟର ୧୮ଟି ବିଦ୍ୟାଳୟରୁ ସର୍ବମୋଟ ୧୫୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧା ଶିକ୍ଷକ ନଳନୀ ରଞ୍ଜନ ମିଶ୍ର ଯୋଗଦେଇ ଶ୍ରୀରାମଙ୍କର ଯାତ୍ରା, ରାମାୟଣର ବର୍ତ୍ତମାନ ଯୁଗରେ ଆବଶ୍ୟକତା ତଥା, ପ୍ରତ୍ୟେକ କର୍ତ୍ତବ୍ୟ ପରାୟଣ ହେବାର କଳା ଜାଣିବା ଦରକାର ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଭାଗବତ ଶିକ୍ଷା ପ୍ରଦାୟକ ଆଧାତ୍ମିକ ପାଠଶାଳାର ମୁଖ୍ୟ ପ୍ରବଚକ ଅରବିନ୍ଦ ମହାପାତ୍ର ଏବଂ ପ୍ରବଚିକା ସୋନାଲି ପତି, ବିଦ୍ୟାଳୟର ସମ୍ପାଦକ ଶଶି ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ ସଭା ପରିଚାଳନା କରିଥିଲେ । ଏଥିରେ ବରିଷ୍ଠ ଛାତ୍ରଛାତ୍ରୀ ବିଭାଗରେ ଛାତ୍ରୀ ଅଭିସ୍ପା ପଟ୍ଟନାୟକ ପ୍ରଥମ, ସାହିଲ ପଟ୍ଟନାୟକ ଦ୍ୱିତୀୟ, ସୁଜିତ ସାହୁ ତୃତୀୟ ସ୍ଥାନ ରହିଥିଲେ । କନିଷ୍ଠ ବର୍ଗରେ ସ୍ୱାସ୍ତିକ ପ୍ରସାଦ ଦେବତା ପ୍ରଥମ, ସଚ୍ଚିତନ କୁମାର ଗନ୍ତାୟତ ଦ୍ୱିତୀୟ, ଏବଂ ସୁମିତ୍ରା ପଣ୍ଡା ତୃତୀୟ, ଅନ୍ୟନ୍ୟା ତ୍ରିପାଠୀ ୪ର୍ଥ ଏବଂ ଭି. ଭାଗ୍ୟଲକ୍ଷ୍ମୀ ୫ମ ସ୍ଥାନ ରହିବା ସହ ପୁରସ୍କୃତ କରାଯାଇଥିଲା । ସେହିପରି ୬ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି କୁଇଜ ପ୍ରତିଯୋଗିତା ଲିଖିତ ଏବଂ ମୌଖିକ ଭାବେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଆୟୋଜକ ସଂସ୍ଥାର ବରିଷ୍ଠ ସଦସ୍ୟ ଜି. ଭେଙ୍କଟ ରେ‡ ପରିଚାଳନା ଏବଂ ସହ ସମ୍ପାଦକ ସୌମ୍ୟ ରଞ୍ଜନ ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିପିକା ପତ୍ର, ଅଜୟ ମିଶ୍ର, ପ୍ରତାପ ପଟ୍ଟନାୟକ, ଗୋପାଳ ସାହୁ, ନଳନୀ ପାତ୍ର, ରଞ୍ଜିତ ନାୟକ ଏବଂ ଅନୁଷ୍ଠାନର ମହିଳା ବିଭାଗର ସଭାପତି ସୁମନ ମୁନ୍ଦ୍ରକ୍ଷ, ଆନନ୍ଦ ମୁନ୍ଦ୍ରକ୍ଷ, ପ୍ରଦୀପ୍ତ ସାହୁ ସହାୟତା କରିଥିଲେ ।



## ଦୁଇ ଟ୍ରକ ମଧ୍ୟରେ ମୁହାଁ ମୁହିଁ ଧକ୍କା

ସେମିଳିଗୁଡା, ୧୦।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ଉପକଣ୍ଠ ବିପଦପୂର୍ଣ୍ଣ ଗେରୁଗାଡ଼ ଗଡ଼ାଣି ଠାରେ ମଧ୍ୟରାତ୍ରରେ ଦୁଇ ମାଲ ବୋଝେଇ ଟ୍ରକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ଦୁଇ ଟ୍ରକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ସେମିଳିଗୁଡା ପୋଲିସ ଠାରୁ ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୧ ସମୟରେ ଗେରୁଗାଡ଼ ଗଡ଼ାଣି ଠାରେ ଟ୍ରକ ନଂ ସି ଜି ୦୪ ପି କେ ୭୫୪୪ ଛତିଶଗଡ଼ ରୁ ଚାଉଳ ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏ ପି ୩୯ ୟୁ ଜି ୫୪୮୮ କୋଇଲା ବୋଝେଇ ଟ୍ରକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା ଫଳରେ ଉଭୟ ଟ୍ରକ ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେବା ସହ ଛତିଶଗଡ଼ ଟ୍ରକ ଚାଳକ ଜଣଙ୍କ ଗାଡି ରେ ଚାପି ହୋଇ ରହିଯାଇଥିଲେ । ଦୁର୍ଘଟଣା ଯୋଗୁ ପ୍ରାୟ ୩ ଘଣ୍ଟା ଧରି ୧୬ ନମ୍ବର ଜାତୀୟ ରାଜପଥ ରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।

## ଦିବ୍ୟାଙ୍ଗ, ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ତେନ୍ତୁଳିଖୁଣ୍ଟି.୧୦।୯ (ସମିସ): ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ୪୦ ଜଣ ଦିବ୍ୟାଙ୍ଗ ତଥା ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ୩୫୦୦ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତ୍ତା ଭତ୍ତା ସାଙ୍ଗକୁ ନୂତନ ଯୋଗ୍ୟ ୨୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି । ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ୧୨ ଜଣ ଦିବ୍ୟାଙ୍ଗ ଏବଂ ୨୮ ଜଣ ବୃଦ୍ଧ ବୃଦ୍ଧାକୁ ମିଶାଇ ସର୍ବମୋଟ ୪୦ ଜଣଙ୍କୁ ୩୫୦୦ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତ୍ତା ନିଜେ ସେମାନଙ୍କ ନିକଟରେ ପହଞ୍ଚି ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଅନ୍ୟ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ତେବେ ପରଜା ବାରଙ୍ଗ ପଦର ପଞ୍ଚାୟତ ସରପଞ୍ଚ ବନ୍ଦିତା ନାୟକଙ୍କୁ ଭତ୍ତା ଟଙ୍କା ବଣ୍ଟନ ବେଳେ ଅଣଦେଖା କରି ତାଙ୍କୁ ଭତ୍ତା ବଣ୍ଟନ ର ସାମିଲ କରାଯାଇନଥିବା ସେ ଅଭିଯୋଗ କରିଥିଲେ । ପୂର୍ବ ଅଧ୍ୟକ୍ଷାଙ୍କ ଅନାସ୍ଥାରେ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ ଦେଇନଥିବାରୁ ତାଙ୍କୁ ଏହିଭଳି ଅଣଦେଖା କରି ଅପମାନିତ କରାଯାଇଥିବା ସେ ଅଭିଯୋଗ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କ୍ଷୋଭ ପ୍ରକାଶ କରିଛନ୍ତି । ହିତାଧିକାରୀ ଚିହ୍ନଟ ଏବଂ ହିତାଧିକାରୀଙ୍କୁ ଭତ୍ତା ପାଇଁ ଡ଼ାକିବାରେ ସେ ସାମିଲ ହୋଇଥିବା ବେଳେ ଭତ୍ତା ବଣ୍ଟନରେ ତାଙ୍କୁ ସାମିଲ ନକରି ଜଣେ ମଧ୍ୟ ହିତାଧିକାରୀଙ୍କୁ ତାଙ୍କ ଦ୍ୱାରା ଭତ୍ତା ବଣ୍ଟନ ନ କରାଯିବା ଦୁଃଖଦାୟକ ବୋଲି ସେ କହିଛନ୍ତି । ତେବେ ବିଡିଓ ମନୋଜ କୁମାର ପାଣିଗ୍ରାହୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

# ଲକ୍ଷ୍ମୀ ବସ୍ ଦୁର୍ଘଟଣାରେ ୧୨ ଯାତ୍ରୀ ଆହତ

ପଟ୍ଟାଙ୍ଗି,୧୦।୯ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଠାରୁ ତଳ ଗୋଲୁର ଯାଉଥିବା ଲକ୍ଷ୍ମୀ ବସ ଦୁର୍ଘଟଣା ଗସ୍ତ ହୋଇଛି । ଆମ୍ବାବିଲି ଘାଟି ଓହ୍ଲାଉଥିବା ସମୟରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିଲା ବସ । ଉକ୍ତ ଦୁର୍ଘଟଣାରେ ପ୍ରାୟ ୧୨ ଜଣ ଯାତ୍ରୀ ଆହତ ହୋଇଥିବା ନେଇ ଜଣାପଡିଛି । ସୂଚନା ଅନୁଯାୟୀ ଆଜି ପଟ୍ଟାଙ୍ଗି ଠାରୁ ତଳ ଗୋଲୁର ଯାଉଥିବା ଲକ୍ଷ୍ମୀ ବସ୍ ପ୍ରାୟ ୪୫ ଜଣ ଯାତ୍ରୀ ଧରି ଯାଉଥିଲା ।ପ୍ରାୟ ୪.୩୦ ସମୟରେ ଆମ୍ବାବିଲି ଘାଟି ଓହ୍ଲାଉଥିବା ସମୟରେ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡିଥିଲା । ଉକ୍ତ ଘଟଣା ନେଇ ସୂଚନା ପାଇବା ପରେ ନିକଟବର୍ତ୍ତୀ ଗ୍ରାମବାସୀ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ନିକଟ ଚିକାପାରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । କିନ୍ତୁ ଉକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନଥିବା ଦେଖିବାକୁ ମିଳିଥିଲା । ଏହାପରେ ନିକଟରେ ରହିଥିବା ତୋଷାଳି ସିମେଣ୍ଟ କଳକାରଖାନା ଏବଂ ଭରତମାଳା ପରିଯୋଜନାର ଆମ୍ବୁଲାନ୍ସ ଡକାଯାଇ ପ୍ରାୟ ୧୬ ଜଣ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରାଯାଇଥିବା ନେଇ ଜଣାପଡିଛି । ଘଟଣା ନେଇ ସୂଚନା ପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ନେଇ ଜଣାପଡିଛି ।

## କୋଟପାଡ଼ କଂଗ୍ରେସ ଦଳର ନୂଆଁଖାଇ ଭେଟ୍‌ଘାଟ



କୋଟପାଡ, ୧୦।୯ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ର କଲ୍ୟାଣ ମଣ୍ଡପଠାରେ କଂଗ୍ରେସ ଦଳର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା । ମୁନ୍ନା ଖାନ୍‌ଙ୍କ ଆହ୍ୱାନ କ୍ରମେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦିନକୁ ଦିନ ଦର ଦାମ ବଢୁଥିବା, ନାରୀ ନିର୍ଯାତନା ,ଚାଷୀ ମାରାଣ ନୀତି ,ତଥା ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି କଂଗ୍ରେସର ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ କଂଗେସ ସଭାପତି ଭକ୍ତ ଚରଣ ଦାସ ରାଜ୍ୟ କଂଗ୍ରେସକୁ ମଜଭୁତ କରିବା ଲାଗି ଉଦ୍ୟମ କରୁଥିବା କଂଗ୍ରେସ ମଧ ଏକଜୁଟ ହେବାକୁ ବୈଠକରେ ସ୍ଥିର କରାଯାଇଥିଲା । ଆଜିର ଏହି ବୈଠକରେ କଂଗ୍ରେସ ଦଳର ବିଧାୟକ ପ୍ରାଥୀ ଅନମୁ ଦିଆନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମନୋହର ବିଶୋଇ, ପୂର୍ବତନ ଟାଉନ୍ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ନାଥ ମହାପାତ୍ର, ସନ୍ତୋଷ ମିଶ୍ର, ମୋନୀ ପ୍ରସାଦ ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ଶଙ୍କର ରାଓ, ଶୋଦରଙ୍ଗା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ, ସମିତି ସଭ୍ୟ ତଥା ସୋଡରଙ୍ଗା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଯୋଗ ଦେଇ ନିଜ ନିଜର ଅଭିଭାଷଣ ଦେଇଥିବା ପ୍ରକାଶ ।

# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ; ଉମରି ଦଳ ବିଜୟ



ନବରଙ୍ଗପୁର,୧୦।୯ (ସମିସ): ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଳକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ରାକେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏକ ସଂଘର୍ଷ ମୟ ଉଦ୍‌ଘାଟନୀ ମ୍ୟାଚରେ କୋରାପୁଟ ଜିଲ୍ଲା ଉମରି ଦଳ ନବରଙ୍ଗପୁର ଜିଲ୍ଲା ଗ୍ଲାଡ଼ିଏଟର ଏଫ୍ ସି ଦଳକୁ ୨-୦ ଗୋଲ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ଉଦ୍ୟକ୍ତା ଅଶୋକ ପାତ୍ରଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସକାଶେ ଆୟୋଜନ କରିଥିବାରୁ ଜିଲ୍ଲାର ପ୍ରାକ୍ତନ କ୍ରୀଡାବିତ୍ ମାନେ ଶ୍ରୀ ପାତ୍ରଙ୍କ ଏହି ଅଭିନବ ପ୍ରୟାସ ପାଇଁ ସାଧୁବାଦ୍ ଜଣାଇ ଛନ୍ତି । ଆଜିର ଉଦଘାଟନୀ ମ୍ୟାଚରେ ରେଫରି ଭାବରେ ଲାଲୁ ହରିଜନ, ଲାଇନ୍ ରେଫେରି ଭାବରେ ଚନ୍ଦନ ଗରଡା, ବିଜୟ ନାୟକ ପରିଚାଳନା କରିଥିବା ବେଳେ ପ୍ରଥମ ଥର ପାଇଁ ମହିଳା ରେଫରୀ ଭାବରେ ରାଇଲା ଭତରା ଏବଂ ଆରତୀ ହରିଜନ ସହଯୋଗ କରିଥିଲେ । ଫୁଟବଲ୍ ଖେଳ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ଅନେକ ଦର୍ଶକ ଉପସ୍ଥିତ ଥିଲେ ।

ସକାଳ THE SAKALA



## ନାଳକୁ ଖସିଲା ବାଇକ୍; ଚାଳକ ଗୁରୁତର

ରାଉରକେଲା,୧୦।୯ (ସମିସ): ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ନାଳରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଛେଣ୍ଡ ଥାନା ଅଧୀନ କଳିଙ୍ଗ ବିହାର ସ୍ଥିତ ହନୁମାନ ମନ୍ଦିର ଛକଠାରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ଛକଦେଇ ଜଣେ ଯୁବକ ବାଇକ୍ ନେଇ ଯାଉଥିବା ବେଳେ ନାଳରେ ଯାଇ ପଡ଼ିଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇ ଥିଲେ। ବାଇକ୍ ଦ୍ରୁତ ଗତିରେ ଥିଲା ଓ ବେପରୁଆ ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ମହିଳାଙ୍କ ସାହାସ ଆଗରେ ହାର୍ ମାନିଲା ଲୁଟେରା

ରାଉରକେଲା, ୧୦।୯ (ସମିସ): ସହରର ବିଶ୍ରା ଛକ ରିଙ୍ଗରୋଡରେ ଜଣେ ମହିଳା ସାହସ ଦେଖାଇ ଲୁଟେରାକୁ ପିଛା କରି ପୁଲିସ ସହାୟତାରେ ଧରିବାରେ ସକ୍ଷମ ହୋଇଛନ୍ତି। ମହିଳା ଜଣକ ସ୍କୁଟିରେ ଯାଉଥିବା ସମୟରେ ଏକ କଳା ପଲସରରେ ଜଣେ ଲୁଟେରା ଆସି ମୋବାଇଲ୍ ଲୁଟି ନେଇଥିଲେ। ହେଲେ ମହିଳା ତୁରନ୍ତ ସାହସ ଦେଖାଇ ସ୍କୁଟିରେ ନିଜେ ଲୁଟେରାକୁ ପିଛା କରିବା ଆରମ୍ଭ କଲେ। ଏହାରି ମଧ୍ୟରେ ତୁରନ୍ତ ପିସିଆର୍ ଭ୍ୟାନକୁ ସୂଚନା ଦେଲେ। ସୂଚନା ପାଇବା ମାତ୍ରେ ପୁଲିସ ମଧ୍ୟ ପିଛା କରିବା ଆରମ୍ଭ କଲା। ଶେଷରେ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ନିକଟରେ ଲୁଟେରାକୁ ଧରିବାରେ ସଫଳ ହୋଇଥିଲେ। ମହିଳାଙ୍କ ଏହି ସାହସିକତା ଦେଖି ସ୍ଥାନୀୟଲୋକେ ପ୍ରଶଂସା କରିଥିଲେ।

### ଏସ୍‌ପିଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀର ସାକ୍ଷାତ

# ସହରର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ରାଉରକେଲା,୧୦।୯ (ସମିସ)



ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ବିଜେଡି ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସହରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

ବିଶେଷକରି ସହରରେ ନାବାଳକ ଓ ନାବାଳିକାମାନେ ବାଇକ୍ ଓ ସ୍କୁଟି ଚାଳନା ଏବଂ ବେପରୁଆ ଭାବେ ଚାଳନା ଦ୍ୱାରା ନିରୀହଲୋକଙ୍କ ଜୀବନ ହାନି ହେଉଥିବାରୁ ଏହା ଉପରେ ଦୃଢ଼ ପଦକ୍ଷେପ ନେବା ସହିତ ରୋକ ଲଗେଇବା, ସହରରେ ବଢ଼ି ଚାଲିଥିବା ନିଶାଦ୍ରବ୍ୟ ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସଙ୍ଗେସଙ୍ଗେ ପିତାମାତାଙ୍କ ସ୍ୱପ୍ନ ମଧ୍ୟ ଧୂଳିସାତ ହେଇଯାଉଛି। ନିଶାଦ୍ରବ୍ୟ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବାଇକ୍ ଗୁଡିକରେ କର୍କଷ ଶବ୍ଦ ବାହାରୁଥିବା ସାଇଲେନ୍ସର ଲଗାଉଥିବା ବାଇକ ମାଲିକଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ତାଗିଦ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସହର ମଧ୍ୟରେ ଏବଂ ଆମ୍ବିଆନ୍ସ ହୋଟେଲ ଠାରୁ ଫଗୁଆପଡା ଯାଏ ରାସ୍ତାରେ ଏବଂ ସରକାରୀ ମହାବିଦ୍ୟାଳୟ ପାଖ ଓ ବାଇପାସ୍ ରୋଡରେ ବେଆଇନ ଭାବେ ଘଣ୍ଟାଘଣ୍ଟା ଧରି ଯାନବାହାନ ଛିଡା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଉପରେ ପଦକ୍ଷେପ ଗ୍ରହଣ କରିବା ଏବଂ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଅନେକ ସମୟରେ ବିଭିନ୍ନ କଥାକୁ ନେଇ ଗଣ୍ଡଗୋଳ ଲାଗି ରହୁଥିବାରୁ ଏଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀ, ଡାକ୍ତର ଏବଂ କାର୍ଯ୍ୟ କରୁଥିବା ସମସ୍ତ ବିଭାଗର କର୍ମଚାରୀଙ୍କ ସୁରକ୍ଷା ପାଇଁ ଏହି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର କ୍ୟାମ୍ପସ ଭିତରେ ଏକ ପୁଲିସ ଫାଣ୍ଡି ନିର୍ମାଣ କରିବା ସହିତ ଚବିଶ ଘଣ୍ଟିଆ ପୁଲିସ ରହଣି ଏବଂ ସୁନ୍ଦରଗଡରେ ଏକ ସାଇବର ଥାନା ପ୍ରତିଷ୍ଠା କରିବା ଆଦି ଉପରେ ଏକ ଦାବିପତ୍ର ପୁଲିସ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିଥିଲେ। ପୁଲିସ ଆରକ୍ଷୀ ଅଧିକ୍ଷକ ଦାବି ଗୁଡିକର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶୃତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟକ ଏହି ଅବସରରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ପୂର୍ବତନ ବିଜେଡି ଟାଉନ ଉପସଭାପତି ଅଶୋକ ମହାନ୍ତି, କାଉନସିଲର କୈଳାସ ତନ୍ତି, ବିଜେଡି ଯୁବନେତା ପଙ୍କଜ ଶ୍ରେଷ୍ଠ ଏବଂ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଜନ୍ମଦିନରେ ୨୨୨ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା,୧୦।୯ (ସମିସ): ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ୬୬ ତମ ଜନ୍ମଦିବସକୁ ତାଙ୍କର ଶୁଭେଚ୍ଛୁ ଉତ୍ସାହର ସହ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସକାଳେ ଛାତ୍ର ସଭାପତି ସଞ୍ଜିତ ଛୋଟରାୟ, ଯୁବ ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ, ରାଉରକେଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଓ ଯୁବକ ପାନପୋଷ ସରକାରୀ ମହାବିଦ୍ୟାଳୟରେ ପହଞ୍ଚି ସଫେଇ କାର୍ଯ୍ୟ କରିଥିଲେ। ଦିନ ୧୦ ଟାରେ ମହିଳା ସଭାନେତ୍ରୀ ଜ୍ୟୋସ୍ନା ନାୟକଙ୍କ ନେତୃତ୍ୱରେ ସରକରୀ ଡାକ୍ତରଖାନାରେ ରହିଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାସହ ୧୦ଟାରେ ଯୁବ, ଛାତ୍ର ଓ ମହିଳାଙ୍କ ଦ୍ୱାରା ବ୍ରାହ୍ମଣୀ କ୍ଲବ ଠାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୋଟ ୨୨୨ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା। ନଗର ସଭାପତି ଗଗନ ପଣ୍ଡା, ଯୁବ ନେତା ଶୁଧାଂଶୁ ସାମଲ, ବାବୁଖାନ, କାବୁଲି ପ୍ରତିହାରୀ, ପ୍ରକାଶ ଧଳ, ଭରତ ଦାସ ତଥା ଅନ୍ୟମାନଙ୍କ ନେତୃତ୍ୱରେ ବ୍ରାହ୍ମଣୀ କ୍ଲବଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ନାୟକ କହିଲେ 'ମୁଁରେ ଦମ ନଥାଏ ବରଂ ଆମେରେ ଦମ୍ ଥାଏ'। ଫୁଲ ନୁହେଁ, ଆପଣମାନେ ମୋତେ ଯାହା ଦେଇଛନ୍ତି, ମୁଁ ଜୀବନ ଥିଲା ପର୍ଯ୍ୟନ୍ତ ସୁଝି ପାରିବି ନାହିଁ। ଏହି କାର୍ଯ୍ୟକ୍ରମରେ ବରିଷ୍ଠନେତା



ବିରମିତ୍ରପୁର ମୁନିସିପାଲିଟି ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଆନନ୍ଦ ଚନ୍ଦ୍ର ମହାନ୍ତି, ହାଲୁ ମୁଣ୍ଡାରୀ, ଅଭୟ ଦାସ, ବ୍ରିଜମୋହନ ଅଗ୍ରୱାଲ, ଶ୍ରୀଚରଣ ମହାନ୍ତି, ସୁରରାଉତ, ପରବୀନ ଗର୍ଗ, ବିରେନ ସେନାପତି, ପ୍ରଶାନ୍ତ ଶେଠୀ, ଜୟନ୍ତ ମିଶ୍ର, ସୁଦାମ ଦାଶ, କୈଳାଶ ପ୍ରଧାନ, ସନ୍ତୋଷ ନାୟକ, ହରମୋହନ ମହାପାତ୍ର, ସୁବାସ ସ୍ୱାଇଁ, ବ୍ରିଜେଶ ମାହାତୋ, ଲିଟୁ ପୁହାଣ, ଗୁଡୁସୋନାର, ଅନୱର କୁର୍ସିଦ, ଶମସେର ଅଲ୍ଲୀ, ପୀତବାସ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

ରାଉରକେଲା,୧୦।୯ (ସମିସ): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଚକ୍ଷୁ ଚିକିତ୍ସା ବିଭାଗ ଦ୍ୱାରା ଇସ୍ପାତ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର ମିଳିତ ସହଭାଗୀତ୍ୱାରେ ଚକ୍ଷୁଦାନ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ରାଲି ଆୟୋଜନ କରିଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏହି ରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ସିଏମଓ ତଥା ଚକ୍ଷୁ ବିଭାଗର ବିଭାଗ ମୁଖ୍ୟ ଡ. ସୋନିଆ ଯୋଶୀ, ବରିଷ୍ଠ ବିଶେଷଜ୍ଞ ପରାମର୍ଶଦାତା ଏବଂ ପୂର୍ବତନ ସିଏମଓ ଡ. ଆରଆର ମହାନ୍ତି, ଚକ୍ଷୁ ବିଭାଗର ଚିଫ୍ କନସଲଟାଣ୍ଟ ଡ. ଅନିମା ଟିଗା, ସିନିୟର ମ୍ୟାନେଜର ଡ. ଅନିନ୍ଦିତା ଦେବତା, ଆଇଜିଏଚର ଅନ୍ୟ ବହୁ ବରିଷ୍ଠ ଡାକ୍ତର, ଡି ଏନ ବି ଛାତ୍ରଛାତ୍ରୀ ଏବଂ ପାରାମେଡିକାଲ୍ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବହୁ ପ୍ରଭାବଶାଳୀ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି, ଆଇଜିଏଚର ଡାକ୍ତର ଏବଂ କର୍ମଚାରୀମାନେ ଅମ୍ବାଗାନ




ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିବା ସହିତ, ଜନସାଧାରଣଙ୍କ ମଧ୍ୟରେ ଚକ୍ଷୁଦାନର ବାର୍ତ୍ତା ପହଞ୍ଚାଇ ଥିଲେ। ଉଲ୍ଲେଖନୀୟ ଯେ, ଆଇଜିଏଚରେ କାର୍ଯ୍ୟ କରୁଥିବା ଇସ୍ପାତ ଦୃଷ୍ଟି ଦାନଚକ୍ଷୁ ବ୍ୟାଙ୍କ ଏପ୍ରିଲ ୨୦୧୪ରେ ପ୍ରତିଷ୍ଠା ହେବା ପରଠାରୁ ୨୩୧୬ ଟି କର୍ଣ୍ଣିଆ ସଂଗ୍ରହ କରିବା ସହିତ ୧୭୮୫ ଜଣଙ୍କ ଠାରେ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ କରି ଅନେକ ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିପାରିଛି। ହସ୍ପିଟାଲ କର୍ଣ୍ଣିଆ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚ୍‌ସିଆରପି ) ଅଧୀନରେ, ଚକ୍ଷୁ ବ୍ୟାଙ୍କ ଦ୍ରୁତ ପ୍ରଗତି କରିଆସୁଛି। କେବଳ କ୍ୟାଲେଣ୍ଡର ବର୍ଷ ୨୦୨୪ରେ, ୩୩୫ଟି କର୍ଣ୍ଣିଆ ସଂଗ୍ରହ କରିଥିବାବେଳେ ବର୍ଷ ୨୦୨୫ରେ ଏପର୍ଯ୍ୟନ୍ତ ପ୍ରତିରୋପଣ ଅସ୍ତ୍ରୋପଚାରପାଇଁ ୧୧୦ଟି କର୍ଣ୍ଣିଆ ସଂଗ୍ରହ ରେକର୍ଡ ହୋଇଛି। ଏହି ମହତ୍ୱପୂର୍ଣ୍ଣ ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ, ଚକ୍ଷୁବ୍ୟାଙ୍କ ଲୋକଙ୍କୁ ସେମାନଙ୍କର ଚକ୍ଷୁଦାନ ପାଇଁ ସଂକଳ୍ପ କରିବାକୁ ଉତ୍ସାହିତ କରୁଛି।

# ଓଡ଼ିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟୁନିୟନର ଜିଲ୍ଲା ସମ୍ମିଳନୀ

ରାଉରକେଲା,୧୦।୯ (ସମିସ)

ଓଡ଼ିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟୁନିୟନର ୩ୟ ଜିଲ୍ଲା ସମ୍ମିଳନୀ ସେକ୍ଟର-୧୬ ସ୍ଥିତ ଶ୍ରମିକଭବନଠାରେ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନର ଜିଲ୍ଲା ସଭାପତି ପ୍ରଭାତ ପଣ୍ଡା ପତାକା ଉତ୍ତୋଳନ କରି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ପ୍ରାୟ ୧୦୦ ଜଣ ଶ୍ରମିକ ନେତା ସମ୍ମିଳନୀରେ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଯଯାତୀ କେଶରୀ ସାହୁ ରାଜନୈତିକ ତଥା ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଉପରେ ବିଭିନ୍ନ ବ୍ଲକରୁ ୧୦ ଜଣ ସାଥୀ ରିପୋର୍ଟ ଉପରେ ଆଲୋଚନା କରିଥିଲେ। ସଙ୍ଗଠନ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଦାଶ ଦରଦାମ ବୃଦ୍ଧି ବିରୋଧରେ ସ୍ୱରଉତ୍ତୋଳନ କରିଥିଲା ବେଳେ ଅନ୍ୟତମ ଉପସଭାପତି ଅଜୟ ଶର୍ମା ଆଦିବାସୀ, ଦଳିତ, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବିରୋଧରେ ଜିଲ୍ଲା ଯୁଗ୍ମ ସମ୍ପାଦକ ଗୌରୀଶଙ୍କର ପାତ୍ର ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ମାନ ଦେଇଥିଲେ। ଏହି ସମ୍ମିଳନୀକୁ ବସନ୍ତ ନାୟକ, ଆଶା ୟୁନିୟନ ଜିଲ୍ଲା ସଭାପତି ହୃଦାନନ୍ଦ ଯାଦବ, ସିଟୁ ସମ୍ପାଦକ ଅଜିତ ଏକ୍କା, ଆରସିଡବ୍ଲ୍ୟୁ ସମ୍ପାଦକ ଲକ୍ଷ୍ମୀଧର ନାୟକ, ଆଇଏଫଜିଏଲ ରିଫ୍ରାଟୋରିଜ ୱାର୍କର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ଜିଲ୍ଲାରେ ସମସ୍ତ ବ୍ଲକ ଓ ପଞ୍ଚାୟତରେ ମନରେଗାରେ କାମ କରୁଥିବା ଶ୍ରମିକମାନଙ୍କୁ ଓ ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକ ଭାବରେ କାମ କରୁଥିବା ଶ୍ରମିକ ମାନଙ୍କୁ ପଞ୍ଜୀକୃତ କରି କାର୍ଡ ପ୍ରଦାନ କରିବା, ପଞ୍ଜୀକୃତ ହେଇଥିବା ନିର୍ମାଣ ଶ୍ରମିକମାନଙ୍କର ପ୍ରତିବର୍ଷ ନବୀକରଣ କରିବା, ଜିଲ୍ଲା ଶ୍ରମ ଦପ୍ତରେ ପଡ଼ିରହିଥିବା ବିଭିନ୍ନ ବେନିଫିଟକୁ ତୁରନ୍ତ ପ୍ରଦାନ କରିବା ଆଦି ଦାବିନେଇ ଓଡିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟନିୟନ କାମ କରିବା ପାଇଁ ଏହି ସମ୍ମିଳନୀରେ ରଣନୀତି ପ୍ରସ୍ତୁତ କରିଥିଲା। ଆଗାମୀ ତିନି ବର୍ଷ ପାଇଁ ୪୦ ଜଣିଆ ଜିଲ୍ଲା କମିଟି ଗଠନ କରାଯାଇଥିଲା, ଯେଉଁଥିରେ ୧୭ ଜଣ କର୍ମକର୍ତ୍ତା ଓ ୨୩ ଜଣ କାର୍ଯ୍ୟାକାରୀ ସଭ୍ୟ ରହିଛନ୍ତି। ଯେଉଁଥିରେ ସଭାପତି ଭାବରେ ପ୍ରଭାତ ପଣ୍ଡା, ସାଧାରଣ ସମ୍ପାଦକ ଯଯାତୀ କେଶରୀ ସାହୁ, କୋଷାଧ୍ୟକ୍ଷ ଦିବାକର ମହାରଣା, ଉପ ସଭାପତି ସୁରେନ୍ଦ୍ର ଦାଶ, ଅଜୟ ଶର୍ମା, ରମିଳା ସଏ, ସମ୍ପାଦକ ପୂର୍ଣ୍ଣ କିଶାନ, ବିଶ୍ୱଜିତ ମାଝି, ମ୍ୟାରିୟମ ତିର୍କୀ, ସନ୍ତୋଷ ବାରିକ, ହିମାଂଶୁ ବାଗ, ରାଜୀବ ବସନ୍ତରାଏ, ଯୁଗ୍ମ ସମ୍ପାଦକ ଭାବରେ ବିଶ୍ୱନାଥ ଲେଙ୍କା, ବିରାଧର ସିଂ, ମାନେଶ୍ୱର ସିଂ, ଚୈତନ୍ୟ ମଲ୍ଲିକ, ମନୋଜ ମିର୍ଦ୍ଧା ପ୍ରମୁଖ ନିର୍ବାଚନ ହୋଇଛନ୍ତି। ଦିବାକର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଗଞ୍ଜେଇ ଚାଲାଣକାରୀ ଗିରଫ

ରାଉରକେଲା,୧୦।୯ (ସମିସ): ଗଞ୍ଜେଇ ଚାଲାଣବେଳେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି କ୍ରମରେ ସେକ୍ଟର -୭ ଥାନା ପୁଲିସ ସେକ୍ଟର -୬ ବିବେକାନନ୍ଦପାଲି ବସ୍ତିର କାଲୁ ଓରଫ ରମେଶ ମହର (୩୯) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧ କେଜି ୮୫୦ ଗ୍ରାମ ଓଜନର ଗଞ୍ଜେଇ, ୭୫୦ ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ସେକ୍ଟର -୬ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଦେଇ କାଲୁ ଏକ ବ୍ୟାଗ୍ ଧରି ଯାଉଥିବାବେଳେ ପୁଲିସ ଯାଞ୍ଚ୍ କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସେହିପରି ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଆଇଡିସି କଲୁଙ୍ଗା ଅଞ୍ଚଳର ଶତ୍ରୁଘ୍ନ ପ୍ରଧାନ (୫୮) କୁ ଗିରଫ କରିଥିବା ବେଳେ ୨ କେଜି ୫୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଆଇଡିସି ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ସୂଚନା ମିଳିଥିଲା। ଏହି ଆଧାରରେ ଏସଆଇ ସଂଗ୍ରାମ କେଶରୀ ସ୍ୱାଇଁ ନିଜ ଟିମ୍ ସହ ଚଢଉ କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।



# ବଜ୍ରପାତରେ ୪ ଗାଈ ମୃତ



କୋଇଡ଼ା,୧୦।୯ (ସମିସ): କୋଇଡା ବ୍ଲକ୍ ପାଟମୁଣ୍ଡା ପଞ୍ଚାୟତ ବଡ଼ପାଟୁଳିଠାରେ ଦିନ ଏକ ପଡିଆରେ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ଯେଉଁଥିରେ ସେଠାରେ ଥିବା ୪ ଗାଈର ମୃତ୍ୟୁଘଟିଥିବା ବେଳେ ଗୋଟିଏ ଗାଈ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

# 'ମୋ ଆର୍‌ଏସ୍‌ପି-ମୋ ପରିଚୟ' ପ୍ରୟାସ ଅଧୀନରେ କର୍ମଚାରୀ ପୁରସ୍କୃତ

ରାଉରକେଲା, ୧୦।୯ (ସମିସ)



ସେଲ ରାଉରକେଲା ଇସ୍ପାତ କାରଖାନାର ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ, 'ମୋ ଆର୍‌ଏସ୍‌ପି-ମୋ ପରିଚୟ' ପ୍ରୟାସ ଅଧୀନରେ ଆର୍‌ଏସ୍‌ପିର ୯ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ ଏହି ଉତ୍ସବରେ ଅଧ୍ୟକ୍ଷତା କରି କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ଜିଏମ ସୋମଜିତ ବଡ଼ପଣ୍ଡା ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୧୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପ୍ରତିଯୋଗିତା ସମୟରେ ଆରଏସପି ପୋର୍ଟାଲ୍ ଏମ୍ପ୍ଲୋଇ ଜୋନ୍ (ୱେବ୍ ଏବଂ ମୋବାଇଲ୍ ଆପ୍) ରେ ପୋଷ୍ଟ ହୋଇଥିବା ଶ୍ରେଷ୍ଠ ଚିନ୍ତାଧାରା ଏବଂ ମତାମତକୁ ଏହି ପୁରସ୍କାର ମାଧ୍ୟମରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଅବସରରେ ପୁରସ୍କୃତ ହୋଇଥିବା କାର୍ମିକମାନେ ହେଉଛନ୍ତି ନୂତନ ପ୍ଲେଟ୍ ମିଲ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ସୁପ୍ରିୟା ଭୋଇ, ହସ୍ପିଟାଲିଟି-ଏୟାରପୋର୍ଟ ବିଭାଗର ସେକ୍ସନ ଅଫିସର ପ୍ରଫୁଲ୍ଲ କୁମାର ପାତ୍ର, ମାନବସମ୍ବଳ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ଇପ୍ସିତା ନାୟକ, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଗୋପାଳ ଚନ୍ଦ୍ର ବଡ଼ଭୂୟାଁ, କୋଲ କେମିକଲ ବିଭାଗର ଏଜିଏମ ମୁକୁଲ କୁମାର, ମାନବସମ୍ବଳ ବିଭାଗର ସେକ୍ସନ୍ ଅଫିସର (କଲ୍ୟାଣ) ଅରୁଣ କୁମାର ପଟ୍ଟନାୟକ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିନିୟର ମ୍ୟାନେଜର ସିଦ୍ଧାନ୍ତ କୁମାର ପାଲ, ସିଇଏସ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ସୁବ୍ରତ ଗୋଛାୟତ ଏବଂ ସିଇଏସ ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାଶ। ଉଲ୍ଲେଖନୀୟ ଯେ, ମୋ ଆରଏସପି-ମୋ ପରିଚୟ ଏକ ଅନନ୍ୟ ପ୍ରୟାସ ଯାହା କର୍ମଚାରୀମାନଙ୍କୁ ସେମାନଙ୍କର ସକରାତ୍ମକ ଚିନ୍ତାଧାରା, ଭାବନା ଏବଂ ସଂଗଠନର ଅଂଶ ହେବାର ଅଭିଜ୍ଞତା ବାଣ୍ଟିବାକୁ ଉତ୍ସାହିତ କରେ। ଏହି ପଦକ୍ଷେପ ଅନୁଯାୟୀ, କର୍ମଚାରୀମାନଙ୍କୁ ୧୫ ଦିନ ମଧ୍ୟରେ ପ୍ରତ୍ୟହ ଆର୍‌ଏସ୍‌ପି ଆର୍‌ଏସ୍‌ପି ବିଷୟରେ ଅତି କମରେ ଗୋଟିଏ ସମ୍ପୂର୍ଣ୍ଣ ସକରାତ୍ମକ ଚିନ୍ତାଧାରା ଲେଖିବାକୁ ହୋଇଥାଏ। ମୋ ଆରଏସପି-ମୋ ପରିଚୟର ଅନନ୍ୟ ପଦକ୍ଷେପ ଅଧୀନରେ ୨୦୨୩ ଜାନୁଆରୀରେ ଆରମ୍ଭ ହୋଇଥିବା ଏହି ପୁରସ୍କାରର ଷଷ୍ଠ ସଂସ୍କରଣରେ କର୍ମଚାରୀମାନେ ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ, ଯାହା ଆର୍‌ଏସ୍‌ପି ସହିତ ସେମାନଙ୍କର ସୁଦୃଢ଼ ସମ୍ପର୍କର ପ୍ରଦର୍ଶନ କରିଥିଲା।

# ବାଇମେଟାଲିକ୍ କ୍ୟାଟାଲିସିସ୍ ଯୁଗ୍ମ ରସାୟନ ବିଜ୍ଞାନ ସମ୍ପର୍କିତ ବକ୍ତୃତା

ରାଉରକେଲା, ୧୦।୯ (ସମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ବାଇମେଟାଲିକ୍ କ୍ୟାଟାଲିସିସ୍ ଯୁଗ୍ମ ରସାୟନ ବିଜ୍ଞାନ ପାଇଁ ଏକ ବିକଳ୍ପ ଉଦାହରଣ ସମ୍ପର୍କୀତ ସ୍ୱତନ୍ତ୍ର ବକ୍ତୃତା ଆୟୋଜିତ ହୋଇଯାଇଛି। ଏଥିରେ ରାଉରକେଲା ସ୍ଥିତ ସୁଶିଳାବତୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ରେବା ପାଣିଗ୍ରାହୀ ଯୋଗଦେଇ ଆଲୋଚ୍ୟ ବିଷୟ ବାଇମେଟାଲିକ୍ କ୍ୟାଟାଲିସିସ୍ ଯୁଗ୍ମ ରସାୟନ ବିଜ୍ଞାନ ପାଇଁ ଏକ ବିକଳ୍ପ ଉଦାହରଣକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ଉପାଦେୟ ପରାମର୍ଶ ଦେଇଥିଲେ। ବିଶେଷ କରି ବାଇମେଟାଲିକ୍ କ୍ୟାଟାଲିସିସ୍ ଏବଂ ବାଇଓ ମେଡିକାଲ ୱେଷ୍ଟ ସମ୍ପର୍କରେ ମଧ୍ୟ ଡ. ପାଣିଗ୍ରାହୀ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଓ ସୂଚନା ଦେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଡ. ପାଣିଗ୍ରାହୀଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ସହକାରୀ ପ୍ରାଧ୍ୟାପକ ଡ. ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ସହକାରୀ ପ୍ରାଧ୍ୟାପିକା ଡ. ସୋନିଆ ଧନ୍ୟବାଦ ଜଣାଇଥିଲେ। ରସାୟନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ସମେତ ମୋହନ ମୁରାରୀ ବାରିକ, ବିନିତା ତିର୍କୀ, ପାଞ୍ଚଜନ୍ୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

# କଟକ ସିଟି



## ଦୁର୍ଗାପୂଜା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

# ୧୫୭ରୁ ୧୧୭ ମଣ୍ଡପ ନେଇଛନ୍ତି ଏନ୍ଓସି

କଟକ,୧୦।୯(ସମିସ):

ଦୁର୍ଗାପୂଜା ପାଇଁ କଟକ ଜିଲ୍ଲା ପ୍ରଶାସନ ନିକଟରୁ ପୂଜା ମଣ୍ଡପଗୁଡିକ ଏନଓସି ନ ନେଇଥିଲେ ସେହି ମଣ୍ଡପକୁ ପୂଜା ବାରଣ କରାଯିବ ବୋଲି କଡ଼ା ଆଭିମୁଖ୍ୟ

### ବିନା ଏନ୍ଓସିରେ ମଣ୍ଡପକୁ ପୂଜା ବାରଣ

ନିଆଯାଇଛି। କଟକରେ ୧୫୭ ପୂଜା ମଣ୍ଡପରୁ ୧୧୭ ପୂଜା ମଣ୍ଡପ ନେଇଛନ୍ତି ଏନଓସି। ବାକି ୪୦ ପୂଜା କମିଟି ଏନଓସି ନେବା ପାଇଁ ଆଉ ଗୋଟିଏ ଦିନ ସ୍ଥିର ହୋଇଛି। ସେହି ଦିନ ଯେଉଁ ପୂଜା କମିଟି ଏନଓସି ନେବେ ନାହିଁ ସେମାନେ ପୂଜା କରିପାରିବେ ନାହିଁ ବୋଲି ଜିଲ୍ଲାପ୍ରଶାସନର ପୂଜା ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ସୂଚନା





ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚଳିତ ଥର ଐତିହ୍ୟପୂର୍ଣ୍ଣ କଟକ ସହରରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ-୨୦୨୫ ଶାନ୍ତିଶୃଙ୍ଖଳା ଓ ଚିତ୍ତାକର୍ଷକ ଭାବେ ପାଳନ କରିବା ଉପରେ ବୈଠକରେ ମତପ୍ରକାଶ ପାଇଛି। ଆଜି ଅପରାହ୍ଣରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଶହିଦ ଭବନଠାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟିର ଅନୁରୋଧ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସଠାରେ ସକାଳ ୧୧ ଘଟିକାଠାରୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗୋଟିଏ ଦିନ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି। ପୂର୍ବବର୍ଷ ଭଳି ଚଳିତ ଥର ମଧ୍ୟ ଲେଜର ଲାଇଟ ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସହରର ସମସ୍ତ ରାସ୍ତାଘାଟ ମରାମତି କାର୍ଯ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଥିବା କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କହିଛନ୍ତି। ବିଧାୟକ ସୌଭିକ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭା ପରିଚାଳନା କରିଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ମତାମତ ରଖିଥିବା ବେଳେ ସମ୍ପାଦକ ଭିକାରୀ ଦାସ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ସେହିଭଳି ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ନିଜର ମତ ରଖିଥିଲେ ଏବଂ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ମହାନଗର ନିଗମ ଡେପୁଟି ମେୟର, ସୁଶ୍ରୀ ଦମୟନ୍ତୀ ମାଝୀ, ନୟନ କିଶୋର ମହାନ୍ତି, ସୁକାନ୍ତ ବିଶ୍ୱାଳ, ମଧୁସୂଦନ ସାହୁ, ସୁରେଶ ମହାପାତ୍ର, ଅମରେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍: ଯୁବକ ଗିରଫ

**କଟକ,୧୦।୯(ସମିସ):** ଜଣେ ଛାତ୍ରୀଙ୍କୁ ଏଡିଟେଡ ଅଶ୍ଳୀଳ ଭିଡିଓ ଦେଖାଇ ବ୍ଲାକମେଲ କରିବା ଘଟଣାରେ ଅଭିଯୁକ୍ତ ଯୁବକକୁ ମଧୁପାଟଣା ଥାନା ପୁଲିସ ଗିରଫ କରିଛି। ସେ ହେଉଛି ପ୍ରେସଛକ ଅଞ୍ଚଳର ରୋଶନ କୁମାର ସାହୁ(୨୧)। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ କହିବା ମୁତାବକ, ସୋସିଆଲ ମିଡିଆରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ସହିତ ରୋଶନର ବନ୍ଧୁତ୍ୱ ହୋଇଥିଲା। ରୋଶନ ନିକଟସ୍ଥ ମାଛ ଗୋଦାମରେ କାମ କରୁଥିଲା। କିଛି ଦିନର ଚାଟିଂ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦେଖାସାକ୍ଷାତ ସମୟରେ ରୋଶନ ନିଜ ମୋବାଇଲରେ ଛାତ୍ରୀଙ୍କ ଫଟୋ ଓ ଭିଡିଓ ରେକର୍ଡିଂ କରିଥିଲା। ପରବର୍ତ୍ତୀ ସମୟରେ ଦୁହିଁଙ୍କ ଭିତରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ରୋଶନ ଛାତ୍ରୀଙ୍କ ଭଲ ଫଟୋ ଓ ଭିଡିଓକୁ ଅଶ୍ଳୀଳ ଭାବେ ଏଡିଟ କରି ବ୍ଲାକମେଲିଂ ଆରମ୍ଭ କରିଥିଲା। ପୀଡିତାଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ଉକ୍ତ ଫଟୋ, ଭିଡିଓ ସବୁ ପଠାଇ ଟଙ୍କା ଦାବି କରିଥିଲା। ପରିବାର ଲୋକେ ମଧ୍ୟ ଲୋକଲଜ୍ଜା ଭୟରେ ଟଙ୍କା ଦେଇଥିଲେ। ଦିନକୁ ଦିନ ରୋଶନର ଦାବି ବଢିଚାଲିଲା। ଶେଷରେ ଟଙ୍କା ନଦେବାରୁ ରୋଶନ ପୀଡିତାଙ୍କ ନାଁରେ ଇନଷ୍ଟାଗ୍ରାମରେ ଏକ ଜାଲ ଆକାଉଣ୍ଟ ଖୋଲି ସେଥିରେ ଏଡିଟେଡ ଅଶ୍ଳୀଳ ଫଟୋ, ଭିଡିଓ ଗୁଡିକୁ ପୋଷ୍ଟ କରିଦେଇଥିଲା। ଅନ୍ୟ ଉପାୟ ନପାଇ ପୀଡିତା ମଧୁପାଟଣା ଥାନାରେ ଏତଲା ଦେଇଥିଲେ।

# ଏସ୍‌ସି-ଏସ୍‌ଟି ତଦନ୍ତ ଆଇନରେ ପରିବର୍ତ୍ତନ ବିରୋଧରେ ବିକ୍ଷୋଭ

**କଟକ,୧୦।୯(ସମିସ):** ଜାତୀୟ ଦଳିତ ଆଦିବାସୀ ସଂଘ ତରଫରୁ ଏସସି/ଏସଟି ଆଇନ ଅନୁଯାୟୀ ହୋଇଥିବା ମୋକଦ୍ଦମାଗୁଡିକର ତଦନ୍ତ ସର୍ବନିମ୍ନ ଡିଏସପିସ୍ତରର ଜଣେ ଅଫିସର ତଦନ୍ତ କରିବା ପାଇଁ ଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରି ଇନସ୍ପେକ୍ଟର ଏବଂ ତାଙ୍କଠାରୁ ନିମ୍ନ ପଦର





ଅଫିସରଙ୍କ ଉପରେ ତଦନ୍ତ ଦାୟିତ୍ୱ ଦେବାକୁ ଗତ ଅଗଷ୍ଟ ୨୦ତାରିଖ ରାଜ୍ୟ ସରକାର ଏକ ଆଦେଶ ଜାରି କରିଛନ୍ତି। ଏହା ଏସସି ଏବଂ ଏସଟିଙ୍କ ବିରୋଧରେ ରାଜ୍ୟରେ ବଢୁଥିବା ହିଂସା ରୋକିବାରେ ସହାୟକ ହେବ ନାହିଁ ବୋଲି ଦଳିତ ଓ ଆଦିବାସୀ ସଂଗଠନମାନେ ବିରୋଧ କରିଛନ୍ତି। ଆଜି ଦଳିତ ଆଦିବାସୀ ସଂଖ୍ୟାଲଘୁ ସମନ୍ୱୟ ସମିତି, କଟକ ଶାଖା ତରଫରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇ ପରିବର୍ତ୍ତନ ନ କରିବା ପାଇଁ ଅନୁରୋଧ କରାଯାଇଛି। ତପନ ସାମଲ, ବିରଞ୍ଚି ନାରାୟଣ ନାୟକ, ନାରାୟଣ ନାୟକ, ଯୋଗେନ୍ଦ୍ର ନାୟକ, ମନ୍ମଥ ବେହେରା, ଲକ୍ଷ୍ମୀଧର ଭୋଇ, ମାନସ ନାୟକ, ନବ କିଶୋର ଦାସ ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରି ସିପିଆଇଏମ କଟକ ଜିଲ୍ଲା ସମ୍ପାଦକ ବଦ୍ରି ନାରାୟଣ ଦାସ ସମ୍ପୂର୍ଣ୍ଣ ସମର୍ଥନ କରି ବକ୍ତବ୍ୟ ରଖିଥିଲେ।







ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ଶେଷ

# ଏସ୍‌ସିବିକୁ ସିଟି ସ୍କାନ୍ ଓ ଅଲ୍‌ଟ୍ରାସାଉଣ୍ଡ ମେସିନ୍ ପ୍ରଦାନ

**କଟକ,୧୦।୯(ସମିସ):** ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ଓଡ଼ିଶା ପ୍ରୋଜେକ୍ଟସ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ଏସ୍‌ସିବି ମେଡିକାଲକୁ ଗୋଟିଏ ୬୪ ସ୍ଲାଇସ୍ ସିଟି ସ୍କାନ ମେସିନ୍ ଏବଂ ୨ଟି ଉଚ୍ଚମାନର ରଙ୍ଗୀନ ଡପଲର୍ ଅଲ୍ଟ୍ରାସାଉଣ୍ଡ ମେସିନ ପ୍ରଦାନ କରିଛି। ଏହି ସବୁ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଗୁଡିକର ମୂଲ୍ୟ ୮.୩୬ କୋଟି ଟଙ୍କା। ଏସସିବି ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପାୱାରଗ୍ରୀଡ ପକ୍ଷରୁ ଏସସିବି କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବରେ ମେସିନ ହସ୍ତାନ୍ତର କରାଯାଇଛି। ଏସସିବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ଲୁସି ଦାସ, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ(ଇନଚାର୍ଜ) ପ୍ରଫେସର ଗୌତମ ଶତପଥୀ, ପ୍ରଫେସର ପୂଜା ମିଶ୍ର, ବିତ୍ତୀୟ ଅଧିକାରୀ ମାନସ କୁମାର ପାତ୍ର, ପାୱାରଗ୍ରୀଡ୍ ମୁଖ୍ୟ ମହାପ୍ରବନ୍ଧକ (ପ୍ରଭାରୀ) ଓଡ଼ିଶା ପ୍ରୋଜେକ୍ଟ ଅଶୋକ କୁମାର ନାୟକ, ମୁଖ୍ୟ ମହାପ୍ରବନ୍ଧକ ଓଡ଼ିଶା ପ୍ରୋଜେକ୍ଟ ଜି. ଏସ୍. ଆର. ରାଓ, ସାଧାରଣ ପରିଚାଳକ (ମାନବ ସମ୍ବଳ) ଅଜିତ ପରିଡା, ପାୱାରଗ୍ରୀଡର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଏସସିବିର ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ। ଏସସିବି ମେଡିକାଲ କଲେଜ ହସ୍ପିଟାଲରେ ଦୈନିକ ୮ ହଜାରରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥାଏ। ଏହି ଉନ୍ନତ ମେସିନଗୁଡିକ ରୋଗ ନିର୍ଣ୍ଣୟ ସୁବିଧାଗୁଡ଼ିକ ସହ ଯୋଡି ହେବା ସହିତ, ହସ୍ପିଟାଲ ଅଧିକ ସଠିକ୍ ଏବଂ ସମୟୋଚିତ ଚିକିତ୍ସା ପ୍ରଦାନ କରିପାରିବ ଯାହା ଦ୍ୱାରା ପ୍ରତିଦିନ ହଜାରହଜାର ରୋଗୀ ଉପକୃତ ହେବେ।

# ମହିଳାଙ୍କୁ ପ୍ରତାରଣା କରି ଯୁବକ ଗିରଫ

**କଟକ,୧୦।୯(ସମିସ):** ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତିଶ୍ରୁତିରୁ ଓହରିଯିବା ଜଣେ ଯୁବକ ପାଇଁ ମହଙ୍ଗା ପଡିଛି। ଏଭଳି ଏକ ଘଟଣାରେ ପୁରୀଘାଟ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳର ପୃଥ୍ୱୀରାଜ ଦାସ(୩୦)। ସୂଚନା ଅନୁସାରେ, ଅଭିଯୁକ୍ତ ପୃଥ୍ୱୀରାଜ ବଜ୍ରକବାଟୀ ରୋଡରେ ଫଳ ବ୍ୟବସାୟ କରୁଥିଲା। ତାଙ୍କ ଦୋକାନକୁ ଝୋଲାସାହି ଅଞ୍ଚଳର ଜଣେ ମହିଳା ନିୟମିତ ବ୍ୟବଧାନରେ ଫଳ କିଣିବାକୁ ଆସୁଥିଲେ। ଏହିଭଳି ଭାବେ ଉଭୟ ପରିଚିତ ହେବା ପରେ ସମ୍ପର୍କ ବଢିଥିଲା। ଘନିଷ୍ଠତା ବଢିବା ପରେ ପୃଥ୍ୱୀରାଜ ଉକ୍ତ ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ପ୍ରତିଶ୍ରୁତିରୁ ଓହରିଯାଇଥିଲା। ଧିରେ ଧିରେ ସେ ଉକ୍ତ ମହିଳାଙ୍କଠୁ ଦୁରେଇବାକୁ ଲାଗିଲା। ଗତ ଅଗଷ୍ଟ ୨୨ ତାରିଖରେ ମହିଳା ଜଣକ ହଠାତ ବଜ୍ରକବାଟୀ ରୋଡସ୍ଥିତ ପୃଥ୍ୱୀରାଜର ଦୋକାନ ନିକଟରେ ପହଞ୍ଚି ଯାଇଥିଲେ। ସେଠାରେ ବିବାହ କଥା ଉଠାଇବାକୁ ପୃଥ୍ୱୀରାଜ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ ସହ ମାରଧର କରିଥିଲା। ଘଟଣା ପରେ ମହିଳା ଜଣକ ଆସି ପୁରୀଘାଟ ଥାନାରେ ଏତଲା ଦେଇଥିଲେ।

# ଗୋ-ପାଳକ ଓ ଗୋ-ସମ୍ପଦର ସୁରକ୍ଷା ଦାବିକଲା ଯାଦବ ମହାସଭା





**କଟକ, ୧୦।୯ (ସମିସ):** ଓଡିଶାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ୬୦ରୁ ୭୦ ପ୍ରତିଶତ ରିଆତିରେ ଗୋସମ୍ପଦ ଯୋଗାଇଦେଉଥିବାରୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ସରକାରଙ୍କୁ ସ୍ୱାଗତ କରାଯାଇଛି। ଏଥିସହ ଗେପାଳକଙ୍କ ମଧ୍ୟରେ ଅଧିକଂଶ ଚାଷୀ ଗୋପାଳ ତଥା ଯାଦବ ସମ୍ପ୍ରଦାୟର ହୋଇଥିବାରୁ ଅଧିକ ସଂଖ୍ୟକ ଗୋପାଳ ହିତାଧିକାରୀ ଏହାର କିପରି ସୁବିଧା ନେଇପାରିବେ ସେଥିପାଇଁ ପ୍ରୟାସ କରାଯିବା ଦରକାର। ଇତିମଧ୍ୟରେ ଏହି ଯୋଜନା ମାଧ୍ୟମରେ କେତେକ ଗୋପାଳ ଚାଷୀମାନେ ସେମାନଙ୍କର ଗୋ ସମ୍ପଦକୁ ବାହାର ରାଜ୍ୟରୁ ଓଡିଶାକୁ ଆଣିବା ସମୟରେ କିଛି ଅସମାଜିକ ବ୍ୟକ୍ତି ଓ ଅନୁଷ୍ଠାନ ନିଜକୁ ଗୋ ସୁରକ୍ଷା ସଂଗଠନର ପରିଚୟ ଦେଇ ଗୋପାଳକଙ୍କୁ ବାଟରେ ଅଟକାଇ ନାହିଁ ନ ଥିବା ହଇରାଣ କରୁଛନ୍ତି। ନିକଟରେ ଭୁବନେଶ୍ୱର ଓ କଟକର କିଛି ଗୋପାଳ ସେମାନଙ୍କର ଗୋ ସମ୍ପଦ ନେଇ ଆସୁଥିବା ସମୟରେ ଏଭଳି ଅସମାଜିକ ବ୍ୟକ୍ତି ସେମାନଙ୍କୁ ଅଟକାଇ ଗାଡି ଭାଙ୍ଗିବା ସହ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ଯାହାକୁ ନେଇ ମଞ୍ଚେଶ୍ୱର ଓ ଖଣ୍ଡଗିରି ଥାନାରେ ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇଛି। ନାମକୁ ମାତ୍ର କିଛି ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛି। ଠିକ ଏହିଭଳି ଗୋପାଳକମାନେ ସେମାନଙ୍କର ଗୋ ସମ୍ପଦକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ସମୟରେ ଏଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅସୁବିଧାକୁ ସରକାର ଗୁରୁତ୍ୱର ସହ ନେଇ ତୁରନ୍ତ ସମାଧାନ କରାଯିବା ଆବଶ୍ୟକ ରହିଛି। ଏନେଇ ଉତ୍କଳ ଯାଦବ ମହାସଭାର ଏକ ପ୍ରତିନିଧି ମଣ୍ଡଳୀ ଖୁବଶୀଘ୍ର ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ଯାଦବ ମହାସଭା ସଭାପତି ଆଶୀର୍ବାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ସୁବାସଚନ୍ଦ୍ର ବେହେରା, ସାଂଗଠନିକ ସମ୍ପାଦକ ଇଂ ପ୍ରଦୀପ କୁମାର ବେହେରା, କଟକ ଜିଲ୍ଲା ସଭାପତି ସମର ବେହେରା, ମହାନଗର ସଭାପତି କିଶୋର ବେହେରା, କଟକ ଜିଲ୍ଲା ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଗଠନ ଉପସଭାପତି ଅଜୟ ମହାପାତ୍ର, ସମ୍ପାଦକ ତୀର୍ଥବାସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବଣ୍ଟାଯିବ ଦୁଇ କ୍ୱିଣ୍ଟାଲ ଖେଚୁଡ଼ି ଭୋଗ



ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକା ଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ମା'ଙ୍କ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ହୋଇ ସାରିଛି। ଏପଟେ ନିର୍ମଳ ଆଶ୍ୱିନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....

କଟକ,୧୦।୯(ସମିସ):

**ଟାଉନହଲ୍ ରୋଡ୍ ପୂଜା କମିଟି**

ଧରାପୃଷ୍ଠକୁ ଧରାବତରଣ କରିବେ ଜଗତଜନନୀ ମା'ଦୁର୍ଗା। ଏଥିପାଇଁ ଏବେଠାରୁ ମହକିଲାଣି ପୁରପଲ୍ଲୀ। ସମସ୍ତ ପୂଜା ମଣ୍ଡପରେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇ ସାରିଲାଣି। ରୌପ୍ୟନଗରୀ କଟକରେ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରି ପ୍ରତିବର୍ଷ ଚର୍ଚ୍ଚାରେ ରହି ଆସୁଛି ଟାଉନହଲ ରୋଡ ପୂଜା କମିଟି। ୧୯୮୪ ମସିହାରୁ ଏଠାରେ ହରପାର୍ବତୀ ପୂଜା ପାଇ ଆସୁଛନ୍ତି। ପୂଜା ମଣ୍ଡପରେ ମହାଦେବଙ୍କ ପଞ୍ଚମ ଅବତାର ଦଣ୍ଡପାଣିଙ୍କ ସହ ଭୈରବୀ ରୂପରେ ମା ପାର୍ବତୀ ପୂଜା ପାଇବେ। ଚଳିତବର୍ଷ ପୂଜା ପାଇ କମିଟି ପକ୍ଷରୁ ୨ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୯ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ ହେଉଛି। ୧୩ ଫୁଟ୍ ଉଚ୍ଚତାର ପ୍ଲାଏରେ ତିଆରି ମେଢ଼କୁ କୁମ୍ଭାରସାହି ଅଞ୍ଚଳର କାରିଗର ତିଆରି କରିବାରେ ଲାଗିଛନ୍ତି। ପୂଜା ମଣ୍ଡପରେ ତୋରଣ ସମେତ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ପୂଜା କମିଟି ପକ୍ଷରୁ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ସଚେତନତାର ବାର୍ତ୍ତା ସହରବାସୀଙ୍କୁ ଦିଆଯିବ। କମିଟି ପରିସରରେ ସ୍କ୍ରାପ୍ ମେଟିରିଆଲରେ ତିଆରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୂର୍ତ୍ତି ଶୋଭା ପାଇବ ଏବଂ ଚଳିତବର୍ଷ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯିବ। ପୂଜାରେ ୨ କ୍ୱିଣ୍ଟାଲ ଖେଚୁଡି ଭୋଗ ଲାଗି କରାଯାଇ ବଣ୍ଟାଯିବ। ଏକାଦଶୀ ବା ଭସାଣିରେ ପୂଜା କମିଟି ଦେଇ ଅତିକ୍ରମ କରିବାକୁ ଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାରମ୍ପରିକ ବାଦ୍ୟରେ ଦ୍ୱାଦଶୀ ତିଥିରେ ଭସାଣି ଯାତ୍ରା କରାଯିବ।



### ସମ୍ବର୍ଦ୍ଧନା ପରମ୍ପରା ବଜାୟ ରହିବ



ପୂଜା କମିଟି ପକ୍ଷରୁ ଏକାଦଶୀରେ ଭସାଣୀ ଶୋଭାଯାତ୍ରା କରାଯାଏ ନାହିଁ। ଭସାଣୀରେ ପୂଜା କମିଟି ଦେଇ ଅତିକ୍ରମ କରୁଥିବା ସମସ୍ତ ମେଢ଼ ଓ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରେ ଦ୍ୱାଦଶୀରେ ମୂର୍ତ୍ତି ବିସର୍ଜନ କରାଯିବ।

- ଅଭୟ କୁମାର ଶତପଥୀ, ସଭାପତି

### ପରିବେଶ ସୁରକ୍ଷା ବାର୍ତ୍ତା ବଣ୍ଟାଯିବ



ଲୋକ ଯେପରି ସଚେତନ ହୋଇ ପରିବେଶର ସୁରକ୍ଷା କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହାସହ ସହରର ପ୍ରମୁଖ ସ୍ଥାନରେ ପୂଜା କମିଟି ରହିଛି ଏବଂ ପୂଜାରେ ଯେପରି ଶ୍ରଦ୍ଧାଳୁ ସୁରକ୍ଷିତ ଭାବେ ଦର୍ଶନ କରିବେ ସେଥିପାଇଁ ଅନେକ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସଦସ୍ୟ ମାନେ ଭସାଣୀରେ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପୂଜା ମଣ୍ଡପ ଦେଇ ଅତିକ୍ରମ କରୁଥିବା ପ୍ରତ୍ୟେକଟି ମେଢ଼ ଗୁଡିକ ପ୍ରତି ନଜର ଦେବେ।

- ଦ୍ୱିପାୟନ ପଟ୍ଟନାୟକ, ସମ୍ପାଦକ

# ମାଫିଆଙ୍କ କବ୍‌ଜାରେ ଜଙ୍ଗଲ ଜମି

## ମେଳି ହେଲେ ୧୩ ଗ୍ରାମର ଅଧିବାସୀ, ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ, ୧୦।୯ (ସମିସ)



ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ବନାଞ୍ଚଳ ଯୋରନ୍ଦା ଫରେଷ୍ଟ ସେକ୍ସନ ନୂଆକାଟେଣୀଠାରେ ଜଙ୍ଗଲ ଜମିକୁ ମାଫିଆମାନେ ଦଖଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ବନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ମାଫିଆ ଜଙ୍ଗଲରୁ ବଡ଼ ବଡ଼ ଗଛ କାଟିବାକୁ ପ୍ରୟାସ ଚଳାଇଛନ୍ତି। ଏହାର ପ୍ରତିବାଦରେ ବାଇଁଶିଆ ଓ ରାଇତଳା ପଞ୍ଚାୟତର ବନସୁରକ୍ଷା ସମିତି ଅଧୀନରେ ଥିବା ୧୩୮ ପରିବାର ମେଳି ବାନ୍ଧିଛନ୍ତି। ବାଇଁଶିଆ ପଞ୍ଚାୟତ ଆମ୍ବବାହାଲିଠାରେ ଏକ ମହାସମାବେଶ ଆୟୋଜନ କରି ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗଁଦିଆ ବ୍ଲକ ବାଇଁଶିଆ ଓ ରାଇତଳା ପଞ୍ଚାୟତର ୧୩ ଗ୍ରାମର ଅଧିବାସୀ ୧୯୮୦ରୁ ଶାଳ ଜଙ୍ଗଲକୁ ଜଗାରଖା କରିଆସୁଛନ୍ତି। ରାଇତଳା ଓ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲକୁ ନେଇ ବାଇଁଶିଆ ପଞ୍ଚାୟତରେ ବନସୁରକ୍ଷା ସମିତି ଗଠନ ହୋଇଛି। ପ୍ରାୟ ୭୦୦ ଏକର ଜଙ୍ଗଲ ଜମିରେ ବିଭିନ୍ନ ବୃକ୍ଷଲତା ଶୋଭା ପାଉଛି। ବନବିଭାଗ ତରଫରୁ ସୀମା ପ୍ରସ୍ତୁତ କରାଯାଇ ଟ୍ରେଞ୍ଚ, ନୟଙ୍ଗି ପିଲର କରାଯାଇଛି। ଏଫଡିଏ ଓ କାମ୍ପା ପ୍ରକଳ୍ପରେ ବନୀକରଣ କରାଯାଇଛି। ୨୦୨୩-୨୪ରେ ବନବିଭାଗ ଏହି ଅଞ୍ଚଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବନୀକରଣ କରିଛି। ଉକ୍ତ ଜଙ୍ଗଲ ମଧ୍ୟରେ ଗୋଟିଏ ସଭାଗୃହ ଓ ଫରେଷ୍ଟ ବିଟ୍ ତିଆରି ହୋଇଛି। ଜଣେ ବନରକ୍ଷୀ ନିଯୁକ୍ତ ହୋଇଛନ୍ତି। ମାତ୍ର ଗତବର୍ଷ ଜଟକ ଓଡ଼ଶପୁର ଅପୂଜା ଅଞ୍ଚଳର ପ୍ରସନ୍ନ ମିଶ୍ର ଉକ୍ତ ଜଙ୍ଗଲ ଜମିକୁ ଦଖଲ କରିବାକୁ ଉଦ୍ୟମ କରି ସଫାସୁତୁରା କରିଥିଲେ। ଏ ନେଇ ଗ୍ରାମବାସୀ ଡିଏଫ୍ଓଙ୍କୁ ଅବଗତ କରାଇବା ପରେ ତତ୍କାଳୀନ ଫରେଷ୍ଟର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଥିରୁ ବିରତ ରହିବାକୁ ତାଗିଦ କରିଥିଲେ। ମାତ୍ର ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ଗଁଦିଆ ତହସିଲ, ଷଡ଼ଙ୍ଗୀ ବନାଞ୍ଚଳ ଅଧିକାରୀଙ୍କୁ ହାତ କରି ବନ ସୁରକ୍ଷା ସମିତି ଅଜାଣତରେ ଜାଗା ଚିହ୍ନଟ କରି ହାତେଇଥିବା ଜଣାପଡ଼ିଥିଲା। ଗତ ୧ ତାରିଖ ଲଗାଣ ବର୍ଷା ସମୟରେ ବ୍ୟକ୍ତିଜଣକ ୪୦ରୁ ୫୦ ଲୋକ ଲଗାଇ ୧୦ ଏକର ଜଙ୍ଗଲକୁ ସଫା କରି ଶାଳ, କରଣ, ଖୁକୁଣ୍ଡିଆ ଗଛ କାଟି ଦେଇଛନ୍ତି। ଏହାର ୪ ଦିନ ପରେ ଗ୍ରାମବାସୀ ଜାଣି ବନଖଣ୍ଡ ଅଧିକାରୀ ଓ ସ୍ଥାନୀୟ ଫରେଷ୍ଟରଙ୍କୁ ଏ ନେଇ ଅବଗତ କରାଇଥିଲେ। ତେବେ କୌଣସି ମତେ ଜଙ୍ଗଲ ଜମି ଅକ୍ତିଆର କରିବେ ବୋଲି ବ୍ୟକ୍ତିଜଣକ ଗ୍ରାମବାସୀଙ୍କୁ ଧମକ ଦେଉଛନ୍ତି।

ଅନ୍ୟପଟେ ବ୍ୟକ୍ତିଜଣକ ଜଙ୍ଗଲ ନିକଟରେ ଏକ ଫାର୍ମହାଉସ କରି ଚୋରା ବନ୍ଧୁକ ରଖିବା ସହ ଜନ୍ତୁ ଶିକାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ରାସାୟନିକ ଔଷଧ ପ୍ରୟୋଗ କରି ଜଙ୍ଗଲରେ ଥିବା ପୁରୁଣା ଶାଳଗଛଗୁଡ଼ିକୁ ମାରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ପ୍ରତିବାଦରେ ସୋମବାର ଆମ୍ବବାହାଲିଠାରେ ଖଙ୍କର, ଆମ୍ବବାହାଲି, କାଠପାଳ, ବାଇଁଶିଆ, କଙ୍କା, ବଲ୍ଲବ, ବୁଢ଼ାଖିଆ, ଜୋଲୁହା, ବଜୁରିଆ, ବ୍ରହ୍ମପୁରା, ବାଲିଯୋରନ୍ଦା, ରାଏପୁରା ଆଦି ୧୩ ଖଣ୍ଡ ମୌଜାର ଲୋକେ ଏକାଠି ହୋଇ ପ୍ରତିବାଦ କରିଥିଲେ। ମରିଯିବୁ ପଛେ ଜଙ୍ଗଲ ଜମି ମାଫିଆ ହାତକୁ ଯିବାକୁ ଦେବୁ ନାହିଁ ବୋଲି ନାରା ଦେଇଥିଲେ। ଡିଏଫ୍ଓ, ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ପିସିସିଏଫ୍, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ। ଏହାପରେ ବି ସମାଧାନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଯୋରନ୍ଦା ଫରେଷ୍ଟର ଗଦାଧର ସାହୁ ପ୍ରତିବାଦ ସ୍ଥଳରେ ପହଞ୍ଚି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରିଆସିଥିଲେ। ହେଲେ ଜଙ୍ଗଲ ଉଜାଡୁଥିବା ବ୍ୟକ୍ତିଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ କୌଣସି ଉତ୍ତର ରଖି ନ ଥିଲେ। ପ୍ରତିବାଦ ବୈଠକରେ ବାଇଁଶିଆ ପଞ୍ଚାୟତ ବନସୁରକ୍ଷା ସମିତି ସଭାପତି ଅଭିରାମ ପଣ୍ଡା, ପୂର୍ବତନ ବାଇଁଶିଆ ସରପଞ୍ଚ ସୁବୋଧ କୁମାର ପଣ୍ଡା, ରାଜେନ୍ଦ୍ର ମୋହନ ପତି, ରବୀନ୍ଦ୍ର ତରାଇ, ପ୍ରସନ୍ନ ନାଏକ, ଶିବ ବେହେରା, ନିରଞ୍ଜନ ପ୍ରଧାନ, ଅମିନ ଦେହୁରୀ, ଦୁର୍ଗାଚରଣ ନାଏକ, ପ୍ରସନ୍ନ ସାମଲ, ଟଙ୍କଧର ତରାଇ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଭୟ କୁମାର ପାଣିଙ୍କ ସମେତ ୫୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ଲଷ୍ଟର ପକ୍ଷରୁ ଶିକ୍ଷୟିତ୍ରୀ ସମ୍ମାନିତ



ଯୋରନ୍ଦା, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନିମା ପରିଡ଼ାଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ମାନିତ କରାଯାଇଛି। ଗୁରୁଦିବସରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ସମ୍ମାନିତ କରିବା ପାଇଁ ଛାଟିଆଠାରେ କ୍ଲଷ୍ଟରସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା। ଶନିବାର ଯୋରନ୍ଦା ପାଟଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋରନ୍ଦା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଢେଙ୍କାନାଳ ଡିଆଇଇଟି ପକ୍ଷରୁ ଉଲ୍ଲାସ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ସମ୍ମାନିତ କରିଥିଲେ।

## ସମାଜସେବୀଙ୍କ ବିୟୋଗରେ ଶୋକ



ଖଜୁରିଆକଟା, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ୧୨ନଂ ୱାର୍ଡ ବନମାଳୀପୁରର ସମାଜସେବୀ ରସାନନ୍ଦ ମୁଦୁଲି (୫୩)ଙ୍କ ପରଲୋକ ଘଟିଛି। ରସାନନ୍ଦ ବୁଧବାର କୌଣସି କାର୍ଯ୍ୟରେ ଢେଙ୍କାନାଳ ଯାଉଥିବାବେଳେ ରସୋଲ ଥାନା ସୁକିଆବାଉତି ନିକଟରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରସାନନ୍ଦ ଜଣେ ଦୃଢ଼ ସଂଗଠକ ଥିଲେ। ଏଥିସହ ସରଳ, ଅମାୟିକ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ, ୧୨ନଂ ୱାର୍ଡ କାଉନସିଲ ଶରତ ଭୁତିଆ, ବିଜେଡି ଯୁବନେତା ଶ୍ରୀକାନ୍ତ ମହାପାତ୍ର, ବିଜେପି କାର୍ଯ୍ୟକର୍ତ୍ତା ରମେଶ ମିଶ୍ର, ବିଜେପି ଯୁବନେତା ପ୍ରମୋଦ ଶଙ୍କର ବେହେରା, ସୁମନ ଦାସ, ସାମ୍ବାଦିକ ଗୌତମ ମୁଦୁଲି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ଶତାଧିକ ଲୋକଙ୍କ ଉପସ୍ଥିତରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



କାମାକ୍ଷାନଗର, ୧୦।୯ (ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ କେନ୍ଦୁପତ୍ର ରେଞ୍ଜ ତରଫରୁ ରେଞ୍ଜ ଅଧିକାରୀ କମଳ ଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ପଙ୍ଗାତିରାଠାରେ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମହାହିରୋଡ୍ କେନ୍ଦୁପତ୍ର ରେଞ୍ଜ ଅଞ୍ଚଳର ୧୮୩ ଜଣ ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀ ସହିତ ଅନ୍ୟ ଲୋକମାନେ ଶିବିରରେ ପଞ୍ଜୀକରଣ କରି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ନେଇଥିଲେ। ଡାକ୍ତର ନିସର୍ଗ ବେହେରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ମୁନିରାମ ମୁର୍ମୁ, ଆଶାକର୍ମୀ ତୁଳାବତୀ ନାଏକ, ଲବଙ୍ଗ ନାଏକ, ରଜନୀ ସାହୁ, ବୁଧେଇ ପଧାନ, ତପସ୍ୱିନୀ ଦେହୁରୀ, ସରୋଜିନୀ ସାହୁ କୌଶଲ୍ୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବନପାଳ କୌଶିକ ଜେନା, ସରୋଜିନୀ ହେମ୍ବ୍ରମ, ବନରକ୍ଷୀ ସସ୍ମିତା ସ୍ୱାଇଁ, ଚିତ୍ତରଞ୍ଜନ ମଢ଼େଇ, ଡିଇଓ ମନୋରଞ୍ଜନ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଖଜୁରିଆକଟା ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କ ସଫଳତା



ହିନ୍ଦୋଳ, ୧୦।୯ (ସମିସ): ଖଜୁରିଆକଟା ଗୌତମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ଶ୍ରେଣୀ ଛାତ୍ର ଅଂଶୁମାନ ବେହେରା ପ୍ରାଦେଶିକ ବିଜ୍ଞାନ ମେଳାରେ ବିଜ୍ଞାନ ପତ୍ରବାଚନ ବାଲ ବର୍ଗରେ ରାଜ୍ୟରେ ତୃତୀୟ ସ୍ଥାନ ଓ ୯ମ ଶ୍ରେଣୀ ଛାତ୍ର ସାହିଲ ପଟ୍ଟନାୟକ ଗଣିତ ପ୍ରକଳ୍ପ କିଶୋର ବର୍ଗରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ର ଦ୍ୱୟଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ, ଶୁଭେଚ୍ଛୁ, ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ବିଜ୍ଞାନ ମେଳା ପାଇଁ ସେମାନଙ୍କୁ ପ୍ରସ୍ତୁତ ତଥା ପ୍ରେରଣା ଯୋଗାଇଥିବା ବିଜ୍ଞାନ ଆଚାର୍ଯ୍ୟ ପ୍ରକାଶ କୁମାର ସାହୁ, ରାଜକିଶୋର ପାଳ, ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ଶାନ୍ତିପ୍ରିୟା ପାଳ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ



ଖଜୁରିଆକଟା, ୧୦।୯ (ସମିସ): ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ +୩ ରସାୟନ ସମ୍ମାନ ବିଭାଗରେ ବୁଧବାର ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବରିଷ୍ଠ ଛାତ୍ରଛାତ୍ରୀମାନେ ସ୍ୱାଗତ କରିଛନ୍ତି। ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ।

ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ସମାଜରେ ଅନେକ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ଅଧ୍ୟାପକ ଅକ୍ଷୟ ପାତ୍ର, ଡ. କ୍ୟାପଟେନ କିଶୋର କୁମାର ପୃଷ୍ଟି, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଡେମନଷ୍ଟ୍ରେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତପସ୍ୱିନୀ ଆଚାର୍ଯ୍ୟ, ଓଁସାଗର ସାହୁ, ସୁଧାଂଶୁ ସାହୁ, ମଧୁସ୍ମିତା ପ୍ରଧାନ, ରତୁକେତନ ପ୍ରଧାନ ପ୍ରମୁଖ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଏଲିସା ଖଡ଼ିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମିନଈରେ ବିଏସ୍ଏନ୍ଏଲ୍ ନେଟୱର୍କ ସେବା ଅଚଳ

ଢେଙ୍କାନାଳ, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଈ ଅଞ୍ଚଳରେ ଗତ ଦୁଇଦିନ ଧରି ବିଏସଏନଏଲ ସେବା ଅଚଳ ରହିଛି। ଫଳରେ ସାଧାରଣ ଉପଭୋକ୍ତାଙ୍କ ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ହୋଇପାରୁ ନାହିଁ। ସିମିନଈ ଏକ୍ସଚେଞ୍ଜ ତରଫରୁ ବିଏସଏନଏଲ ସେବା ଯୋଗାଇ ଦିଆଯାଉଥିବା ବେଳେ ଅଞ୍ଚଳରେ ହଜାର ହଜାର ଉପଭୋକ୍ତା ଅଛନ୍ତି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଏସଏନଏଲ ବ୍ୟବହାର କରିବାକୁ କଡ଼ା ନିର୍ଦ୍ଦେଶ ଥିବା ବେଳେ ସିମିନଈ ଅଞ୍ଚଳରେ ସେବା ଦେବାରେ ବିଏସ୍ଏନ୍ଏଲ୍ ବିଫଳ ହୋଇଛି। ଏଠାରେ ଜେନେରେଟର ନ ଥିବାରୁ ବିଦ୍ୟୁତ କଟିଗଲେ ଇଣ୍ଟରନେଟ ସେବା ସହ ନେଟୱର୍କ ରହୁନାହିଁ। ସେହିପରି ଗତ ତିନି ଦିନହେବ ନେଟୱର୍କ ଏବଂ ଇଣ୍ଟରନେଟ ନ ଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜଗୁଡ଼ିକରେ ନାମଲେଖା ସହ ବିଭିନ୍ନ କାର୍ଯ୍ୟ ହୋଇପାରୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

● ମିଳିଲାନି ନିଯୁକ୍ତି

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ




ଢେଙ୍କାନାଳ, ୧୦।୯ (ସମିସ): ନିଯୁକ୍ତି ନ ମିଳିବାରୁ ଜଣେ ଯୁବକ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ପରଜଙ୍ଗ ବାରିହାପୁର ଗ୍ରାମର ପ୍ରସନ୍ନ କୁମାର ନାଏକ। ପ୍ରସନ୍ନ ୨୦୦୧ରେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଶିକ୍ଷକ ପାଇଁ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ତାଙ୍କୁ ନିଯୁକ୍ତି ମିଳିଥିବା ସେ ପ୍ରକାଶ କରିଛନ୍ତି। କିନ୍ତୁ ଠକେଇ ପୂର୍ବକ ତାଙ୍କୁ ନିଯୁକ୍ତି ପ୍ରଦାନ ନ କରି ଅନ୍ୟ ଜଣେ ଝିଅଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏ ନେଇ ସେ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ସେ ନିରୁପାୟ ହୋଇ ବୁଧବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି କାର୍ଯ୍ୟାଳୟ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ତାଙ୍କୁ ଟାଉନ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ପ୍ରସନ୍ନଙ୍କୁ ଅଟକ ରଖି କାଗଜପତ୍ର ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ପଦବୀରୁ ବହିଷ୍କୃତ



ଢେଙ୍କାନାଳ, ୧୦।୯ (ସମିସ): ପଦବୀର ଅପବ୍ୟବହାର କରିବା ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ। ଢେଙ୍କାନାଳ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ଓଡ଼ିଶା ମ୍ୟୁନିସିପାଲ୍ ଆଇନ-୧୯୫୦ର ଧାରା ୫୩ର ଉପଧାରା (୧) ଅନୁଯାୟୀ ନିକଟରେ ଶୁଭେନ୍ଦୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରାଇଥିଲେ। ଅଧ୍ୟକ୍ଷ ପଦରୁ ତାଙ୍କୁ କାହିଁକି ବହିଷ୍କାର କରା ନ ଯିବ ତାହା ବ୍ୟାଖ୍ୟା କରିବାକୁ ଶୁଭେନ୍ଦୁଙ୍କୁ ଆହ୍ୱାନ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲା ପ୍ରଶାସନର ତଦନ୍ତ ରିପୋର୍ଟକୁ ସତର୍କତାର ସହ ବିଚାର କରାଯାଇଥିଲା। ତେବେ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ନ ଥିଲା। ପରେ ତାଙ୍କୁ ଅଗଷ୍ଟ ୧୪ରେ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦିଆଯାଇଥିଲା। ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବେ ଉକ୍ତ ଆଇନର ବ୍ୟବସ୍ଥା ଏବଂ ନିୟମଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି ବୋଲି ରାଜ୍ୟ ସରକାର ହୃଦୟଙ୍ଗମ କରିଥିଲେ। ଅଧ୍ୟକ୍ଷ ଭାବରେ ତାଙ୍କର କର୍ତ୍ତବ୍ୟ ପାଳନରେ ଗୁରୁତର ଭାବରେ ବିଫଳ ହୋଇଛନ୍ତି। ଉକ୍ତ ଆଇନ, ନିୟମ ଏବଂ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି କାର୍ଯ୍ୟ କରିଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କୁ ପଦବୀରୁ ବହିଷ୍କାର କରିଥିବା ଜଣାପଡ଼ିଛି। ଏ ନେଇ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଚିଠି ଦ୍ୱାରା ଅବଗତ କରାଯାଇଛି।

## ହିରୋ ଗ୍ଲାମର-ଏକ୍ସର ବଜାର ପ୍ରବେଶ



ଢେଙ୍କାନାଳ, ୧୦।୯ (ସମିସ): ହିରୋ ମୋଟୋ କର୍ପର ଅଧିକୃତ ବିକ୍ରେତା ସୋମ ଅଟୋ ପରିସରରେ ଗ୍ଲାମର-ଏକ୍ସର ବଜାର ପ୍ରବେଶ ହୋଇଛି। ଏହି ଗ୍ଲାମର-ଏକ୍ସର ଇଞ୍ଜିନ ୧୨୫ ସିସି ବିଶିଷ୍ଟ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଯାହା ୮୨୫୦ ଆରପିଏମରେ ୧୧.୪ ବିଏଚପି ଉତ୍ପାଦନ କରେ। ଏହା ସହିତ ହାଇଡେନିଟି ହେଡଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲ୍ୟାମ୍ପ ଏବଂ ଷ୍ଟାଇଲିସ ଏଲିଡି ଟ୍ରେଲ୍ ଲ୍ୟାମ୍ପ ରହିଛି। ୧୨୫ ସିସି ବାଇକ୍ ସେଗମେଣ୍ଟରେ ଏହା ବିଶ୍ୱର ପ୍ରଥମ ବାଇକ୍ ଯେଉଁଥିରେ ଲୋ ବ୍ୟାଟେରି କିକ୍‌ଷ୍ଟାର୍ଟ ରହିଛି। ଏହି ଅବସରରେ ସୋମ୍ ଅଟୋର ମ୍ୟାନେଜର ଚନ୍ଦନ ନନ୍ଦ ସମସ୍ତ ଗ୍ରାହକ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ମଡେଲର ବଜାର ପ୍ରବେଶ କରିଥିଲେ।

## ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ସଭାପତିଙ୍କ ବିଦ୍ୟାଳୟ ପରିଦର୍ଶନ

ପରଜଙ୍ଗ, ୧୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରିଷଦ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବାଳକୃଷ୍ଣ ସାହୁ ବୁଧବାର ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ପରଜଙ୍ଗ ବ୍ଲକରେ ପହଞ୍ଚି ସ୍ଥାନୀୟ ପିଏମଶ୍ରୀ ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଶ୍ରେଣୀଗୃହରେ ବିଭିନ୍ନ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ପରଜଙ୍ଗ ବିଇଓଙ୍କ କାର୍ଯ୍ୟାଳୟକୁ ଆସି ଏହା ପରିସରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝିବା ପରେ ଏହା ପରିସରରେ ଥିବା ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠକୁ ଯାଇ ଦିବ୍ୟାଙ୍ଗମାନଙ୍କ ଆନୁଷଙ୍ଗିକ ଉପକରଣ, ସେମାନଙ୍କ ସ୍ୱାସ୍ଥ୍ୟ, ପାଠପଢ଼ା ସମ୍ପର୍କରେ ଅବଗତ ହୋଇଥିଲେ। ବିଇଓଙ୍କ ସହ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା, ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ।

ଏହି ଅବସରରେ ବିଇଓ ପ୍ରିୟଦର୍ଶିନୀ ନାୟକ, ଏବିଇଓ ସତ୍ୟବ୍ରତ ସାହୁ, ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ। ପରେ କନ୍ତୋର ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଟିପେଇଝରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କଙ୍କଡ଼ାହାଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବିଦ୍ୟାଳୟର ସମସ୍ୟା ଓ ଏହାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଇଓ ସାଗର ଟୁଡୁଙ୍କ ସହିତ ଆଲୋଚନା କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଅଶୋକ କୁମାର ବେହେରା, ନବକିଶୋର ସାହୁ, ରବି ପ୍ରଧାନ, ଅଶୋକ ପରିଡ଼ା, ମମତାଞ୍ଜଳି ବେହେରା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନର ବୈଠକ

ଢେଙ୍କାନାଳ, ୧୦।୯ (ସମିସ)



ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ଭବନରେ ନିଖିଳ ଉତ୍କଳ ଇପିଏଫ ପେନସନର୍ସ ଆସୋସିଏସନ ଜିଲ୍ଲା କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟି ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କସ୍ତୁରି ଚରଣ ସୁବୁଦ୍ଧି, ସଂଯୋଜକ ରାଜକିଶୋର ସ୍ୱାଇଁ ଓ କୋଷାଧ୍ୟକ୍ଷ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଇପିଏଫ ସର୍ବନିମ୍ନ ମାସିକ ପେନସନ ୧୦୦୦ରୁ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଓ ୨୦୧୪ ସେପ୍ଟେମ୍ବର ୧ ପରର କର୍ମଚାରୀଙ୍କ ଉଚ୍ଚତମ ହାରରେ ପେନସନ ପାଇବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲା କମିଟିରେ କ୍ଷୀରୋଦ କୁମାର ବେହେରା ସଭାପତି ଓ ସଦାନନ୍ଦ ସାହୁ ସମ୍ପାଦକ ଓ ଉତ୍କଳ ଆଜବେଷ୍ଟସର କର୍ମଚାରୀ ଅମରେନ୍ଦ୍ର ସିଂଙ୍କୁ ସଂଗଠନ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସଂଘ ଉପଦେଷ୍ଟା ସୁଶୀଲ କୁମାର ରାଉତ ସର୍ବନିମ୍ନ ପେନସନ ଓ ଉଚ୍ଚତମ ପେନସନ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟ କମିଟି ସଭାପତି ସଞ୍ଜୟ କୁମାର ରଥ ଆଭାସୀ ମାଧ୍ୟମରେ ଉଦବୋଧନ ରଖିଥିଲେ। ଅନୁଗୋଳ ଜିଲ୍ଲା କମିଟି ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଜିଲ୍ଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଏପାଲିକୁ ପଞ୍ଚାୟତ ମାନ୍ୟତା ଦାବି



ଦେଓଗାଁ,୧୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ରାଏପାଲି ଗାଁକୁ ନୂତନ ଭାବେ ପଞ୍ଚାୟତ ମାନ୍ୟତା ପ୍ରଦାନ ପାଇଁ ଦାବି ଉଠିଛି। ରାଏପାଲି ସମେତ ଆଖପାଖ ଗ୍ରାମବାସୀ ବିଡିଓ ପ୍ରିୟରଞ୍ଜନ କୁମାର ଓ ତହସିଲଦାର ନର୍ମଦା ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୪ ଦଶନ୍ଧିରୁ ଅଧିକ ହେଲା ଗାଇବାହାଲ ଓ ଉଡାର ପଞ୍ଚାୟତର ବଣଜଙ୍ଗଲ ଘେରା ୬ଟି ଗାଁ ରାଏପାଲି, ରତନପୁର, ଘୁଚିପାଲି, ଲୁହୁରେନପାଲି, ପଦମପୁର ଓ ବ୍ରାହ୍ମଣୀପାଲି ଗାଁ ରହିଛି। ରାଏପାଲି, ରତନପୁର ଓ ଘୁଚିପାଲି ଆଦି ଗାଁରୁ ପଞ୍ଚାୟତ ମୁଖ୍ୟାଳୟ ଗାଇବାହାଲକୁ ୧୨ରୁ ୧୫ କିମି ଦୂର ହେଉଛି। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ଲକ୍‌ର ବଡ ପଞ୍ଚାୟତ ହିସାବରେ ଗାଇବାହାଲ ଓ ଉଡାର ରହିଥିବା ସ୍ଥଳରେ ରାଏପାଲି ଗାଁକୁ ନୂତନ ପଞ୍ଚାୟତ ଭାବେ ମାନ୍ୟତା ଦେଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ଦାବି ଉଠିଛି।

# ମ.ରାମପୁର ଉଦ୍ୟାନ ବିଭାଗ ଗେଟ୍‌ରେ ତାଲା :ନିରାଶରେ ଫେରୁଛନ୍ତି ଚାଷୀ

ମ.ରାମପୁର,୧୦।୯ (ସମିସ)



କଳାହାଣ୍ଡି ଜିଲ୍ଲା ଠାରେ ଅନ୍ୟ ସମସ୍ତ ବିଭାଗ ପରି ଉଦ୍ୟାନ ବିଭାଗଟିଏ ମଧ ରହିଛି। କିନ୍ତୁ କାର୍ଯ୍ୟାଳୟ ମାସରେ ଯଦି ପାଞ୍ଚ ଦିନ ଖୋଲା ହେଲା ତାହାହେଲେ ଖୁବ୍ ବେଶୀ ଭଳି ମନେ ହୁଏ। ପୂର୍ବରୁ କାର୍ଯ୍ୟାଳୟରେ ସୁରକ୍ଷା ପାଚେରୀ ନଥିବା ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା କିନ୍ତୁ ଏବେ ସୁରକ୍ଷା ପାଚେରୀ ହେବା ପରେ ଅସାଧୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭାରୀ ସୁହାଉଛି। ଗେଟ୍‌ରେ ତାଲା ଝୁଲେଇ ଦେଇ ନିଜ ମନଇଚ୍ଛା କାମ କରୁଥିବା ଅଭିଯୋଗ ହେଉଛି। ଆଉ ଚାଷୀମାନେ ଦୂର ଦୂରାନ୍ତରରୁ ବିଭିନ୍ନ ଯୋଜନା ପାଇଁ କାର୍ଯ୍ୟାଳୟକୁ ଆସନ୍ତି ଓ ଗେଟ୍‌ରେ ତାଲା ଝୁଲୁଥିବା ଦେଖି ଫେରିଯାନ୍ତି। ମଙ୍ଗଳବାର ମଧ ଜଣେ ବରିଷ୍ଠ ଚାଷୀ କୃଷ୍ଣ ପାତ୍ର,ଉର୍ଲଦାନୀ ପଞ୍ଚାୟତରୁ ହର୍ଲଙ୍ଗା ଗ୍ରାମରୁ ଆସି ଅଫିସ୍‌ରେ ତାଲା ଝୁଲୁଥିବା ଦେଖି ହତାଶ ହେଇ ଫେରିଯାଇଥିଲେ। ଯଦି ବା କିଏ କେମିତି ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟାକରେ, ତେବେ ଆମେ ଫିଲ୍ଡରେ ଅଛୁ ବୋଲି ସହଜ ଓ ସରଳ ଉତ୍ତରଟିଏ ଦେଇ ଖସିଯାନ୍ତି।

ସରକାର ଉଦ୍ୟାନ କୃଷିକୁ ସଶକ୍ତ କରିବା ପାଇଁ ଅନେକ ଯୋଜନା କରିବା ସହିତ ବିଭିନ୍ନ ସୁବିଧା ସୁଯୋଗର ମାଗଣା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅନେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ସଂପୂର୍ଣ୍ଣ ଅବହେଳା ଫଳରେ ତାହାର କିଛି ମାତ୍ର ସୁଫଳ ମିଳିପାରୁନାହିଁ। ବ୍ୟବସାୟିକ ଫୁଲ,ବ୍ୟବସାୟିକ ଫଳ ଠାରୁ ଆରମ୍ଭ କରି ଆଳୁ, ପିଆଜ, ରସୁଣ,ହଳଦୀ ଇତ୍ୟାଦି ଚାଷ କରୁଥିବା ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବାର ନିୟମ ରହିଥିଲେ ସୁଦ୍ଧା ତାହା କେବଳ ଧର୍ମକୁ ଆଖିଠାର। ଗତ ଦୁଇ ମାସ ତଳେ ହଳଦୀ ଚାଷୀଙ୍କୁ ହଳଦୀ ଦେବା ପାଇଁ ଆସିଥିଲା,କିନ୍ତୁ ତାହା ପ୍ରକୃତରେ ଚାଷୀକୁ ଦିଆଯାଇନାହି। ଉକ୍ତ ହଳଦୀକୁ ମଦନପୁର ଫାର୍ମରେ କିଛି ଦିନ ରଖିବା ପରେ ତାକୁ ଗାୟବ କରି ଦିଆଯାଇଥିବା ଜଣାପଡିଛି। କିନ୍ତୁ ଚାଷୀଙ୍କୁ ହଳଦୀ ବାବଦରେ ସବସିଡ ରହିଥିବା ବେଳେ ଏହାକୁ କେବଳ କାଗଜ କଲମରେ ଦେଖାଇ ଦେବା ପାଇଁ ଚାଷୀଙ୍କ ପାଖରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରାଯାଉଥିବା ଦେଖାଯାଇଛି।

ବିଭିନ୍ନ ଯୋଜନାକୁ କେବଳ କାଗଜ କଲମରେ ଦେଖାଯାଇ,ବ୍ୟାପକ ଅନିୟମିତତା କରାଯାଉଥିବା ଜଣାଯାଇଛି। ତେବେ କାର୍ଯ୍ୟାଳୟ ନିୟମିତ ନ ଖୋଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହେଇନାହିଁ। ତେଣୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ମ.ରାମପୁର ଉଦ୍ୟାନ ବିଭାଗର କାର୍ଯ୍ୟଶୈଳୀ ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି।

## 'କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ' କମିଟିର ସମୀକ୍ଷା

କଣ୍ଟାବାଞ୍ଜି,୧୦।୯ (ସମିସ): ଆମପଡାସ୍ଥିତ ପୁଟେଲ ଫାର୍ମ ହାଉସ୍‌ରେ କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆବାହକ ପୁଷ୍ପକେତୁ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ମନୋଜ ଦାସ, କୈଳାସ ଦୀପ, ସନ୍ତୋଷ ଅଗ୍ରୱାଲ, ତୁଳସୀ ଜଗତ, ଦିନେଶ ମାହାନନ୍ଦ, ପ୍ରଚାରକ ରୋହନ ମହତ, ରଶ୍ମିରଂଜନ ପୁଟେଲ, ରାଜୁ ବାରିକ, ମୋହନ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ତୁରେକେଲା ବ୍ଲକ୍‌ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ତୁରେକେଲା, ୯।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକସ୍ତରୀୟ ନୂଆଁଖାଇ ଭେଟ ଘାଟ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥି ଭାବେ କୁଇବାହାଲ ସରପଞ୍ଚ ବିକାଶ ପୁଟେଲ, କାର୍ତ୍ତିକେଶ୍ୱର ସାହୁ, ପୂର୍ବତନ ନାଏବ ସରପଞ୍ଚ ଗଙ୍ଗାଧର ମେହେର, ଅମିଲ ପୁଟେଲ, ବଡବାଙ୍କି ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ମକରଧ୍ୱଜ ନିଆଁଲ ପ୍ରମୁଖ ଯୋଗ ଦେଇଥିଲେ। କବିତା ମେହେର, ଭକ୍ତବନ୍ଧୁ ମେହେର, ସାବିତ୍ରୀ ଦାସ, ହାରାବତୀ ମେହେର, ଶୁଭ୍ର ମେହେର, ବିଦେଶୀ ରଣା, ରାମା ମେହେର, ଉର୍ମିଳା ମେହେର, ସୁକୁଲତା ମେହେର, ପ୍ରମିଳା ମେହେର, ମାନସିଂ ମାଝୀ, ରାମେଶ୍ୱର ରଣା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଅବସରରେ କବି ବିମ୍ବାଧର ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ଗଣପତିପତି ବେହେରା ମଞ୍ଚ ପରିଚାଳନା କରିଥିଲେ। ଭକ୍ତବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ସୁବଳୟା,୧୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ କେନଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠଠାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଚାରାରୋପଣ କାର୍ଯ୍ୟରେ ପ୍ରାୟ ୭୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍ କୃଷି ଉଦ୍ୟାନ ତରଫରୁ ବିଦ୍ୟାଳୟକୁ ୧୦୦ଟି ଆମ୍ବ, ଲେମ୍ବୁ ପ୍ରଭୃତି ଚାରା ଯୋଗାଯାଇଥିଲା। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥପାଠ ଜରାଇଥିଲେ। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକଙ୍କ ସମେତ ସହକାରୀ ଶିକ୍ଷକ ଜଗଦିଶ ପଧାନ, ଜୀବର୍ଦ୍ଧନ ରଣା, ମୀନକେତନ ରଣା, କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ ଭୁକ୍ତା ସହଯୋଗ କରିଥିଲେ। ଇକୋ କ୍ଲବ୍ ପ୍ରମୁଖ ଗୌରୀ ଶଙ୍କର ପୁଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କାର୍‌ରୁ ଖଇର କାଠ ଜବତ

କଣ୍ଟାବାଞ୍ଜି,୧୦।୯ (ସମିସ): କଣ୍ଟାବାଞ୍ଜି ରେଞ୍ଜ ଅଧୀନ ସମରସିଂରେ ତୁରେକେଲା ପୁଲିସ ପାଟ୍ରୋଲିଂ ସମୟରେ ଖଇର କାଠ ଲୋଡ୍ ହୋଇଥିବା ଏକ ଗାଡିକୁ ଜବତ କରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଛି। କୁଇବାହାଲ ପଞ୍ଚାୟତର ସମରସିଂ ଗାଁ ନିକଟରେ ଏହି କାର ଭିତରେ କିଛି ଖଇର କାଠ ଗଣ୍ଡି ଲୋଡ୍ ହୋଇଥିବା ପୁଲିସ ଦେଖିବାକୁ ପାଇଥିଲେ। ଖବର ପାଇ ବନ କର୍ମଚାରୀ ସମରସିଂ ଗାଁକୁ ଯାଇ କାର ( ଓଆର ୧୪ ଜ୬୯୧୮) ସହ ଖଇର ପାଠ ଜବତ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବଲାଙ୍ଗିର,୧୦।୯ (ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଶାରଦ ବିଜୟ ବହିଦାର, ବିଭାଗୀୟ ମୁଖ୍ୟ ଡ. ରାଜେଶ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। "ଗଣତନ୍ତ୍ରର ପରିଭାଷା ଏବଂ ଭାରତୀୟ ପ୍ରେକ୍ଷାପଟରେ ଏହାର ସଙ୍କଟାପନ୍ନ ସ୍ଥିତି' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ବହିଦାର ବିସ୍ତୃତ ଆଲୋଚନା କରିଥିଲେ। ଭାରତବର୍ଷ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ; ହେଲେ ଏହି ବ୍ୟବସ୍ଥାରେ ରୁଗ୍ଣ ମାନସିକତା କାୟା ବିସ୍ତାର କରିଚାଲିଛି। ନିର୍ବାଚନ ଆୟୋଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସୁପ୍ରିମକୋର୍ଟ ଭଳି ଅନୁଷ୍ଠାନଗୁଡ଼ିକ ଚାପମୁକ୍ତ ହେବା ଜରୁରୀ। ଏଗୁଡ଼ିକ ଭାରତୀୟ ଗଣତନ୍ତ୍ରର ସୁରକ୍ଷା କବଚ। ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଏମାନଙ୍କ ଉତ୍ତର ଦାୟିତ୍ୱ ରହିଛି। ଦିନଥିଲା ଶାସନ ବ୍ୟବସ୍ଥା ରାଜାମାନଙ୍କ ନିୟନ୍ତ୍ରଣରେ ଥିଲା। ରାଜାଙ୍କର ବଂଶଧର ହିଁ ଶାସନଗାଦିରେ ବସୁଥିଲେ। କାଳକ୍ରମେ ଧନୀକ ବ୍ୟକ୍ତି ଶାସନକ୍ଷମତା ପାଇବାର ଇଚ୍ଛାକଲେ। ପ୍ରଚାର ସର୍ବସ୍ୱ ରାଜନୀତିର ପ୍ରବେଶ ହେଲା। ଜନସମର୍ଥନ ହାସଲ ପାଇଁ ପ୍ରୋପାଗାଣ୍ଡା ତିଆରି କରାଗଲା। ଏହା ଫଳରେ ବୃହତ୍ ଜନହିତକୁ ଉପେକ୍ଷା କରାଯାଇ ଦମନମୂଳକ ଆଇନଗୁଡ଼ିକ ମଧ ସାମ୍ନାକୁ ଆସିଲା। ଭାରତରେ ମଧ ସାଧାରଣ ସ୍ୱର କ୍ରମେ ନିଷ୍ପ୍ରଭ ହୋଇପଡୁଥିବା ମନେ ହେଉଛି। ଏହା ଗଣତନ୍ତ୍ରରେ ଏକ ସୁସ୍ଥ ପରମ୍ପରା ନୁହେଁ ବୋଲି ଗୁରୁତ୍ୱାରୋପ କରାଯାଇଥିଲା ଅଧାପିକା ସୁଚିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୧୦।୯ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ କନର୍ଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ପଣ୍ଡାଙ୍କୁ କଳାହାଣ୍ଡି ଜିଲ୍ଲା ସିଟି ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘ ଫେଡେରେସନର ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ୍ ଅଧ୍ୟକ୍ଷା କମଳାପାତ୍ର ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ, ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବ୍ଲକ୍‌ସାଧନ ସଂଯୋଜକ ସୁଡ଼ଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୁଷଣ ସାହୁ, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝୀ,ସମିତି ସଭ୍ୟ ରୁପେନ୍ଦ୍ର ଛତ୍ରିଆ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ, ଲାଞ୍ଜିଗଡ଼ ବ୍ଲକ୍ ସିଟି ସଂଘ ସଭାପତି ଅନିଲ ତ୍ରିପାଠୀ, ଶିକ୍ଷକ ନେତା ଦାମୋଦର ସା, ଶିବ ଦାସ,ଶିକ୍ଷାବିତ ଝସ କେତନ ପ୍ରଧାନ, ସମାଜସେବୀ ହରିଶଙ୍କର ପାତ୍ର, କଳାହାଣ୍ଡି ପଞ୍ଚସଖା ଶିକ୍ଷା ସେତୁ ସଂଗଠନ



ସଂଯୋଜକ ପ୍ରଶାନ୍ତ ନନ୍ଦ,ତପନ ମୁଣ୍ଡ,ସିଆରସିସି ମନୋଜ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ ଦକ୍ଷ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ଗାଁ ପରିକ୍ରମା କରାଇବା ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମକୁ ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଶ୍ରୀ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଭବାନୀପାଟଣା,୧୦।୯ (ସମିସ):ଗୁରୁଦିବସ ଅବସରରେ ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି।ସମାରୋହରେ ପୁରୁଣାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ଜଣେ ଉତ୍ତମ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଷ୍ଣୁପ୍ରିୟା ଚଣ୍ଡ ନିଜର କାର୍ଯ୍ୟ ଦକ୍ଷତା ବଳରେ ଜଣେ ଉତ୍ତମ ଓ ଆଦର୍ଶ ଶିକ୍ଷୟତ୍ରୀ ରୂପରେ ପରିଚିତ। ଛାତ୍ରଛାତ୍ରୀଙ୍କ ଶିକ୍ଷାରସ୍ତରକୁ ହୃଦୟଙ୍ଗମ କରି ସ୍ୱତନ୍ତ୍ର ଶିକ୍ଷାଦାନ କରିବାରେ ସିଦ୍ଧହସ୍ତା। ସେ ସର୍ବଦା ଆନନ୍ଦମୟ ପରିବେଶରେ ଅଭିନବ ଶିକ୍ଷାଦାନ ଶୈଳୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ପଥରେ କାର୍ଯ୍ୟରତ ଥାଆନ୍ତି। ପିଲାଙ୍କ ପାରିପାର୍ଶ୍ୱିକ ସମସ୍ୟାକୁ ଆଖିରେ ରଖି ଆଦର୍ଶ ଓ ଚରିତ୍ରବାନ ଛାତ୍ରଛାତ୍ରୀ ଗଢି ତୋଳିବା ତାଙ୍କର ଉଦ୍ଦେଶ୍ୟ। ଗତ ୦୬ ତାରିଖ ବାପୁଜୀ କ୍ଲଷ୍ଟରର ସିଆର୍‌ସିସି ସ୍ୱାଧିନୀ ସାହୁ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆରଇଓ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭବାନୀପାଟଣାରେ ବୈଠକ ଆୟୋଜନ ହୋଇଥିଲା।ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ମାଝି, ଜଗଦିଶ ମୁଣ୍ଡ ତଥା ହୃଷୀକେଶ ନାୟକ ଆଦି ଯୋଗ ଦେଇଥିଲେ।ସମାରୋହରେ ପୁରୁଣାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ରାଉତ ଓ ଅନ୍ୟ ଶିକ୍ଷୟିତ୍ରୀବୃନ୍ଦ ଶ୍ରୀମତୀ ସୁଜାତା ସିଂ, ଗୀତା ଦେଇ,ମିନତୀ କୁମାର ପ୍ରଧାନ,



ରାଜଲକ୍ଷ୍ମୀ ଯୋଶୀ, ଗାୟତ୍ରୀ କୁମାର,ପୁଷ୍ପିତା ପଟ୍ଟନାୟକ,ସୌଦାମଣି ଖମାରୀ,ରୁବିତାଞ୍ଜଳି ପଣ୍ଡା, ଭାରତୀ ନାୟକ, ସଞ୍ଜୁକ୍ତା ଦାଶ, ଆଲ୍ଲାହଦିନ ମୁଣ୍ଡ,ପଲ୍ଲବୀ ଶୁକ୍ଲା, ପ୍ରଣତୀ ବହିଦାର, ପୁଷ୍ପଲତା ନାୟକ ଏବଂ କୁଞ୍ଜଲତା ନାୟକ ଆଦି ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣେଇବା ସହିତ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ଦେଓଗାଁରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଦେଓଗାଁ,୧୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାକକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମିନତିରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ



ପ୍ରିୟରଞ୍ଜନ କୁମାର, ସମ୍ମାନୀତ ଅତିଥି ଭାବେ ଗୋଷ୍ଠି ଚିକିତ୍ସା ଅଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ର, ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ପାରାଲିଗାଲ ଭଲ୍ୟୁଣ୍ଟିୟର ବିଦ୍ୟୁତଲତା ଖମାରୀ,ଏବିଇଓ, ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ବାଲ୍ୟ ବିବାହ ଯୋଗୁ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ତଥା ସମସ୍ୟା ଉପରେ ଚିକିତ୍ସା ଅଧିକାରୀ ମିଶ୍ର ସଚେତନ କରିଥିଲେ। ପାରାଲିଗାଲ ସଦସ୍ୟା ଖମାରୀ ବାଲ୍ୟ ବିବାହ ସମ୍ପର୍କିତ ଆଇନ ଓ ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ। ନୂଆଁପାଲି ଅଙ୍ଗନବାଡିକର୍ମୀ ମମତା ଶତପଥୀ ବାଲ୍ୟ ବିବାହ ସମ୍ପର୍କରେ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଅନିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ ହଲ୍ ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଫେରାଦ

ବଲାଙ୍ଗିର,୧୦।୯ (ସମିସ): ବଲାଙ୍ଗିର ଟାଉନ ହଲର ସମସ୍ୟା ନେଇ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



୧୯୯୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଏହି ଟାଉନ ହଲ୍ ଉଦ୍‌ଘାଟନ ହୋଇଥିଲା। ଏବେ ଏହି ଟାଉନ ହଲ୍ ଅଚଳ। ବଲାଙ୍ଗିରର ବୁଦ୍ଧିଜୀବୀ ବିଭିନ୍ନ ସମୟରେ ଏହି ଟାଉନ ହଲ୍‌ର ପୁନରୁଦ୍ଧାର ପାଇଁ ଦାବି କରି ଆସୁଛନ୍ତି। ୭ ବର୍ଷ ହେବ କିନ୍ତୁ କେବଳ ମରାମତି ନାଁରେ ୫ କୋଟିରୁ ଅଧିକ ଟଙ୍କା ସରିଲାଣି। ଏହାର ତଦନ୍ତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଖୁବ୍ ଶିଘ୍ର ମରାମତି କରିବାକୁ ଦାବି ଦାବି ହୋଇଛି। ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ସୁଶାନ୍ତ ପ୍ରଧାନ, ଶମ୍ଭୁ ଶତପଥୀ ରିଣ୍ଟୁ ସାହୁ ପ୍ରମୁଖ ଉପ ଜିଲ୍ଲାପାଳଙ୍କୁ ଭେଟିଥିଲେ।

## ବେଲପଡ଼ା କଲେଜରେ ସଚେତନତା କାର୍ଯ୍ୟକ୍ରମ

ବେଲପଡା,୧୦।୯ (ସମିସ):ସ୍ଥାନୀୟପଞ୍ଚାୟତସମିତିମହାବିଦ୍ୟାଳୟରେ ଏକାଦଶ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସିଡିପିଓ ବିଦ୍ୟୁତପ୍ରଭା ନାଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ସୌମ୍ୟରଞ୍ଜନ



ପଟ୍ଟନାୟକ, ଶଙ୍କର ମେହେର, ସିଆରସିସି (ସୁଲେକେଲା) ଯଶୋବନ୍ତ କୁମ୍ଭାର, ସିଆରସିସି (ବେଲପଡା ବିପିନ ସିଂ), ମହାବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରାଧ୍ୟାପକ ତନ୍ମୟ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ସୁରେଶ ମେହେର ସଭାପତିତ୍ୱ କରିଥିଲେ। ଛାତ୍ରୀଙ୍କୁ ବାଲ୍ୟ ବିବାହର କୁପରିଣାମ, ଯୌନ ନିର୍ଯାତନା ଆଇନ ଉପରେ କୁହାଯାଇଥିଲା। ସେହିଭଳି ଅଧାରୁ ପାଠ ନ ଛାଡିବାକୁ ପରାମର୍ଶ ଦିଆଯାଇଥିଲା। ଅଧ୍ୟାପକ ସୁଦାମ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁ ରାସ୍ତାରେ ବର୍ଷା ପାଣି ଲହଡ଼ି



ମ.ରାମପୁର,୧୦।୯ (ସମିସ):ମଦନପୁର ରାମପୁର ବ୍ଲକ୍ ନୁନପୁର ଗାଁ ପୋଷ୍ଟ ଅଫିସ ପଡା ମୁଖ୍ୟ ରାସ୍ତାର କିଛି କଂକ୍ରିଟ ଅଂଶ ଖାଲ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଉକ୍ତ ପଡ଼ା ମଝିରେ ପ୍ରାୟ ୧୦୦ ମିଟର ଜାଗାରେ ପ୍ରାୟ ୧ ଫୁଟ ପାଣି ରହି ରାସ୍ତାରେ କୃତିମ କେନାଲର ଭ୍ରମ ସୃଷ୍ଟି ହେବା ସହ ପାଣି ନିଷ୍କାସନ ହୋଇ ନପାରି ଦାଣ୍ଡରେ ଅହରହ ଜମି ରହିଛି। ପ୍ରାୟ ୫ ବର୍ଷରୁ ଅଧିକ ହେବ ଏହି ସମସ୍ୟା ଲାଗି ରହିଛି।ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା ପାଇଁ ପଡ଼ା ବାସୀ ପାଣି କାଦୁଅର ଅସହ୍ୟ ଯନ୍ତ୍ରଣାରେ ନୟାନ୍ତ ହେଲେଣି। ଅନ୍ୟପଟେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜର କୌଣସି ବ୍ୟବସ୍ଥା ନଥିବା ଓ ପଡ଼ାର ଦୁଇ ପାଶ୍ୱର୍ର ଉଚ୍ଚସ୍ତରରେ ପିଚୁ ହେବା ଫଳରେ ପଡ଼ା ମଝିର କଂକ୍ରିଟ ରାସ୍ତା ଖାଲୁଆ ହେଇ ସମସ୍ୟା ହେଉଥିବା ପଡାବାସୀ କହିଛନ୍ତି। ଉକ୍ତ ରାସ୍ତା ଦେଇ ଗୋଟିଏ ପେଟ ଜାତୀୟ ରାଜପଥ ୫୯ ନମ୍ବରକୁ ସଂଯୋଗ କରୁଥିବା ବେଳେ ଅନ୍ୟପଟେ ଶ୍ରୀ ଏଜୁକେଶନ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଛି।ଏହାସହ ନୁନପୁର, ଉଲୁରୁପି, ଜାମବାହାଲି,ଗାଁର ଲୋକେ ନିତ୍ୟ ବିହିବାହାର୍ଯ୍ୟ ସାମଗ୍ରୀ ସକାଶେ ଉକ୍ତ ରାସ୍ତାଦେଇ ମ. ରାମପୁର ସହରକୁ ଯାଇଥାନ୍ତି। ତା ସହ ସାଧାରଣ ଲୋକେ ଯିବା ଆସିବା ସଙ୍ଗେ ସ୍କୁଲ,କଲେଜ୍ ଛାତ୍ରଛାତ୍ରୀ ସେହି ଆଣ୍ଠୁଏ ପାଣି ଭିତର ଦେଇ ପ୍ରତିଦିନ ସ୍କୁଲ, କଲେଜ୍‌କୁ ପାଠ ପଢିବାକୁ ଯାଇଥାନ୍ତି। ବିଶେଷ କରି ପୋଷ୍ଟ ଅଫିସକୁ ଆସୁଥିବା ଲୋକେ ଏଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ୍ ପ୍ରଶାସନ ଗ୍ରାମ୍ୟ ସଡ଼କ ଯୋଜନା ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜମି ରହୁଥିବା ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ନୂତନ ଭାବେ ଏହାରି ଉପରେ କଂକ୍ରିଟ ପକାଇ ଉଚ୍ଚ କରିବା ସହ ଲୋକଙ୍କ ଗମନାଗମନରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।

## ନଗର ଯାଦବ ସମାଜର ବୈଠକ

ଭବାନୀପାଟଣା,୧୦।୯ (ସମିସ):ଭବାନୀ ପାଟଣା ନଗର ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଥିଲା।ସଭାକାର୍ଯ୍ୟ ପତିରାମ ହଂସ ପରିଚାଳନା କରିଥିଲେ।ସଭାରେ ଭବାନୀପାଟଣାର ବିଭିନ୍ନ ୱାର୍ଡରୁ ବରିଷ୍ଠ ସଭ୍ୟ ଅର୍ଜୁନ ଧଙ୍ଗଡାମାଝୀ, କନ୍ଦର୍ପ ରାଉତ, ସଂକୀର୍ତ୍ତନ ଭାଟି, ସୀତାରାମ ଘି, ସନ୍ତୋଷ ବିଶି, ଦୁର୍ଗ ନିଆଲ, ଧବଳେଶ୍ୱର ବାଗ, ରଥାଙ୍ଗ ବେମାଲ, ଅର୍ଜୁନ ଭାଟି, ରେବତୀ ଖର୍ଶେଲ, ନରେନ୍ଦ୍ର ଘି, ରବିନାରାୟଣ କରୁଆଁ, ପ୍ରଭାତୀ ଜାଲ, ମନୋରଞ୍ଜନ ରଏ, ଘାସିରାମ ବଛା, ସଂଜିତା ରାଉତ, ପରମେଶ୍ୱର କାଣ୍ଡ, ପୂର୍ଣଚନ୍ଦ୍ର ରାଉତ, ବିଶ୍ୱନାଥ ବାଗ, ଅଂକୁର ଯାଦବ ମଞ୍ଚାସୀନ ରହି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ନଗର ଯାଦବ ସମାଜର ଶ୍ରବଣ କୁମାର ଗୁପ୍ତ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଯାଦବଙ୍କ ସର୍ବାଙ୍ଗୀନ ଉନ୍ନତି ଯଥା ଅବହେଳିତ, ଅସହାୟ, ନିର୍ଯାତିତ ଓ ପ୍ରତାରିତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ, ଗୃହ ଯୋଜନାରୁ ବଞ୍ଚିତ, ଚାକିରି ଏବଂ କର୍ମ ଯୋଗାଣ ତଥା ବ୍ୟବସାୟୀକ ପ୍ରତିଷ୍ଠାନ ପ୍ରତିଷ୍ଠାରେ ଅକ୍ଷମ, ନାରୀ ନିର୍ଯାତନା ପରିବାର ଦ୍ୱାରା ଲାଞ୍ଛିତ ସମୂହ ସମସ୍ୟାର ସମାଧାନ ପାଇଁ ଦୃଢ଼ ସମାଜ ସଂଗଠନର ଆବଶ୍ୟକତା ରହିଛି ବୋଲି ଶ୍ରୀ ଗୁପ୍ତ ପ୍ରକାଶ କରିଥିଲେ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଭବାନୀପାଟଣା ନଗର ଯାଦବ ସମାଜର ନୂତନ କମିଟି ଗଠନ ନିମନ୍ତେ୧୭ ଜଣିଆ ବରିଷ୍ଠ ସଦସ୍ୟ ଚୟନ କରାଗଲା ଏବଂ ଜିଲ୍ଲାର ଅଭ୍ୟର୍ଦ୍ଧନା କମିଟି ସଭାପତି ଗିରିଧାରୀ ଗୌଡ଼ ଓ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟବେକ୍ଷକ ରାଜୁ ଘିବେଲାଙ୍କୁ ସାକ୍ଷାତ କରି ଯଥାଶୀଘ୍ର ଭବାନୀପାଟଣା ନଗର ଯାଦବ ସମାଜର ନୂତନ କମିଟି ଗଠନ ନିମନ୍ତେ ତାରିଖ ଧାର୍ଯ୍ୟ କରିବାପାଇଁ ସୂଚନା ଦେବେ। ଯଦି ଜିଲ୍ଲାର ଅଭ୍ୟର୍ଦ୍ଧନା କମିଟିର ସଭାପତି ଓ ପର୍ଯ୍ୟବେକ୍ଷକ ନୂତନ କମିଟି ଗଠନ ପାଇଁ ଅବହେଳା କରନ୍ତି ତାହେଲେ ଆଜିର ପ୍ରସ୍ତୁତି ବୈଠକର ନିଷ୍ପତ୍ତିକ୍ରମେ ନୂତନ କମିଟି ଗଠନ କରାଯିବ ଏବଂ ଉତ୍କଳ ଯାଦବ ମହାସଭା ପାଖକୁ ଯାଇ ତାହାର ସ୍ୱୀକୃତି ଅଣାଯିବ। ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଟିଟିଲାଗଡ,୧୦।୯ (ସମିସ): ଟିଟିଲାଗଡ଼ର ଡିଏଭି ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ମମତା ଦେବୀ ଜୈନ, ମୁଖ୍ୟବକ୍ତା ଭାବେ ବିଷ୍ଣୁଚରଣ ଚୌଧୁରୀ, ସମ୍ମାନିତ ବକ୍ତା ଭାବେ ଅଚ୍ୟୁତ ପୁରୋହିତ, ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ମେହେର, ଯୁକ୍ତ ଦୁଇ ଅଧ୍ୟକ୍ଷ ଦେବଦତ୍ତ ଗୁରୁ, ପରିଚାଳନା କମିଟିର ପୂର୍ବତନ ସଭାପତି ଡ ଦୋଳଗୋବିନ୍ଦ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଇଂରାଜୀ ପ୍ରାଧ୍ୟାପକ ଦେବଦତ୍ତ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ଗୋବିନ୍ଦ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରମାକାନ୍ତ ବେହେରା, ଅରୁଣ ପ୍ରଧାନ, କୃଷ୍ଣଚନ୍ଦ୍ର ଶତପଥୀ, ସଞ୍ଜୟ ପଟ୍ଟନାୟକ, ବିପିନ ରାଉତ, ସସ୍ମିତା ପାଣିଗ୍ରାହୀ, ଆଲୋକ ଲକ୍ଷ୍ମୀ ବେହେରା, ଅଳକା ନନ୍ଦା ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗିରରେ ଅତିରିକ୍ତ ରେଳ ଡିଭିଜିନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଦାବିକୁ ସାଂସଦଙ୍କ ସମର୍ଥନ

ବଲାଙ୍ଗିର,୧୦।୯ (ସମିସ): ବଲାଙ୍ଗିରରେ ଅତିରିକ୍ତ ରେଳ ଡିଭିଜିନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଦାବିକୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ସମର୍ଥନ କରିଛନ୍ତି। ରେଳ ଉପଭୋକ୍ତା ସଂଘ ବୈଠକର ନିଷ୍ପତ୍ତି ଅନୁସାରେ ବଲାଙ୍ଗିରରେ ଇଷ୍ଟକୋଷ୍ଟ ରେଲୱେର ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି କରି ରେଳମନ୍ତ୍ରୀଙ୍କୁ ଚିଠି କରାଯାଇଥିଲା। ତାହାର ଗୋଟିଏ କପି ସ୍ଥାନୀୟ ସାଂସଦମାନଙ୍କ ଇ-ମେଲକୁ ମଧ ଦିଆଯାଇଥିଲା। ତାହାର ପ୍ରତି ଉତ୍ତରରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗିରରେ ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜର କାର୍ଯ୍ୟାଳୟ ଖୋଲିବାକୁ ରେଳମନ୍ତ୍ରୀଙ୍କୁ ଚିଠି କରିଛନ୍ତି। ଏହାକୁ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ, ବରଗଡ ରେଳ ଉପଭୋକ୍ତା ସଂଘ, ସୋନପୁର ସଂଘ, ବଲାଙ୍ଗିରର ଅନେକ ସଂଘ ସ୍ୱାଗତ କରିଛନ୍ତି। ଏଥିଲାଗି ପ୍ରଫେସର ତରୁଣ ମିଶ୍ର ରାଜ୍ୟସଭା ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ବଲାଙ୍ଗିରରେ ଲିଫ୍ଟ କାମ କଚ୍ଛପ ଗତିରେ ଚାଲିଛି। ବଲାଙ୍ଗିରରୁ ଭୁବନେଶ୍ୱରକୁ ଏକ ସକାଳୁଆ ଟ୍ରେନ, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ ଏବଂ ବଲାଙ୍ଗିରରେ ପିଆଇଟି ଲାଇନ ପାଇଁ ବିଭିନ୍ନ ସମୟରେ ଦାବି ହେଉଛି। ରେଳବାଇ କିନ୍ତୁ କର୍ଣ୍ଣପାତ କରୁନି। ଏଥିପାଇଁ ଆନ୍ଦୋଳନ ହୋଇପାରେ ବୋଲି ପ୍ରଫେସର ମିଶ୍ର ଦର୍ଶାଇଛନ୍ତି।

## ବିଡିଓଙ୍କୁ ଜିପିଏଲଏଫ କର୍ମୀଙ୍କ ଦାବିପତ୍ର ପ୍ରଦାନ



ମହୁଲଡିହା/ଠାକୁରମୁଣ୍ଡା, ୧୦।୯ (ସମିସ): ଠାକୁରମୁଣ୍ଡା ବ୍ଲକରେ କାର୍ଯ୍ୟରତ ସିଆରପି, ଏମବିକେ, ବ୍ୟାଙ୍କମିତ୍ର ତଥା ଅନ୍ୟ କର୍ମୀମାନେ ସୋମବାର ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ପଦବୀ ଅନୁସାରେ ମିଳୁଥିବା ଦରମା ଜାରି ରଖିବା ପାଇଁ ଦାବି କରିଛନ୍ତି। ବର୍ତ୍ତମାନ ସରକାର ଦାୟିତ୍ୱ ସମ୍ପାଦନ ଆଧାରରେ ଅର୍ଥ ପ୍ରଦାନ ବ୍ୟବସ୍ଥା କରିଥିବାରୁ ଏହାକୁ କର୍ମୀମାନେ ବିରୋଧ କରିଛନ୍ତି। ଏହାକୁ ବିରୋଧ କରି କେହି ଚଳିତ ମାସର ପରଫର୍ମାନ୍ସ ସିଟ ପୂରଣ କରିନଥିବା ଦର୍ଶାଇଛନ୍ତି। ପରଫର୍ମାନ୍ସ ଆଧାରରେ ସମସ୍ତଙ୍କୁ ପଦବୀ ଆଧାରରେ ଦରମା ମିଳିବ ନାହିଁ। କାର୍ଯ୍ୟ ସମ୍ପାଦନ ପେମେଣ୍ଟ ଆଧାର କରାଯାଇଥିବାରୁ ଏହାକୁ ସାମୂହିକ ବିରୋଧ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ମିଶନ ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୟୂରଭଞ୍ଜ ଜିଲାପାଳ, ଡିପିଏମ, ଡିପିସି, କମିଶନର ମିଶନ ଶକ୍ତି ସମେତ ବିଭିନ୍ନ ଅଧିକାରୀଙ୍କୁ ଦିଆଯାଇଛି।

### ୧୭ରୁ ସୁସ୍ଥ ନାରୀ ଓ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଭିଯାନ

## ସମାଜର ସବୁ ବର୍ଗଙ୍କୁ କରାଯିବ ସାମିଲ



ବାରିପଦା, ୧୦।୯ (ସମିସ): ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ସମ୍ପର୍କିତ ଏକ ବିଭିନ୍ନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କ ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଯକ୍ଷ୍ମା ରୋଗର ପରୀକ୍ଷା, ଟିକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ ଓ ଥାଲାସେମିଆ ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା'ମାନଙ୍କ ଅଂଶ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ଏହି ଅଭିଯାନ ସମୟରେ ପିଏଚସି, ସିଏଚସି ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ଓ ବୟୋବନ୍ଦନା ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ କରାଯିବ। ଏହାର ଶତ ପ୍ରତିଶତ ସଂତୃପ୍ତି ହାସଲ ପାଇଁ ଦାୟିତ୍ୱର ସହ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କିଶୋର କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହିତ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଅଣସଂକ୍ରାମକ ରୋଗ ବିଭାଗର ନିହାର ରଞ୍ଜନ ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଜରାଟରେ ଶ୍ରମିକଙ୍କୁ ପଥର ଛେଚି ହତ୍ୟାକଲା ନାବାଳକ; ନୀଳଗିରିରୁ ଅଭିଯୁକ୍ତ ଗିରଫ

ବୈଶିଙ୍ଗା, ୧୦।୯।(ସମିସ): ବୈଶିଙ୍ଗା ଥାନା ଅଧୀନ କଣ୍ଟିପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ସାନପୁଅ ଉତ୍ତମ ବିକାଶ ଗୁଜରାଟ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ଜଣେ ନାବାଳକ ତାଙ୍କ ମୁଣ୍ଡ ଉପରେ ପଥର ଛେଚି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏ ନେଇ ଟିଭିରେ ଖବର ପ୍ରକାଶ ହେବା ପରେ ପରିବାର ଲୋକେ ଗୁଜରାଟ ଯାଇ ମୃତଦେହ ଆଣିବାକୁ ବିଧାୟକ ଏବଂ ପ୍ରଶାସନ ସବୁ ବ୍ୟବସ୍ଥା କରିଥିଲେ; ହେଲେ ସେଠାରେ ଯାଇ ପହଞ୍ଚିଲା ବେଳକୁ ଶବ ସଢ଼ିବା ଆରମ୍ଭ ହୋଇଯାଇଥିଲା। ପୁଣି ସେଠାରୁ ଆସିବାକୁ ଆହୁରି ୩ଦିନ ଲାଗିଥାନ୍ତା। ତେଣୁକରି ମୃତକଙ୍କ ବଡଭାଇ ବାଧହୋଇ ସେଠାକାର ପୁଲିସ ସହାୟତାରେ ଶବ ସତ୍କାର କଲେ। ଏବେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ସୂଚନା ଅନୁଯାଇ ଗୁଜରାଟ ମୋରବି ଜିଲ୍ଲାର ୱାଙ୍କନେର ତାଲୁକା ପୁଲିସ ଅଧୀନରେ ଥିବା ଏକ ଘରୋଇ ଟାଇଲ କମ୍ପାନୀରେ ରହି କାମ କରୁଥିଲେ ଉତ୍ତମ। ପରେ ତାଙ୍କ ନିକଟରେ ବାଲେଶ୍ୱର ନୀଳଗିରି ଅଞ୍ଚଳର ୧୬ ବର୍ଷୀୟ ନାବାଳକ ରହୁଥିଲା। ତେବେ କୌଣସି କଥାକୁ ନେଇ ରବିବାର ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଉତ୍ତମ ଉକ୍ତ ନାବାଳକକୁ ଚାପୁଡା ମାରିଥିଲେ। ଏଥିରେ ନାବାଳକ ଜଣକ ପ୍ରତିଶୋଧ ପରାୟଣ ହୋଇ ରାତିରେ ଏକ ପଥର ଉତ୍ତମଙ୍କ ମୁଣ୍ଡରେ ଚେଛି ଦେଇଥିଲା। ଫଳରେ ଉତ୍ତମଙ୍କ ମୃତ୍ୟୁ ଘଟିଥିଲା। ପରେ ପାଖ ବୁଦା ମୂଳକୁ ଫିଙ୍ଗି ଦେଇଥିଲା ଶବକୁ। ତେବେ ତାଲୁକା ପୁଲିସ ଅଧିକାରୀ ଏଚ କେ ଜାଡେଜା ଶବ ବ୍ୟବଚ୍ଛେଦ କରାଇବା ପରେ ତଦନ୍ତ ଆରମ୍ଭ କରିଥିଲେ। ପରେ ନୀଳଗିରି ଅଞ୍ଚଳର ନାବାଳକକୁ ଗିରଫ କରିଥିଲେ। ନାବାଳକ ପୁଲିସ ସମ୍ମୁଖରେ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲା।

## ୩୮ ଲିଟର ମଦ ଜବତ; ୨ ମହିଳା ଗିରଫ

କୁଆମରା, ୧୦।୯ (ସମିସ): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୨ଜଣ ମହିଳାଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୩୮ ଲିଟର ଦେଶୀ ମଦ ଜବତ ହୋଇଛି। ଚତୁର୍ଶଳା ଗ୍ରାମର କୁମତି ବେହେରା (୪୧)ଙ୍କଠାରୁ ୨୦ ଲିଟର ଓ ରାଣୀବନ୍ଧ ଗ୍ରାମର ଫୁଲମଣୀ ମାରାଣ୍ଡି (୩୬)ଙ୍କ ଠାରୁ ୧୮ ଲିଟର ଜବତ ହୋଇଥିବା ବେଳେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିବେକାନନ୍ଦ କେନ୍ଦ୍ରରେ ବିଶ୍ୱ ଭାତୃତ୍ୱ ଦିବସ ପାଳିତ



ବାରିପଦା, ୧୦।୯ (ସମିସ): ବାରିପଦା ବିବେକାନନ୍ଦ କେନ୍ଦ୍ର ଶାଖା ଆନୁକୂଲ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନଗର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର ଅଖିଳ ଭାରତୀୟ ମହାସଚିବ ଭାନୁଦାସ ଧାକ୍ରାସ ମୁଖ୍ୟଅତିଥି ରୂପେ ଯୋଗଦେଇ ସନାତନ ବୈଦିକ ଧର୍ମ ଓ ମହାନ ମିଳିତ ଭାରତୀୟ ସଂସ୍କୃତି ଉପରେ ଆଧାରିତ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନ, ଦର୍ଶନ ଓ ବିଚାରଧାରା କିପରି ବିଶ୍ୱ ଐକ୍ୟ ଓ ଭାଇଚାରାର ମଞ୍ଜି ବପନ କରିଥିଲା ସେ ନେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ଓଡ଼ିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବାରିପଦା ଶାଖାର ନଗର ପ୍ରମୁଖ ଶିବଶଙ୍କର ଗିରି ମଞ୍ଚ ସଞ୍ଚାଳନ ଓ କାର୍ଯ୍ୟାଳୟ ପ୍ରମୁଖ ଡ଼ଃ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାମୀଜୀଙ୍କ ଚିକାଗୋ ବିଶ୍ୱଧର୍ମ ମହାସମ୍ମିଳନୀରେ ପ୍ରଦତ୍ତ କାଳଜୟୀ ଉଦ୍‌ଘାଟନୀ ବକ୍ତୃତା ଏବଂ ବିବେକ ବାଣୀ ଉପସ୍ଥାପନ କରିଥିଲେ। ବାରିପଦା ସ୍ନାତକ ମହାବିଦ୍ୟାଳୟ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେତନଟୀ ମହାବିଦ୍ୟାଳୟ, ବାଇଗଣବାଡିଆ ମହାବିଦ୍ୟାଳୟ ଓ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ୱାଧ୍ୟାୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବକୁ ଶାଖାର ସହନଗର ପ୍ରମୁଖ ଡ. ସିଦ୍ଧେଶ୍ୱର ପଣ୍ଡା ଓ ସଙ୍ଗୀତା ଦାଶ ପରିଚାଳନା କରିଥିଲେ। ରବୀନ୍ଦ୍ର ମହାପାତ୍ର, କ୍ଷଣପ୍ରଭା ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ଡ଼ଃ ଅଞ୍ଜଳି ପଣ୍ଡା, ସଂଯୁକ୍ତା ଚାନ୍ଦ, ମାନସ କୁମାର ନାୟକ, ଡ. ରମାକାନ୍ତ ମହାନ୍ତ, ଅନୁକୂଳ ପଟ୍ଟନାୟକ, ଡ଼ଃ ସମର ପାଢ଼ୀ, କରମଚାନ୍ଦ ବୈଠା ଓ ଦୀପକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାନ୍ତାଳୀ ପରମ୍ପରା ଓ ସାମାଜିକ ସଚେତନତା ଶିବିର



ବହଳଦା, ୧୦।୯ (ସମିସ): ତିରିଂ ବ୍ଲକ ଅନ୍ତର୍ଗତ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟର ଏକ ସାମାଜିକ ଓ ସାନ୍ତାଳୀ ପରମ୍ପରା ଶୀର୍ଷକ ଦୁଇ ଦିବସୀୟ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ସାନ୍ତାଳ ସମାଜରେ ବିଭିନ୍ନ ରୋଗ ବ୍ୟାଧିର ଉପଚାର ସାମାଜିକ ପରମ୍ପରା ମାଧ୍ୟମର ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ସାମାଜିକ ଚଳଣୀ ଏବଂ ସରଳ ଉପଚାର ମାଧ୍ୟମରେ ନିରାକରଣ ପାଇଁ ସଚେତନତା ଉପରେ ଆଲୋଚନା ହୋଇଥିଲା। ଏହା ଦିଶମ ହାପଲାମ୍ ବୀରଗାଳ, ରାମଗଡ଼, ଝାରଖଣ୍ଡ ଏବଂ ଆସେକା ଓଡ଼ିଶା ତିରିଂ ଶାଖାର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ତିରିଂ ଆସେକାର ସଭାପତି ଛୋଟରାୟ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଝାଡ଼ଖଣ୍ଡର ଦୁମକା ଜିଲ୍ଲା, ଗଡ୍ଡା ଜିଲ୍ଲା, ସିଂହଭୂମ ଜିଲ୍ଲା ତଥା ଦିଲ୍ଲୀ, ପଶ୍ଚିମବଙ୍ଗର ପୁରୁଲିଆ, ଝାଡଗ୍ରାମ, ମିଦିନାପୁର ଏବଂ ଓଡ଼ିଶାର ଭୁବନେଶ୍ୱର, ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତିନିଧି ଯୋଗ ଦେଇଥିଲେ। ସାନ୍ତାଳ ସମାଜର ପାରମ୍ପରିକ ବ୍ୟବସ୍ଥା ଏବଂ ଚଳଣୀ ଦ୍ୱାରା ଅନ୍ଧ ବିଶ୍ୱାସର କୁପରିଣତିକୁ କିପରି ଏଡାଇ ଦିଆଯାଇପାରିବ ସେ ନେଇ ଶ୍ରୀ ଲାଖାଇ ଟୁଡୁ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ସଭାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୈତନ୍ୟପ୍ରସାଦ ମାଝୀ (ଆବାହକ ଭାରତୀୟ ସାନ୍ତାଳୀ ଭାଷା ବିଭାଗ), ବିନ୍ଦେ ସୋରେନ୍ (ସମାଜ ମୁଖ୍ୟ, କଦମା, ଝାରଖଣ୍ଡ)ଙ୍କ ସମେତ ବହୁ ମୁଖ୍ୟ ଯୋଗଦେଇଥିଲେ। ଶେଷରେ ରାମରାୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର



ବାରିପଦା, ୧୦।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୁଳପତି ପ୍ରଫେସର ଡ଼ଃ ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ କଲେଜରୁ ୨୪ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୪ ଜଣ ସ୍ୱେଚ୍ଛାସେବୀ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ନିମନ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଶିବିର ପରିଚାଳନା କରିଥିଲେ। ପଞ୍ଚମ ବାଟାଲିୟନର ଇନିସପେକ୍ଟର(ଏ) ଅସିତ କୁମାର ପତି, ହାବିଲଦାର କୋମଳ ବାହାଦୂର ପାଉଡେଲ ଏବଂ ସିପାହୀ ଅରୁଣ କୁମାର ମହାନ୍ତ ଶିବିରକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଶ୍ୱବିଦ୍ୟାଳୟ ଜାତୀୟସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ଉଷା ଶତପଥୀ, ସୀମାନ୍ତ ମହାବିଦ୍ୟାଳୟ ପୋଗ୍ରାମ ଅଫିସର ଆରତୀ ହୋ, ଉତ୍କଳ ବନାନୀ ମହାବିଦ୍ୟାଳୟ ପୋଗ୍ରାମ ଅଫିସର ହରମୋହନ ମହାନ୍ତ, ସ୍ନାତକୋତ୍ତର ପୋଗ୍ରାମ ଅଫିସର ଡଃ ବିଷ୍ଣୁପ୍ରିୟା ହାଁସଦା ଏବଂ ବରିଷ୍ଠ ସହାୟକ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା, ୧୦।୯ (ସମିସ): ବୈଶିଙ୍ଗାରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ୩ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏଏସଆଇ ସୁବ୍ରତ କୁମାର ସାହୁ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ରଙ୍ଗାମାଟିଆ ଛକ ନିକଟରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଦା ଘାଟରୁ ଚୋରା ବାଲି ନେଇ ଏକ ଟ୍ରାକ୍ଟର ଆସୁଥିବା ବେଳେ ପୁଲିସ ଜବତ କରି ଥାନାକୁ ଆଣିଥିଲା। ସେହିପରି ପାଟଳିପୁରା ଘାଟରୁ ଅନ୍ୟ ଏକ ଟ୍ରାକ୍ଟର ବାଲି ନେଇ ଆସୁଥିବା ବେଳେ ମୋହନପୁର ଛକ ନିକଟରେ ଗାଡିକୁ ଅଟକାଇ ପୁଲିସ ଡ୍ରାଇଭରକୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଥିଲା। ଅନୁରୂପ ଭାବେ ବେଲାଣପୁରା ଘାଟରୁ ଟ୍ରାକ୍ଟର ଚୋରା ବାଲି ବୋଝେଇ କରି ବୈଶିଙ୍ଗା ପଟକୁ ଆସୁଥିବା ବେଳେ ବଡାମ ଛକ ନିକଟରୁ ଡ୍ରାଇଭରକୁ ଗିରଫ କରିବା ସହ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି ପୁଲିସ।

## ସହିଦ ବାଘାଯତୀନଙ୍କ ବଳିଦାନ ଦିବସ ପାଳିତ



କପ୍ତିପଦା, ୧୦।୯ (ସମିସ): ମହୁଲଡିହାଠାରେ ବୁଧବାର ସହିଦ ବାଘାଯତୀନ ସ୍ମୃତି ପୀଠରେ ୧୧୦ତମ ବଳିଦାନ ଦିବସ ଓ ସହିଦ ସ୍ମାରକୀ ସମାରୋହ ପାଳିତ ହୋଇଯାଇଛି। ସକାଳ ସାଢେ ୭ଟାରେ ଶୋଭାଯାତ୍ରାରେ କେଦାର କୁଟୀର ପରିଦର୍ଶନ, ୮ଘଟିକାରେ ସ୍ମୃତି ବେଦୀରେ ଜାତୀୟ ପତାକା ଉତ୍ତୋଳନ, ପୂର୍ବାହ୍ନ ୧୦ଘଟିକାରେ ସହିଦ ସ୍ମାରକୀ ଶୋଭାଯାତ୍ରାରେ ନଗର ପରିକ୍ରମା ଓ ୧୧ଘଟିକା ସମୟରେ ସହିଦ ସ୍ମାରକୀ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ତଥା ମୁଖ୍ୟ ଅତିଥି ଭାସ୍କର ମଢ଼େଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଉପଖଣ୍ଡ ଉପ ଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯୋଗଦେଇ ବର୍ବର ଇଂରେଜ ସାଶନ ବିରୋଧରେ ଲଢେଇ କରି ସହିଦ ହୋଇଥିବା ବାଘାଯତୀନଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଭଳି ନିର୍ଭୀକ ଓ ସାହସୀ ହେବାପାଇଁ ଆଗାମୀ ପିଢ଼ିକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଆଶିଷ କୁମାରମହାପାତ୍ର, ବିଡ଼ିଓ ରେଶମା ଟେଟେ ଯୋଗଦେଇଥିଲେ। ଏହି ଅବସରରେ କବି ବିଷ୍ଣୁ ଶତପଥୀ, ସାରସ୍ୱତ ସାଧକ ଭାଗବତ ପଣ୍ଡା ଓ ବର୍ଷିଆନ ସମାଜସେବୀ ମାଧବ ଚନ୍ଦ୍ର ସାହୁ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ନବୀନ କୁମାର ପାତ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ କୃଷି ଉପ ନିର୍ଦ୍ଦେଶକ ପରେଶ୍ କୁମାର ସାହୁଙ୍କ ଦ୍ୱାରା ରଚିତ 'ପୁନଶ୍ଚ ପୃଥିବୀ ଓ ରସାତଳର ପୃଥିବୀ'ପୁସ୍ତକ ଲୋକାର୍ପଣ ହୋଇଥିଲା ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## 'ଗେଟ୍' ପରୀକ୍ଷା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ




ବାରିପଦା, ୧୦।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗେଟ୍ ପରୀକ୍ଷା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ୍‌ଫ ଓ ଆଇଆଇଟି ଖଡଗପୁର ଜୋନାଲ୍ ଅଫିସ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଟି ଖଡଗପୁରର ପ୍ରଫେସର ଅଜୟ ସିଦ୍‌ପାରା ଛାତ୍ରଛାତ୍ରୀଙ୍କୁ ଗେଟ୍ ପରୀକ୍ଷାର ପ୍ରକ୍ରିୟା, ପରୀକ୍ଷା ପଦ୍ଧତି ଓ ସର୍ବୋପରି ଗେଟ୍ ପରୀକ୍ଷାର ଫଳାଫଳ ବା ଗେଟ୍ ସ୍କୋର୍‌ର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ସିଦ୍‌ପାରା ଗେଟ୍ ସ୍କୋର ଦ୍ୱାରା କେବଳ ବିଭିନ୍ନ ଶ୍ରେଷ୍ଠ ପ୍ରତିଷ୍ଠାନରେ ଉଚ୍ଚଶିକ୍ଷା ନୁହେଁ ବରଂ ବିଭିନ୍ନ ନିଯୁକ୍ତି, ଫେଲୋସିପ, ସ୍କଲାରସିପ୍, ବାହାର ଦେଶରେ ଯେଉଁ ଉଚ୍ଚଶିକ୍ଷାର ସୁଯୋଗ ରହିଛି ସେ ନେଇ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜୈବପ୍ରଯୁକ୍ତି ବିଭାଗର ପ୍ରଫେସର ବିଶ୍ୱଜିତ ରଥ ଏବଂ ଗବେଷଣା ଓ ବିକାଶ ସେଲ୍‌ଫର ସଦସ୍ୟ ଡ. ସ୍ୱରୂପାନନ୍ଦ ବିଷୋୟୀ ପରିଚାଳନା କରିଥିଲେ।

## ପାଞ୍ଚପିଢ଼ ମହିଳା ଡିଗ୍ରୀ କଲେଜରେ ପ୍ରବେଶ ଉତ୍ସବ



କରଞ୍ଜିଆ, ୧୦।୯ (ସମିସ): କରଞ୍ଜିଆ ସହରରେ ଥିବା ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷର ପ୍ରଥମ ବାର୍ଷିକ ଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅଧ୍ୟକ୍ଷା ପ୍ରଣତୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ସେବତୀ ପୃଷ୍ଟି ନବଗତ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟ ନୀତି ଓ ନିୟମ, ବିକାଶ ଓ ଇତିହାସ ସମ୍ପର୍କରେ ଅବଗତ କରିଥିଲେ। ପରେ ବରିଷ୍ଠ ଅଧ୍ୟାପକ ଅନିଲ ଚାରୁଦର୍ଶୀ ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପିକା ଏନ୍‌ଏସ ପାୟଲ ନୂତନ ଛାତ୍ରୀଙ୍କୁ ମହାବିଦ୍ୟାଳୟର ନିୟମ ମାନି ଶୃଙ୍ଖଳିତ ହେବକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଘଣା ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଢଉ ନାଁରେ ନିର୍ଦ୍ଦୋଷଙ୍କୁ ଗିରଫ କରୁଛି ଅବକାରୀ ବିଭାଗ

ବହଳଦା, ୧୦।୯ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ସୋମବାର ତିରିଂ ଥାନା ଅନ୍ତର୍ଗତ ଟୁଡୁକାମ, ଜୋଟା, ପୋଖରିଆ ଏବଂ ପାଣ୍ଡୁପାଣି, ଗ୍ରାମରେ ଚଢଉ କରିଥିଲେ। ଚଢଉ ସମୟରେ ବିପୁଳ ଦେଶୀ ରନ୍ଧା ମଦ ଓ ମହୁଲ ପୋଚ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଚଢଉରେ ଡୁଡୁକାମ ଗ୍ରାମରୁ ଗିରଫ ହୋଇଥିବା ଲାଲୁ ସୋରେନ୍ ମଦ ପିଇବାକୁ ଯାଇଥିବାବେଳେ ତାଙ୍କୁ ଗିରଫ କରାଯାଇଥିବାନେଇ ଅଭିଯୋଗ କରିଛନ୍ତି ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ। ସେ ଅଭିଯୁକ୍ତ ନୁହନ୍ତି ବୋଲି ଜଣାଇଲା ପରେ ବି ତାଙ୍କୁ ଗିରଫ କରାଯାଇଥିଲା। ପରେ ବହଳଦା ଅବକାରୀ ଥାନାରେ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କୁ ଜାମିନରେ ନେବାକୁ କହିଥିଲେ। ତେବେ ସେ ଅଭିଯୁକ୍ତ ହୋଇ ନ ଥିବାରୁ ତାଙ୍କୁ କାହିଁକି ଜାମିନରେ ନେବୁ ବୋଲି ସେ କହିଥିଲେ। ଫଳରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ବହଳଦା ଅବକାରୀ ଅଧିକାରୀ ରଣଜୀତ ସବରଙ୍କୁ ଯୋଗାଯୋଗ କରିବାରୁ ଅବକାରୀ ବିଭାଗ ଟିମ୍ ପକ୍ଷରୁ ଚଢଉ କରାଯିବା ବେଳେ ସେ ଘଟଣା ସ୍ଥଳରୁ ଦୌଡି ପଳାଉଥିବାରୁ ତାକୁ ଗୋଡାଇ ଧରିଥିଲେ କର୍ମଚାରୀ। ଏହାପରେ ସେ ନିଜେ ଅଭିଯୁକ୍ତ ପରି ଜବତ ଦେଶୀ ମଦ ଘରୁ କାଢି ବାହାର କରି ଗାଡିରେ ରଖିଥିଲେ ଏବଂ ସେ ଅଭିଯୁକ୍ତ ନୁହନ୍ତି ବୋଲି କିଛି କହି ନ ଥିଲେ। ଫଳରେ ଅଭିଯୁକ୍ତ ଭାବେ ଲାଲୁଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରକୃତ ଦୋଷୀଙ୍କୁ ଧରିବା ପରିବର୍ତ୍ତେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରି ମାମଲା ରୁଜୁ କରାଯିବା ଅନ୍ୟାୟ ବୋଲି ଶ୍ରୀ ସାମାଡ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିରେ ସମ୍ପୃକ୍ତ ଅବକାରୀ ଅଧିକାରୀଙ୍କ ବିରୋଧରେ ନ୍ୟାୟାଳୟରେ ମାମଲା ରୁଜୁ କରିବେ ବୋଲି ସେ କହିଛନ୍ତି।

## ପ୍ରସବ ପରେ ଯନ୍ତ୍ରଣା ସହି ନ ପାରି ଏଏନଏମଙ୍କ ଆତ୍ମହତ୍ୟା

ଶୁଳିଆପଦା, ୧୦।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ବାରିଗାଁ ଗ୍ରାମରେ ଜଣେ ଏଏନଏମ୍ ପ୍ରସବ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। କଣ୍ଟିସାହି ପଞ୍ଚାୟତ ବାରିଗାଁର ସ୍ୱର୍ଗତ ପଣ୍ଡୁଚରଣ ଧଳଙ୍କ ଝିଅ ବନିତା ଧଳ (୨୯) କାଳଟିଆ ସେଣ୍ଟରରେ ଏଏନଏମଭାବେ ଚାକିରି କରୁଥିଲେ। ଗତ ୩ବର୍ଷ ପୂର୍ବରୁ ପାକଟିଆ ଗ୍ରାମର ଲୋକନାଥ ସିଂଙ୍କ ପୁଅ ମହୋହର ସିଂଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବନିତା ଗର୍ଭବତୀ ଥିବାବେଳେ ଗତମାସ ୨୯ ତାରିଖରେ ବାରିପଦା ପିଆରଏମ ମେଡିକାଲରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ପ୍ରସବ ସମୟରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଘରକୁ ଫେରିବା ପରେ କୌଣସି କାରଣରୁ ଅସ୍ତ୍ରୋପଚାର କରାଯାଇଥିବା ଷ୍ଟିଚ ଖୋଲିଯାଇଥିଲା। ଫଳରେ ସେହି ସ୍ଥାନରେ ପୂଜ ଜମାଟ ବାନ୍ଧିଥିଲା। ଘରୋଇଭାବରେ ତାଙ୍କୁ ପ୍ରତିଦିନ ଡ୍ରେସିଂ ହେବାକୁ ପଡୁଥିଲା; ହେଲେ ଧୀରେ ଧୀରେ କ୍ଷତ ଅଧିକ ହେବା ସହିତ ତାଙ୍କୁ ଭୀଷଣ କଷ୍ଟ ସହିବାକୁ ପଡୁଥିଲା। ଫଳରେ ଯନ୍ତ୍ରଣା ସହି ନ ପାରି ଶେଷରେ ଚରମ ନିଷ୍ପତ୍ତି ନେଇ ୧୨ଦିନର ନବଜାତକ ଶିଶୁକୁ ଛାଡିଦେଇ ବାପଘର ବାଡି ପଛ ପଣସ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘର ଲୋକେ ମଙ୍ଗଳବାର ଭୋର ୪ଟାରେ ବନିତାଙ୍କୁ ବିଛଣାରେ ନ ପାଇ ଖୋଜିଥିଲେ। ପରେ ଝୁଲନ୍ତା ଅବସ୍ଥାରେ ଦେଖି ଶୁଳିଆପଦା ଥାନାକୁ ଖବର ଦେଇଥିଲେ। ଖବର ପାଇ ଏଏସଆଇ ସନ୍ତୋଷ କୁମାର ନାୟକ ପହଞ୍ଚି ଶୁଳିଆପଦା ତହସିଲଦାର ନାରାନ ମାଝୀଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ବନିତାଙ୍କ ଏକ ହାତଲେଖା ସୁଇସାଇଡ ନୋଟ ଜବତ କରିଥିବା ବେଳେ ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ କାହାରିକୁ ଦାୟୀ କରିନାହାନ୍ତି। କେବଳ ଯନ୍ତ୍ରଣା ସହି ନ ପାରିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଚିଠିରେ ଉଲ୍ଲିଖିତ ରହିଛି। ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ପ୍ରକାଶ କରିଛନ୍ତି।

# ଜଏରାଟ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୦।୯ (ସମିସ): କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟ ରଥ, ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଇଓ ଲକ୍ଷ୍ମଣ ଦେହୁରୀ, ଏଏଚ୍‌ଓ ନିଶିପ୍ରଭା ବେହେରା, ବିଏସ୍‌ଏସ୍‌ଓ ଝସକେତନ ସାହୁ, ଭିଏଡବ୍ଲ୍ୟୁ ଜଗନ୍ନାଥ ଦେହୁରୀ, ଡିଇଓ (ଆରସିଏମ୍) ସରୋଜ କୁମାର ପ୍ରଧାନ, ବିପିସି (ଓଏଲ୍‌ଏମ୍) ସାଗରକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

କିଶୋରନଗର,୧୦।୯ (ସମିସ): କିଶୋରନଗର ବ୍ଲକ୍ ଧଉରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ମେହେର ୨୦୨୪-୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏଥିପାଇଁ କିଶୋରନଗର ମଣ୍ଡଳ ବିଜେପି ପ୍ରଭାରୀ ଡା. ଅଲେଖ ପ୍ରଧାନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଡା. ପ୍ରଧାନ ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷୟିତ୍ରୀ ନୀଳୟ କୁମାରୀ ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଶିକ୍ଷକ ମେହେରଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ତରଫରୁ ମଧ୍ୟ ଶିକ୍ଷକ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ନୟନୀ କୋଇଲା ଖଣିରୁ କୋଇଲା ପରିବହନ ପ୍ରତିଶ୍ରୁତି

# ଟ୍ରକ ମାଲିକ ସଙ୍ଘର ଧାରଣା ପ୍ରତ୍ୟାହୃତ



ଛେଣ୍ଡିପଦା,୧୦।୯ (ସମିସ): ନୟନୀ କୋଇଲା ଖଣିରୁ କୋଇଲା ପରିବହନ ଦାବିରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଖଣି ସମ୍ମୁଖରେ ଦୀର୍ଘ ୧୦ ଦିନ ହେବ ଅହୋରାତ୍ର ଧାରଣା ଦିଆଯାଇଥିଲା। ମଙ୍ଗଳବାର ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ନୟନୀ କୋଇଲା ଖଣିରୁ ଅଗ୍ରାଧିକାର ଭିତ୍ତିରେ ଛେଣ୍ଡିପଦାର ଟ୍ରକଗୁଡ଼ିକ କୋଇଲା ପରିବହନ କରିବା ସହ ଉଚିତ ପ୍ରାପ୍ୟ ଦାବି ନେଇ ଧାରଣା ଦିଆଯାଇଥିଲା। ଏ ନେଇ ନୟନୀ କୋଇଲା ଖଣିର ସିଙ୍ଗରେନି କର୍ତ୍ତୃପକ୍ଷ ଓ ଖଣିରୁ ପରିବହନ ପାଇଁ ଚୁକ୍ତି କରିଥିବା ସଂସ୍ଥା ସହ ଛେଣ୍ଡିପଦା ଟ୍ରକ ମାଲିକ ସଙ୍ଘର ବାରମ୍ବାର ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ନ ବାହାରିବାରୁ ଟ୍ରକ ମାଲିକମାନେ ବାଧ୍ୟ ହୋଇ ଧାରଣା ଦେଇଥିଲେ। ଏପରିକି ଉକ୍ତ କୋଇଲା ଖଣିରେ ସଂଘର ଟ୍ରକ ବ୍ୟତୀତ ଅନ୍ୟ କାହାର ଟ୍ରକ ଦ୍ୱାରା କୋଇଲା ପରିବହନ କରାଇ ଦେବନି ବୋଲି କଡ଼ା ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ନୟନୀ କୋଇଲା ଖଣି ଜିଏମ ଦେବଦୁଲାର ବୈଦ୍ୟ, ପ୍ରକଳ୍ପ ଅଧିକାରୀ ବି ମାଧବ ରାଓ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଉପସ୍ଥିତିରେ ଟ୍ରକ ମାଲିକ ସଂଘର ଆଲୋଚନା ହୋଇଥିଲା। ଖଣି କର୍ତ୍ତୃପକ୍ଷ ଟ୍ରକ ମାଲିକ ସଙ୍ଘର ଦାବିକୁ ମାନିନେବା ସହ ନୂତନ ଟେଣ୍ଡର ପରେ ପରିବହନ ଦାୟିତ୍ୱ ଛେଣ୍ଡିପଦା ଟ୍ରକ ମାଲିକ ସଂଘକୁ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନରେ ଟ୍ରକ ମାଲିକ ସଂଘ ସମ୍ପାଦକ ସୁବୋଧ ବେହେରା, ଗାଁ ସଭାପତି ଚନ୍ଦ୍ରମଣି ପ୍ରଧାନ, କୋଷାଧ୍ୟକ୍ଷ ନୃସିଂହ ଚରଣ ଦେହୁରୀ, ପୂର୍ବତନ ସମ୍ପାଦକ ଦୀପକ କୁମାର ପ୍ରଧାନ, ଯଶୋବନ୍ତ ପ୍ରସାଦ ବେହେରା, ମିଲୁ ବେହେରା, ସନ୍ତୋଷ ବେହେରା, ବନବିହାରୀ ସାହୁ, ମୋହନ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ସୁର ଚନ୍ଦନ, ବିନୋଦ ବିହାରୀ ମହାପାତ୍ର, ସନ୍ଦୀପ ସାହୁ, ଟିକନ ବେହେରା, ବାବୁଲି ଦେହୁରୀଙ୍କ ସମେତ ଶତାଧିକ ଟ୍ରକ ମାଲିକ ଯୋଗଦେଇଥିଲେ।

# ସାର ଅଭାବୀ ବିକ୍ରି; ଉପଜିଲ୍ଲାପାଳଙ୍କୁ ଫେରାଦ



ପାଲଲହଡ଼ା,୧୦।୯ (ସମିସ): ପାଲଲହଡ଼ା ବ୍ଲକର ୧୧ଟି ସମବାୟ ସମିତିରେ ବ୍ୟାପକ ଭାବେ ୟୁରିଆ ସାର ସଙ୍କଟ ଲାଗିରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପାଲଲହଡ଼ା ଉପଖଣ୍ଡ କୃଷକ ମଣ୍ଡଳ ସ୍ଥାନୀୟ ଉପଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛି। ଉପଖଣ୍ଡ କୃଷକ ମଣ୍ଡଳ ସଭାପତି ବିଷ୍ଣୁପ୍ରସାଦ ବେହେରାଙ୍କ ନେତୃତ୍ୱରେ ୫ଟି ପଞ୍ଚାୟତର ସଭାପତିଙ୍କ ସମେତ ବିଭିନ୍ନ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଚାଷକାର୍ଯ୍ୟ ଆରମ୍ଭରୁ ଆଜିପର୍ଯ୍ୟନ୍ତ ପାଲଲହଡ଼ା ବ୍ଲକର କୌଣସି ସମିତିକୁ ୟୁରିଆ ସାର ଆସିନାହିଁ। ସରକାରୀ ପଞ୍ଜିକୃତ ଏବଂ କିଛି ଅସାଧୁ ସାର ବ୍ୟବସାୟୀଙ୍କଠାରେ ମହଜୁଦ ଥିବା ସାରକୁ ଚାଷୀ ଚଢ଼ା ଦରରେ କ୍ରୟ କରୁଛନ୍ତି। ୟୁରିଆ ସାରର ସରକାରୀ ଦର ୨୬୬ ଟଙ୍କା ଥିବା ବେଳେ ଚାଷୀ ୫୫୦ରୁ ୭୦୦ଟଙ୍କା ଦେଇ ବାଧ୍ୟବାଧକତାରେ କ୍ରୟ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କଠାରୁ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ କୃଷକ ମଣ୍ଡଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଧାନ ଚାଷର ବର୍ତ୍ତମାନ ପର୍ଯ୍ୟାୟରେ ୟୁରିଆର ଯଥେଷ୍ଟ ଆବଶ୍ୟକତା ଥିବାବେଳେ ପାଲଲହଡ଼ାର କୌଣସି ସମିତିକୁ ସାର ଆସିପାରିଲା ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ଯୋଗାଣ ଅଧିକାରୀ ଏବଂ ସହକାରୀ ସମବାୟ ସମିତି ନିବନ୍ଧକଙ୍କ ସହ ତୁରନ୍ତ ଆଲୋଚନା କରିଥିଲେ। ଏଥିସହ ସାର କମ୍ପାନୀ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରି ୫ ଦିନ ମଧ୍ୟରେ ସାର ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ଡିମିରିଆ ପଞ୍ଚାୟତ କୃଷକ ମଣ୍ଡଳ ସଭାପତି ଝସକେତନ ପ୍ରଧାନ, ସିଗଡ଼ ପଞ୍ଚାୟତର ପ୍ରଶ୍ନ ସାହୁ, ବାଡିସୁଆଁ ପଞ୍ଚାୟତର ଶରତ ବିଶ୍ୱାଳ, ବାନ୍ଧଭୂଇଁ ପଞ୍ଚାୟତର ପଦ୍ମଲୋଚନ ପ୍ରଧାନ, ଖେମଲା ପଞ୍ଚାୟତର ବସନ୍ତ ବିଶ୍ୱାଳ, ଖମାର ପଞ୍ଚାୟତର ପ୍ରଶ୍ନ ସାହୁ, ଚାଷଗୁରୁଜାଙ୍ଗ ପଞ୍ଚାୟତର ନୀଳମଣି ନାଏକ ଏବଂ ରାଜଡଙ୍ଗ ପଞ୍ଚାୟତର ସୁଜନ ସାମଲ, ଛବିଳ ସାହୁ, ଭୀମସେନ ସାହୁ ପ୍ରମୁଖ ସାମିଲ ଥିଲେ। ପାଞ୍ଚ ଦିନ ମଧ୍ୟରେ ସାର ନ ପହଞ୍ଚିଲେ କୃଷକ ମଣ୍ଡଳ ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ତାଲା ପକାଇ ଛାତ୍ରୀଙ୍କୁ ଝାଡୁରେ ପିଟିଲେ ପ୍ରଧାନଶିକ୍ଷୟିତ୍ରୀ !

ପାଲଲହଡ଼ା,୧୦।୯ (ସମିସ):

ପାଲଲହଡ଼ା ଜମରଡିହ ବନ୍ଧାଭୂଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ତାଲା ପକାଇ ଝାଡୁରେ ପିଟିଛନ୍ତି। ଛାତ୍ରୀଙ୍କ ପରିବାର ପକ୍ଷରୁ ଏ ନେଇ ଅଭିଯୋଗ ପରେ

■ ପ୍ରଶାସନିକ ତଦନ୍ତ ଆରମ୍ଭ
■ ଘଟଣାକୁ ମିଛ କହିଲେ ପ୍ରଧାନଶିକ୍ଷୟିତ୍ରୀ
■ ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଘଟଣାସ୍ଥଳ ପରିଦର୍ଶନ

ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଅପରପକ୍ଷେ ଅନ୍ଧବିଶ୍ୱାସ ଯୋଗୁଁ ଏପରି ଭୁଲ ବୁଝାମଣା ଘଟିଥିବା ବିଧାୟକ ଅଶୋକ ମହାନ୍ତି କହିଛନ୍ତି।



ସୂଚନା ଅନୁସାରେ ପୀଡ଼ିତା ଛାତ୍ରୀ ଜଣକ ହଷ୍ଟେଲରେ ରହୁଛନ୍ତି। ଗତ ୩୧ ତାରିଖ ରବିବାର ଖୁଦୁରୁକୁଣୀ ଓଷାର ଶେଷପାଳି ଥିବାରୁ ଝିଅକୁ ଦିନକ ପାଇଁ ଛାଡ଼ିବାକୁ ବାପା ମା' ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କୁ ଛଡ଼ାଯିବ ନାହିଁ, ବାଧ୍ୟକଲେ ଆଉ ସେ ହଷ୍ଟେଲରେ ରହିପାରିବ ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ ଶୁଣାଇ ଦେବାରୁ ଦୁହେଁ ନିରାଶ ହୋଇ ଘରକୁ ଫେରିଥିଲେ। ପରଦିନ ସାହିର ଖୁଦୁରୁକୁଣୀ ବିସର୍ଜନ ଶୋଭାଯାତ୍ରା ବିଦ୍ୟାଳୟ ଦେଇ ଯିବା ସମୟରେ ଛାତ୍ରୀ ଜଣକ ହଷ୍ଟେଲରେ ଅଚେତ ହୋଇପଡ଼ିଥିଲେ। ପରେ ଛାତ୍ରୀଙ୍କୁ ଏକ ଗୃହରେ ତାଲା ପକାଇ ପ୍ରଧାନଶିକ୍ଷୟିତ୍ରୀ ଝାଡୁରେ ପିଟିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜଣେ ଶିକ୍ଷକଙ୍କଠାରୁ ଖବର ପାଇ ବାପା ମା' ହଷ୍ଟେଲରେ ପହଞ୍ଚି ଝିଅକୁ ଘରକୁ ନେଇଯାଇଥିଲେ। ପରଦିନ ଛାତ୍ରୀ ଜଣକ ସ୍କୁଲକୁ ଆସିଥିଲେ ସୁଦ୍ଧା ତାଙ୍କୁ ବିଦ୍ୟାଳୟରେ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା ଏବଂ ବିଦ୍ୟାଳୟ ଫାଟକ ସମ୍ମୁଖରୁ ଫେରାଇ ଦିଆଯାଇଥିଲା। ଲଗାତର ଛାତ୍ରୀ ଜଣକ ବିଦ୍ୟାଳୟ ଫାଟକ ସମ୍ମୁଖରୁ ଫେରିବା ପରେ ବାପା ମା' ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରୀ ଓ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ସୋମବାର ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଥିଲେ। ବିଧାୟକ ଅଶୋକ ମହାନ୍ତି ମଧ୍ୟ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ, ଛାତ୍ରୀ ଓ ତାଙ୍କ ବାପା ଓ ମାଆଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିବାକୁ କହିଥିଲେ। ଅନ୍ୟପକ୍ଷରେ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ପ୍ରଧାନଶିକ୍ଷୟିତ୍ରୀ ସଫେଇ ଦେଉଥିବା ବେଳେ ମାଡ଼ ମାରିବାର କ'ଣ ପ୍ରମାଣ ଅଛି ବୋଲି ପଚାରିଥିଲେ। ସେହିପରି ପୂର୍ବତନ ବିଧାୟକ ମୁକେଶ ପାଲ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବୁଧବାର ଜମରଡିହ ଯାଇଥିଲେ। ଅଭିଯୋଗ ସତ୍ୟ ଏବଂ ଏହାକୁ ଚାପିଦେବା ପାଇଁ ବିଧାୟକଙ୍କ ଚାପରେ ପ୍ରଶାସନ କାର୍ଯ୍ୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତଦନ୍ତ ସରି ନ ଥିବା ବେଳେ ବିଧାୟକ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀଙ୍କ ସମ୍ମୁଖରେ କ୍ଲିନ୍ ଚିଟ୍ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ଏଥିରୁ ପ୍ରଧାନଶିକ୍ଷୟତ୍ରୀଙ୍କ ସହ ବିଧାୟକଙ୍କ ସଲାସୁତୁରା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପୂର୍ବତନ ବିଧାୟକ ପାଲ କହିଛନ୍ତି।

# ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ




ଅନୁଗୋଳ,୧୦।୯ (ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଏଆଇସିସି ପକ୍ଷରୁ ନିଯୁକ୍ତ ପୂର୍ବତନ ସାଂସଦ ଡିକେ ସୁରେଶ ଜିଲ୍ଲା କଂଗ୍ରେସ ଭବନରେ ପହଞ୍ଚିବା ପରେ ପ୍ରଥମେ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଓଡ଼ିଶାରେ ଦଳର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିବା ସହ ଆଗାମୀ ଦିନରେ ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟକଲେ ଏଭଳି କୌଣସି ଶକ୍ତି ନାହିଁ ଯେ କଂଗ୍ରେସକୁ କ୍ଷମତାରୁ ଦୂରେଇ ରଖିପାରିବ ବୋଲି ପ୍ରକାଶ କରିଥିଲେ। ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଗ୍‌ଗେ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶାବାସୀଙ୍କ ଭାବାବେଗକୁ ମୂଲ୍ୟାଙ୍କନ କରି ତୃଣମୂଳ ସ୍ତରରୁ କର୍ମୀମାନଙ୍କ ମତାମତକୁ ନେଇ ଜିଲ୍ଲା ସଭାପତି ଚୟନ କରିବା ପାଇଁ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ କରିଛନ୍ତି। ସମସ୍ତ ଜିଲ୍ଲା ପାଇଁ ମଧ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସେହି ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅନୁଗୋଳ ଜିଲ୍ଲା ପାଇଁ ତାଙ୍କୁ ନିଯୁକ୍ତି ମିଳିଛି। ସେ ଅନୁଗୋଳରେ ତିନିଦିନ ରହି ସମସ୍ତ ବ୍ଲକ, ନଗର ତଥା ସମସ୍ତ ବର୍ଗର କର୍ମୀଙ୍କ ମତାମତ ସଂଗ୍ରହ କରି ଏଆଇସିସି ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ସମସ୍ତ ବର୍ଗର ସାମାଜିକ କର୍ମୀଙ୍କୁ ମଧ୍ୟ ଭେଟି ମତ ସଂଗ୍ରହ କରିବେ ବୋଲି ପ୍ରକାଶ କରିଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ତିନିଜଣିଆ ପର୍ଯ୍ୟବେକ୍ଷକ ମଧ୍ୟ ପଠାଇଛନ୍ତି। ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିନୋଦ କୁମାର ପାତ୍ର ଓ ନିରଞ୍ଜନ ନାୟକ ପ୍ରଦେଶ କଂଗ୍ରେସ ପକ୍ଷରୁ ତାଙ୍କ ସହ ମିଶି ଆସିଥିଲେ। ମହମ୍ମଦ ମୋକିମ ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ କହିଲେ, କଂଗ୍ରେସ ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ବିରୋଧୀ ଦଳର ଭୂମିକା ନିଭାଉଛି। ଅନୁଗୋଳ ଜିଲ୍ଲା ଆଜି ବହୁ ସମସ୍ୟା ଦେଇ ଗତି କରୁଛି। ଚାଷୀର ବଡ଼ ସମସ୍ୟା ବନ୍ୟଜନ୍ତୁର ପ୍ରାଦୁର୍ଭାବ। ହାତୀ ପ୍ରତ୍ୟେକ ଦିନ ଜିଲ୍ଲାର ଧନଜୀବନ ନଷ୍ଟ କରୁଛନ୍ତି। ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚାଷୀଙ୍କୁ ଶୋଷଣ କରାଯାଉଛି। ଜିଲ୍ଲାର ବଡ଼ ସମସ୍ୟା ବାୟୁ ପ୍ରଦୂଷଣ। କମ୍ପାନୀ ପରେ କମ୍ପାନୀ ଗଢ଼ି ଉଠୁଛି, ହେଲେ ସ୍ଥାନୀୟ ଲୋକଙ୍କ ସମାନ୍ୟ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଜନସାଧାରଣଙ୍କ ସମସ୍ୟାକୁ ଠିକ ଭାବେ ଉପସ୍ଥାପନ କେବଳ କଂଗ୍ରେସ ହିଁ କରିଥାଏ। ଆଜି ବି ଜନତା କଂଗ୍ରେସ ପ୍ରତି ବିମୁଖ ହୋଇନାହାନ୍ତି। ସେମାନେ ଉଚିତ ନେତୃତ୍ୱ ଚାହାଁନ୍ତି। ସେମାନଙ୍କ ଆଶା ଓ ଆକାଂକ୍ଷାକୁ ଚରିତାର୍ଥ କରିବା ପାଇଁ କଂଗ୍ରେସ ନେତୃତ୍ୱ ସଙ୍ଗଠନ ସୃଜନ ଅଭିଯାନ ଜରିଆରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ସମ୍ମାନ ଦେଇ ସଭାପତି ଚୟନ କରିବ। ଏଣୁ ଏ ପ୍ରକ୍ରିୟାରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ବିନୋଦ ବିହାରୀ ପାତ୍ର, ନିରଞ୍ଜନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ଜିଲ୍ଲା ସଂଯୋଜକ ଅମ୍ବିକା ପ୍ରସାଦ ଭଞ୍ଜ ସଭାପତିତ୍ୱ କରିଥିଲାବେଳେ ସସ୍ମିତା ବେହେରା, ବିଜୟାନନ୍ଦ ଚାଉଳିଆ, ଦିଗମ୍ବର ଗଡ଼ନାୟକ, ପ୍ରଫୁଲ୍ଲ ଦାସ, ଜିତେନ୍ଦ୍ର କୁମାର ସାହୁ, ଜଗଦାନନ୍ଦ ପ୍ରଧାନ, ରୂପାଦୀପା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ; ଜଣେ ଗିରଫ

କିଶୋରନଗର,୧୦।୯ (ସମିସ): କିଶୋରନଗର ଥାନା ତୁଳସୀପୁର ଗ୍ରାମର ପ୍ରଦୀପ ଦେହୁରୀଙ୍କ ଘରେ ମଙ୍ଗଳବାର ପୁଲିସ ଚଢ଼ଉ କରି ୧୨ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ପ୍ରଦୀପଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରଦୀପ ବେଆଇନ ଭାବେ ଘରେ ଚୋରା ଗଞ୍ଜେଇ ରଖି ବାହାରକୁ ଚାଲାଣ କରୁଥିଲେ ବୋଲି ପୁଲିସ କହିଛି।

# ୫ ଦିନ ହେବ ଆମ୍ବୁଲାନ୍ସ ସେବା ବନ୍ଦ

■ ରୋଗୀ ହନ୍ତସନ୍ତ

କିଶୋରନଗର,୧୦।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ୨ଟି ଅଚଳ ଅବସ୍ଥାରେ ପଡ଼ି ରହିଥିବାରୁ ୧୦ ପଞ୍ଚାୟତର ୪୦ ହାଜରରୁ ଊର୍ଦ୍ଧ୍ୱ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଆମ୍ବୁଲାନ୍ସ ବିନା ଷ୍ଟେପିନରେ ଚାଲୁଥିବା ବେଳେ ବର୍ତ୍ତମାନ



ଗୋଟିଏ ଚକ ପଙ୍କଚର ହୋଇଯାଇଛି। ଫଳରେ ୫ ଦିନ ହେବ ଉକ୍ତ ଆମ୍ବୁଲାନ୍ସ ସେବା ଯୋଗାଇପାରୁ ନ ଥିବା ଚାଳକ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ଅନ୍ୟ ଆମ୍ବୁଲାନ୍ସର ସର୍ଭିସିଂ ହୋଇପାରି ନାହିଁ। ଫଳରେ ଏଥିରେ ରୋଗୀ ପରିବହନରେ ବହୁତ୍ ଅସୁବିଧା ହେଉଛି। ଗାଡ଼ି ସର୍ଭିସିଂ କରିବାକୁ ଚାଳକ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆମ୍ବୁଲାନ୍ସ ୨ଟିକୁ ସଚଳ କରିବା ସହ ରୋଗୀସେବା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

୪୦ ବର୍ଷ ହେବ ନିଜସ୍ୱ ଘର ନାହିଁ

# ସ୍କୁଲର ପରିତ୍ୟକ୍ତ ଶ୍ରେଣୀ ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

ପାଲଲହଡ଼ା,୧୦।୯ (ସମିସ): ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଦୀର୍ଘ ୪୦ ବର୍ଷ ବିଭିନ୍ନ ଲୋକଙ୍କ ବାରଣ୍ଡାରେ ଚାଲିଥିବା ବେଳେ ଏବେ ସ୍କୁଲ ଭିତରେ ଥିବା ଏକ ପରିତ୍ୟକ୍ତ ଶ୍ରେଣୀଗୃହ ବାରଣ୍ଡାରେ ଚାଲିଛି। ନିତିଦିନ ବାଜିରେ ଲାଗୁଛି କୋମଳମୋତି ଶିଶୁଙ୍କ ଜୀବନ। କେବଳ ସେତିକି ନୁହଁ, ଏଠାରେ ଥିବା ୭୮ ବର୍ଷର ପୁରାତନ ବିଦ୍ୟାଳୟର ମଧ୍ୟ ସମାନ ଅବସ୍ଥା। ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ପବିତ୍ରପୁର ପଞ୍ଚାୟତ କଂସର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ।

ଏଠାରେ ରହିଛି କଂସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ଶ୍ରେଣୀଗୃହ ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଉପରେ ଟିଣ ଆଜବେଷ୍ଟସ ରହିଛି। ଖରା, ବର୍ଷା, ଶୀତକାକରରେ ବର୍ଷ ବର୍ଷ ଧରି ଏମିତି ବାରଣ୍ଡାରେ କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ାଯାଉଛି। ଦିନେ ନୁହଁ କି ଦୁଇ ଦିନ ନୁହଁ ୪୦ ବର୍ଷରୁ ଅଧିକ ସମୟ ହେବ ଏଭଳି ଏଠି ସେଠି ବାରଣ୍ଡାରେ ବସି ପାଠ ପଢୁଛନ୍ତି



ଶିଶୁ। ଏଠାରେ ଖାଇବା, ଖେଳିବା, ପାଠ ପଢ଼ିବା ସବୁକିଛି ହେଉଛି। ସରପଞ୍ଚଠୁ ଆରମ୍ଭ କରି ନେତାମନ୍ତ୍ରୀ ସମସ୍ତଙ୍କୁ ଗୁହାରି କରିଛନ୍ତି ଗ୍ରାମବାସୀ ହେଲେ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ସେହିଭଳି ଏଠାରେ ଥିବା ବହୁ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟ ସମାନ ଅବସ୍ଥା। ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୪ଟି ଶ୍ରେଣୀ ଗୃହ ରହିଛି। ସେଥିରୁ ଗୋଟିଏ ବିପଦସଙ୍କୁଳ ଘୋଷଣା ହୋଇଥିବା ବେଳେ ଗୋଟିଏରେ ଅଫିସ ଓ ଅନ୍ୟ ୨ଟିରେ ସମସ୍ତ ପିଲାଙ୍କୁ ପାଠ ପଢ଼ାଯାଉଛି। ଅନ୍ୟପଟେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି। ମାତ୍ର ତାହା ମଧ୍ୟ ଅଧପନ୍ତରିଆ ପଡ଼ିରହିଛି। ଶ୍ରେଣୀଗୃହ ଅଭାବ ଥିବାରୁ ସେହି ଅର୍ଦ୍ଧନିର୍ମିତ ଗୃହରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ଖେଳକୁଦ ପାଇଁ ମଧ୍ୟ ଖେଳପଡ଼ିଆଟିଏ ନାହିଁ। ଏ ସମ୍ପର୍କରେ ଅବଗତ ହେବା ପରେ ଖୁବଶୀଘ୍ର ବିଦ୍ୟାଳୟକୁ ଯାଇ ସ୍ଥିତି ଦେଖିବା ସହ ସରକାରୀ କ୍ଷେତ୍ରରେ ଯାହା ସବୁ ସୁବିଧା ହୋଇପାରିବ ତୁରନ୍ତ ଯୋଗାଇ ଦିଆଯିବ ବୋଲି ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ପ୍ରକାଶ କରିଛନ୍ତି।

ପ୍ରସ୍ତାବିତ ହିଡିଶିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ

# ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଜଙ୍ଗଲ ମନ୍ତ୍ରାଳୟ

ଅନୁଗୋଳ,୧୦।୯ (ସମିସ):

ଅନୁଗୋଳ ଜିଲ୍ଲା ବନ୍ତଳା ନନ୍ଦପୁର ପଞ୍ଚାୟତ କରଡ଼ାଶିଙ୍ଗଠାରେ ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ହିଡିଶିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ବୁଧବାର କେନ୍ଦ୍ରୀୟ ଜଙ୍ଗଲ ମନ୍ତ୍ରାଳୟର ଏକ ପ୍ରତିନିଧି ଦଳ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିରେ କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ କୋଲକାତାର ଆସିଷ୍ଟାଣ୍ଟ କମିଶନର ଡ. ସୂର୍ଯ୍ୟ ଦତ୍ତ, ଭୁବନେଶ୍ୱରର ଆସିଷ୍ଟାଣ୍ଟ ଚିଫ ଇଞ୍ଜିନିୟର ପ୍ରମୋଦ କୁମାର ନାୟକ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଜଳ ଗବେଷଣା କେନ୍ଦ୍ରର ଏସି ସରସ୍ୱତୀ ମହନ୍ତ, ଅନୁଗୋଳ ଏସଡିଓ ମନୋଜ କୁମାର ନନ୍ଦ, ଘରୋଇ ସଂସ୍ଥା ଭିଜନଟେକ୍‌ର ଟେକ୍ନିସିଆନ୍ ମନୋଜ ସାହୁ ପ୍ରମୁଖ ସାମିଲ ଥିଲେ। ପ୍ରତିନିଧି ଦଳ ପ୍ରଥମେ ପ୍ରକଳ୍ପ ନିର୍ମାଣ ହେଲେ ବୁଡ଼ି ଅଞ୍ଚଳରେ ନଷ୍ଟ ହେବାକୁ ଥିବା ରିଜର୍ଭ ଜଙ୍ଗଲ ଚାଷଜମି ଦେଖିଥିଲେ। ବାମ ଓ ଡାହାଣ କେନାଲ ଓ ଡ୍ୟାମ୍ ଅଞ୍ଚଳ ପାଇଁ ପୋତା ଯାଇଥିବା ପିଲର ପୋଷ୍ଟିଂକୁ ତଦାରଖ କରିବା ସହ ଡ୍ୟାମ୍ ନିର୍ମାଣ ସମୟରେ ବୁଡ଼ିବାକୁ ଥିବା ଅନୁଗୋଳ-ଟିକରପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପରିବର୍ତ୍ତେ ଡ୍ୟାମ୍ ପାହାଡ଼ ପାଶ୍ୱର୍ରେ ହେବାକୁ ଥିବା ପୂର୍ତ୍ତ ବିଭାଗ ରାସ୍ତା କରତ ପଟା କାଇରିଆମ୍ବ ଦେଇ ପାହାଡ଼ ପାଶ୍ୱର୍ ଦେଇ ପାମ୍ପାସର୍ ଗେଟ୍ ପାଖକୁ ଆଉ ଏକ ରାସ୍ତା ବାହାରିବ। ସେହି ରାସ୍ତାକୁ ଦେଖିବା ସହିତ ରାସ୍ତା ନିର୍ମାଣରେ କେଉଁ କେଉଁ ଗଛ ନଷ୍ଟ ହେବ ତାହା ଦେଖିଥିଲେ। ଏଥି ସହିତ ବଉଳି ନଦୀ ସହ ସଂଯୋଗ ହୋଇଥିବା ଅନ୍ୟ ନଦୀଗୁଡ଼ିକୁ ମଧ୍ୟ ଦେଖିଥିଲେ। ତଦାରଖ ପରେ କେନ୍ଦ୍ରୀୟ ଟିମ ଖୁସି ସକାରାତ୍ମକ ମତ ପ୍ରକାଶ କରିଛନ୍ତି। ପ୍ରକଳ୍ପ ନିର୍ମାଣ ହେଲେ କ୍ଷତି କମ୍ ଏବଂ ଲାଭ ବହୁଗୁଣ ହେବ ବୋଲି କହିଛନ୍ତି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଅଞ୍ଚଳର ଚାଷୀମାନେ ମରୁଡ଼ିରେ ପ୍ରପୀଡ଼ିତ ହେଉଥିଲେ। ପ୍ରକଳ୍ପ ନିର୍ମାଣ ହେଲେ ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି। କୃଷକ ମହାସଂଘର ସଭାପତି ଦୀନେଶ ଦେହୁରୀ, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ପୋକତୁଙ୍ଗା ସରପଞ୍ଚ ସୁଜିତ୍ ମହାଲିକ, ବ୍ରହ୍ମପୁର ସରୋଜ ଜେନା, କାହ୍ନୁ ଚରଣ ଦେହୁରୀ, ପୋକତୁଙ୍ଗା ଗ୍ରାମ ସଭାପତି ଲମ୍ବୋଦର ଦେହୁରୀ, ଯତୀନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ସୁଲଭ ଦେହୁରୀ, ସୁବାସ ଦେହୁରୀ, ମହେଶ୍ୱର ସାହୁ, ପ୍ରଶାନ୍ତ ପ୍ରଧାନ, ଲଛବନ୍ଧ ଗ୍ରାମର ଲକ୍ଷ୍ମଣ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ତଦାରଖ ବେଳେ କେନ୍ଦ୍ରୀୟ ଟିମ୍‌କୁ ସହଯୋଗ କରିଥିଲେ।



■ ଶ୍ୟାମସୁନ୍ଦରପୁର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ନାରୀ ନ୍ୟାୟ ବାହିନୀର ଦାବି



ଅନୁଗୋଳ,୧୦।୯ (ସମିସ): ତିନିଦିନ ତଳେ ଅନୁଗୋଳ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ଘଟିଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣା ଉପରୁ ଆଜିପର୍ଯ୍ୟନ୍ତ ପୁଲିସ ପରଦା ହଟାଇ ପାରିନାହିଁ। କେବଳ ତଦନ୍ତ ନାଁରେ ପୁଲିସ ସମୟ ଗଡ଼ାଇ ଚାଲିଛି। ବୁଧବାର ଭୁବନେଶ୍ୱରରୁ ନାରୀ ନ୍ୟାୟ ବାହିନୀର ଏକ ପ୍ରତିନିଧି ମଣ୍ଡଳୀ ଆବାହକ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଶ୍ୟାମସୁନ୍ଦରପୁର ଆସି ମୃତକଙ୍କ ବାପା, ମାଆ, ଭଉଣୀ, ଭାଉଜ ଓ ପଡ଼ୋଶୀଙ୍କଠାରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ଘଟଣାକୁ ଅତ୍ୟନ୍ତ ଜଘନ୍ୟ ବୋଲି ବର୍ଣ୍ଣନା କରିବା ସହ ଘୋର ନିନ୍ଦା କରିଛନ୍ତି। ପରିବାକୁ ସମବେଦନା ଜଣାଇ ସେମାନେ ଅନୁଗୋଳ ସଦର ଥାନାର ଆଇଆଇସିଙ୍କୁ ଭେଟି ତଦନ୍ତର ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ତଦନ୍ତ ପ୍ରକ୍ରିୟା ଶିଥିଳ ଥିବା ହୃଦବୋଧ କରି ସନ୍ଧ୍ୟାରେ ଅନୁଗୋଳ ଏସ୍‌ପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ସେହିପରି ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସ୍ମିତା ସାମଲ, ମଧୁସ୍ମିତା ଦାଶ, ରଞ୍ଜୁକ୍ତା ବେହେରା ଓ ରୂପାଦୀପ୍ତା ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଭୁବନେଶ୍ୱର ସିଟି



## ବିଏମ୍‌ସିର ସାଧାରଣ ବୈଠକରେ ନିଷ୍ପତ୍ତି

# ବସ୍ତିକୁ ୟୁଜର୍ସ ଫି’, ଇଡ୍‌କୋ ଅଞ୍ଚଳକୁ ହୋଲ୍ଡିଂ ଟିକସ

ଭୁବନେଶ୍ୱର, ୧୦।୯ (ସମିସ): ବିଏମ୍‌ସିର ୩୪ ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ଚଳିତ ପାର୍ବଣ ଋତୁ ପାଇଁ ବିଏମ୍‌ସି ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ତୁରନ୍ତ ମରାମତି କରିବାକୁ ଆଲୋଚନା ହୋଇଥିଲା। ଆସନ୍ତା ୨୦ ତାରିଖ ମଧ୍ୟରେ ରାସ୍ତା ମରାମତି କାମ ସାରିବାକୁ ଇଞ୍ଜିନିୟରିଂ ଉପବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ବିଏମ୍‌ସି ନୁହେଁ, ଆର୍‌ଆଣ୍ଡବି, ପିଡବ୍ଲ୍ୟୁଡି, ଇଡକୋ ଆଦି ସଂଯୁକ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଯୁଦ୍ଧରକାଳୀନ ଭିତ୍ତିରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

- ଏନ୍‌ଜିଓକୁ ସଫେଇ ଗାଡି ଦାୟିତ୍ୱ
- ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାକୁ ନେଇ ବୈଠକରେ ଉଦ୍‌ବେଗ
- ୨୦ ସୁଦ୍ଧା ରାସ୍ତା ଓ ବିଦ୍ୟୁତ ମରାମତି କାମ ଶେଷ କରିବାକୁ ନିର୍ଦ୍ଦେଶ

ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ରାସ୍ତାର ମାପ କରାଯିବ। ପରେ ପ୍ରକୃତରେ ବିଏମ୍‌ସିର କେତେ କିଲୋମିଟର ରାସ୍ତା, ଆରଆଣ୍ଡବିର କେତେ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଇଡକୋର କେତେ କିଲୋମିଟର ରାସ୍ତା ରହିଛି ତାର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିବ ବୋଲି କୁହାଯାଇଛି। ଭୁବନେଶ୍ୱରକୁ ସବୁଜ ସୁନ୍ଦର ସହର କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଆବାସିକ ସଂଗଠନ, କଂପାନୀମାନଙ୍କୁ ଆହ୍ୱାନ କରାଯିବ। ବିଏମ୍‌ସି ଅଞ୍ଚଳରେ ଥିବା ପଡ଼ିଆ ଜମିରେ ସେମାନେ ବୃକ୍ଷ ଚାରାରୋପଣ କରିବେ। ସମସ୍ତ ଚାରା ବିଏମ୍‌ସି ମାଗଣାରେ ଯୋଗାଇ ଦେବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। ସୁଖିଲା ବର୍ଜ୍ୟ ପରିଚାଳନା ପାଇଁ ୩ଟି ପ୍ରଶାସନିକ ମଣ୍ଡଳରେ ୬ଟି ଡବ୍ଲ୍ୟୁଟିଏସ୍ ବା ବର୍ଜ୍ୟ ପରିବହନ ଷ୍ଟେସନ ପ୍ରତିଷ୍ଠା ହେବ। ଏଠାରେ ବର୍ଜ୍ୟଗୁଡ଼ିକୁ କମ୍ପ୍ରେସ କରାଯାଇ ସେଠାରୁ ସିଧାସଳଖ ଟିଟିଏସ୍ କିମ୍ବା ସିମେଣ୍ଟ କାରଖାନାକୁ ଯିବ। ସେହିଭଳି ବିଏମ୍‌ସି ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ୪ ରୁ ୬ ଫୁଟରୁ ବଡ ବୋର୍ଡ ଲଗାଇଲେ ସେମାନଙ୍କୁ ଟିକସ ଦେବାକୁ ପଡ଼ିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ଇଡକୋ ଅଞ୍ଚଳରୁ ଏଣିକି ହୋଲ୍ଡିଂ ଟାକ୍ସ ଆଦାୟ କରିବ ବିଏମ୍‌ସି। ଏହାଦ୍ୱାରା ପ୍ରତ୍ୟେକ ବର୍ଷ ୫ରୁ ୬କୋଟି ଟଙ୍କା ବିଏମ୍‌ସି ଟିକସ ବୃଦ୍ଧି ହେବ ବୋଲି ବିଏମ୍‌ସି କମିସନର ଚଞ୍ଚଳ ରଣା କହିଛନ୍ତି। ଇଡକୋ ଅଞ୍ଚଳରେ ବସବାସ କରୁଥିବା ଏବଂ ବ୍ୟବସାୟୀକ ପ୍ରତିଷ୍ଠାନ କରିଥିବା ଲୋକେ ବିଏମ୍‌ସିକୁ ହୋଲ୍ଡିଂ ଟାକ୍ସ ଦେବେ ଏବଂ ସେହି ଅଞ୍ଚଳରେ ଉନ୍ନୟନ ମୂଳକ କାମ ତ୍ୱରାନ୍ୱିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ବସ୍ତି ବାସିନ୍ଦାଙ୍କ ଉପରେ ପଡ଼ିବ ବିଏମ୍‌ସିର ୟୁଜର୍ସ ଫି ବୋଝ। ଏଣିକି ବିଏମ୍‌ସି ବସ୍ତିରୁ ଅଳିଆ ଉଠାଇଲେ ବସ୍ତି ବାସିନ୍ଦାଙ୍କୁ ୟୁଜର୍ସ ଫି ଦେବାକୁ ପଡ଼ିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ବିଏମ୍‌ସିର ରାଜସ୍ୱ ବୃଦ୍ଧି ହେବା ସହ ବସ୍ତିବାସିନ୍ଦାଙ୍କୁ ଅଧିକ ସ୍ୱଚ୍ଛ ନିର୍ମଳ ପରିବେଶ ଯୋଗାଇ ଦିଆଯିବ।

ସେହିଭଳି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବା ଏନ୍‌ଜିଓଗୁଡ଼ିକ ଆଗାମୀ ଦିନରେ ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କରିବେ। ସଞ୍ଜ ହେଲେ ରାଜଧାନୀର ଗଳିକନ୍ଦିରେ ଜଳୁନି ଷ୍ଟ୍ରିଟଲାଇଟ୍। ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ ପଞ୍ଜୀକୃତ ହେଉଛି, ହେଲେ ସମାଧାନ ହୋଇପାରୁନି। ଷ୍ଟ୍ରିଟ୍‌ଲାଇଟ୍ ପରିଚାଳନା ଦାୟିତ୍ୱ ନେଇଥିବା ଏଜେନ୍ସିଗୁଡ଼ିକ ଠିକ୍ ଭାବେ ଦାୟିତ୍ୱ ନିଭାଉ ନ ଥିବା ବୈଠକରେ ଆଲେଶଚନା ହୋଇଥିଲା। ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବା ୧୨ଶହ ଅଭିଯୋଗ ହେଲ୍‌ପଲାଇନ୍‌ରେ ପଞ୍ଜିକୃତ ହୋଇଛି। ସେହିଭଳି ବହୁ ଦିନ ହେବ ଅତିରିକ୍ତ ଜେଇଇଙ୍କ ପଦବୀ ଫାଙ୍କା ପଡ଼ିଥିଲା। ମାତ୍ର ୨ଦିନ ହେବ ଏହି ପଦବୀରେ ଜଣେ ଅତିରିକ୍ତ ଜେଇଇ ଯୋଗଦେଇଛନ୍ତି। କର୍ମଚାରୀ ଅଭାବ ଏବଂ ଠିକାସଂସ୍ଥାର ମନମାନୀ ଯୋଗୁଁ ହଇରାଣ ହେଉଛନ୍ତି ରାଜଧାନୀବାସୀ। ଅପରପକ୍ଷେ ଠିକ କାମ ନ କଲେ ବିଦା କରିବାକୁ ମେୟର ସୁଲୋଚନା ଦାସ ଚେତାଇ ଦେଇଛନ୍ତି। ବୈଠକରେ ମେୟର, କମିସନରଙ୍କ ସମେତ ଡେପୁଟି ମେୟର ମଞ୍ଜୁଲତା କହଁର, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିସନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ସ୍ଥାନୀୟ ପ୍ରତିନିଧି ହେମନ୍ତ କୁମାର ମହାପାତ୍ରଙ୍କର ଦେହାନ୍ତ ହୋଇଯାଇଥିବାରୁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ମିଳୁନି ବର୍ଦ୍ଧିତ ଭତ୍ତା

ନିର୍ବାଚନ ବେଳେ ପ୍ରତିଶ୍ରୁତି ଦିଆଗଲା ଯେ ଭିନ୍ନକ୍ଷମ ଏବଂ ବୃଦ୍ଧମାନଙ୍କୁ ୩୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯିବ। ସରକାର ଗଠନ ହେବା ପରେ ବିଏମ୍‌ସି ଅଞ୍ଚଳରେ ତାଲିକା ପ୍ରସ୍ତୁତ ହେଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବିଏମ୍‌ସି ୮୦ବର୍ଷର ବୃଦ୍ଧା, ୮୦ପ୍ରତିଶତ ଦିବ୍ୟାଙ୍ଗଙ୍କ ତାଲିକା ପ୍ରଦାନ କଲା। ବିଏମ୍‌ସିର ପ୍ରତ୍ୟେକ ୱାର୍ଡରେ ୫ରୁ ୬ଜଣଙ୍କୁ ଥରେ ମାତ୍ର ଭତ୍ତା ମିଳିଲା। ଆଉ କାହାରିକୁ ମିଳୁନାହିଁ। ହିତାଧିକାରୀ ୩ ମାସ ହେଲା ଭତ୍ତା ବର୍ଦ୍ଧିତ ପାଇ ନାହାନ୍ତି। ଏହାକୁ ନେଇ ୪୪ ନମ୍ବର ୱାର୍ଡ କର୍ପୋରେଟର ଅଜିତ କୁମାର ବେହେରା କର୍ପୋରେସନ ବୈଠକରେ ପ୍ରଶ୍ନ କରିଥିଲେ।

### ବିଏମ୍‌ସିରେ ଲଗାମ ଉଦ୍ୟମ

ବିଏମ୍‌ସି ପ୍ରତ୍ୟେକ ୱାର୍ଡକୁ ଉନ୍ନୟମ ମୂଳକ କାର୍ଯ୍ୟ ପାଇଁ ୧କୋଟି ଟଙ୍କା ଦେଉଥିଲା। ଜନପ୍ରତିନିଧି ଏହାକୁ ୱାର୍ଡରୁ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରି ଖର୍ଚ୍ଚ କରୁଥିଲେ। ହେଲେ ଏହି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି। ଏଣିକି ଯୋଜନା ରାଜ୍ୟ ସରକାରଙ୍କ ଅନୁମୋନଦ ପରେ ପାଣ୍ଠି ଖର୍ଚ୍ଚ ହେବ। ଏହା ହେବା ଦ୍ୱାରା ଅଧିକାଂଶ ଜନହୀତକାରୀ ଯୋଜନା ଉପରସ୍ତରରେ ମଞ୍ଜୁରୀ ନ ପାଇବାର ଅଧିକ ଆଶଙ୍କା ସୃଷ୍ଟିହୋଇଛି। ଫଳରେ ଲୋକେ ହଇରାଣ ହେବେ ଜନପ୍ରତିନିଧି କିଛି କାମ କରି ପାରିବେ ନାହିଁ ବୋଲି କିଛି କର୍ପୋରେଟର ଅଭିଯୋଗ କରିଛନ୍ତି।

### ଧାରଣାରେ ବସିଲେ କର୍ପୋରେଟର

ବିଏମ୍‌ସି କାର୍ଯ୍ୟାଳୟରେ ବୈଠକ ଚାଲିଥିଲା ବେଳେ ୩୭ନମ୍ବର ୱାର୍ଡର କର୍ପୋରେଟର ବନ୍ଦିତା ପାଲ ବାହାରକୁ ଆସି ଧାରଣା ଦେଇଥିଲେ। ୩୭ନମ୍ବର ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ନ ହେବା ଓ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ କରି ସେ ଧାରଣାରେ ବସିଥିଲେ। ମେୟର ବୁଝାସୁଝା କରିବାରୁ ସେ ଧାରଣାରୁ ହଟିଥିଲେ। ତାଙ୍କ ୱାର୍ଡକୁ ପକ୍ଷପାତିତା କରାଯାଉଥିବା ଅଭିଯୋଗକୁ ମଧ୍ୟ ବିଏମ୍‌ସି ନେତୃତ୍ୱ ଖାରଜ କରିଛନ୍ତି। ୨୦୨୨-୨୩ରେ ୧୧ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୫କୋଟି ୧୯ ଲକ୍ଷ ଟଙ୍କାର କାମ ମିଳିଛି।

---

● ଯୁବକଙ୍କୁ ଅପହରଣକରି ୧୦ ଲକ୍ଷ ମୁଣ୍ଡ ଜାମିନ

## ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ



ଦଣ୍ଡିତ ହେବା ଭୟରେ ହାଜର ହେଉନଥିଲେ

ଗତକାଲି ଗିରଫ କରିଥିଲା ଏୟାରଫିଲ୍ଡ ପୁଲିସ

ଭୁବନେଶ୍ୱର, ୧୦।୯ (ସମିସ): ଏୟାରଫିଲ୍ଡ ଥାନା ଅଞ୍ଚଳରେ ଘଟିଥିବା ଯୁବକଙ୍କୁ ଅପହରଣ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଅତିରିକ୍ତ ସେସନ୍ସ ଜଜ୍-୩ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଅପହରଣ ବିଚାରକରି ଦୁଇ ଭାଇ ତଥା ପିପିଲି ରାଇସୋଳର ଆସାମୀ ରଘୁନାଥ ମହାରଣା ଓ ଆସାମୀ କାଲୁ ଚରଣ ମହାରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ୨୦୧୫ ମସିହା ଜୁନ ୧ ତାରିଖ ସନ୍ଧ୍ୟାରେ ଶିଶୁପାଳଗଡ଼ର ବୈରାଗୀ ବାରିକଙ୍କ ପୁଅ ରବୀନ୍ଦ୍ର କୁମାର ବାରିକ କୌଣସି ଏକ କାମରେ ପୋଖରୀପୁଟ ଅଞ୍ଚଳକୁ ଯାଇଥିଲେ। କାର୍ଗିଲ ବସ୍ତି ରାସ୍ତାରୁ ଦୁଇ ଭାଇ ରଘୁନାଥ ମହାରଣା ଓ କାଲୁ ଚରଣ ମହାରଣା ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଅପହରଣ କରି ନେଇଥିଲେ। ମୁଣ୍ଡ ଜାମିନ ରଖିବା ସହ ଫୋନ କରି ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦାବି କରିବା ଲାଗି ୩ଟି ଭିନ୍ନଭିନ୍ନ ମୋବାଇଲ ନମ୍ବର ବ୍ୟବହାର କରିଥିବା ବେଳେ ଅପହରଣ ଘଟଣାକୁ ରବୀନ୍ଦ୍ରଙ୍କର ଜଣେ ବନ୍ଧୁ ଦେଖି ନେଇଥିଲେ।

ରବୀନ୍ଦ୍ରଙ୍କ ବାପା ବୈରାଗୀ ବାରିକଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍‌ଆଇ ପ୍ରିୟବ୍ରତ ଦାଶ ମଧୁସୂଦନ ପାର୍କ ନିକଟରେ ଚଢ଼ଉ କରି ରଘୁନାଥକୁ ଗିରଫ କରିବା ସହ ଅପହୃତ ରବୀନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ। ଏଥିସହିତ ମୋବାଇଲ ଫୋନ, ବାଇକ୍ ଓ ଅପହରଣରେ ବ୍ୟବହୃତ ଏକ କାରକୁ ମଧ୍ୟ ଜବତ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ କାଲୁକୁ ମଧ୍ୟ ପୁଲିସ ଗିରଫ କରିଥିଲା।

ମାମଲାର ବିଚାର କରି ଆସାମୀ ରଘୁନାଥ ମହାରଣା ଓ କାଲୁ ଚରଣ ମହାରଣାଙ୍କୁ ଆଇପିସିର ଧାରା ୩୬୪(ଏ) ଆଧାରରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷର କାରାଦଣ୍ଡ ଆଦେଶ ମଧ୍ୟ ଶୁଣାଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଦୀପ୍ତ କୁମାର ମିଶ୍ର ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ତେବେ ବିଚାର ପ୍ରକ୍ରିୟା ଆରମ୍ଭରୁ ଅଭିଯୁକ୍ତମାନେ କୋର୍ଟରେ ହାଜର ହେଉଥିଲେ ମଧ୍ୟ ଶେଷ ଆଡ଼କୁ ଅନୁପସ୍ଥିତି ରହିଥିଲେ। ଦୁଇ ଅଭିଯୁକ୍ତ ଦଣ୍ଡିତ ହେବା ଭୟରେ ରାୟ ପ୍ରକାଶ ପାଇଁ ଅଦାଲତଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଦିନ ଗୁଡ଼ିକରେ କୋର୍ଟକୁ ଆସୁନଥିଲେ। ଫଳରେ ବିଚାର ପ୍ରକ୍ରିୟା ସରିଥିଲେ ମଧ୍ୟ ରାୟ ପ୍ରକାଶ ବିଳମ୍ବ ହେଉଥିଲା। ଅଦାଲତ ଦୁଇ ଆସାମୀଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟରେ ହାଜର କରିବା ପାଇଁ ଏୟାରଫିଲ୍ଡ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ଏୟାରଫିଲ୍ଡ ଥାନା ପୁଲିସ ପିପିଲି ଅଞ୍ଚଳରୁ ଦୁଇ ଭାଇଙ୍କୁ ଗିରଫ କରିଥିବା ବେଳେ ଗତକାଲି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତମାନେ ଗିରଫ ହେବାପରେ ଗତ ଏପ୍ରିଲ ମାସ ୨ ତାରିଖ ଠାରୁ ସଂରକ୍ଷିତ ଥିବା ରାୟ ଆଜି ପ୍ରକାଶ ପାଇଛି।

---

‘ରାଜଧାନୀ କଲେଜ’ରେ ତୁମୂଳକାଣ୍ଡ

## ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ସଂଘର୍ଷ



ଭୁବନେଶ୍ୱର, ୧୦।୯ (ସମିସ): ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପୂର୍ବରୁ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଅଶାନ୍ତ ହୋଇପଡ଼ିଛି। ବାଣୀବିହାର ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ଲାଗି ରହିଥିବା ଉତ୍ତେଜନା ଥମିବା ପୂର୍ବରୁ ରାଜଧାନୀର ଆଉ ଏକ ପ୍ରତିଷ୍ଠିତ କଲେଜ ‘ରାଜଧାନୀ କଲେଜ’ରେ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଛି। କଲେଜ ଭିତରକୁ ଅଣଛାତ୍ର ପ୍ରବେଶକୁ ସୁରକ୍ଷା କର୍ମୀ ବାରଣ କରିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିବା ଜଣା ପଡ଼ିଛି।

ସୂଚନା ଅନୁଯାୟୀ, ଜଣେ ଛାତ୍ରଙ୍କ ସମେତ ଜଣେ ଅଣଛାତ୍ର କ୍ୟାମ୍ପସ୍ ଭିତରକୁ ପ୍ରବେଶ କରୁଥିଲେ। ଏହାକୁ ସୁରକ୍ଷା କର୍ମୀ ବାରଣ କରିବାରୁ ଉଭୟେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଆଉକିଛି ଛାତ୍ର ହସ୍ତକ୍ଷେପ କରିବା ସହ ସୁରକ୍ଷା କର୍ମୀଙ୍କ ପ୍ରତି ନିୟମିତ ଭାବେ ଏପରି ଆଚରଣ ହେଉଥିବାରୁ ଫାଟକ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏହି ସମୟରେ ଆଉ କିଛି ଅଣଛାତ୍ର ସେଠାରେ ପହଞ୍ଚି କାହିଁକି ଗେଟ୍ ବନ୍ଦ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣା କିଛି ସମୟ ମଧ୍ୟରେ ତୀବ୍ର ସଂଘର୍ଷରେ ପରିଣତ ହୋଇଥିଲା। ଘଟଣାରେ ଉଭୟ ପକ୍ଷର ୪ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଖଣ୍ଡଗିରି ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗାଡ଼ିବିକ୍ରି ନାଁରେ ଠକେଇ: ସହଯୋଗୀଙ୍କ ସହ ଦମ୍ପତି ଗିରଫ



ଭୁବନେଶ୍ୱର, ୧୦।୯ (ସମିସ): ପୁଣି ଫେରିଲା ପାଟ ଖଣ୍ଡା ଅଟୋମୋବାଇଲ୍ସ ଠକେଇ ଘଟଣା। ପୁରୁଣା କାର ବିକ୍ରି ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଦମ୍ପତି ଓ ସହଯୋଗୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅକ୍ଷୟ କୁମାର ଗୈଡ଼ (୩୯), ପତ୍ନୀ ଉଷାରାଣୀ ବାରିକ (୩୮) ଓ ସହଯୋଗୀ ସଙ୍ଗୀତା ବାରିକ (୨୯)।

ପୁଲିସ ସୂଚନା ଅନୁସାରେ, ଅକ୍ଷୟ, ଉଷାରାଣୀ, ସଙ୍ଗୀତା ମିଶି ଜାଗମରା ଅଞ୍ଚଳରେ ମା’ ପାଟଖଣ୍ଡ ଅଟୋମୋବାଇଲ୍ସ ନାମକ ଏକ ସେକେଣ୍ଡ ହ୍ୟାଣ୍ଡ କାର ସୋରୁମ୍ କରିଥିଲେ। ସଙ୍ଗୀତା ନିଜକୁ ସଂସ୍ଥାର ସେଲ୍ସ ମ୍ୟାନେଜର ଭାବେ ପରିଚୟ ଦେଇ ସେକେଣ୍ଡ ହ୍ୟାଣ୍ଡ କାର ସୁଲଭ ମୂଲ୍ୟରେ କିଣିବା ପାଇଁ ନୂଆପଲ୍ଲୀର ତନ୍ମୟ କୁମାର ଶତପଥୀଙ୍କୁ ପ୍ରବର୍ତ୍ତାଇଥିଲେ। ସଙ୍ଗୀତା କହିବା ମୁତାବକ ଉଷାରାଣୀଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ସେହପରି ସଙ୍ଗୀତା, ସ୍ୱାମୀ ସତ୍ୟବ୍ରତ ଓ ଉଷାରାଣୀ ଉପସ୍ଥିତିରେ ଅକ୍ଷୟକୁ ୧ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ତନ୍ମୟ ୬ ଲକ୍ଷ ଟଙ୍କା ଦେଇସାରିଥିଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କୁ କାର ଦେଇନଥିଲେ କି ଟଙ୍କା ଫେରାଇନଥିଲେ। ଅଫିସ୍ ଯାଇ ବୁଝିବାରୁ ଅଭିଯୁକ୍ତମାନେ ସେକେଣ୍ଡ ହ୍ୟାଣ୍ଡ କାର ଯୋଗାଇଦେବା ଆଳରେ ଅଗ୍ରୀମ ଟଙ୍କା ନେଇ କୌଣସି କାର ପ୍ରଦାନ ଦେଇନଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅକ୍ଷୟ, ଉଷାରାଣୀ ବାରିକ ଓ ସଙ୍ଗୀତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୩ ଜଣଙ୍କ ନାଁରେ ୩୧ ମାମଲା

ପୂର୍ବରୁ ଅକ୍ଷୟ ନାମରେ ୧୦ଟି, ଉଷାରାଣୀଙ୍କ ନାମରେ ୧୬ଟି ଓ ସଙ୍ଗୀତାଙ୍କ ନାମରେ ୫ ଗୋଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତମାନେ ୫୦ ପ୍ରତିଶତ ରିହାତିରେ କାର ଯୋଗାଇବା ଆଳରେ ପ୍ରାୟ ୪୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ଦୁଇ ବର୍ଷ ପୂର୍ବରୁ ଗିରଫ ହୋଇଥିଲେ।

---

## ଫେକ୍ ଆକାଉଣ୍ଟରେ ଆପତ୍ତିଜନକ ପୋଷ୍ଟ କରି ଗିରଫ

ଭୁବନେଶ୍ୱର, ୧୦।୯ (ସମିସ): ଫେକ୍ ଆକାଉଣ୍ଟରେ ଆପତ୍ତିଜନକ ଫଟୋ ପୋଷ୍ଟ କରିଥିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଟକ ନରାଜର ଚଣ୍ଡୀ ପ୍ରସାଦ ମହାପାତ୍ର ଓରଫ୍ ପପି (୨୧)। ପୁଲିସ ସୂଚନା ଅନୁସାରେ, ପପି ଓ ମହିଳାଙ୍କ ସ୍ୱାମୀ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ପପି ତାଙ୍କୁ ଗାଳିଗୁଲଜ କରିବା ସହ ଭୟଙ୍କର ପରିଣାମ ପାଇ ଧମକ ଦେଇ ଆସୁଥିଲା। ଏହାପରେ ପପି ତାଙ୍କ ପତ୍ନୀଙ୍କ ନାମରେ ଏକ ଫେକ ଇନଷ୍ଟାଗ୍ରାମ ଆଇଡି କରି ସେଥିରେ ତାଙ୍କ ପତ୍ନୀଙ୍କ ଫଟୋ ରଖିଥିଲା। ସେହି ଆଇଡି ମାଧ୍ୟମରେ ବିଭିନ୍ନ ଆପତ୍ତି ଜନକ ଭାଷାମାନ ପ୍ରୟୋଗ କରିଥିଲା। ଫଳରେ ମହିଳାଙ୍କ ସାମାଜିକ ପ୍ରତିଷ୍ଠା କ୍ଷୁର୍ଣ୍ଣ କରିଥିଲା। ମହିଳାଙ୍କ ସ୍ୱାମୀ ଏନେଇ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପାନ ଦୋକାନରୁ ଗଞ୍ଜେଇ ଜବତ

ଭୁବନେଶ୍ୱର, ୧୦।୯ (ସମିସ): ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାହାଦଲପୁରର ପ୍ରବୀଣ କୁମାର ଜେନା (୪୨)। ପୁଲିସ ସୂଚନା ଅନୁସାରେ, ସରକନ୍ତରା କଲଭର୍ଟ ନିକଟସ୍ଥ ଏକ ପାନ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ଏୟାରଫିଲ୍ଡ ଥାନା ପୁଲିସ ଚଢ଼ଉ କରିଥିଲା। ପାନ ଦୋକାନୀ ପ୍ରବୀଣକୁ ଗିରଫ କରିବା ସହ ଦୋକାନ ଭିତରୁ ୧.୬ କିଲୋ ଓଜନର ଗଞ୍ଜେଇ ଓ ଅଢେଇ ହଜାର ଟଙ୍କା ଜବତ କରିଥିଲା। ଏନେଇ ଏୟାରଫିଲ୍ଡ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ପ୍ରବୀଣକୁ କୋର୍ଟ ଚାଲାଣ କରିଛି। ତା’ ନାମରେ ପୂର୍ବରୁ ଏୟାରଫିଲ୍ଡ ଥାନାରେ ଏକ ବେଆଇନ ମଦ ବିକ୍ରି ଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

---

ସାଇବର୍ ଠକଙ୍କ ଅଭିନବ ଚାଲ୍

## ପାଠୁଆଙ୍କୁ ଠକିବା ପାଇଁ ଅପାଠୁଆଙ୍କୁ ମୋହରା

ଭୁବନେଶ୍ୱର, ୧୦।୯ (ସମିସ): ଶିକ୍ଷିତଙ୍କୁ ଠକିବା ପାଇଁ ସାଇବର୍ ଅପରାଧୀଙ୍କ ନୂଆ କୌଶଳ। ଅପାଠୁଆଙ୍କୁ ମୋହରା କରି ସେମାନଙ୍କ ନାମରେ ପ୍ରି ଆକ୍ଟିଭ୍ ସିମ୍ ଏବଂ ବ୍ୟାଙ୍କ୍‌ରେ ମ୍ୟୁଲ୍ ଆକାଉଣ୍ଟ ଖୋଲି ବଡ଼ବଡ଼ ଶିକ୍ଷିତ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଅଭିଯୋଗ ପରେ ପୁଲିସ ଖୋଜିଖୋଜି ମୂଳ ଅପରାଧୀ ନିକଟରେ ପହଞ୍ଚିବା ପୂର୍ବରୁ ଅପାଠୁଆ ଆକାଉଣ୍ଟଧାରୀଙ୍କ ନିକଟରେ ତଦନ୍ତ ଅଟକି ଯାଉଛି। ଯାହା ଏବେ ପୁଲିସ ଏବଂ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି।

- ପ୍ରକୃତ ଠକକୁ ଖୋଜିଖୋଜି ପୁଲିସ ନାକେଦମ
- ନିରୀହ ନିରକ୍ଷର ଲୋକଙ୍କ ପାଖରେ ଅଟକି ଯାଉଛି ତଦନ୍ତ



ରାଜ୍ୟ ସମେତ ସାରା ଦେଶରେ ଅଥୟ କଲେଣି ଅଦୃଶ୍ୟ ଠକ। ନୂଆ ନୂଆ ଉପାୟରେ ଲୋକଙ୍କ କଷ୍ଟ ଉପାର୍ଜିତ ଅର୍ଥ ବ୍ୟାଙ୍କ ଆକାଉଣ୍ଟରୁ ଖାଲି କରି ଦେଉଛନ୍ତି। ଦିନକୁ ଦିନ ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ଉପରେ ଲୋକଙ୍କ ନିର୍ଭରଶୀଳତା ଯେତିକି ବଢ଼ିଛି ସାଇବର ଅପରାଧ ଓ ଅପରାଧୀଙ୍କ ସଂଖ୍ୟା ମଧ୍ୟ ସେତିକି ବଢ଼ିଛି। ନିବେଶ ଆଳରେ ଅଧିକ ରିଟର୍ଣ୍ଣର ଲୋଭ ଓ ବିଭ୍ରାନ୍ତିକର ପରାମର୍ଶ ଦେଇ କୋଟି କୋଟି ଟଙ୍କା ଚୂନ ଲଗାଉଛନ୍ତି। ଏଥିସହ ଡିଜିଟାଲ ଗିରଫଦାରୀ, ବିଦେଶରୁ ସୁନା, ବିଦେଶୀ ମୁଦ୍ରା, ମାଟ୍ରିମୋନି, ଦାମୀ ଉପହାର, କେଶର ବ୍ୟବସାୟୀରେ ପୁଞ୍ଜି ନିବେଶ, ଅଧିକ ସୁଧ, ମିଛ ନିଯୁକ୍ତି, ମିଛ କମ୍ପାନୀରେ ନିବେଶ ଓ ଟ୍ରେଡିଂ ସ୍କାମ୍ ଆଳରେ କୋଟିପତି ହେବା ଭଳି ଆଶା ଦେଖାଇ ସାଇବର ଅପରାଧୀମାନେ କୋଟି କୋଟି ଟଙ୍କା ଆତ୍ମସାତ୍ କରୁଛନ୍ତି। ରାଜଧାନୀରୁ ବର୍ଷ ତମାମ ସାଇବର ଅପରାଧୀମାନେ ଟଙ୍କା ଲୁଟି ଅସ୍ଥିର କରିସାରିଲେଣି। ତେବେ ଏସବୁ କରିବା ପାଇଁ ସାଇବର ଠକମାନେ ପ୍ରି ଆକ୍ଟିଭ୍ ସିମ୍ କାର୍ଡ ଓ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ବଡ଼ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି।

ସାଇବର ଠକେଇ ବଢ଼ିବା ପଛରେ ମ୍ୟୁଲ୍ ବା ଜାଲ୍ ଆକାଉଣ୍ଟଧାରୀ ଓ ବେନାମୀ ସିମ୍ ରହିଛି। ମ୍ୟୁଲ୍ ଆକାଉଣ୍ଟ ଖୋଲିବା ପାଇଁ ସେମାନେ ଅପାଠୁଆଙ୍କୁ ଟାର୍ଗେଟ କରୁଛନ୍ତି। ନିକଟରେ ସାଇବର ଥାନା ପୁଲିସ ଏକାଧିକ ମ୍ୟୁଲ୍ ଆକାଉଣ୍ଟଧାରୀଙ୍କୁ ଗିରଫ କରିବା ପରେ ଏଭଳି କଥା ପଦାକୁ ଆସିଛି। ଡିଜିଟାଲ ଆରେଷ୍ଟ ଆଳରେ ୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଗୁଜରାଟର ରାଜକୋଟରୁ ଭିଶାଲ ରମେଶ ଭାଇ ମଖଭାନାକୁ ଗିରଫ କରିଥିଲା ସାଇବର ଥାନା ପୁଲିସ। ସେ ମାତ୍ର ଅଷ୍ଟମ ଶ୍ରେଣୀ ଯାଏଁ ପଢ଼ିଥିବା ବେଳେ ତା’ର ବ୍ୟାଙ୍କ ଆକାଉଣ୍ଟକୁ ୨ ଲକ୍ଷ ୯୭ ହଜାର ଟଙ୍କା ଯାଇଥିଲା। ସେହିପରି ଲୁଗା କିଣିବା ନାଁରେ ୧୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଗୁଜରାଟ ତାଲୁକା ଥାନା ଅଞ୍ଚଳର ମିଳନ ଚୈହାନକୁ ଗିରଫ କରିଥିଲା। ମିଳନ ମଧ୍ୟ ଦଶମ ଫେଲ୍ ହୋଇଥିବା ବେଳେ ତା ଆକାଉଣ୍ଟକୁ ୨ ଲକ୍ଷ ୫୨ ହଜାର ଟଙ୍କା ଯାଇଥିଲା।

ସାଇବର ଠକମାନେ ପ୍ରଥମେ ବିଭିନ୍ନ ଅଞ୍ଚଳରେ ଏଜେଣ୍ଟ ନିଯୁକ୍ତ କରି ମାସକୁ ୧୫ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦେଉଛନ୍ତି। କିଭଳି ବେନାମୀ ସିମ୍ ବ୍ୟବହାର କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବ, ସେ ବିଷୟରେ ବୁଝାଉଛନ୍ତି। ଏଜେଣ୍ଟମାନେ ଗାଁକୁ ଗାଁ ବୁଲି ଘରେ ବସି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି। ବିଶେଷକରି ଅପାଠୁଆ ବ କମ୍ ପଢ଼ିଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଏଜେଣ୍ଟମାନେ ସେମାନଙ୍କଠାରୁ ଆଧାର କାର୍ଡ, ପାନ୍ କାର୍ଡ ସହ ଅନ୍ୟ ପରିଚୟପତ୍ର ନେଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ବ୍ୟାଙ୍କ ଆକାଉଣ୍ଟରେ ଆକାଉଣ୍ଟଧାରୀଙ୍କ ନମ୍ବର ବଦଳରେ ପ୍ରି ଆକ୍ଟିଭ୍ ସିମ୍ ନମ୍ବର ଦିଆଯାଉଛି। ଏଥିସହିତ ଆକାଉଣ୍ଟର ପାସବୁକ ଠାରୁ ଆରମ୍ଭ କରି ଚେକ୍ ବୁକ୍ ପର୍ଯ୍ୟନ୍ତ ସବୁକିଛି ସାଇବର ଠକଙ୍କ ପାଖରେ ରହୁଛି। ଫଳରେ ଆକାଉଣ୍ଟରେ ଟଙ୍କା ନେଣଦେଣ ସମ୍ପର୍କିତ ମେସେଜ ଆକାଉଣ୍ଟଧାରୀଙ୍କ ନିକଟକୁ ନ ଯାଇ ସାଇବର ଅପରାଧୀଙ୍କ ପାଖକୁ ଯାଉଛି। ଠକେଇର ଶିକାର ବ୍ୟକ୍ତିଙ୍କ ଟଙ୍କା ଏହି ବେନାମୀ ଆକାଉଣ୍ଟଗୁଡିକୁ ଯାଉଛି। ପ୍ରତି ଆକାଉଣ୍ଟର ହେଉଥିବା ନେଣଦେଣ ଉପରେ ୧ରୁ୨ ପ୍ରତିଶତ କମିସନ ଆକାଉଣ୍ଟଧାରୀଙ୍କୁ ଦିଆଯାଉଛି। ପରବର୍ତ୍ତୀ ସମୟରେ ସାଇବର ଠକମାନେ ଇଣ୍ଟରନେଟ ବ୍ୟାଙ୍କିଂ ଦ୍ୱାରା କେବଳ କମିସନୀ ଟଙ୍କାକୁ ଛାଡ଼ି ବାକି ଟଙ୍କାକୁ ନିଜ ଆକାଉଣ୍ଟକୁ ନେଇ ଯାଉଛନ୍ତି। ଠକେଇ ଟଙ୍କା ଆକାଉଣ୍ଟକୁ ଯିବା ପରେ ପୁଲିସ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଉଥିଲେ ମଧ୍ୟ ସାଇବର ଠକମାନେ ପୁଣି ଆକାଉଣ୍ଟ ଯୋଗାଡ କରି ଦେଉଛନ୍ତି।

### ଟଙ୍କା ଲୋଭରେ ଫସୁଛନ୍ତି ଶ୍ରମିକ

ସାଇବର ଠକେଇ ମାମଲାରେ ଠକଙ୍କ ଅପେକ୍ଷା ଅଧିକ ମ୍ୟୁଲ୍ ଆକାଉଣ୍ଟଧାରୀ ଗିରଫ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଅପାଠୁଆ ହୋଇଥିବା ବେଳେ ଶ୍ରମିକ ଭାବେ କାମ କରି ଗୁଜୁରାଣ ମୋଣ୍ଟାଉଛନ୍ତି। ନିକଟରେ ଗିରଫ ହୋଇଥିବା ମ୍ୟୁଲ୍ ଆକାଉଣ୍ଟଧାରୀଙ୍କ ମଧ୍ୟରେ ଅନେକ ବିଭିନ୍ନ ରାଜ୍ୟରୁ ଆସି ସୁରତ ସୂତାକଳରେ କାମ କରୁଥିବା ଜଣାପଡ଼ିଛି। ସାଇବର ଠକଙ୍କ ଏଜେଣ୍ଟମାନେ ଶ୍ରମିକମାନଙ୍କୁ ଟାର୍ଗେଟ କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ବିନା ପରିଶ୍ରମରେ କିଛି ଟଙ୍କା ପାଇଁ ସେମାନେ ଆକାଉଣ୍ଟ ବିବରଣୀ ଦେଇ ଦେଉଛନ୍ତି। ଏହାପରେ ସେହି ଆକାଉଣ୍ଟ ବ୍ୟବହାର କରି ସାଇବର ଠକମାନେ କୋଟି କୋଟି ଟଙ୍କା ଠକି ନେଉଛନ୍ତି।

୧୦/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୯,୧୭୮/- ସୁନା: ୦୧.୬୫୦ ଗ୍ରାମ୍ ରୁପା: ୧୨୩.୪୦୦ ଗ୍ରାମ୍





## ଅପରାଧମୁକ୍ତ ପୁରୀ ପାଇଁ ଅପରେସନ 'ଚକ୍ର'

# ୪ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, କାର୍ ଓ ବୋମା ଜବତ



ପୁରୀ,୧୦।୯ (ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି 'ଅପରେସନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡ଼ିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ସେହିପରି ବେଆଇନ ନିଶା କାରବାର ହେଉ କି ଅପରାଧିକ କାର୍ଯ୍ୟକଳାପ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। କିଛିଦିନ ହେବ ଜିଲ୍ଲାବ୍ୟାପୀ ଧରପଗଡ଼ ଚାଲିଥିବାବେଳେ ପୁଲିସର ଆକ୍ସନ ଦେଖି ଅପରାଧୀମାନେ ଛାନିଆଁ ହୋଇପଡ଼ିଲେଣି। ଏହାରି ଭିତରେ ଅପରେସନ 'ଚକ୍ର'କୁ ମିଳିଛି ବଡ଼ ସଫଳତା। ଚନ୍ଦନପୁର ଥାନା ପୁଲିସ ୪ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିଥିବାବେଳେ ସଦର ଥାନା ପୁଲିସ ୩ ଜଣ ନିଶା ବେପାରୀଙ୍କୁ ଧରିବାରେ ସଫଳ ହୋଇଛି। ଏ ସଂକ୍ରାନ୍ତରେ ବୁଧବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ସିଂ।



ଏସ୍‌ପି କହିଛନ୍ତି, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ପୁଲିସ ପକ୍ଷରୁ ଅପରେସନ ଚକ୍ର ଅଭିଯାନ ଜାରି ରହିଛି। ପ୍ରତ୍ୟେକ ଥାନାର ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ବ୍ଲକିଂ, ଚେକିଂକୁ ଜୋର୍‌ଦାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦନପୁର ଥାନା ଅନ୍ତର୍ଗତ ବାଲିପଡ଼ା ପଞ୍ଚାୟତ ଗୋପୀନାଥପୁର ଗାଁରେ 'ବସୁଧା' ଯୋଜନାରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ ନିକଟରେ କିଛି ଅପରାଧୀ ଏକାଠି ହୋଇ ଦାଦାବଟି ଆଦାୟ କରୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସଙ୍ଗେ ସଙ୍ଗେ ଚନ୍ଦନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳେ ୪ ଅଭିଯୁକ୍ତ ବାଲିପଡ଼ାର ସଞ୍ଜୟ ବେହେରା, ନୃସିଂହ ସୁବୁଦ୍ଧି, ବଳଙ୍ଗା ଥାନା ଅନ୍ତର୍ଗତ କହଳପଡ଼ାର ରାକେଶ ବେହେରା ଏବଂ ଚନ୍ଦନପୁର ଥାନା ବାଲିବେହେରା ସାହିର ମନୋଜ ବେହେରା ବୋମା, ଛୁରୀ, ଖଣ୍ଡା ଦେଖାଇ ପାନୀୟଜଳ ପ୍ରକଳ୍ପ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିଲେ। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ମାରୁତି କାର୍, ୨ଟି ବୋମା, ଗୋଟିଏ ଛୁରୀ, ଗୋଟିଏ ଖଣ୍ଡା, ୧,୦୩୦ ଟଙ୍କା ଓ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି।

ଅଭିଯୁକ୍ତଙ୍କ ଅପରାଧ ତାଲିକା ଖୋଳତାଡ଼ବେଳେ ସେମାନଙ୍କ ମଧ୍ୟରୁ ସଞ୍ଜୟ ବେହେରା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ବୋଲି ପୁଲିସ ଜାଣିବାକୁ ପାଇଥିଲା। ତା' ନାଁରେ ପୂର୍ବରୁ ଚନ୍ଦନପୁର ଥାନାରେ ୬ଟି ମାମଲା ରହିଛି। ଯେଉଁଥିରେ ହତ୍ୟା ଉଦ୍ୟମ, ରାହାଜାନୀ, ହିଂସା ଭିଆଇବା ଆଦି ଅପରାଧରେ ସେ ସମ୍ପୃକ୍ତ ଅଛି। ଏତଦ୍‌ବ୍ୟତୀତ ସେ କିଛି ଅସାମାଜିକ ପିଲାଙ୍କୁ ଏକାଠି କରି ଏକ ଗ୍ୟାଙ୍ଗ୍ ଗଠନ କରିଛି। ସ୍ଥାନୀୟ ଅଞ୍ଚଳରେ ଅପରାଧ ବିଶେଷକରି ଏମାନେ ଦାଦାବଟି ଆଦାୟ କରିଥା'ନ୍ତି ବୋଲି ଏସ୍‌ପି ଶ୍ରୀ ସିଂହ କହିଛନ୍ତି। ସେହିପରି ଅଭିଯୁକ୍ତ ନୃସିଂହ ନାଁରେ ଚନ୍ଦନପୁର ଥାନାରେ ୪ଟି, ରାକେଶ ଓ ମନୋଜ ନାଁରେ ଚନ୍ଦନପୁର ଥାନାରେ ୩ଟି ଲେଖାଏଁ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ପୁରୀ ସଦର ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ୧୪ କେଜି ଗଞ୍ଜେଇ ଜବତ, ୩ ଗିରଫ

ପୁରୀ,୧୦।୯ (ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଆରମ୍ଭ ହୋଇଛି। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ପୁରୀ ସଦର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୧୪ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଜିଲ୍ଲାବ୍ୟାପୀ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଥାନାଧିକାରୀଙ୍କୁ ସଜାଗ ଏବଂ ସତର୍କ କରିଦିଆଯାଇଛି। ମଙ୍ଗଳବାର ସଦର ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୪ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ସମୁଦ୍ରକୂଳ ଥାନା ପେଣ୍ଠକଟାର ସୁକାନ୍ତ ସାହୁ, ଚନ୍ଦନପୁର ଥାନା ପରମାନନ୍ଦପୁର ଗ୍ରାମର ଜିତେନ୍ଦ୍ର ପରିଡ଼ା ଓ ଉଆସ ସାହିର ଓମ୍‌କାର ପରିଡ଼ା। ଏକ ଜରି ବ୍ୟାଗ୍‌ରେ ଏମାନେ ଗଞ୍ଜେଇ ନେଇ ଯାଉଥିବା ସଦର ଥାନା ପୁଲିସ ଖବର ପାଇ ଏମାନଙ୍କୁ ଗୋଡ଼ାଇଥିଲା। କାଠପୋଲ ନିକଟରେ କାବୁ କରିବା ସହ ସେମାନଙ୍କ ନିକଟରୁ ଜରି ବ୍ୟାଗ୍‌ରେ ଭର୍ତ୍ତି ୧୪ କେଜି ଗଞ୍ଜେଇ ଜବତ କରିଥିଲା। ଏଥିସହ ପୁଲିସ ଏକ ସ୍କୁଟି ଜବତ କରିଛି। ଏମାନେ ଭୁବନେଶ୍ୱରରୁ ଗଞ୍ଜେଇ ଆଣି ବିକ୍ରି କରିଥା'ନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୫୩୮/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।



## ଆଜି ମହାପ୍ରଭୁଙ୍କ ବନକଲାଗି

● ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୦।୯ (ସମିସ): ଗୁରୁବାର ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

## ଚାଷୀଙ୍କୁ ଦିଆଯାଇଛି ୨୬,୭୨୮ ମେଟ୍ରିକ୍ ଟନ୍ ସାର

ପୁରୀ,୧୦।୯ (ସମିସ): ପୁରୀ ଜିଲ୍ଲାରେ ଖରିଫ୍ ଚାଷ ପାଇଁ ଚାଷୀଙ୍କୁ ୨୬,୭୨୮ ମେଟ୍ରିକ୍ ଟନ୍ ବିଭିନ୍ନ ସାର ଯୋଗାଇ ଦିଆଯାଇଛି। ପୂର୍ବରୁ ବକେୟା ଥିବା ୨୦,୧୬୩ ମେଟ୍ରିକ୍ ଟନ୍ ସହ ଚଳିତ ସିଜିନ୍ ପାଇଁ ମିଳିଥିବା ୧୭,୪୮୧ ମେଟ୍ରିକ୍ ଟନ୍ ଏହିଭଳି ମୋଟ ୩୭,୬୪୪ ମେଟ୍ରିକ୍ ଟନ୍ ସାର ଜିଲ୍ଲାରେ ଉପଲବ୍ଧ ହୋଇଥିଲା। ସେଥିରୁ ୨୬,୭୨୮ ମେଟ୍ରିକ ଟନ୍ ସାର କୃଷକ କ୍ରୟ କରିଥିଲେ। ୧୧ଟି ବ୍ଲକ୍‌ର ୪୧ଟି ପାକ୍ସ ମାଧ୍ୟମରେ ଓ ବିଭିନ୍ନ ସାର ବିକ୍ରୟ ଦୋକାନରେ ବିକ୍ରି ହେଉଛି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ କୃଷି ଅଧିକାରୀ ଓ ସମବାୟ ଅଧିକାରୀଙ୍କ ସହ ଆଲୋଚନା କରି ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମଧ୍ୟ ଅଧିକାରୀଙ୍କୁ ସାର ଯୋଗାଣ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଆଉ ୨୦୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ପୁରୀ ଜିଲ୍ଲାକୁ ଯୋଗାଇଦେବାକୁ କୃଷି ବିଭାଗକୁ ଅନୁରୋଧ କରାଯାଇଛି। ଚାଷୀଙ୍କ ଆବଶ୍ୟକତା ଅନୁସାରେ ସାର ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।




ଆଟ୍ରୋସିଟି ଆକ୍ଟକୁ ଦୁର୍ବଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ପ୍ରତ୍ୟାହାର ଦାବିରେ ବୁଧବାର ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

## ଶ୍ରୀଅଲାରନାଥ ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ

# ଠାକୁରଙ୍କ ଜମି ଜବରଦଖଲମୁକ୍ତ ଦାବି

ବ୍ରହ୍ମଗିରି,୧୦।୯ (ସମିସ): ଶ୍ରୀଅଲାରନାଥ ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡର ଏକ ବୈଠକ ବ୍ରହ୍ମଗିରି ତହସିଲ୍‌ଦାରଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ମୁଖ୍ୟ ତହସିଲ୍‌ଦାର ଶଶୀଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ମାଝୀ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ ଏବଂ ଏହାକୁ ଦୃଢ଼ୀକରଣ କରାଯାଇଥିଲା। ମନ୍ଦିରର ଆୟ ବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ସେବା ପୂଜା, ରୀତିନୀତି, ପର୍ବପର୍ବାଣୀ ସମସ୍ତ ସେବାୟତଙ୍କ ସହଯୋଗରେ ସୁରୁଖୁରୁରେ ସମ୍ପାଦିତ ହେଉଛି। ଠାକୁରଙ୍କ ସୁନା, ରତ୍ନ ଅଳଙ୍କାର ଗଣତିମଣତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ତହସିଲ୍‌ଦାର ଶ୍ରୀ ମିଶ୍ର କହିଥିଲେ, ପୂର୍ବରୁ ଠାକୁରଙ୍କ ଅଳଙ୍କାର ସବୁ ଗଣତିମଣତି ହୋଇ ତାଲିକାଭୁକ୍ତ ହୋଇଛି। ଚଳିତ ବର୍ଷର ଦାନ ଅଳଙ୍କାର ତାଲିକାଭୁକ୍ତ ହୋଇନାହିଁ। ଚଳିତ ବର୍ଷ ମିଳିଥିବା ଦାନ ଏବଂ ଅନ୍ୟାନ୍ୟ ସୂତ୍ରରୁ ମିଳିଥିବା ଅଳଙ୍କାର ମଣତି କରାଯିବାକୁ ସ୍ଥିର ହେଲା।

ଶ୍ରୀଅଲାରନାଥ ଦେବଙ୍କ ଭୂସମ୍ପତ୍ତି କେତେକ ସ୍ଥାନରେ କିଛି ବ୍ୟକ୍ତି ଜବରଦଖଲ କରିବାକୁ ଉଦ୍ୟମ କରୁଥିବା ସଭାରେ ପ୍ରକାଶ ପାଇଥିଲା। ପରମ୍ପରା କ୍ରମେ ସେବାୟତମାନେ ଭୋଗଦଖଲରେ ଥିବା ସମ୍ପତ୍ତିକୁ ବାଦ୍ ଦେଇ ଅନ୍ୟାନ୍ୟ ଜବରଦଖଲକାରୀଙ୍କ କବଳରୁ ଜମିକୁ ମୁକ୍ତ ରଖିବାକୁ ତହସିଲ୍‌ଦାରଙ୍କୁ ଅନୁରୋଧ କରାଯାଇଥିଲା। ତହସିଲ୍‌ଦାର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ମତ ରଖିଛନ୍ତି। ମନ୍ଦିର ଉନ୍ନୟନ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ତହସିଲ୍‌ଦାର ଶରତ କୁମାର ଦେଉରି, ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ବରିଷ୍ଠ ସେବାୟତ ନାରାୟଣ ପୂଜାପଣ୍ଡା, ଲୋକନାଥ ସୁଆର, ସଭ୍ୟ ନୃସିଂହ ଜେନା, ସବ୍‌ରେଜିଷ୍ଟ୍ରାର ବ୍ରହ୍ମଗିରି, ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଚିନାରା, ବରିଷ୍ଠ ସେବକ ମଧୁସୂଦନ ପୂଜାପଣ୍ଡା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। କମିଟି ସଭ୍ୟ କାଶୀନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୌନ ନିର୍ଯାତନା କର୍ମଶାଳା ଓ ସଚେତନତା ଶିବିର

ପୁରୀ,୧୦।୯ (ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ସମାଜ ମଙ୍ଗଳକାରୀ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସର୍କିଟ୍ ହାଉସ୍‌ରେ ମହିଳାଙ୍କ ଯୌନ ନିର୍ଯାତନା ଉପରେ ଏକ କର୍ମଶାଳା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ମହିଳା ଯୌନ ନିର୍ଯାତନା ଓ ଶିଶୁ ନିର୍ଯାତନା ଉପରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ପାଇଁ ବ୍ଲକ୍‌ସ୍ତରରେ ୧୦ ଜଣଙ୍କୁ ନେଇ ଏକ ୟୁନିଟ୍ ଗଠନ କରାଯାଇଛି। ସେହିପରି କୌଣସି ମହିଳା ଘରୋଇ ସଂସ୍ଥା ଓ ସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ଯୌନ ଓ ମାନସିକ ଶିକାର ହୁଅନ୍ତି ସେମାନେ କମ୍ପ୍ଲେନ୍ କମିଟିରେ ଅଭିଯୋଗ କରିପାରିବେ ବୋଲି କହିଥିଲେ। ଏଥିରେ ବାଲ୍ୟ ବିବାହ ନିରୋଧ ଅଧିନିୟମ ୨୦୦୬, ଓଡ଼ିଶା ବାଲ୍ୟବିବାହ ନିରୋଧ ଆଇନ ୨୦୦୯ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଭାଗ ନେଇଥିବା ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥି ମହିଳା ଡିଏସ୍‌ପି ତାରାଜସ୍ମିନ୍ ଗୌଡ଼, ଏଲ୍‌ସିସି ମେମ୍ବର ଶିବପ୍ରସାଦ ରଥ, ଲିଗାଲ ଆଡ୍‌ଭାଇଜର ମୋହନ ସୁନ୍ଦର ଜେନା, କଣାସ ସିଡିପିଓ ସ୍ମିତା ମହାନ୍ତି, ଆସିଷ୍ଟାଣ୍ଟ ଫରେଷ୍ଟ ଅଫିସର୍ ମୋନାଲି ମହାପାତ୍ର ଓ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ୧୭ରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ପୁରୀ,୧୦।୯ (ସମିସ): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଗଣଯୋଗାଯୋଗ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର)ରେ ଆସନ୍ତା ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ନାରୀଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବ ଯେମିତି କି ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ପ୍ରତ୍ୟେକ ବୟସର ଝିଅମାନଙ୍କର (ବିଶେଷକରି କିଶୋରୀମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧ୍ୟମରେ କରାଯିବ। ଏଥିସହିତ ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତା, ରକ୍ତ ଶର୍କରା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଆୟୋଜନ କରାଯିବ। କେବଳ ଜିଲ୍ଲାସ୍ତରରେ ନୁହେଁ ଏହି ଶିବିର ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୪୧ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୭ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ୍ୟ କରାଯିବ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ ଶତପଥୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## 'ବାପା' ସ୍ନେହ ଓ ଶାସନର ମହାଦ୍ରୁମ

ପୁରୀ,୧୦।୯ (ସମିସ): ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମପ୍ରକାଶ ସେନାପତିଙ୍କ କବିତା ପୁସ୍ତକ 'ବାପା'ର ସମୀକ୍ଷା ଆସର ବଡ଼ଦାଣ୍ଡସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସୁନାମଧନ୍ୟ ବେତାର କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, 'ଅନନ୍ତ ନିର୍ଝର' ପତ୍ରିକାର ସମ୍ପାଦିକା ସରୋଜିନୀ ମିଶ୍ର, ବରିଷ୍ଠ ନାଟ୍ୟକାର ହେମନ୍ତ କୁମାର ଛୋଟରାୟ ଏବଂ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। 'ବାପା' ହେଉଛନ୍ତି ଅନୁଶାସନର ପ୍ରତୀକ ଓ ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର ଶିଖାନ୍ତି। ସ୍ନେହ ଓ ଶାସନର ସେ ମହାଦ୍ରୁମ। ଯାହାଙ୍କର ଆଦର୍ଶକୁ ପ୍ରକାଶ କରିହୁଏନା ଭାଷାରେ, ଭାବରେ ଆଉ ଜ୍ଞାନରେ ସେ ହେଉଛନ୍ତି ବାପା। ମା' ଘରର ଗୌରବ ହେଲେ ବାପା ହିଁ ଏହାର ଅସ୍ତିତ୍ୱ। ମା'ର ଆଖିରେ ପ୍ରଚୁର ମମତା ଭରି ରହିଥିବାବେଳେ ବାପାଙ୍କ ଆଖିରେ ଥାଏ କର୍ତ୍ତବ୍ୟବୋଧ। ସମୀକ୍ଷକମାନେ ଏହା ପ୍ରକାଶ କରିବା ସହିତ 'ବାପା' ଏକ ସାର୍ଥକ କବିତା ସଂକଳନ ବୋଲି ମତବ୍ୟକ୍ତ କରିଥିଲେ।



## ଛାତ୍ରଛାତ୍ରୀଙ୍କ ଅଭିମୁଖୀକରଣ

## 'ନିରବଚ୍ଛିନ୍ନ ପ୍ରଚେଷ୍ଟା ସଫଳତାର ଶୀର୍ଷ ଛୁଏଁ'

ପୁରୀ,୧୦।୯ (ସମିସ): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ନାମ ଲେଖାଇଥିବା ଏମ୍‌ବିଏ ଏବଂ ଏମ୍‌କମ୍ ଫାଇନାନ୍ସ ଓ କଣ୍ଟ୍ରୋଲ (ଏମ୍‌ଏଫ୍‌ସି) ବିଭାଗର ନୂତନ ଛାତ୍ରଛାତ୍ରୀଙ୍କର ଅଭିମୁଖୀକରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅଭିଭାଷଣରେ ସଫଳତା ହାସଲ ନିମନ୍ତେ ଏକ ଶୃଙ୍ଖଳିତ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ବିଏ ଏବଂ ଏମ୍‌ଏଫ୍‌ସି ବିଭାଗ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ଡ. ଦାଶରଥି ସାହୁ, ଶିକ୍ଷାର୍ଥୀ ଜୀବନରେ ସମୟ ଓ ସମ୍ବଳର ଉପଯୁକ୍ତ ପରିଚାଳନା ଏବଂ ନିରବଚ୍ଛିନ୍ନ ପ୍ରଚେଷ୍ଟା କିପରି ସଫଳତାର ଶୀର୍ଷରେ ଜଣଙ୍କୁ ପ୍ରତିଷ୍ଠିତ କରେ ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ବାଣୀବିହାର ଡିଡିସିଇର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନରେ ମ୍ୟାନେଜ୍‌ମେଣ୍ଟ ଶିକ୍ଷା କିଭଳି ପ୍ରତ୍ୟେକ ସମୟରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ କହିଥିଲେ। ପରିବେଶବିତ୍ ଜଗନ୍ନାଥ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯେକୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ଆର୍ôଥିକ ସମ୍ବଳ ଓ ମାନବ ସମ୍ବଳର ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ସୌମ୍ୟା ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପକ ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ସହଯୋଗ କରିଥିଲେ। ବିଭାଗୀୟ ଅଧ୍ୟାପିକା ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିରେ ନିଶାଡ଼ିଙ୍କ ଉତ୍ପାତ

# ଏସ୍‌ପିଙ୍କୁ ଫେରାଦହେଲେ ମହିଳା

ପୁରୀ,୧୦।୯ (ସମିସ)

ପୁରୀ ସହରରେ ବେଆଇନ ନିଶା କାରବାର ବଢ଼ିଚାଲିଛି। ବିଶେଷକରି କମ୍ ବୟସର ଅସାମାଜିକ ଯୁବକ ଏହି କାରବାର ଚଳାଉଛନ୍ତି। ଫଳରେ ବିଭିନ୍ନ ସାହି ଗଳିକନ୍ଦିରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ନିଶା ପାଇଁ ଅପରାଧ ଘଟୁଛି। ଏହାକୁ ନେଇ ସାହି ବାସିନ୍ଦା ଏବେ ଭୟଭୀତ ହୋଇପଡ଼ିଛନ୍ତି। ଏମିତି ଅଭିଯୋଗ ଆଣିଛନ୍ତି ମାର୍କଣ୍ଡେଶ୍ୱର ସାହି ଅଧୀନସ୍ଥ ମିଶ୍ର ସାହି ବାସିନ୍ଦା। ଏ ନେଇ ସାହିର କିଛି ମହିଳା ବୁଧବାର ଏସ୍‌ପିଙ୍କୁ ଫେରାଦ୍ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ କିଛି ଅସାମାଜିକ ବ୍ୟକ୍ତି ନିଶାଦ୍ରବ୍ୟ ସେବନ କରି ସାହିରେ ଆତଙ୍କରାଜ ସୃଷ୍ଟି କରି ମୋବାଇଲ୍ ଛଡ଼ାଇବା ସହ ମନିପର୍ସ ଓ ଧନ ଜୀବନ ନଷ୍ଟ କରୁଛନ୍ତି। ବିଭିନ୍ନ ସମୟରେ ମାରଣାସ୍ତ୍ର ଦେଖାଇ ଧମକଚମକ ମଧ୍ୟ ଦେଉଛନ୍ତି। ରାସ୍ତାଘାଟରେ ମୋବାଇଲ୍, ମନିପର୍ସ ଇତ୍ୟାଦି ଲୁଟ୍‌ପାଟ୍ କରିବା ସହିତ ଘରେ ବଳପୂର୍ବକ ପ୍ରବେଶ କରି ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଟଙ୍କା ମାଗୁଛନ୍ତି, ନ ଦେଲେ ହାଣିଦେବାର ଭୟ ଦେଖାଉଛନ୍ତି। ପ୍ରତିବାଦ କଲେ କି ପୁଲିସକୁ ଜଣାଇବୁ କହିଲେ, ଓଲଟି କହୁଛନ୍ତି 'ଜେଲ୍ ଆମର ଘର, କେସ୍ ଦେଲେ ପରିଣାମ ଭୋଗିବ'। ଏଥିସହିତ ଖୋଲାଖୋଲି ଭାବେ ବୋମା ପକାଇବାର ଧମକ ଦେଉଛନ୍ତି, ଯେଉଁଥିପାଇଁ ଛୋଟ ଛୋଟ ପିଲା, ମହିଳା ତଥା ବୟସ୍କମାନେ ରାସ୍ତାରେ ଚାଲିକି ଯିବାକୁ ଭୟ କରୁଛନ୍ତି। ମିଶ୍ର ସାହିରେ ଥିବା ଏକ ପରିତ୍ୟକ୍ତ କୋଠାଘର ଆଡ୍ଡାସ୍ଥଳୀ ପାଲଟିଛି। ସେଠାରେ ସେମାନେ ନିଶା କାରବାର ସହିତ ମାରଣାସ୍ତ୍ର ଲୁଚାଇ ରଖୁଛନ୍ତି। ଏ ବାବଦରେ ଘର ମାଲିକଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ ସେ ଶୁଣୁନାହାନ୍ତି। ଉକ୍ତ ରାସ୍ତାରେ ଯା'ଆସ କରୁଥିବା ଫେରିବାଲା, ଖଜାବାଲା, ଅଟୋବାଲା ସମସ୍ତେ ଲୁଟ୍‌ର ଶିକାର ହେଉଛନ୍ତି। ଫଳରେ ବୁଲା ବିକାଳି ସାହିକୁ ଆସିବାକୁ ଭୟ କରୁଛନ୍ତି। ଏମିତି ବାରମ୍ବାର ହେବା ଫଳରେ ଆମେ ପିଲାଛୁଆଙ୍କୁ ଧରି ଏଠାରେ କେମିତି ଚଳିବୁ ବୋଲି ପ୍ରଶ୍ନ କରିଛନ୍ତି ମିଶ୍ର ସାହିର ମହିଳା।

ଏ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରାସ୍ତା ତଥା ଗଳିରେ ସିସିଟିଭି କ୍ୟାମେରା ଲଗାଇବା, ନିୟମିତ ଭାବେ ପୁଲିସ ପାଟ୍ରୋଲିଂ କରିବା, ସାହିରେ ନିଶା କାରବାର ବନ୍ଦ କରାଇବା ପାଇଁ ଦାବି କରିଛନ୍ତି।



## ଲକ୍ଷ୍ମୀନାରାୟଣ ମହାସୁଆରଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପଦାନ

ପୁରୀ,୧୦।୯ (ସମିସ): ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ, ଶ୍ରୀମନ୍ଦିର ସେବାୟତ ନିଯୋଗ, ପୁରୀର କ୍ରୀଡ଼ାବିତ୍ ଓ ଅନୁଷ୍ଠାନ, ବିଭିନ୍ନ ଜାଗାଘର ଲକ୍ଷ୍ମୀନାରାୟଣ ମହାସୁଆରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମଙ୍ଗଳବାର ସିଂହଦ୍ୱାରରେ ଦୀପଦାନ କରିଛନ୍ତି। ଏଥିରେ ରାମଚନ୍ଦ୍ର ଦାସ ମହାପାତ୍ର, ରାମଚନ୍ଦ୍ର ପାଢ଼ୀ, ଓଡ଼ିଶା କୁସ୍ତି ସଭାପତି ନାରାୟଣ ମହାସୁଆର, କେଦାରନାଥ ଖୁଣ୍ଟିଆ, ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ହରିହର କର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ବେହେରା, ନରସିଂହ ଲେଙ୍କା, ଗଣେଶ ମହାସୁଆର, ଭୀମସେନ ପଲଙ୍କଧାରୀ, ପ୍ରତାପ ପ୍ରଧାନ, ଆଲୋକ ଦଳେଇଙ୍କ ସମେତ ଖୁଣ୍ଟିଆ ଜାଗା, ମା' ବସନ୍ତେଇ, ବାରବାଟି ଜାଗା, ଗୁରୁ ହନୁମାନ, ଜଗନ୍ନାଥ ବଲ୍ଲଭ, ପଞ୍ଚମୁଖୀ, ସୁରଜମଲ ସାହା କଲେଜ, ନରସିଂହ ବଲ୍ଲଭ ଜାଗା, ବଡ଼ ଆଖଡ଼ା ଜାଗା, ବିଶୁନି ଜାଗା, ଓଡ଼ିଶା ପୋଷ୍ଟାଲ ପ୍ରଭୃତି ଅନୁଷ୍ଠାନର କ୍ରୀଡ଼ାବିତ୍ ପୁରୁଷ ଓ ମହିଳା କୁସ୍ତିବିତ୍‌ମାନେ ଉପସ୍ଥିତ ଥିଲେ। ସି ବିଟ୍ କ୍ଲବ୍ ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ଏହାକୁ ସଂଯୋଜନା କରିଥିଲେ।





**ଆସୁଛନ୍ତି ମା'**

**ସତ୍ୟନଗର ଦୁର୍ଗାପୂଜା କମିଟି**



# 'ସୂର୍ଯ୍ୟ ରଥ'ରେ ପୂଜା ପାଇବେ ଦୁର୍ଗା

ଭୁବନେଶ୍ୱର, ୧୦।୯ (ସମିସ): ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ସତ୍ୟନଗର ପୂଜା ସମିତି ପକ୍ଷରୁ ମଧ୍ୟ ଚାଲିଛି ପ୍ରସ୍ତୁତି। ଚଳିତ ବର୍ଷ କମିଟି ପକ୍ଷରୁ ଆକର୍ଷଣୀୟ ହେବ ସୂର୍ଯ୍ୟ ରଥ ତୋରଣ। ରଥକୁ ଟାଣୁଥିବା ପାର୍ଶ୍ୱ ଘୋଡ଼ାରେ ମା' ବିରାଜିବେ। ଚଳିତ ତୋରଣର ଉଚ୍ଚତା ୬୨ଫୁଟ ରହିଥିବା ବେଳେ ଓସାର ରହିଛି ୮୯ଫୁଟ ରହିଛି। ସବୁଠାରୁ ଆକର୍ଷଣ ସାଜିବ ପବିତ୍ର ଯୋରନ୍ଦା ଗାଦିରେ ଅପୂର୍ବ ଐଶ୍ୱର୍ଯ୍ୟ ଓ ଶାନ୍ତିର ବାର୍ତ୍ତା ବହନ କରୁଥିବା ପରିବେଶକୁ ତୋରଣରେ ଚିତ୍ରିତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ବର୍ଷ ଏହି ପୂଜା ମଣ୍ଡପ ୪୭ ବର୍ଷରେ ପାଦ ଦେଇଥିବା ବେଳେ ତୋରଣ ନିର୍ମାଣ ଲାଗି କୋଲକାତାର ୫୦କାରିଗର ନିୟୋଜିତ ହୋଇଛନ୍ତି। ସେହିପରି ମା' ଆକର୍ଷଣୀୟ ସାଜସଜ୍ଜ ପାଇଁ ଅଳଙ୍କାର ସହ ଚାନ୍ଦି ମୁକୁଟ ପରିଧାନ କରିବେ। ପାର୍ଶ୍ୱ ଦେବାଦେବୀ ମଧ୍ୟ ଅଳଙ୍କାରେ ସଜ୍ଜିତ ହେବେ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ପୋଥି ସ୍ଥାପନ, ସାହାଣ ମେଳା ଆଦି କରାଯିବ। ସେହିପରି ସ୍ୱତନ୍ତ୍ର ଭାବେ ସପ୍ତମୀରୁ ଦଶମୀ ମଧ୍ୟରେ ମା'ଙ୍କ ପାଖରେ ଦହି ବୁନ୍ଦି ଭୋଗ, ହାଲୁଆ, ଓରିଆ ଓ ରସଗୋଲା ଆଦି ଭୋଗ ଲାଗି ହେବ। ପ୍ରତିଦିନ ସନ୍ଧ୍ୟା ୭ରୁ ପ୍ରସାଦ ସେବନର ବ୍ୟବସ୍ଥା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଭକ୍ତଙ୍କ ସୁରକ୍ଷାକୁ ଆଖିଆଗରେ ରଖି ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ସାଙ୍ଗକୁ ୧୦୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଏହାସହ ଭଷାଣୀରେ କେନ୍ଦ୍ରାପଡ଼ାର ରଘୁନାଥ ଜୀଉ ପାରମ୍ପରିକ ବାଦ୍ୟରେ ମା' ମେଲାଣି ନେବେ। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ଚଳିତ ବର୍ଷ ପୂଜା ବଜେଟ୍ ରହିଛି ୩୫ଲକ୍ଷ ଟଙ୍କା।



ଆକର୍ଷଣ ପାଲଟିବ ଯୋରନ୍ଦା ଗାଦିରେ ଅପୂର୍ବ ଐଶ୍ୱର୍ଯ୍ୟ ଓ ଶାନ୍ତିର ବାର୍ତ୍ତା



ଏହି ପୂଜା ମଣ୍ଡପରେ ସର୍ବଦା ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦିଆଯାଏ। ପ୍ରତିବର୍ଷ ଭଳି ଏଥର ମଧ୍ୟ ନିଆରା ଥିମ୍ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଶା ରହିଛି। ପୂଜା ପରିସରକୁ ଶାନ୍ତି ଓ ଆଧ୍ୟାତ୍ମିକ ଭାବଧାରାକୁ ଗୁରୁତ୍ୱ ଦିଆଯାଉଛି। ଏବର୍ଷ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

-ରବି ନାରାୟଣ ନାୟକ, ସଭାପତି



ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ସହଜ ଓ ସୁରକ୍ଷିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ସତ୍ୟନଗର ଗାଁରେ ଦୀର୍ଘ ୪୭ବର୍ଷ ହେବ ଶାନ୍ତି ସ୍ୱରୂପିଣୀ ଭାବରେ ପୂଜା ପାଇ ଆସୁଛନ୍ତି ମା'। ଏଠି ମା'ଙ୍କ ପୂଜା ପରାମ୍ପରା କିଛି ନିଆରା ରହିଛି। ପୂଜା ପାଉଥିବା ବେଳେ ମା'ଙ୍କ ମୁଖମଣ୍ଡଳର ରଙ୍ଗ ପରିବର୍ତ୍ତନ ହେବା ସାଙ୍ଗକୁ ଭିନ୍ନ ଭିନ୍ନ ରୂପରେ ମା' ଦର୍ଶନ ଦେଇଥାନ୍ତି।

-ମନେନ୍ଦ୍ର ଦାସ, ସମ୍ପାଦକ

● ଯୌତୁକ ପାଇଁ ପତ୍ନୀଙ୍କ ଆତ୍ମହତ୍ୟା

## ୪ ବର୍ଷ ପରେ ଧରାପଡ଼ିଲା ସ୍ୱାମୀ

ଭୁବନେଶ୍ୱର, ୧୦।୯ (ସମିସ): ଯୌତୁକ ନିର୍ଯାତନା ପାଇଁ ପତ୍ନୀ ଆତ୍ମହତ୍ୟା ଘଟଣାରେ ସ୍ୱାମୀକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁଆଙ୍ଗ ନୂଆ ସାହିର ମାନସ ଭୋଇ (୩୬)। ପୁଲିସ ସୂଚନା ଅନୁସାରେ, ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଗଡ଼ମୃଗଶିରା ଗାଁର ମିତା ବେହେରା ୨୦୧୫ ମସିହା ମାର୍ଚ୍ଚ ମାସରେ ସୁଆଙ୍ଗର ମାନସକୁ ବିବାହ କରିଥିଲେ। ଶାଶୁଘର ଲୋକଙ୍କ ଦାବି ମୁତାବକ ବାପଘର ଲୋକେ ବିବାହ ସମୟରେ ଯୌତୁକ ଦେଇଥିଲେ। ଆରମ୍ଭରୁ ସବୁ ଠିକ୍ ଠାକ୍ ଚାଲିଥିଲେ ମଧ୍ୟ ପ୍ରଥମ କନ୍ୟା ଜନ୍ମହେବା ପରେ ଅଧିକ ଯୌତୁକ ଆଣିବାକୁ କହି ମାନସ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲା। ମିତାଙ୍କ ବାପଘର ଲୋକେ ଜାଣିବା ପରେ ମାନସକୁ ଏକାଧିକ ଥର ଟଙ୍କା ଦେଇଥିଲେ। ଦ୍ୱିତୀୟ ଝିଅ ଜନ୍ମ ହେବାପରେ ମାନସ ଆଉ ଯତ୍ନ ନେଇନଥିଲା। ଫଳରେ ମିତାଙ୍କ ଭାଇ ତୋଫାନ ଆସି ତାଙ୍କୁ ବାପଘରକୁ ନେଇ ଯାଇଥିଲେ। ଏହାର ଏକମାସ ପରେ ମାନସ ଓ ତାର ପରିବାର ଲୋକେ ମିତାଙ୍କୁ ଘରକୁ ଆସିବାକୁ ଅନୁରୋଧ କରିଥିଲେ। ଶେଷରେ ୨୦୨୧ ମସିହା ସେପ୍ଟେମ୍ବର ୨୮ ତାରିଖ ରାତିରେ ତୋଫାନ ଓ ତାଙ୍କ ପତ୍ନୀ ମିଶି ମିତାଙ୍କୁ ତାଙ୍କ ଶାଶୁଘରେ ଛାଡ଼ି ଯାଇଥିଲେ। ସେହିଦିନ ରାତିରେ ହିଁ ମିତା ବେକରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଥିଲେ। ଏନେଇ ଭାଇ ତୋଫାନ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଘଟଣାର ୪ ବର୍ଷ ପରେ ଆଜି ମାନସକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସହକର୍ମୀଙ୍କୁ ନିର୍ଯାତନା; ଏମ୍ସ ସୁରକ୍ଷା କର୍ମୀ ଗିରଫ



ଭୁବନେଶ୍ୱର, ୧୦।୯ (ସମିସ): ମହିଳା ସହକର୍ମୀଙ୍କୁ ହଇରାଣ କରୁଥିବା ଅଭିଯୋଗରେ ଏମ୍ସ ସିକ୍ୟୁରିଟି ସୁପରଭାଇଜରକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରେକୃଷ୍ଣ ବଳ (୫୦)। ପୁଲିସ ସୂଚନା ଅନୁସାରେ, ହରେକୃଷ୍ଣ ଏମ୍ସରେ ସିକ୍ୟୁରିଟି ସୁପରଭାଇଜର ଭାବେ କାମ କରୁଥିବା ବେଳେ ଅଭିଯୋଗକାରିଣୀ ମଧ୍ୟ ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ନିୟୋଜିତ ଥିଲେ। ହରେକୃଷ୍ଣ ନିୟମିତ ଭାବେ ତାଙ୍କୁ ହଇରାଣ ହରକତ କରିବା ସହ ମାନସିକ ଭାବେ ନିର୍ଯାତନା ଦେଉଥିଲା। ଏହା କ୍ରମଶଃ ଅଧିକରୁ ଅଧିକ ହେବାରୁ ଅଭିଯୋଗକାରିଣୀ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଆଜି ହରେକୃଷ୍ଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## କାର୍ ଉପରକୁ ବୋମାମାଡ଼; ଦୁଇ ଗିରଫ



ଭୁବନେଶ୍ୱର, ୧୦।୯ (ସମିସ): କାର ଉପରକୁ ବୋମାମାଡ଼ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଳିଙ୍ଗନଗରରେ ରହୁଥିବା ଦିବ୍ୟଜ୍ୟୋତି ତରାଇ (୨୨) ଓ ଶୈଳଶ୍ରୀ ବିହାରର ବିଶ୍ୱ ବିଜୟ ସିଂ (୨୪)।

ପୁଲିସ ସୂଚନା ଅନୁସାରେ, ଗତ ଅଗଷ୍ଟ ୧୨ ତାରିଖ ଭୋରରୁ ଭକ୍ତବନ୍ଧୁ ନଗରେ ରହୁଥିବା ଦେବୀପ୍ରସାଦ ଜେନା ନିଜ କାରକୁ ଘର ନିକଟରେ ପାର୍କ କରୁଥିଲେ। ସେହି ସମୟରେ ଦିବ୍ୟଜ୍ୟୋତି, ବିଶ୍ୱ ଓ ସହଯୋଗୀମାନେ ହଠାତ ତାଙ୍କ କାର ଉପରକୁ ବୋମାମାଡ଼ କରିଥିଲେ। ସେଥିରୁ ଗୋଟିଏ ବୋମା କାରରେ ବାଜି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ଦେବୀ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରୁ ଗୋଟିଏ ଅଫୁଟା ବୋମା ଜବତ କରିଥିଲା। ଆଜି ଦିବ୍ୟଜ୍ୟୋତି ଓ ବିଶ୍ୱକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶ୍ୱ ନାମରେ ପୂର୍ବରୁ ମଧ୍ୟ ନୂଆପଲ୍ଲୀ ଥାନାରେ ଏକ ମାମଲା ରହିଥିବା ଜଣାପଡ଼ିଛି।

● 'ଅଜିମ୍ ପ୍ରେମ୍‌ଜି ସ୍କୋଲାର୍‌ସିପ୍' ସ୍କଲାରସିପ୍

## ଉଚ୍ଚଶିକ୍ଷା ପାଇଁ ଛାତ୍ରୀଙ୍କୁ ମିଳିବ ବାର୍ଷିକ ୩୦ହଜାର

ଭୁବନେଶ୍ୱର, ୧୦।୯ (ସମିସ): ଅଜିମ୍ ପ୍ରେମ୍‌ଜି ଫାଉଣ୍ଡେସନ୍ ପକ୍ଷରୁ ଚଳିତ ଶିକ୍ଷାବର୍ଷ ପାଇଁ 'ଅଜିମ୍ ପ୍ରେମ୍‌ଜି ସ୍କଲାର୍‌ସିପ୍' ସ୍କଲାରସିପ୍ ପ୍ରଦାନ କରାଯିବ। ଉଚ୍ଚଶିକ୍ଷା ପାଇଁ ଆର୍ଥିକ ପ୍ରତିବନ୍ଧକ ହେଉଥିବା ଛାତ୍ରୀଙ୍କୁ ଏହି ସ୍କୋଲାର୍‌ସିପ୍ ପ୍ରଦାନ କରାଯିବ। ଏଥିପାଇଁ ସରକାରୀ ଶିକ୍ଷାନୁଷ୍ଠାନରୁ ନିୟମିତ ପରୀକ୍ଷାର୍ଥୀ ଭାବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଏହାସହ ଚଳିତ ଶିକ୍ଷାବର୍ଷରେ ସ୍ନାତକ ବା ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନାମ ଲେଖାଇଥିଲେ ଆବେଦନ କରିପାରିବେ। ଯୋଗ୍ୟ ବିବେଚିତ ଛାତ୍ରୀଙ୍କ ଉଚ୍ଚଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବାର୍ଷିତ ୩୦ହଜାର ଟଙ୍କା ସ୍କଲାରସିପ୍ ପ୍ରଦାନ କରାଯିବ। ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ପ୍ରତିବର୍ଷ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ଏଥିପାଇଁ ଦୁଇଟି ପର୍ଯ୍ୟାୟରେ ଆଶାୟୀମାନେ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ ବୁଧବାରଠାରୁ ଆବେଦନ ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜାନୁଆରୀ ୧୦ରୁ ୩୧ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟପ୍ରଦେଶ ସମେତ କିଛି ଜିଲ୍ଲାରେ ପ୍ରାୟ ୨୫ହଜାର ଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ପ୍ରାୟ ୨.୫ ଲକ୍ଷ ଛାତ୍ରୀଙ୍କୁ ଏଥିରେ ସାମିଲ କରିବାକୁ ଲକ୍ଷ୍ୟ ରହିଥିବା କାର୍ଯ୍ୟକ୍ରମ ପରିଚାଳକ ଧବଳ ସବୁତ୍ ସୂଚନା ଦେଇଛନ୍ତି।




## ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବେ ଓଡ଼ିଆ

ଭୁବନେଶ୍ୱର, ୧୦।୯ (ସମିସ): ଶିକ୍ଷାସନ୍ଧାନ ଏବଂ ଦୈତାରୀ ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଜେଏନ୍‌ୟୁ ଓଡ଼ିଶା ଆଲୁମିନି ଆସୋସିଏସନ୍ ସହାୟତାରେ 'ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାର ପୁନଃ ପରିକଳ୍ପନା' କର୍ମଶାଳା ଅନୁଷ୍ଠିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଯତିନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ସାମ୍ପ୍ରତିକ ଉଚ୍ଚଶିକ୍ଷାକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ ପାଇଥିଲା। ତହିଁରେ ଓଡ଼ିଶାରେ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ଅଭାବ ଥିବା ଦର୍ଶାଇବା ସହ ରାଜ୍ୟର ୫ଲକ୍ଷ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବେ ବୋଲି ଆକଳନ କରାଯାଇଛି। କାର୍ଯ୍ୟକ୍ରମରେ ଦୈତାରୀ ନାଏକ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଭଲପମେଣ୍ଟ ଷ୍ଟଡିଜ୍‌ର ପ୍ରତିଷ୍ଠାତା ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନର ସହକାରୀ ପ୍ରଫେସର ଡ. ଇଶ୍ୱର ଚନ୍ଦ୍ର ନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ମାନସ ବେହେରା, ଭୋପାଳ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରବୀନ୍ଦ୍ର ଗରଡ଼ ଓ ତନୟା ମହାନ୍ତି ପ୍ରମୁଖ ବକ୍ତା ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ଓ ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଶେଷରେ ଜେଏନ୍‌ୟୁ ଓଡ଼ିଶା ଆଲୁମିନି ଆସୋସିଏସନ୍‌ର ସମ୍ପାଦକ ମାନସ ନନ୍ଦ ଧନ୍ୟବାଦ ଅର୍ପଣ କରିଛନ୍ତି।




## ବାଲିଅନ୍ତାରେ 'ଆମ ଗାଁ ନିଶାମୁକ୍ତି' ଅଭିଯାନ

ବାଲିଅନ୍ତା, ୧୦।୯ (ସମିସ): ବାଲିଅନ୍ତା ବ୍ଲକ ପୂରଣ ପଧାନ ପଞ୍ଚାୟତ ଅଧୀନ ନଈକୂଳ ସାହି ମା' ଖଡୁଆଣୀଙ୍କ ପୀଠରେ ଆଜି ଗ୍ରାମ କମିଟି ପକ୍ଷରୁ ନିଶା ନିବାରଣ ନେଇ ଏକ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମ କମିଟି ସହାୟତାରେ ନିଶା ନିବାରଣ ଅଭିଯାନ ଚାଲିବ ବୋଲି ଜଣାଯାଇଛି। ବିଭିନ୍ନ ଗ୍ରାମ ଓ ପଡ଼ାରେ ଥିବା ମହିଳାମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ମହିଳାମାନେ ଓ ଗ୍ରାମ କମିଟି କାର୍ଯ୍ୟକର୍ତ୍ତାମାନେ ଘରକୁ ଘର ବୁଲି ନିଶା ନିବାରଣ ନେଇ ଲୋକଙ୍କୁ ସଚେତନ କରାଇବେ। ଏହା ସହିତ ଚୋରା ମଦ, ଭାଙ୍ଗ ଓ ଗଞ୍ଜେଇ କାରବାର ବନ୍ଦ ନେଇ ଚୋରା ବେପାରୀଙ୍କୁ ତାଗିଦ କରିବେ ବୋଲି ସୂଚନା ମିଳିଛି। ଏନେଇ ଆଜି ଅନୁଷ୍ଠିତ ବୈଠକରେ ପୂରଣ ପଧାନ ସମିତି ସଭ୍ୟ ମମତା ମାହାରି, ବୁଦ୍ଧିପଡ଼ା ଗ୍ରାମ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ବାମଦେବ ନାୟକ, ସମ୍ପାଦକ ପ୍ରତାପ କୁମାର ବେହେରା, ସନ୍ତୋଷ ମାହାରି ଏବଂ ଯୁବନେତା ଗନ୍ଧର୍ବ ନାୟକଙ୍କ ସମେତ ବିଭିନ୍ନ ମହିଳା ମଣ୍ଡଳ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



## ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୧୧।୯ (ସମିସ): ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲ୍ଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର କନ୍‌ଭେଣ୍ଟ ରୋଡ୍, ଷ୍ଟେସନ୍ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପ ଠାରେ ୩ ଦିନ ଧରି ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ଏହି ଶିବିରରେ ୫୫୦୦ରୁ ଅଧିକ ଲୋକ ନିଜର ଚିକିତ୍ସା କରାଇଛନ୍ତି।

## ସୋଆ ପକ୍ଷରୁ 'ଅନନ୍ତ ମୁସ୍କାନ'



ଭୁବନେଶ୍ୱର, ୧୦।୯ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର) ସହଭାଗିତାରେ ଭାରତରେ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କର ମୁଖ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ 'ଅନନ୍ତ ମୁସ୍କାନ' ଗବେଷଣା ପ୍ରକଳ୍ପକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଲିମେଣ୍ଟାରୀ ଏଜୁକେସନ୍ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀବିଶ୍ୱନାଥ ତରାଇ, ଖୋର୍ଦ୍ଧାର ଚିଫ୍ ଡିଷ୍ଟ୍ରିକ୍ଟ ମେଡିକାଲ୍ ଅଫିସର ଡ. ସଞ୍ଜୟ ଚନ୍ଦ୍ରରାୟ, ଜନସ୍ୱାସ୍ଥ୍ୟ ବିଭାଗର ସହନିର୍ଦ୍ଦେଶକ ଡ. ରଞ୍ଜନ ମିତ୍ର, ଜନସ୍ୱାସ୍ଥ୍ୟ (ଲେପ୍ରସି) ବିଭାଗର ସହନିର୍ଦ୍ଦେଶକ ଡ. ଇନ୍ଦିରା ରଥ ଏବଂ ଡିଷ୍ଟ୍ରିକ୍ଟ ଏପିଡେମିଓଲୋଜିଷ୍ଟ ଡ. ଗିରିଜା ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର ଡ. ନୀତା ମହାନ୍ତି ଏବଂ ଆଇଡିଏସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁ ଉପସ୍ଥିତ ଥିଲେ।

## 'ଜାତୀୟ ଶିକ୍ଷାନୀତି' ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର, ୧୦।୯ (ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ 'ଜାତୀୟ ଶିକ୍ଷାନୀତି ୨୦୨୦' କାର୍ଯ୍ୟକାରିତା ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା କଟକର ରାଧାନାଥ ଟ୍ରେନିଂ କଲେଜ, ଭୁବନେଶ୍ୱରର ନଳିନୀ ଦେବୀ ମହିଳା ମହାବିଦ୍ୟାଳୟ, ଅନୁଗୁଳ ଓ କନ୍ଧମାଳ ର ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉଦଘାଟନ କରିଥିବା ବେଳେ ଏନ୍‌ସିଇଆରଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଶିକ୍ଷା ସଂକ୍ରାନ୍ତ ଗବେଷଣାର ସକ୍ରିୟତା ଓ ସ୍ନାତକୋତ୍ତର ସ୍ତରରେ ଏହାର ଗବେଷଣା ପ୍ରକଳ୍ପର ମାନ ବୃଦ୍ଧି ନେଇ ମତ ଦେଇଥିଲେ। ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ତଥା ଏମଓୟୁ ସମିତିର ଆବାହକ ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଗାୟତ୍ରୀ ମହାନ୍ତି, ପ୍ରଫେସର ନିବେଦିତା ଗୁରୁ, ଡ. ଦ୍ରୌପଦୀ ପଟେଲ, ଡ. ଦୀପକ କୁମାର ମହାନ୍ତି, ପ୍ରଫେସର ରମାକାନ୍ତ ମହାଳିକ ଓ ଡ. କଳିଙ୍ଗ କେତକି ପ୍ରମୁଖ ଶିକ୍ଷାବିତ୍ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ଉପରେ ନିଜ ନିଜ ମତ ରଖିଥିଲେ।

## 'ୟୁରୋକିଡସ୍'ର ନୂତନ ପାଠ୍ୟକ୍ରମ ବଢ଼ାଇବ ଶିଶୁଙ୍କ ଭାବନା ଶକ୍ତି




ଭୁବନେଶ୍ୱର, ୧୦।୯ (ସମିସ): ଶିଶୁଙ୍କ ଭାବନା ଶକ୍ତିକୁ ଅଧିକ କ୍ଷୀପ୍ର କରିବା ପାଇଁ ଦେଶର ଅନ୍ୟତମ ପ୍ରି-ସ୍କୁଲ୍ 'ୟୁରୋକିଡସ୍' ପକ୍ଷରୁ ନୂତନ ପାଠ୍ୟକ୍ରମ 'ହ୍ୟୁରେକା - ଭିଜିବଲ୍ ଥିଙ୍କ୍ କରିକୁଲମ୍' ଉନ୍ମୋଚିତ ହୋଇଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର 'ପ୍ରୋଜେକ୍ଟ ଜିରୋ' ଏବଂ 'ଜାତୀୟ ଶିକ୍ଷାନୀତି'କୁ ଅନୁଧ୍ୟାନ କରିବା ପରେ ଏହି ୮ମ ସଂସ୍କରଣ ପାଠ୍ୟକ୍ରମକୁ ବିକଶିତ କରାଯାଇଛି। ପାଠ୍ୟକ୍ରମର ୨୦ଟି ଗଠନମୂଳକ ଚିନ୍ତନ ପ୍ରଣାଳୀ ରହିଛି। ଯାହା ଶିଶୁଙ୍କ ମଧ୍ୟରେ କୌତୁହଳ ଜାଗ୍ରତ କରିବା ସହିତ ଭାବନା ଶକ୍ତି ଓ ସୃଜନଶୀଳତାକୁ ବଢ଼ାଇବ। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ ଏସବୁକୁ ବିକଶିତ କରାଯାଇଥିବା ୟୁରୋକିଡସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେଭିଏସ୍ ଶେଶାଶାୟୀ କହିଛନ୍ତି। ୟୁରୋକିଡସ୍ ପାଠ୍ୟକ୍ରମ ବିକାଶ ମୁଖ୍ୟ ଡ. ଅନିତା ମଦାନ 'ହ୍ୟୁରେକା' ପ୍ରାରମ୍ଭିକ ଶିକ୍ଷାର ଏକ ପରିବର୍ତ୍ତନଶୀଳ ଉପାୟ ବୋଲି କହିବା ସହ ଶିଶୁଙ୍କ ମାନସିକତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ସମେତ ସାରା ରାଜ୍ୟରେ 'ୟୁରୋକିଡସ୍'ର ମୋଟ୍ ୪୩ଟି ଶାଖା ରହିଛି। ଆଗାମୀ ୫ ବର୍ଷରେ ଆଉ ୩୨ଟି ନୂତନ ଶାଖା ଖୋଲିବାକୁ ଯୋଜନା ପ୍ରସ୍ତୁତ କରିଛି।

# ପଥିକ ଝୁରୁଛନ୍ତି ପନ୍ଦାରୀଙ୍କ ପଥପ୍ରାନ୍ତ କଳାକୃତି

ଭୁବନେଶ୍ୱର, ୧୦।୯ (ସମିସ): ରାଜଧାନୀର ଚାରିପଟ ଖାଲି ଇଟାମାଟି ପଥର ପରି ଲାଗେ। ଯୁଆଡ଼େ ଦେଖିଲେ ମାଳମାଳ କଙ୍କ୍ରିଟ୍ ଜଙ୍ଗଲ। ଏସବୁ କିଛି ଆକୃଷ୍ଟ କରେନି, କିଛି ନୂଆ କରିବାର ଇଚ୍ଛା ସବୁବେଳେ ତାଙ୍କୁ ଘାରିଥାଏ। ସେଥିପାଇଁ ନିଜ କଳାକୌଶଳକୁ ବିନିଯୋଗ କରି ଭଙ୍ଗା ଓ ପୁରୁଣା ଷ୍ଟିଲରେ ଗଢ଼ିଥିଲେ ନିଆରା କଳାକୃତି। ହେଲେ ଏବେ ବିଡିଏ ପକ୍ଷରୁ ସେସବୁ କଳାକୃତିକୁ ଭାଙ୍ଗି ଦିଆଯାଇଛି। ଫଳରେ ସବୁ ପରିଶ୍ରମ ତାଙ୍କର ମାଟିରେ ମିଶିଯାଇଛି ବୋଲି ଲୁହ ଆଖିରେ କୁହନ୍ତି ପନ୍ଦାରୀ।

ସିଆର୍‌ପିରୁ ପାସ୍‌ପୋର୍ଟ ଅଫିସ ନିକଟ ରାସ୍ତାକଡ଼ରେ ଗଲାବେଳେ ରାସ୍ତାର ବାମପାର୍ଶ୍ୱରେ ଦେଖିବାକୁ ମିଳୁଥିଲା ଏକ ନିଆରା ନେପାଳୀ ଘର। ଭଙ୍ଗା ଓ ପୁରୁଣା ଷ୍ଟିଲରେ ନିର୍ମିତ ହୋଇଥିବା ସେ କଳାକୃତି ଏବେ ନାହିଁ। ରାସ୍ତାକଡ଼ରେ ଏପରି ଆକର୍ଷଣୀୟ ଘର ତିଆରି କରିଥିବା ମଣିଷ ହେଲେ ପନ୍ଦାରୀ ମୁଦୁଲି। ଅହରହ ଘରକୁ ଆକର୍ଷଣୀୟ ତିଆରି କରିବାରେ ନିଜର ସବୁ ସମୟ ଓ ପରିଶ୍ରମ ଲଗାଇଥିଲେ। ହେଲେ ଆଜି ସେସବୁ ପରିଶ୍ରମ ଯେପରି ମାଟିରେ ମିଶିଗଲା ପରି ଅନୁଭବ କରୁଛନ୍ତି କହି କାନ୍ଦି ପକାଇଥିଲେ ପନ୍ଦାରୀ। ତାଙ୍କ କହିବା ଅନୁଯାୟୀ ଗତ ଦୁଇ ମାସ ପୂର୍ବରୁ ପ୍ରଥମେ ବିଡିଏ ପକ୍ଷରୁ ସେସବୁ କଳାକୃତିକୁ ହଟାଇବାକୁ କହିଦେଇ ଯାଇଥିଲେ। ହେଲେ କାହିଁକି କଣ ସେସବୁ ତାଙ୍କୁ ଜଣାନଥିଲା। ସେଥିପାଇଁ ଏ ଦିଗରେ ସେ କୌଣସି ଧ୍ୟାନ ଦେଇ ନଥିଲେ। କିଛି ଦିନପରେ ହଠାତ୍ ବିଡିଏର କିଛି କର୍ତ୍ତୃପକ୍ଷ ଆସି ଯେସିବି ସହାୟତାରେ ସବୁକିଛି କାରୁକାର୍ଯ୍ୟ ଭାଙ୍ଗି ଦେଇ ଚାଲିଗଲେ। ଗତ କିଛିଦିନ ହେଲା ରାସ୍ତାରେ ଆଉ ସେ କଳାକୃତି ଦେଖିବାକୁ ମିଳୁନି। କିଛି ମିଳୁଛି ଯଦି ତାହା ହେଲା ପନ୍ଦାରୀ ମୁଦୁଲୀଙ୍କ ଛଳଛଳ ଆଖି ଆଉ ମାଟିରେ ମିଶିଥିବା ତାଙ୍କ ପରିଶ୍ରମ।

■ **ମାଟିରେ ମିଶିଛି ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ**

ସେ କୁହନ୍ତି, ୨୦ ବର୍ଷ ଲାଗି ସେ ରାସ୍ତା କଡ଼ର ଘରକୁ ଆକର୍ଷଣୀୟ କରିବାରେ ସମସ୍ତ କଳାକୃତି ନିଜ ହାତରେ ଗଢିଥିଲେ। ସେଥିପାଇଁ ଘରର ଭଙ୍ଗା ଓ ପୁରୁଣା ଷ୍ଟିଲ ସଂଗ୍ରହ କରିବା ଆରମ୍ଭ କଲେ ଏବଂ ଦୈନିକ ୧୨ ଘଣ୍ଟା ସମୟ ସେ ଏହି କାମକୁ ଦେଇଥିଲେ। ନେପାଳର ଏକ ଘରକୁ ଦେଖି ସେ ନିଜ ଘରକୁ ସଜେଇଥିଲେ। ଏପରିକି ଘରର ହାଣ୍ଡି ଡେକଚିକୁ ମଧ୍ୟ କାଟି ଏହି କାମରେ ଲଗେଇଥିଲେ। ଷ୍ଟିଲରେ ନିଖୁଣ ଭାବେ ଆକୃତି ଦେଇ ତାକୁ ବିଭିନ୍ନ ଧନୁତୀର, ଚକ୍ର ଏବଂ ଆଦିବାସୀଙ୍କ ବିଭିନ୍ନ ଅସ୍ତ୍ର ଓ ଉପକରଣ ପରିଣତ କରିଥିଲେ, ଯାହା ଆଜି ସବୁ ଭଙ୍ଗାରୁଜା ଅବସ୍ଥାରେ ପହଞ୍ଚିଛି।





# ମରାକୁଟା କଲୋନୀ ଛକରୁ ବୁଡ଼ିପଦର ଏନ୍‌ଏଚ୍ ୪୯ ଯାଏଁ ରାସ୍ତା ନିର୍ମାଣ ଦାବି



ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲା ମରାକୁଟା କଲୋନୀ ଛକରୁ ବୁଡିପଦର ଏନଏଚ-୪୯ ଯାଏଁ ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ବୁଧବାର ମରାକୁଟା ପଞ୍ଚାୟତର ସରପଞ୍ଚ ଲିଲି ତନ୍ତୀଙ୍କ ସହ ସ୍ଥାନୀୟ ବାସିନ୍ଦା ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏଥିପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ମରାକୁଟା କଲୋନୀ ଛକରୁ ବୁଡିପଦର ଏନଏଚ-୪୯ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ରାସ୍ତାରେ ବିବାଦ ଯୋଗୁଁ ୨୦୦ରୁ ୩୦୦ ମିଟର ରାସ୍ତା ତିଆରି ମଧ୍ୟ ହୋଇନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଅଞ୍ଚଳବାସୀ, ଛାତ୍ରଛାତ୍ରୀ, ଯାନବାହନ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବସ୍ଥା ଏପରି ଶୋଚନୀୟ ଯେ, ଲକ୍ଷ୍ମୀ ବସ ମଧ୍ୟ ଏହି ରାସ୍ତା ଦେଇ ଚଳାଚଳ କରିପାରୁ ନାହିଁ। ଖାଲଖମା ଭରା ଏହିରାସ୍ତାରେ ଯାତାୟତ ବେଳେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ମଧ୍ୟ ହାନି ହେଉଛି। ଏହାଦ୍ୱାରା ବୁଡିପଦର, ତିହାଡିପାଲି, ମରାକୁଟା, ସାଲେଟ୍ରିକା, ଜମେରା, ଜାମଟିକ୍ରା, ପଣ୍ଡ୍ରିପଥର ଆଦି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହିରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସାର ଚୋରି ଅଭିଯୋଗରେ କିର୍ମିରା ପାକ୍ସ ସମ୍ପାଦକ ଗିରଫ



ଇବଥର୍ମାଲ,୧୦।୯ (ସମିସ)

ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ୍ କିର୍ମିରା ସୋସାଇଟିରୁ ସାର ଚୋରି ଘଟଣାରେ କିର୍ମିରା ପାକ୍ସ ସମ୍ପାଦକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ବୁଦ୍ଧଦେବ ସାହୁ ବୋଲି ଲାଇକେରା ପୁଲିସ ସୂଚନା ଦେଇଛି। ମଙ୍ଗଳବାର ରାତିରେ କିର୍ମିରା ସୋସାଇଟିରୁ ସାର ଚୋରି ବେଳେ ଗ୍ରାମବାସୀ ୨୬ ବସ୍ତା ସାର ଲୋଡିଂ ହୋଇଥିବା ପିକ୍‌ଅପ୍‌କୁ ଧରି ଲଇକେରା ଥାନାର ଜିମା ଦେଇଥିଲେ। ଖବର ପାଇ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଥିଲେ। ସାର ଚୋରିରେ ପାକ୍ସ ସମ୍ପାଦକ ବୁଦ୍ଧଦେବ ସାହୁ ସମ୍ପୃକ୍ତ ଥିବା ନେଇ ଜଣା ପଡିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆ ଯାଇଥିଲା। ପୁଲିସ ଘଟଣାର ତଦନ୍ତ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରି ଏବଂ ସାର ଚୋରି ପାଇଁ ବ୍ୟବହୃତ ପିକଅପକୁ ଜବତ କରିଛି।

## ଚକରକେନ୍ଦ ଡିଗ୍ରୀ କଲେଜରେ ଆଇନ ସଚେତନତା



ବରଗଡ଼,୧୦।୯ (ସମିସ): ଚକରକେନ୍ଦର ସନ୍ଥ କବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟର ସଭାଗୃହରେ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି, ପ୍ରାଧିକରଣର ମୁଖ୍ୟ ସମାଧାନ ଅଧିକାରୀ ମୁନସୀ ସାହୁ, ମହାବିଦ୍ୟାଳୟର ଆଇନ ପରାମର୍ଶଦାତା ତଥା ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲାର ସଭାପତି ବିମଳ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୌନ ଉତ୍ପୀଡନରୁ ନାବାଳିକାଙ୍କୁ ସୁରକ୍ଷା ତଥା ପୀଡିତାଙ୍କୁ ଆଇନ ସହାୟତା ଓ କ୍ଷତିପୂରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ନାୟକ ଆଇନ ଉପରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଶ୍ରୀ ସାହୁ ପକ୍ସୋ ଆଇନ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଶ୍ରୀ ଦାଶ ଏହି ଆଇନ ଗଠନ ତଥା ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ତୁମ୍ବେଲାଲ ଭୋଇ, ବିଶେଷ ଅତିଥି କଲେଜ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିବୋଲ ପଧାନ ବିଶେଷ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଅଧ୍ୟାପିକା ଲୀଳାବତୀ ପଧାନ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



ବରଗଡ଼,୧୦।୯ (ସମିସ): ବିକାଶ ଲ' ସ୍କୁଲରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ ହୋଇଯାଇଛି। ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଲ' ସ୍କୁଲର ଚତୁର୍ଥ ବର୍ଷର ଛାତ୍ର ସତ୍ୟମ ସାହୁ ଓ ତୃତୀୟ ବର୍ଷର ଛାତ୍ର ସୟମ୍ ମିଶ୍ର ଲୋକଙ୍କ ମନରୁ ଆତ୍ମହତ୍ୟା ପ୍ରବଣତା ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନି ସାହୁ, ଅଭିନନ୍ଦନ ଝୁଟିଆ, ନିହାରରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସାଗତିକା ସାହୁ, ସୁଶୋଭିତା ଦାସ୍, ସନ୍ତୋଷୀ ସାହୁ, ଅଞ୍ଜନା ପୂଜାରୀ, ସାଗରିକା ବିଶ୍ୱାଳ ଓ ଲ'ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନି ସାହୁ ଧନ୍ୟବାଦ ଦେଇଥିଲେ।

## ପୋଖରୀ ହିଡ଼ ସଫା କଲେ ମହିଳା

ଝାରବନ୍ଧ,୧୦।୯ (ସମିସ): ଝାରବନ୍ଧ ପଞ୍ଚାୟତର ପୋଖରୀ ବଡବନ୍ଧ ହିଡରେ ଅନାବନା ଘାସବୁଦା ହୋଇଛି। ପୋଖରୀକୁ ଯିବା ଆସିବା କରିବା ପାଇଁ ଘାସ ବୁଦାରେ ଅସୁବିଧା ହେଉଥିବାରୁ ଗାଁର ମହିଳା ମାନେ ନିଜେ ସ୍ୱେଚ୍ଛାକୃତ ଭାବେ ବାହାରି ପୋଖରୀ ହିଡକୁ ସଫା କରିଛନ୍ତି। ମାଳିପଡା ପାଇଁ ପାହାଚ ନ ଥିବାରୁ ମହିଳା ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି। ପୋଖରୀ ହିଡକୁ ସମ୍ପୂର୍ଣ୍ଣ ଭାବେ ସଫା କରିବା ସହିତ ପାହାଚ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ଗୋମାଂସ ବିକ୍ରି ଅଭିଯୋଗରେ ୪ ଗିରଫ

ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ଅଧୀନ କୁଡାଲୋଇ ଠକଠକି ପଡାରେ ଗୋମାଂସ ବିକ୍ରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଜଗଦିଶ ରୋହିଦାସ(୨୫), ଭୀଷ୍ମ ରୋହିଦାସ(୩୫), ଇଲି ଆଜାହାର ହରୋ(୪୦) ଓ ଐଶନ ବାରୁ (୩୦) ବୋଲି ଲଖନପୁର ପୁଲିସ ସୂଚନା ଦେଇଛି। ବୁଧବାର ସକାଳେ ଅଭିଯୁକ୍ତ ମାନେ ଗୋ ମାଂସ ବିକ୍ରି କରୁଥିବା ଖବର ପାଇ ବଜରଙ୍ଗ ଦଳର ସଦସ୍ୟ ମାନେ ଲଖନପୁର ପୁଲିସକୁ ଖବର ଦେବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲଖନପୁର ପୁଲିସ ଘଟଣା ସ୍ଥଳରେ ଚଢ଼ଉ କରିବା ସହ ଅଭିଯୁକ୍ତ ମାନଙ୍କ ନିକଟରୁ ପ୍ରାୟ ୧ କ୍ୱିଣ୍ଟାଲ ଗୋ ମାଂସ ଜବତ କରିଥିଲା। ଏହାସହ ବଜରଙ୍ଗ ଦଳର ଅଂଶୁଳ ଜସୱାଲଙ୍କ ଲିଖିତ ଅଭିଯୋଗ କ୍ରମେ ଲଖନପୁର ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ୫୫ ଦିନରେ ମାମଲାର ବିଚାର
# ତଦନ୍ତକାରୀ ଆଇଆଇସି ଏବଂ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ



ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲାରେ ଏକ ପକ୍ସୋ ମାମଲାର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରିବା ଘଟଣାରେ ତଦନ୍ତକାରୀ ବ୍ରଜରାଜନଗର ଆଇଆଇସି ଏବଂ ନିରୀକ୍ଷକ ଝାରସୁଗୁଡ଼ାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକଙ୍କୁ ମଙ୍ଗଳବାର ରାଜ୍ୟ ପୁଲିସ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ପୁରସ୍କୃତ କରାଯାଇଛି। ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ପକ୍ସୋ ମାମଲା ଗତ ୨୦୨୫ ମସିହା ମାର୍ଚ୍ଚ ୨୩ ତାରିଖରେ ଘଟିଥିଲା। ମାମଲାର ତଦନ୍ତକାରୀ ଅଫିସର ଭାବେ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଓ ମାମଲାର ନିରୀକ୍ଷକ ଅଫିସର ଭାବେ ତତ୍କାଳୀନ ଏସପି ସ୍ମିତ ପି ପରମାର ରହିଥିଲେ। ମାମଲା ଟିର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରିଥିଲା। ପୀଡ଼ିତାଙ୍କୁ ନ୍ୟାୟ ବାବଦକୁ ଅଭିଯୁକ୍ତକୁ ୨୫ ବର୍ଷ ଜେଲ ଏବଂ ୧୨ହଜାର ଟଙ୍କା ଜରିମାନା କରାଯାଇଥିଲା। ମାମଲାର ତଦନ୍ତ ଶୀଘ୍ର ସାରିଥିବାରୁ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଏବଂ ଝାରସୁଗୁଡା ତତ୍କାଳୀନ ଏସପି ସ୍ମିତ ପି ପରମାର ରାଜ୍ୟ ପୁଲିସ କାର୍ଯ୍ୟାଳୟ ଠାରୁ ପୁରସ୍କୃତ ହୋଇଛନ୍ତି।

# ବାଙ୍ଗାଲୋରରେ ନୂଆଁଖାଇ ଭେଟଘାଟ



ବରଗଡ଼,୧୦।୯ (ସମିସ): ପ୍ରବାସୀ ପଶ୍ଚିମ ଓଡ଼ିଶା ବାସୀ ବାଙ୍ଗାଲୋର୍‌ର ୟଲଙ୍କା, ଚୋଖନହଲ୍ଲି ଅଞ୍ଚଳରେ ବାସ କରୁଥିବା ପ୍ରୋଭିଡେଣ୍ଟ ହାରମୋନି କ୍ଲବ୍ ହାଉସ ଠାରେ ଓଡ଼ିଆ ଉତ୍କଳ ସମାଜ ପକ୍ଷରୁ ଗତକାଲି ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସନ୍ତୋଷ ଡନସେନା ଓ ଅକ୍ଷୟ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଆଶିଷ ରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅଶୋକ ପଣ୍ଡା, ପ୍ରଶାନ୍ତ ମହାନ୍ତି, ଆକାଶ ପ୍ରଧାନ, ଜିତୁ ପଣ୍ଡା, ମନିନ୍ଦର ସୁନା, ଆୟୁଷ ନାଏକ, ସୁମନ ମହାନ୍ତି, ରୂଚିକା, ଜାହ୍ନବୀ ମିଶ୍ର (ଜୁଲି), ସାସ୍ୱତୀ ନାଏକ ଓ ଆହୁରି ଅନେକ ଯୋଗଦେଇ ସହଯୋଗ କରିଥିଲେ। ଯୋଗ ଦେଇଥିବା ସମସ୍ତ ସଦସ୍ୟ/ସଦସ୍ୟା ସମ୍ବଲପୁରୀ ପୋଷାକ ଓ ସମ୍ବଲପୁରୀ ଖାଦ୍ୟ ପେୟରେ ନୂଆଁଖାଇ ଉତ୍ସବ ପାଳନ ପୂର୍ବକ ପରସ୍ପରକୁ ଅଭିବାଦନ ଜଣାଇଥିଲେ। ନୂଆ ଧାନରୁ ଚାଉଳ କରି ମାଁ ସମଲେଶ୍ୱରୀଙ୍କ ପାଖେ ଭୋଗ ଲାଗିଲା ପରେ ସମସ୍ତେ ପ୍ରସାଦ ପାଇଥିଲେ। ଅରୁଆ ଅନ୍ନ ସହ ମୁଗ ଡାଲି, ବିଭିନ୍ନ ପ୍ରକାରର ତରକାରୀ, ଭଜା, ଶାଗ, ଆମ୍ବିଲ, ସହ ପିଠା ପଣା ପ୍ରସ୍ତୁତ କରି ଏକା ସାଙ୍ଗରେ ସମସ୍ତେ ନୂଆଁ ଖାଇଥିଲେ। ପରେ ସାନ ମାନେ ନିଜଠୁ ବଡ଼ ଗୁରୁଜନଙ୍କୁ ପ୍ରଣାମ କରିବା ସହ ଆଶୀର୍ବାଦ ନେଇଥିଲେ। ରାଜ୍ୟ ବାହାରେ ରହିଲେ ବି ସମସ୍ତେ ମିଶି ପରିବାର ସହ ଆନନ୍ଦ ଉଲ୍ଲାସ ସହ ନୂଆଁଖାଇ ପର୍ବ ପାଳନ କରିଥିଲେ। ଶେଷରେ ଜଟାଧାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟି ଗଠନ

ବରଗଡ଼,୧୦।୯ (ସମିସ): କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟି ଗଠିତ ହୋଇଯାଇଥିବା କଲିକତା ସ୍ଥିତ ଦମଦମ୍‌ର ଏକ ଷ୍ଟୁଡିଓରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ତେବେ ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟିର ସଭାପତି ଭାବେ ଓଡ଼ିଶାରୁ ବରଗଡ଼ ଜିଲ୍ଲା ଚୈତନ୍ୟ ପାଇକ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ପଶ୍ଚିମ ବଙ୍ଗରୁ ଡ.ଅର୍ପିତା ଚାଟାର୍ଜୀ ଓ ଉତ୍ତରପ୍ରଦେଶ ବନାରସରୁ ଡ.ଦିବ୍ୟା ଶ୍ରୀବାସ୍ତବ, ଆନ୍ଧ୍ରପ୍ରଦେଶରୁ ଡ.ପି ସାର୍ଥ ଚନ୍ଦ୍ର, ଅଗରତଲାରୁ ଡ.ରୀମା ବାନାର୍ଜୀ, ମଣିପୁରରୁ ଡ.ନଗନଗି ଚାନୁ, ମନୋନୀତ ହୋଇଥିଲେ। ସମ୍ପାଦକ ଭାବେ ଡ.ଉପେନ୍ଦ୍ର ଶର୍ମା, ଯୁଗ୍ମ ସମ୍ପାଦକ ଭାବେ ରାଜସ୍ଥାନରୁ ଡ.ଗଣିମା ଭାର୍ଗବ, କଲିକତାରୁ ପ୍ରଫେସର ବାବୁ ମାନ୍ନା, ଆସାମରୁ ଗୁରୁ ଚିତ୍ରଲେଖା ଗୋଗଇ, ଦିଲ୍ଲୀରୁ ଡ.ଲଭଲି ରାୟ, ଓଡ଼ିଶାରୁ ତୁଷାର କାନ୍ତ ବେହେରା, କୋଷାଧ୍ୟକ୍ଷ ଭାବେ ଅରୁଣ ପାତ୍ର ପ୍ରମୁଖ ଆସନ୍ତା ୫ବର୍ଷ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମାଲେସିଆରୁ ଡ.ଚୟନିକା ଚାଟାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ କମିଟିର ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟିର ନବ ନିର୍ବାଚିତ ସଭାପତି ଶ୍ରୀ ପାଇକ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।




ଓଡ଼ିଶାରୁ ଚୈତନ୍ୟ ପାଇକ ସଭାପତି

## ସଂଗଠନ ସୃଜନ ଅଭିଯାନ
# ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ବରଗଡ଼,୧୦।୯ (ସମିସ)




ଅଖିଳ ଭାରତ କଂଗ୍ରେସ କମିଟିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସାଂସଦ ଶୋଭା ତାଇ ବଚ୍ଚବ ବୁଧବାର ସଂଗଠନ ସୃଜନ ଅଭିଯାନରେ ବରଗଡ଼ ଜିଲ୍ଲା କଂଗ୍ରେସର ଏକ ସଶକ୍ତ ଜିଲ୍ଲା ସଭାପତି ବଛାଯିବ ବୋଲି କହିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂଙ୍କ ପୌରହିତ୍ୟରେ ଆଜି ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ହୋଟେଲ୍ ମହାରାଜାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାମ୍ବାଦିକ ସମ୍ମିଳନୀରେ ବଚ୍ଚବ ଅଖିଳ ଭାରତୀୟ କଂଗ୍ରେସ କମିଟିର ନିଷ୍ପତ୍ତି କ୍ରମେ ତୃଣମୂଳ ସ୍ତରରେ କଂଗ୍ରେସ ଦଳକୁ ମଜବୁତ୍ କରିବା ପାଇଁ ଏହି ଅଭିଯାନ କରାଯାଉଛି ବୋଲି କହିଥିଲେ। ଏହି ଅଭିଯାନରେ ପଞ୍ଚାୟତ, ବ୍ଲକ୍‌ରୁ ଆରମ୍ଭ କରି ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କଂଗ୍ରେସର କର୍ମକର୍ତ୍ତା, ନେତା, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ, ତଥା ସିଭିଲ ସୋସାଇଟିର ସାଧାରଣ ଜନତାଙ୍କୁ ବ୍ୟକ୍ତିଗତ ସ୍ତରରେ ଭେଟି ଆଲୋଚନା କରାଯିବ। ସମସ୍ତଙ୍କୁ ସାଙ୍ଗରେ ନେଇ ସଂଗଠନର ଦାୟିତ୍ୱ ନେଇ କାର୍ଯ୍ୟ କରିପାରୁଥିବା କର୍ମୀଙ୍କୁ ଜିଲ୍ଲାର ନେତୃତ୍ୱ ଦେବାକୁ ନିର୍ଦ୍ଦେଶ ରହିଥିବା ସେ କହିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଭୁଜବଳ ମାଝୀ କହିଥିଲେ ଯେ ଆଜି ଦଳର ନେତା ତୃଣମୂଳ ସ୍ତରରୁ କର୍ମୀ ବାଛିବେ, ଯାହା କି ଆଗରୁ ହେଉନଥିଲା। ଏଣୁ ସମସ୍ତ କର୍ମୀ ମାନଙ୍କୁ ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସହ ପର୍ଯ୍ୟବେକ୍ଷକ ସୁନ୍ଦରଗଡ ଜିଲ୍ଲା କଂଗ୍ରେସ କମିଟିର ନେତ୍ରୀ ଦେବସ୍ମିତା ସାମଲ, ସତ୍ୟ ନାରାୟଣ ସେନାପତି ମଧ୍ୟ ସମ୍ମିଳନୀରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ସମେତ ଜିଲ୍ଲାର ଗତ ନିର୍ବାଚନ ସମୟରେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ହୋଇଥିବା ପ୍ରାର୍ଥୀ ବ୍ରହ୍ମାନନ୍ଦ ମହାକୁଡ, ନିପନ ଦାଶ, କିଶୋର ଦଫାଦାର, ଟଙ୍କଧର ସାହୁ, ଅଭିଷେକ ସେଟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶ ଯେ, ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାରେ 'ସଂଗଠନ ସୃଜନ ଅଭିଯାନ'ର ଶୁଭାରମ୍ଭ ହୋଇଛି। ଏହା ସେପ୍ଟେମ୍ବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରୁକ୍ମିଣୀ ପତିଙ୍କ ପରଲୋକ



ବରଗଡ଼,୧୦।୯ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ କେନ୍ଦୁଗୁଡିଆର ଜନାର୍ଦ୍ଦନ ପତିଙ୍କ ପତ୍ନୀ ରୁକ୍ମିଣୀ ପତି (୭୫) ଙ୍କର ପରଲୋକ ଘଟିଛି। ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ କେନ୍ଦୁଗୁଡିଆ ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ଲୋକ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ୪ ପୁଅ ମଧ୍ୟରୁ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟର ଉପକୁଳସଚିତ ଡ.ଉମାଚରଣ ପତି, ନିମାଇଚରଣ ପତି, ବରଗଡ଼ ବିକାଶ ସିନିଅର୍ ସେକେଣ୍ଡାରୀ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ପତି, ଶାସନ ବିକାଶ କନ୍‌ସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବୋହୂ ବନିତା, ନିତାଞ୍ଜଳି, ବିଜୟା, ମିତା ଏବଂ ୮ ନାତିନାତୁଣୀ ଅଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ସଚେତନତା




ଝାରସୁଗୁଡ଼ା,୧୦।୯ (ସମିସ): ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡା ପକ୍ଷରୁ ଆସନ୍ତା ୧୩ ତାରିଖ ଜିଲ୍ଲା କୋର୍ଟ ପରିସରରେ ଓ ଲଖନପୁରରେ ଥିବା ଗାଁ ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଭ୍ରାମ୍ୟମାଣ ଗାଡିର ବ୍ୟବସ୍ଥା କରାଯାଇଛି। ଏଥିରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବୁଲି ଡାକବାଜି ଯନ୍ତ୍ର ମାଧ୍ୟମରେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ ସମ୍ପର୍କରେ ସଚେତନ କରାଯାଉଛି। ଅଦାଲତରେ ବିଚାରାଧିନ ମାମଲା ଓ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ଆପୋଷ ବୁଝାମଣା ମାଧ୍ୟମରେ ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରାଧୀନ ସମସ୍ତ ପ୍ରକାରର ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ବିଚାରାଧିନ ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦି ମାମଲା ମାନଙ୍କର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ଏହାଛଡ଼ା ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଶ୍ରମ ଓ ନିଯୁକ୍ତି ବିବାଦ ମଧ୍ୟ ଆପୋଷ ବୁଝାମଣା ମାଧ୍ୟମରେ ଏହି ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ସମାଧନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ସି-ଏସ୍‌ଟି ସମନ୍ୱୟ କମିଟିର ଦାବିପତ୍ର

ଇବଥର୍ମାଲ,୧୦।୯ (ସମିସ)



ଝାରସୁଗୁଡା ଜିଲ୍ଲା ଏସସି ଏସଟି ସମନ୍ୱୟ ଆହ୍ୱାନ କମିଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କୁ ଦାବିପତ୍ର ପ୍ରଦାନ କରିଛି। ଡିସିପି ପାହ୍ୟାର ଅଧିକାରୀ ମାନେ ଆଟ୍ରୋସିଟି ମାମଲାର ତଦନ୍ତ କରୁଥିବା ବେଳେ ଆଇଆଇସି ମାନେ ଏହି ମାମଲାର ତଦନ୍ତ କରି ପାରିବେ ବୋଲି ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ଏହା ଏସସି ଏସଟିଙ୍କ ସ୍ୱାର୍ଥ ବିରୋଧୀ ଅଟେ ବୋଲି ଏସସି ଏସଟି ସମନ୍ୱୟ ଆହ୍ୱାନ କମିଟି ପ୍ରକାଶ କରିଛି। ଆଇଆଇସି ମାନଙ୍କ ଦ୍ୱାରା ଏହି ତଦନ୍ତ ଠିକ ଭାବେ ପରିଚାଳନା ନ ହୋଇ ପାରିବାର ସମ୍ଭାବନା ରହିଛି। ତେଣୁ ଆଟ୍ରୋସିଟି ମାମଲାର ତଦନ୍ତ ଭାର ଡିଏସପି ପାହ୍ୟାର ଅଧିକାରୀଙ୍କୁ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଦଶହରା ଓ ଦୀପାବଳି ପାଇଁ ଶାନ୍ତି କମିଟି ବୈଠକ

# ମହାନଦୀରେ ହେବ ଗଣେଶଙ୍କ ପରେ ଦୁର୍ଗାଙ୍କ ଭସାଣି !

**ସମ୍ବଲପୁର, ୧୦।୯ (ସମିସ)**

ଚଳିତବର୍ଷ ସମ୍ବଲପୁରର ବିଭିନ୍ନ ପୂଜା କମିଟି, ହାଉସିଂ ସୋସାଇଟି ତଥା ଘରେ ପୂଜା କରାଯାଇଥିବା ଗଣେଶ ମୂର୍ତ୍ତି ଜିରୋଡ଼ରେ ବିଭିନ୍ନ ଘାଟଠାରୁ ଆରମ୍ଭ କରି ମାଳତିପୋର ପର୍ଯ୍ୟନ୍ତ ବିସର୍ଜନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗତ ଅଗଷ୍ଟ ୧୧ ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ମହାନଗର ଆୟୁକ୍ତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମୂର୍ତ୍ତି ତିଆରିଠାରୁ ଆରମ୍ଭକରି ବିସର୍ଜନ ପର୍ଯ୍ୟନ୍ତ 'ଡୁ ଆଣ୍ଡ ଡୋଣ୍ଟ' ଏବଂ କୃତ୍ରିମ ପୋଖରୀ ତିଆରି ନେଇ ପତ୍ର ଆସିଥିଲା।





ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାରମ୍ବାର ତାଗିଦ୍‌କୁ ମାନୁନି ମହାନଗର ନିଗମ। ଭୁବନେଶ୍ୱର, କଟକ ପରି ଅନ୍ୟ ମହାନଗର ନିଗମରେ ସ୍ଥାୟୀ କୃତ୍ରିମ ପୋଖରୀ କରାଯାଉଥିବାବେଳେ ସମ୍ବଲପୁର ମହାନଗର ନିଗମ ଉଦାସୀନ ରହିଛି। ଗଣେଶ ମୂର୍ତ୍ତି ବିସର୍ଜନ ମନଇଚ୍ଛା ହୋଇଛି। ପ୍ରଦୂଷିତ ହୋଇଛି ମହାନଦୀ ପାଣି। ଆଗକୁ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ହେବାକୁ ଥିବାବେଳେ ତାହା ମଧ୍ୟ ମହାନଦୀରେ ଭସାଣୀ ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ କରାଯାଇଛି। ଆଜି ସନ୍ଧ୍ୟାରେ ହୋଇଥିବା ଦଶହରା ଓ ଦୀପାବଳୀ ଶାନ୍ତି କମିଟି ବୈଠକରେ ମହାନଦୀରେ ମୂର୍ତ୍ତିର୍ ବିସର୍ଜନ ପ୍ରସଙ୍ଗକୁ ସେଭଳି ଗୁରୁତ୍ୱ ଦିଆଯାଇନଥିଲା। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ସନ୍ଧ୍ୟାରେ ଦୁର୍ଗାପୂଜା ଓ ଦୀପାବଳି ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିବାବେଳେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେଉରା, ଶ୍ରୀମନ୍ତ ବାରିକ ଓ ପ୍ରକାଶ ଜେମ୍ସ ଟପ୍ପୋ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

ବୈଠକରେ ସହରର ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ଆଲୋକୀକରଣ ରାସ୍ତାଘାଟ ମରାମତି, ଆଇନଶୃଙ୍ଖଳା ବ୍ୟବସ୍ଥା, ମଦବିକ୍ରି ଉପରେ କଟକଣା, ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଅପରାଧ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବାସି ଓ ଅପମିଶ୍ରିତ ଖାଦ୍ୟ ଉପରେ କଟକଣା ସ୍ୱରୂପ ବିଭିନ୍ନ ହୋଟେଲ, ରେଷ୍ଟୋରାଁ ଅସ୍ଥାୟୀ ଖାଦ୍ୟଷ୍ଟଲରେ ଖାଦ୍ୟର ମାନ ନିୟମିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମଦବିକ୍ରି ଉପରେ କଟକଣା, ନକଲି ମଦ କାରବାର ଓ ବେଆଇନ ଚାଲାଣ ରୋକିବା ଏବଂ ନିଷେଧ କଫସିରପ୍ ବିକ୍ରି ଉପରେ ଆଲୋଚନା ହୋଇଥିଲା। ପୂଜା ମଣ୍ଡପ ନିର୍ମାଣ ସମୟରେ ରାସ୍ତାଠାରୁ ସୁରକ୍ଷା ଦୂରତା ବଜାୟ ରଖିବାପାଇଁ ମଣ୍ଡପର ଢାଞ୍ଚା ଯାଞ୍ଚ କରିବା, ଶୋଭାଯାତ୍ରା ମାର୍ଗ ସୁନିଶ୍ଚିତ କରି ପ୍ରଶାସନକୁ ଅବଗତ କରିବା, ମୂର୍ତ୍ତି ବିସର୍ଜନ ସମୟରେ ଓଡ୍ରାଫ ଟିମ୍‌ର ଉପସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପୋଲିସ ମୁଖ୍ୟାଳୟ ଓ ମହାନଗର ନିଗମ ମୁଖ୍ୟାଳୟରେ ସମନ୍ୱିତ ନିୟନ୍ତ୍ରଣ କକ୍ଷ ଏବଂ ଅନ୍ୟସାଇଟ୍‌ରେ ମଧ୍ୟ ନିୟନ୍ତ୍ରଣ କକ୍ଷ ରହିବ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁରରେ ଭବ୍ୟ ଭାବରେ ଦୁର୍ଗାପୂଜା ଆୟୋଜନ କରାଯିବାକୁ ନେଇ ଆଲୋଚନା ହୋଇଥିଲା। ପରିବେଶ ଅନୁକୂଳ (ଏନ୍‌ଭିରନ୍‌ମେଣ୍ଟ ଫ୍ରେଣ୍ଡଲି) ଭାବରେ ଏହା ପାଳନ କରାଯିବ। ନିର୍ଦ୍ଧାରିତ ୬୦ ଡେସିବଲ ସୀମା ସମସ୍ତେ ପାଳନ କରିବେ ଏବଂ ଜୋରଜବରଦସ୍ତି ଚାନ୍ଦା ମାଗିବେ ନାହିଁ, ସମସ୍ତ ପୂଜା କମିଟିକୁ ଏନେଇ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଥିଲେ। ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ପାର୍ବଣ ସମୟରେ ସ୍ଥାନୀୟ ଲୋକ ସହିତ ବାହାର ଲୋକ ମଧ୍ୟ ପୂଜା ଦେଖିବାକୁ ଆସିଥାନ୍ତି; ଗୋବିନ୍ଦତୋଲା, ଗୋଲବଜାର ଭଳି ଗହଳି ଜାଗାରେ ୧୦୦-୨୦୦ମିଟର ଚାଲିକି ଗଲେ ଲୋକେ ଭଲ ଭାବରେ ପୂଜା ଦେଖିପାରିବେ। ଏହାବ୍ୟତୀତ ଜରୁରୀ ସ୍ଥିତି ପାଇଁ ବିକଳ୍ପ ରାସ୍ତା ବ୍ୟବସ୍ଥା କରାଯାଇଛି। ପାର୍ବଣ ସମୟରେ ସୁନାହାର ଚୋରି ବା ଛିନ୍‌ତାଇ ଭଳି ଘଟଣା ଏଡ଼ାଇବାକୁ ବାହାରୁ ଆସୁଥିବା ଦୁର୍ବୃତ୍ତମାନଙ୍କୁ ରେଳଷ୍ଟେସନ ଓ ସହର ଉପକଣ୍ଠରେ ଯାଞ୍ଚ କଡ଼ାକଡ଼ି କରିବାସହ ଧରପଗଡ଼ ଜାରିରହିଛି। ଏହା ବ୍ୟତୀତ ସାଧାରଣ ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ୍ ମଧ୍ୟ ମୁତୟନ ରହିଥିବା ସେ ସୂଚନା ଦେଇଛନ୍ତି।



ସମ୍ବଲପୁରର ସମସ୍ତ ପ୍ରବେଶପଥରେ କଡ଼ାକଡ଼ି ଯାଞ୍ଚ କରୁଛି ପୁଲିସ।

# ଦୁଇ କାର୍ ସହ ୬୯ କେଜି ଗଞ୍ଜେଇ ଜବତ, ୩ ଗିରଫ

## ସ୍ୱତନ୍ତ୍ର ଚ୍ୟାମ୍ବରରେ ଲୁଚାଇ ରଖିଥିଲେ



**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩(ବି) ଜାତୀୟ ରାଜପଥ ବୌଦ୍ଧ ରାସ୍ତାରେ ବୁଧବାର ଦିନ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦୁଇଟି ସ୍ଥାନରୁ ଦୁଇଟି କାର୍ ସହ ୬୯ କେଜି ଗଞ୍ଜେଇ ଜବତ କରିବା ସହିତ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଗୋଟିଏ କାର ଗାଡ଼ିର ଉତ୍ତରପ୍ରଦେଶ ରାଜ୍ୟ ଜିଲ୍ଲା ବନାରସ ଖର୍ଗିପୁର ଗ୍ରାମର ବାସିନ୍ଦା ଅଖିଳ ନନ୍ଦ ମିଶ୍ର(୨୮) ଏବଂ ଅନ୍ୟ କାର ଗାଡ଼ିର ଝାରସୁଗୁଡା ଜିଲ୍ଲା ବ୍ରଜରାଜ ନଗର ଅଞ୍ଚଳର ଅମରନାଥ ଦ୍ୱିବେଦୀ(୨୬) ଓ ଆକାଶ ରାମ ରୋହିଦାସ(୨୫)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀ କଦଳିଗଡ଼ ପଞ୍ଚାୟତ ଅଧୀନ କନ୍ଧରା ଗ୍ରାମଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଅଭିମୁଖେ ମାରୁତି କାର୍ ଦୃତ ଗତିରେ ଆସୁଥିବା ଦେଖି ଯାଞ୍ଚ କରିଥିଲେ। ଏଥିରେ ଗାଡି ମଧ୍ୟରେ ସ୍ୱତନ୍ତ୍ର ଚ୍ୟାମ୍ବର୍‌ରୁ ୬୦ କେଜି ଗଞ୍ଜେଇ ସହିତ ୭ଟି ବିଭିନ୍ନ ଫରଜରୀ ଗାଡି ନମ୍ବର ଉଦ୍ଧାର କରିବା ସହିତ ଏଥିରେ ଚାଲାଣକାରୀ ଅଭିଯୁକ୍ତ ଅଖିଳନନ୍ଦ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ସେହିପରି ହାତୀବାହାଳ ଗ୍ରାମ ଛକ ନିକଟରୁ କାର୍ ନଂ ଓଡି୨୩ କ୍ୟୁ-୫୩୮୧ ବିଶିଷ୍ଟ ଗାଡ଼ିରେ ବେଆଇନ ଚୋରା ଚାଲାଣ ୯ କେଜି ଗଞ୍ଜେଇ ଜବତ କରିବା ସହିତ ଏଥିରେ ଦୁଇ ଜଣ ଅଭିଯୁକ୍ତ ଯୁବକ ଝାରସୁଗୁଡ଼ା ଜିଲ୍ଲାର ଅମରନାଥ ଦ୍ୱିବେଦୀ ଓ ଆକାଶରାମ ରୋହିଦାଶଙ୍କୁ ଗିରଫ କରାଯାଇଥିଲା। ଚାଲାଣକାରୀ ଅଭିଯୁକ୍ତମାନେ ଫୁଲବାଣୀ ଜିଲ୍ଲାରୁ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।ଚଢାଉ ବେଳେ ରେଢ଼ାଖୋଲ ଅବକାରୀ ବିଭାଗ ଓଆଇସି କୀର୍ତ୍ତନ ନାଏକ, ଏଏସଆଇ ବିନୋଦିନୀ ବେହେରା, କର୍ମଚାରୀ ଶାନ୍ତନୁ ବେହେରା, ସୁଭାଷିନୀ ଭୋଇ, ଶ୍ରାବଣ ମାଝୀ ପ୍ରମୁଖ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

**କୁଚିଣ୍ଡା, ୧୦।୯ (ସମିସ):** ବାମରା ବ୍ଲକ ମହୁଲପାଲି (ବିଲେଇଗଡ଼ପଡ଼ା)ର ନଳକୁଅରୁ ପାଣି ଆଣିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକଙ୍କ ପରିବାର ଲୋକେ ମହୁଲପାଲି ଥାନାକୁ ଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ସୂଚନା ଅନୁସାରେ, ଗତ ୨ ଦିନ ପୂର୍ବରୁ ମହୁଲପାଲି ବିଲେଇଗଡ଼ ପଡ଼ାର ଲୋକନାଥ ରୋହିଡାସ(୪୫) ଘର ପାଖରେ ଥିବା ପାଖ ନଳକୂଅକୁ ପାଣି ଆଣିବା ପାଇଁ ଯାଇଥିଲେ।ଉକ୍ତ ନଳକୂଅରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।ମହୁଲପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ରାତିରେ ତାଙ୍କ ପରିବାରବର୍ଗ ଥାନାକୁ ଯାଇ ଉକ୍ତ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ।ମୃତକ ପରିବାରକୁ ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ବାମରାରେ ପୁଣି ବାଇକ୍ ଚୋରି

**କୁଚିଣ୍ଡା, ୧୦।୯ (ସମିସ):** ବାମରା ଅଞ୍ଚଳରେ ପୁଣିଥରେ ଚୋରି ଘଟଣା ଘଟିଛି। ବାମରା ମସଜିଦପଡ଼ାର ନିବାସୀ ଏମଡି ଆଦିଲଙ୍କ ଏଚଏଫ ବାଇକ୍ ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ସୂଚନା ଅନୁସାରେ, ଗତ ସୋମବାର ରାତିରେ ଆଦିଲ୍ ନିଜ ଘର ପାଖରେ ବାଇକ୍ ରଖିଥିଲେ। କିନ୍ତୁ ପରଦିନ ସକାଳେ ଦେଖିଲା ବେଳକୁ ବାଇକ୍ ନଥିବା ଜାଣିବାକୁ ପାଇଥିଲେ।ସବୁଆଡ଼େ ଖୋଜାଖୋଜି ପରେ ମଧ୍ୟ ବାଇକ୍‌ର କୌଣସି ସନ୍ଧାନ ମିଳିନାହିଁ। ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ମସଜିଦରେ ଲାଗିଥିବା ସିସି ଟିଭି ସହିତ ଆଖପାଖ କ୍ୟାମେରା ଗୁଡ଼ିକୁ ଯାଞ୍ଚ କରିଥିବା ସୂଚନା ମିଳିଛି।

# ରାମଲୀଳା କାର୍ଯ୍ୟକ୍ରମ ପାଇଁ ସମଲେଶ୍ୱରୀଙ୍କୁ ନିମନ୍ତ୍ରଣ

**ସମ୍ବଲପୁର, ୧୦।୯ (ସମିସ):** ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ପକ୍ଷରୁ ଆସନ୍ତା ୨୨ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବୀର ବିର୍ସା ମୁଣ୍ଡା ପଡ଼ିଆରେ ରାମଲୀଳା ତଥା ରାବଣ ଦହନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ଆଜି ଅଗ୍ରପୂଜ୍ୟ ଗଣପତି, ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ଆଜି ପୂର୍ବାହ୍ଣରେ ସର୍ବପ୍ରଥମେ ଅଇଁଠାପାଲି ପ୍ରେସ କ୍ଲବସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରରେ ପୂଜା କରାଯାଇଥିଲା। ଏହାପରେ ସମ୍ବଲପୁରର ଇଷ୍ଟଦେବୀ ଜଗତଜନନୀ ମା' ସମଲେଶ୍ୱରୀ ଏବଂ ପରେ ମା' ପାଟଣେଶ୍ୱରୀ ମନ୍ଦିରରେ ବିଧିନୁଯାୟୀ ପୂଜାର୍ଚ୍ଚନା କରାଯାଇ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତିର ସଭାପତି ଗିରିଶ ପଟେଲ, କାର୍ତ୍ତିକ ବହିଦାର, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଅମୂଲ୍ୟ ମିଶ୍ର, ଅନନ୍ତ ଗିରି, ଅନୁପ ବହୁଗୁଣା, ଗିର୍ଜା ଶଙ୍କର ସାହୁ, ସରୋଜ ଘଡେଇ, ଦେବାଶିଷ ପୁରୋହିତ, ଅଶ୍ୱିନୀ ମାଝୀ, କିଶୋର ମେହେର, ଅନିଲ ସୁନା, ଖୁସିରାମ ଛାତ୍ରୀୟା, ତୁଷାର ରଞ୍ଜନ ସେଠ୍, ମୁନ୍ନା ତିୱାରୀ ପ୍ରମୁଖ ସାମିଲ ହୋଇଥିଲେ।

# ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ

## ସଭାପତି ଚୟନ ନେଇ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ଆଲୋଚନା

**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ସଭାପତି ଚୟନକୁ ନେଇ କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ପର୍ଯ୍ୟବେକ୍ଷକ ଇନ୍ଦ୍ରଜ୍ ସିଂ ଗୁରଜର ଜିଲ୍ଲା ସଭାପତି ଚୟନ ନେଇ ଦଳୀୟ ନେତା ଓ କର୍ମୀଙ୍କ ସହିତ କଲେ ଆଲୋଚନା କରିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ସମ୍ପାଦକ ତଥା ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଆସଫ ଅଲ୍ଲୀ ଖାଁଙ୍କ ତତ୍ତ୍ୱାବଧାନ ରେଢ଼ାଖୋଲ ନଗର ସଭାପତି ହରେଶ କର୍ଣ୍ଣଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ପ୍ରଥମ ଦିନ ରେଢ଼ାଖୋଲ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମୀ ଓ କର୍ମକର୍ତ୍ତାଙ୍କୁ ନେଇ ବଂଶାଜାଲ ପଞ୍ଚାୟତସ୍ଥିତ ମା'ସୁହାଣୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ନାକଟିଦେଉଳ ବ୍ଲକ ପାଇଁ ସ୍ଥାନୀୟ ବଜାର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ଯୁଯୁମୁରା ବ୍ଲକ କେଶାପାଲି ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀଙ୍କ ମଧ୍ୟ ରେ ବିପୁଳ ଉତ୍ସାହ ପରିଲକ୍ଷିତ ଦେଖିବାକୁ ମିଳିଥିଲା। ଆଗାମୀ ଦିନ ରେ କଂଗ୍ରେସ ଦଳକୁ ମଜବୁତ କରିବାକୁ ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାକୁ କଂଗ୍ରେସ ନେତୃ ମଣ୍ଡଳୀ ପ୍ରଶଂସା କରିଥିଲେ।ସଭାପତି ଚୟନ ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଥିବା ବେଳେ ଜିଲ୍ଲାରେ ଜଣେ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ପର୍ଯ୍ୟବେକ୍ଷକ ଶ୍ରୀ ଗୁରଜର ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକଦୁର୍ଗା ପାଢ଼ୀଙ୍କ ସମେତ ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର ଙ୍କ ସମେତ ରେଢ଼ାଖୋଲ ବ୍ଲକ ବଂଶାଜାଲ ବୈଠକରେ ସଞ୍ଜୟ ପ୍ରଧାନ, ବ୍ରଜ ସାହୁ, ଅମରେଶ ନାଏକ, ରଞ୍ଜନ ରାଉତ, ସଞ୍ଜୀବ ବିଶ୍ୱାଳ, ଉମେଶ ଦେହୁରୀ, ସର୍ମଦ ଅଲ୍ଲୀ, ମହେଶ ପ୍ରଧାନ, ସୁନିଲ



ପ୍ରଧାନ, ଶତ୍ରୁ ପ୍ରଧାନ, ଗଣନାଥ ପ୍ରଧାନ, ଅଶୋକ ବାଘ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ନାକଟିଦେଉଳ ବ୍ଲକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ନୃସିଂହ ସେଠ୍, ଗୋପୀ ବିଶ୍ୱାଳ, ନରୀ ବିଶି, ସୁମନ୍ତ ଧଳ, ଅଶୋକ ସାମଲ, ବୁଲୁ ପ୍ରଧାନ, ଅରୁ ପ୍ରଧାନ ଏବଂ ଯୁଯୁମୁରା ବ୍ଲକ କେଶାପାଲିରେ ବରିଷ୍ଠ କଂଗ୍ରେସ ନେତା ବେଦ ପ୍ରକାଶ ବିଶ୍ୱାଳ, ଲିଙ୍ଗରାଜ ପ୍ରଧାନ, ସ୍ୱାଧୀନ ପ୍ରଧାନ, ଅଶୋକ ପ୍ରଧାନ, କ୍ଷମାସାଗର ବିଶ୍ୱାଳ ପ୍ରମୁଖ ନିଜ ନିଜସ୍ୱ ମତ ପ୍ରଦାନ କରିଥିଲେ। ୧୩ ତାରିଖ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ହୀରାକୁଦ ଟାଉନ ଓ ବୁର୍ଲା ଟାଉନ ରେ ସଂଗଠନ ସୃଜନ ଅଭିଯାନ ପାଇଁ ଅନୁଷ୍ଠିତ ହେବାକୁ ଥିବା କର୍ମୀ କର୍ମକର୍ତ୍ତାଙ୍କ ବୈଠକ ତଥା ସମାବେଶରେ ଯୋଗଦାନ କରି ପର୍ଯ୍ୟବେକ୍ଷକଙ୍କୁ ନିଜ ନିଜସ୍ୱ ମତାମତ ଦେବାକୁ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଶ୍ରୀ ଦୁର୍ଗା ପାଢ଼ୀ ନିବେଦନ କରିଛନ୍ତି।

# ବିକାଶ ନର୍ସିଂ କଲେଜରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ

**ସମ୍ବଲପୁର, ୧୦।୯ (ସମିସ) :** ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ସମ୍ବଲପୁରସ୍ଥିତ ବିକାଶ ନର୍ସିଂ କଲେଜରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ଉପଲକ୍ଷେ ଏକ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦେବେଇପାଲିର ଅଧିକ୍ଷକ ଡା. ଶାନ୍ତନୁ ମହାପାତ୍ର ମୁଖ୍ୟଅତିଥି ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ ଯୋଗ ଦେଇଥିଲେ। ଡା. ମହାପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ, ଉଦାସୀନତା ଏବଂ ଆତ୍ମହତ୍ୟା ସହିତ ସମ୍ପୃକ୍ତ ବିଭିନ୍ନ କାରଣ ଓ ତାହାର ପ୍ରତିରୋଧ ବିଷୟରେ ଅବଗତ କରାଇଥିଲେ। ଶ୍ରୀମତୀ ପଟ୍ଟନାୟକ କହିଥିଲେ ଯେ ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ। ଉପଯୁକ୍ତ ପରାମର୍ଶ ତଥା ମନୋଚିକିତ୍ସକ ସହଯୋଗ ନେଇ ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟବାହୀ ଅଧ୍ୟକ୍ଷ ଡ଼ଃ




ଦିବ୍ୟସିଂହ ମହନ୍ତ ତଥା ବିକାଶ ନର୍ସିଂ କଲେଜର ଅଧ୍ୟାପିକାବୃନ୍ଦ ଅଞ୍ଜୁ ମହାନନ୍ଦ, ଶୁଭଶ୍ରୀ ମେହେର, କ୍ରିଷ୍ଟିନା ଉଇଲିୟମ, ଲିପଶିକା ଦେହୁରୀ, ଶ୍ରଦ୍ଧାଞ୍ଜଳି ନାଏକ, ସୁନିତା ଓରାମ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଏହି ବିଷୟରେ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନେ ଏକ ସଂକ୍ଷିପ୍ତ ନାଟକ ପରିବେଷଣ କରିଥିଲେ। ଶେଷରେ ସମସ୍ତେ ଆତ୍ମହତ୍ୟା ନିରାକରଣକୁ ନେଇ ଶପଥ ଗ୍ରହଣ କରିଥିଲେ।

# ଜିଏମ୍‌ୟୁରେ ସଂସ୍କୃତ ସପ୍ତାହ ସମାରୋହ



**ସମ୍ବଲପୁର, ୧୦।୯ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗରେ ସପ୍ତାହବ୍ୟାପୀ ଚାଲିଥିବା ସଂସ୍କୃତ ସପ୍ତାହ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ସଂସ୍କୃତ ସପ୍ତାହ ସମାରୋହରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତ ଶ୍ରୁତଲିଖନ, ସଂସ୍କୃତ ଶ୍ଳୋକାବୃତ୍ତି, ସଂସ୍କୃତ ସଙ୍ଗୀତ, ସଂସ୍କୃତ ଅନୁବାଦ, ସଂସ୍କୃତ ପ୍ରବନ୍ଧ, ସଂସ୍କୃତ କଥାବାଚନ, ସଂସ୍କୃତ ଭାଷଣ ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ସପ୍ତାହ ସମାରୋହର ତୃତୀୟ ଦିବସରେ ନାଟ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ସଂସ୍କୃତ ଛାତ୍ରଛାତ୍ରୀଙ୍କୁ ପିପଠିଷୁଃ ଜୟଶ୍ରୀ ଏବଂ କଣ୍ଠାମାଣିକ୍ୟମ୍ ନାମକ ଦୁଇଟି ମନୋରଞ୍ଜନଧର୍ମୀ ନାଟକ ଶିଖାଇଥିଲେ। ସଂସ୍କୃତ ସପ୍ତାହ ସମାରୋହର ଷଷ୍ଠ ଦିବସରେ ଏକ ରାଷ୍ଟ୍ରୀୟ ଶୋଧସଂଗୋଷ୍ଠୀର ଆୟୋଜନ ହୋଇଥିଲା। ଏହାର ଶୀର୍ଷକ ଥିଲା 'ଭାରତୀୟ ଜ୍ଞାନ ପରମ୍ପରାଂ ପ୍ରତି ସଂସ୍କୃତସ୍ୟ ଅବଦାନମ୍'। ଏହି ରାଷ୍ଟ୍ରୀୟ ଶୋଧସଂଗୋଷ୍ଠୀର ଉଦ୍‌ଯାପନ ସମାରୋହରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହିଦିନ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀମାନେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନୃତ୍ୟ ପ୍ରଦର୍ଶନ କରିଥିଲେ। ତା'ପରେ ସଂସ୍କୃତ ଛାତ୍ରଛାତ୍ରୀମାନେ ପିପଠିଷୁଃ ଜୟଶ୍ରୀ ଏବଂ କଣ୍ଠାମାଣିକ୍ୟମ୍ ନାଟକ ପରିବେଷଣ କରିଥିଲେ।

ସଂସ୍କୃତ ସପ୍ତାହ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ସୁବାସ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ପ୍ରଫେସର ଦାଶ ସଂସ୍କୃତର ପ୍ରାୟୋଗିକ ପକ୍ଷଗୁଡ଼ିକୁ ସରସ ଓ ସରଳ କଥା ଛଳରେ ଯୁକ୍ତିପୂର୍ବକ ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଡଃ ସୁନେଲୀ ଦେଈ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂସ୍କୃତ ବିଭାଗର ସହାୟକ ଆଚାର୍ଯ୍ୟ ଡଃ ସୁଶ୍ରୀ ସସ୍ମିତା ପତି, ସହାୟକ ଆଚାର୍ଯ୍ୟ ଡଃ ପ୍ରଶାନ୍ତ କୁମାର ସେଠୀ, ଡଃ ସାଲ ବେସ୍ରା, ଅତିଥି ଅଧ୍ୟାପକ ଡଃ ବଳଭଦ୍ର କର୍ଣ୍ଣ, ଅତିଥି ଅଧ୍ୟାପକ ଦୀପକ ସାହୁ, ସଂସ୍କୃତ ବିଭାଗର ସମସ୍ତ ଶୋଧଛାତ୍ରଛାତ୍ରୀ, ସ୍ନାତକୋତ୍ତର ଏବଂ ସ୍ନାତକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

# ଜାତୀୟ ପୁରସ୍କାରପ୍ରାପ୍ତ ସମ୍ବଲପୁର ଜିଲ୍ଲାରେ ମାତ୍ର ୨୪% ସମ୍ପୂର୍ଣ୍ଣ

**ସମ୍ବଲପୁର, ୧୦।୯ (ସମିସ)**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସର୍ବାଧିକ ଗୃହନିର୍ମାଣ ସମ୍ପୂର୍ଣ୍ଣ କରି ଜାତୀୟ ପୁରସ୍କାର ପାଇଥିବା ସମ୍ବଲପୁର ଜିଲ୍ଲା ଏବେ ପଛୁଆ ହୋଇଯାଇଛି। ସମ୍ବଲପୁର ଜିଲ୍ଲାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହନିର୍ମାଣ ସମ୍ପୂର୍ଣ୍ଣ କରିବାସହ ଲକ୍ଷ୍ୟ ହାସଲ କରି ୨୦୧୭-୧୮ ବର୍ଷ ପାଇଁ ଜାତାୟ ପୁରସ୍କାର ପାଇଥିଲା। କିନ୍ତୁ ୨୦୨୫-୨୬ ସୁଦ୍ଧା ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ (ଓଭରଅଲ୍ ଟାର୍ଗେଟ୍) ଭାବେ ସେହି ପୁରସ୍କୃତ ସମ୍ବଲପୁର ଜିଲ୍ଲା ମାତ୍ର ୨୩.୯୮% ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିଛି। ସମ୍ବଲପୁର ଜିଲ୍ଲାରେ ୨୪୮୫ଟି ଗୃହ ଅଧାପନ୍ତରିଆ ଭାବେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପୁରୁଣା ବର୍ଷ ଗୁଡ଼ିକର ପ୍ରଦତ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଥିଲେ ହେଁ ଜାତୀୟସ୍ତରରେ ପୁରସ୍କାର ଲାଭ କରିଥିବା ସମ୍ବଲପୁର ଜିଲ୍ଲା ଏବେ ଆବାସଗୃହ ନିର୍ମାଣରେ ପଛୁଆ ବୋଲି ସାଧାରଣରେ ସମାଲୋଚନା କରାଯାଉଛି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସମ୍ବଲପୁର



ଜିଲ୍ଲା ପାଇଁ ଗ୍ରାମୀଣ ଆବାସ ଯୋଜନା ପିଏମ୍‌ଏୱାଇ-ଜି ରେ ୩୨୪୧ ଏବଂ ବିପିଜିୱାଇ / ଏନ୍‌ଏସ୍‌ପିଜୱାଇ ରେ ୨୮ ଏଭଳି ମୋଟ ୩୨୬୯ ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତନ୍ମଧ୍ୟରୁ ଗ୍ରାମାଣ ଆବାସରେ ବିଭିନ୍ନ ବ୍ଲକରେ ୭୮୪ ଗୃହନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୪୮୫ ଘର ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଥିବା ଜଣାପଡ଼ିଛି। ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୨୬୫୭୫ରୁ ୭୬୦୫ ଗୃହ ସମ୍ପୂର୍ଣ୍ଣ କରି ୨୮.୬୨%ରେ ନୂଆପଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ୨୭୬୬ରୁ ୭୩୯ ଗୃହ ସମ୍ପୂର୍ଣ୍ଣ କରି ୨୬.୭୨%ରେ ଝାରସୁଗୁଡ଼ା ଜିଲ୍ଲା ଦ୍ୱିତୀୟ ଏବଂ ୨୩.୯୮%ରେ ସମ୍ବଲପୁର ଜିଲ୍ଲା ତୃତୀୟ ସ୍ଥାନରେ ରହିଛି।

୨୦୧୬ ମସିହା ଏପ୍ରିଲ ୧ ତାରିଖରେ ଗ୍ରାମାଞ୍ଚଳରେ ଗୃହ ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମାଣ (ପିଏମ୍‌ଏୱାଇ-ଜି) ଆରମ୍ଭ ହୋଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ଗୃହ ନିର୍ମାଣ ପାଇଁ ୩ଟି କିସ୍ତିରେ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଉଛି। କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ୪୦ ହଜାର, ଛାତ ପର୍ଯ୍ୟନ୍ତ ହେଲେ ଦ୍ୱିତୀୟ କିସ୍ତି ୬୫ ହଜାର ଏବଂ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ତୃତୀୟ କିସ୍ତି ୧୫ ହଜାର ଟଙ୍କା। ପ୍ରଥମ କିସ୍ତି ପାଇବାର ୧୨୦ ଦିନ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କା ଏବଂ ୧୮୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କଲେ ଅତିରିକ୍ତ ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କା ଦିଆଯାଉଛି।

ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ (ଓଭରଅଲ୍ ଟାର୍ଗେଟ୍) ୪୯୬ ଥିବାବେଳେ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ୧୨୫ଟି ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଧନକଉଡ଼ା ବ୍ଲକରେ ୭୮୬ ରୁ ୧୮୭, ଜମନକିରାରେ ୩୭୧ ରୁ ୯୧, ଯୁଯୋମୁରାରେ ୩୦୦ ରୁ ୬୧, କୁଚିଣ୍ଡାରେ ୨୦୩ ରୁ ୪୨, ମାନେଶ୍ୱରରେ ୩୦୧ ରୁ ୭୭, ନାକଟିଦେଉଳରେ ୧୧୯ ରୁ ୨୮, ରେଢ଼ାଖୋଲରେ ୧୬୮ ରୁ ୪୧ ଏବଂ ରେଙ୍ଗାଲି ବ୍ଲକରେ ୫୨୫ ରୁ ୧୩୨ଟି ଘର ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏହି କଚ୍ଛପ ଗତିକୁ ସଚେତନ ମହଲରେ ନାପସନ୍ଦ କରାଯାଇଛି।

## ୨ କେଜି ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ଯୋଡ଼ା, ୧୦।୯ (ସମିସ): ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାସ୍ଥିତ କାରଣସାହିରେ ଥିବା ଟୋଲ ଗେଟ ନିକଟରୁ ପୁଲିସ ପେଟ୍ରୋଲିଂ ବେଳେ ସୋମବାର ସନ୍ଧ୍ୟାରେ ୨ କେଜି ଗଂଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ରୋରୁଁଆ ଅଞ୍ଚଳର ସୁଶାନ୍ତ ଗିରି (୩୫)। ସୁଶାନ୍ତ ବହୁ ଦିନରୁ ଚୋରା ଭାବେ ଏହି ଗଂଜେଇ ରାକେଟ ଚଳେଇଥିଲା। ବାଇକରେ ଯାଉଥିବା ବେଳେ ପୁଲିସ ଯାଞ୍ଚ କରିବା ସହ ତା'ଠାରୁ ୨ କେଜି ଗଞ୍ଜେଇ, ବାଇକ ଏବଂ ୨୨୦୦ ଟଙ୍କା ଜବତ କରିଛି। ଏନଡିପିଏସ ଆକ୍ଟରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

## ଗାଁକୁ 'ଆମ ବସ୍' ଚଳାଚଳ ଦାବିକଲେ ମହିଳା



ତୁରୁମୁଙ୍ଗା, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ଘାଟବାଲିଯୋଡି ଏବଂ ତଣ୍ଡୋ ଗ୍ରାମକୁ ସରକାରୀ 'ଆମ ବସ୍' ଚଳାଚଳ କରିବା ଦାବିରେ ବୁଧବାର ଉଭୟ ଗ୍ରାମର ମହିଳାମାନେ ବସକୁ ଡୁମୁରିଆଠାରେ ଅଟକ ରଖି ପ୍ରତିବାଦ କରିଥିଲେ। ଏହି ଗ୍ରାମଦ୍ୱୟକୁ ଉକ୍ତ ସରକାରୀ ବସ୍ ଚଳାଚଳ କରୁ ନଥିଲା। ବସ୍ ଅଟକି ରହିଥିବା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଘଟଗାଁ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିବା ପରେ ମହିଳାମାନେ ଅନ୍ଦୋଳନରୁ ଓହରିଥିଲେ। ପୂର୍ବରୁ ଉକ୍ତ ଦୁଇ ଗ୍ରାମକୁ ବସ୍ ଯାଉଥିବା ବେଳେ ଗତ କିଛି ମାସ ଧରି ବସ୍ ଚଳାଚଳ ବନ୍ଦ ରହିଥିବା ଯୋଗୁଁ ମହିଳାମାନେ ବସ୍‌କୁ ଅଟକାଇଥିଲେ।

## ଗଛରେ ପିଟିହେଲା ଗୋ-ବୋଝେଇ ବୋଲେରୋ

**● ଗାଡି ଛାଡ଼ି ଚମ୍ପଟ ମାରିଲେ ମାଫିଆ**

ତେଲକୋଇ, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳ ଦେଇ ବେଆଇନ ଗୋ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିବା ବେଳେ ଗୋ ମାଫିଆମାନେ ବେଫିକର ଭାବେ ଗାଡ଼ି ଚଳାଇ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏପରିକି ଦୁର୍ଘଟଣା ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ସୋମବାର ବିଳମ୍ବିତ ରାତିରେ ପଙ୍ଗା ତାଳପଦା ରାସ୍ତାରେ ଦୁଇଟି ଗୋବୋଝେଇ ଗାଡ଼ି ଯାଉଥିବା ବେଳେ ତାଳପଦା ନିକଟରେ ସ୍ଥାନୀୟ ଲୋକେ ଖବର ପାଇ ଗାଡ଼ିଦ୍ୱୟକୁ ଅଟକାଇବାକୁ ଚେଷ୍ଟା କରୁଥିଲେ; ମାତ୍ର ଗୋମାଫିଆମାନେ ଗୋଟିଏ ଗାଡ଼ି(ପିକଅପ୍ ଭ୍ୟାନ)କୁ ପାର କରି ଚମ୍ପଟ ମାରିଥିବା ବେଳେ ଅନ୍ୟ ଏକ ଯାତ୍ରୀବାହୀ ବୋଲେରୋ ଗାଡ଼ି ଚମ୍ପଟ ମାରିବାକୁ ଉଦ୍ୟମ କରି



ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଗୋ ମାଫିଆମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଭିତରେ ଗୋରୁଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଖାଇବକୁ ଦେଇଥିଲେ। ପରେ ସକାଳେ ତେଲକୋଇ ପୁଲିସ ପହଞ୍ଚି ଓଆର ୧୧ଏଫ୍ ୨୩୩୭ ନମ୍ବର ବିଶିଷ୍ଟ ଗାଡ଼ିକୁ ଜବତ କରି ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲା। ଗୋ ମାଫିଆମାନେ ପୂର୍ବରୁ ତେଲକୋଇ କାଞ୍ଜିପାଣି ଦେଇ ଗୋ ଚାଲାଣ କରୁଥିବା ନଜିର ରହିଥିବା ବେଳେ ଏବେ ପୋଙ୍ଗା ତାଳପଦା ଦେଇ ହରିଚନ୍ଦନପୁର ବ୍ଲକକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାକୁ ଆପଣେଇଥିବା ଦେଖାଯାଇଛି। ଏଥିପ୍ରତି ପୁଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଉ ନଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ଯୁବ ଗୋଷ୍ଠୀ ଗୋ-ଦଲାଲ ସାଜିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ତେଲକୋଇ ଲକ୍ଷ୍ମୀନାରାୟଣ ବଣିକ ସଂଘର କର୍ମକର୍ତ୍ତା ଚୟନ



ତେଲକୋଇ, ୧୦।୯ (ସମିସ): ତେଲକୋଇ ବଜାର ଲକ୍ଷ୍ମୀନାରାୟଣ ବଣିକ ସଂଘ ପକ୍ଷରୁ ହାଟ ପଡିଆରେ ସଂଘର ବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଧନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କୋଷାଧ୍ୟକ୍ଷ ସତ୍ୟାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ବିବରଣୀ ପଠନ କରାଯାଇଥିଲା। ନୂତନ ସଦସ୍ୟତା ଗ୍ରହଣ ସହ ଦ୍ୱିତୀୟ ପର୍ଯ୍ୟାୟରେ ସଭାପତି ଦେଇଥିବା ଅବସର ସମ୍ବନ୍ଧୀୟ ଦରଖାସ୍ତକୁ ସଂଘ ବିଚାରକୁ ନେଇଥିଲା। ନୂତନ ସଭାପତି ଭାବେ କୌନୋଜ ବିଶ୍ୱାଳ (ମେଣୀ) ମନୋନୀତ ହୋଇଥିବା ବେଳେ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନାମ କାଏମ ରହିଛି। ପ୍ରଭାତ ସାହୁ ସମ୍ପାଦକ ଓ ସତ୍ୟାନନ୍ଦ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ପୁନର୍ବାର ମନୋନୀତ ହୋଇଛନ୍ତି। ୧୧ ଜଣ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ଗଠନ ହୋଇଛି। ଅପରାହ୍ନରେ ବଣିକ ସଂଘ ପକ୍ଷରୁ ନୂତନ କର୍ମ କର୍ତ୍ତା ଓ ଏକ ପ୍ରତିନିଧିମଣ୍ଡଳୀ ଥାନାଧିକାରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

**ଆଉ କେବେ ଚେଇଁବ ପ୍ରଶାସନ**

# ଏବେ ବି ଅନ୍ଧାରୀ ମୂଳକରେ କେ.ବାଲିପାଳ

ହାଟଡ଼ିହୀ, ୧୦।୯ (ସମିସ)

ହଦଗଡ଼ ଦେଇ ପ୍ରବାହିତ ସାଳନ୍ଦୀ ନଦୀ ଉପରେ ୧୯୬୦ର ପ୍ରସ୍ତାବ ଅନୁଯାୟୀ ସାଳନ୍ଦୀ ନଦୀବନ୍ଧ ନିର୍ମାଣ ହୋଇଛି। ଜିଲ୍ଲାର ବୃହତ ନଦୀବନ୍ଧ ଭାବେ ପରିଚିତ ଏହି ସାଳନ୍ଦୀ ନଦୀବନ୍ଧ ନିର୍ମାଣ ଲାଗି ଏଠାରେ ଶହ ଶହ ବର୍ଷ ପୂର୍ବରୁ ବସବାସ କରିଆସୁଥିବା ଜନଜାତି ବାସିନ୍ଦାଙ୍କୁ ସରକାର ବିସ୍ଥାପିତ କରି ଜଙ୍ଗଲ ମଧ୍ୟରେ ଅବସ୍ଥାପିତ କରିଥିଲେ। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ପରେ ସେମାନଙ୍କ ରହିବା ଲାଗି ଘରବାଡ଼ି ଜମି ଏବଂ ପେଟ ପୋଷିବା ପାଇଁ ଚାଷଜମି ସମସ୍ୟା ଉପୁଜିଲା। ଯାହା ଏଯାଏଁ ସମାଧାନ ହୋଇପାରି ନଥିବାରୁ ସେଠାକାର ଲୋକଙ୍କୁ ପ୍ରତିଦିନ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପଞ୍ଚାୟତରେ ମଲ୍ଲିପଶି, ସରମୁଣ୍ଡି, ଭଉଁରା, ମୟୁରନଚା, କେ.ବାଲିପାଳ, ରାଇଘାଟି, ଡ଼ଙ୍ଗାବାହାଳି, ପାଳବଣି ଆଦି ଗ୍ରାମ ରହିଛି। ଏଠାକାର ଅଧିବାସୀମାନେ ଅନୁସୂଚିତ ଜନଜାତି ଶ୍ରେଣୀର ଅଟନ୍ତି। ପ୍ରାୟ ୬୦ବର୍ଷ ପୂର୍ବରୁ ସେମାନେ ହଦଗଡ଼ ଅଞ୍ଚଳରୁ ବିସ୍ଥାପିତ ହୋଇ ଏହି ଅଞ୍ଚଳକୁ ଆସିବା ପରେ ସରକାରଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି। ଦୀର୍ଘ ବର୍ଷ ପରେ ଶିକ୍ଷାର ବିକାଶକୁ ଧ୍ୟାନ ଦେଇ ତତ୍କାଳୀନ ବିଧାୟକ, ସ୍ଥାନୀୟ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ଉଦ୍ୟମରେ ରାଇଘାଟି ତଥା କେ.ବାଲିପାଳ ପଞ୍ଚାୟତ ନିକଟରେ ପ୍ରାଥମିକ ବିଦ୍ୟାଳୟ ଏବଂ ପରେ ଉଚ୍ଚବିଦ୍ୟାଳୟ ନିର୍ମାଣ କରାଯାଇଛି। କୁନି କୁନି ପିଲାଙ୍କ ଶିକ୍ଷା ବିକାଶ ଲାଗି ସେହି ପଞ୍ଚାୟତର ପ୍ରତିଟି ଗାଁରେ ଅଙ୍ଗନବାଡ଼ି ରହିଛି। ଏଠାରେ କିଛିବର୍ଷ ପୂର୍ବରୁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ସୁଦ୍ଧା ସ୍ୱାସ୍ଥ୍ୟକର୍ମୀଙ୍କ ଅନିୟମିତତା ପାଇଁ ଲୋକେ ପଡ଼ୋଶୀ ଭଦ୍ରକ ଜିଲ୍ଲାସ୍ଥିତ ଆଗରପଡ଼ା ମେଡିକାଲ ଉପରେ ନିର୍ଭର କରୁଛନ୍ତି ତ ପୁଣି ମଲ୍ଲିପଶି କିମ୍ବା ସରମୁଣ୍ଡି ଗ୍ରାମର ଲୋକେ ଶୁଖୁଆପଟା ଡେଇଁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଧୀନ ଶରତ ଅଞ୍ଚଳର ମେଡିକାଲ ଉପରେ ନିର୍ଭର କରୁଛନ୍ତି।

ସବୁଦିନିଆ ଗମନାଗମନ ପାଇଁ ଏବେବି ରାସ୍ତା ସମସ୍ୟା ଲାଗି ରହିଛି। ୨୦୧୦ରେ ଛତରାଘାଟିକୁ



କାଟି ଏହି ଦୁର୍ଗମ ଅଞ୍ଚଳ ପାଇଁ ବନବିଭାଗ ଦ୍ୱାରା ଏକ ରାସ୍ତା ନିର୍ମାଣ କରାଯାଇଛି। ଏଠାକାର ଲୋକଙ୍କ ପାଇଁ କେବଳ ଏତିକିରେ ସମସ୍ୟା ଦୂର ହୋଇନାହିଁ। ଗାଁ ଗୁଡ଼ିକ ବନବିଭାଗର ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ

**ସରକାରୀ ଯୋଜନା ଅପହଞ୍ଚ, ପଞ୍ଚାୟତବାସୀ ହନ୍ତସନ୍ତ**

**ଅବଧି ସରିଆସୁଛି, ଆରମ୍ଭ ହେଉନି ରାସ୍ତା କାର୍ଯ୍ୟ**

ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ଏଯାଏଁ ସ୍ଥାୟୀ ବାସିନ୍ଦା ଭାବେ ଘରବାଡ଼ି ପଟ୍ଟା ମିଳିନାହିଁ। ସଂରକ୍ଷିତ ଜଙ୍ଗଲ ହେତୁ ବନବିଭାଗର ବିନା ଅନୁମତିରେ ଏଠାକୁ ବିଦ୍ୟୁତ ଆସିପାରୁନି। ଅନେକ ଦାବି ପରେ ବନବିଭାଗ ଦ୍ୱାରା ପ୍ରତ୍ୟେକଙ୍କୁ ସୋଲାର ସିଷ୍ଟମ ଲାଇଟ୍ ଯୋଗାଇ ଦିଆଯାଇଛି।

ସ୍ୱାଧୀନତାକୁ ୭୯ବର୍ଷ ବିତି ଆଧୁନିକତାର ଚାକଚକ୍ୟ ଦୁନିଆରେ ଏହି ବାସିନ୍ଦାଙ୍କ ସୁବିଧା ପାଇଁ ମୋବାଇଲ ନେଟୱର୍କ ନାହିଁ। ନିର୍ଦ୍ଦିଷ୍ଟ କୌଣସି ବଡ଼ ପାହାଡ଼, ବିରାଟ ଗଛ କିମ୍ବା ଉଚ୍ଚ ସ୍ଥାନକୁ ଗଲେ ହିଁ ମୋବାଇଲରେ ଟିକେ ଟିକେ ନେଟୱର୍କ ଆସିଥାଏ। ବିଜ୍ଞାନ ଯୁଗରେ ମୋବାଇଲ ଓ କମ୍ପ୍ୟୁଟର ଭଳି ସୁବିଧା ଏମାନଙ୍କ ପାଇଁ ସାତସପନ ପାଲଟିଛି। ଦୁର୍ଗମ ଅଞ୍ଚଳ ସହ ସବୁଦିନିଆ ଗମନାଗମନ ପାଇଁ ଭଲ ରାସ୍ତା ଖଣ୍ଡେ ନଥିବାରୁ ଏମାନେ ରୋଗରେ ପଡ଼ିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି।

କିଛିବର୍ଷ ପୂର୍ବରୁ ବସୁଧା ଯୋଜନାରେ ପାନୀୟଜଳ ସୁବିଧା ହୋଇଥିଲା ସୁଦ୍ଧା ବିଭିନ୍ନ ସ୍ଥାନରେ ସେସବୁ ଅଚଳ ହୋଇପଡ଼ିଛି। ବେଳେ ସେଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଯାହାଫଳରେ ଲୋକେ ନିକଟସ୍ଥ ଝରଣା କିମ୍ବା ଚୁଆପାଣି ଉପରେ ନିର୍ଭର କରି ଅନେକ ସମୟରେ ଅଚିହ୍ନା ରୋଗର ଶିକାର ମଧ୍ୟ ହୋଇଥା'ନ୍ତି। କେହି କେହି ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି।

ଏହି ପରିପ୍ରେକ୍ଷୀରେ ଗତ ୨୦୨୪ ମସିହା ଛତରାଘାଟିଠାରୁ ବାଲିପାଳ ଯାଏଁ ନୂତନ ରାସ୍ତା ନିର୍ମାଣ ପାଇଁ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୧୨କୋଟି ୨୯ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରିଥିଲେ ସୁଦ୍ଧା ଏଯାଏଁ ରାସ୍ତାକାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରକାଶ ଥାଉକି, ଉକ୍ତ ରାସ୍ତାଟି ହଦଗଡ଼ ଅଭୟାରଣ୍ୟର ଏକ ସଂରକ୍ଷିତ ଅଞ୍ଚଳ ହୋଇଥିବାରୁ ସେଥିମଧ୍ୟରେ ରାସ୍ତା ନିର୍ମାଣ ପାଇଁ ବନବିଭାଗ ପକ୍ଷରୁ ଏଯାଏଁ ଅନୁମତି ମିଳିନାହିଁ। ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୨୦୨୪ ଜୁଲାଇ ୩୦ତାରିଖରେ ଆରମ୍ଭ ହୋଇ ଆସନ୍ତା ୨୦୨୬ଜାନୁଆରୀ ୨୯ତାରିଖରେ ଶେଷ ହେବା ନେଇ ଫଳକରେ ଉଲ୍ଲେଖ ରହିଛି। ଏଯାବତ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଏଦିଗରେ ରାସ୍ତା ନିର୍ମାଣକାରୀ ଆରଡ଼ି ବିଭାଗର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଜଙ୍ଗଲ ବିଭାଗର ଅନୁମତି ମିଳି ନଥିବାରୁ ଆରମ୍ଭ ହୋଇପାରୁନି ବୋଲି କହିଥିଲେ। ହଦଗଡ଼ ବନାଞ୍ଚଳ ଅଧିକାରୀ ଏବଂ ଆନନ୍ଦପୁର ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରି ନଥିବାରୁ ଏସମ୍ପର୍କରେ ବନପାଳ ମଳୟ ସାହୁଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅନୁମତି ଲାଗି ଯେଉଁ ସବୁ ଡକ୍ୟୁମେଣ୍ଟ ଆବଶ୍ୟକ ତାହା ଆରଡ଼ି ବିଭାଗ ପକ୍ଷରୁ ପ୍ରାୟ ଦାଖଲ ହୋଇ ନଥିବାରୁ ଅନୁମତି ଦିଆଯାଇନି ବୋଲି କହିଥିଲେ। ତେବେ ଅଞ୍ଚଳର ମୁଖ୍ୟ ସମସ୍ୟାକୁ ଲକ୍ଷ୍ୟ କରି ସରକାର ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ ସୁଦ୍ଧା ପ୍ରଶାସନିକ କଳରେ ଅନୁମତି ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଳମ୍ବ ହେବାରୁ ଅଞ୍ଚଳ ବାସିନ୍ଦା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସବୁ ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ଯାଉଥିଲା ବେଳେ ରାସ୍ତା ନଥିବାରୁ ସେହି ଗାଁଗୁଡ଼ିକୁ ଯାଇପାରୁନି। ଲୋକେ ଗମନାଗମନ ପାଇଁ ନିହାତି ଭାବେ ହଇରାଣ ହେଉଛନ୍ତି।

ସ୍ଥାନୀୟ ପ୍ରଶାସନ, ରାଜନେତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ସହ ଜିଲ୍ଲା ପ୍ରଶାସନ, ସାଂସଦ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କଲେ ସେଠାକାର ବାସିନ୍ଦାଙ୍କ ମୁହଁରେ ବିସ୍ଥାପିତଠାରୁ ଏଯାଏଁ ମଉଳି ଯାଇଥିବା ହସ ପୁଣି ଥରେ ଫେରିପାରିବ ବୋଲି ଏଠାକାର ବାସିନ୍ଦା ଆଶାକୁ ଉଦ୍‌ଜୀବିତ ରଖିଛନ୍ତି। ଦେଖିବାକୁ ରହିଲା, କେବେ ସ୍ଥାନୀୟ ପ୍ରଶାସନ ଏ ଦିଗରେ ସମନ୍ୱିତ ପଦକ୍ଷେପ ନେଇ ବିକାଶର ମୌଳିକ ସୁବିଧା ସୁଯୋଗ ଲୋକଙ୍କୁ ଯୋଗାଇ ପାଉଛି ?

## ଆନନ୍ଦପୁର ମେଡିକାଲ ଛାତରୁ ଖସିଲା କଂକ୍ରିଟ୍



ଆନନ୍ଦପୁର, ୧୦।୯ (ସମିସ): ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାଜନିତ ବିଭ୍ରାଟ ଏବଂ ଅବ୍ୟବସ୍ଥା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ଗୋଟିଏ ପରେ ଗୋଟିଏ ଉଦାହରଣ ସାମନାକୁ ଆସୁଛି। ରୋଗୀ ବାରଣ୍ଡାରେ ଗଡୁଥିବା ଦୃଶ୍ୟ ଚର୍ଚ୍ଚାକୁ ଆସିଥିବା ବେଳେ ମଙ୍ଗଳବାର ମହିଳା ୱାର୍ଡର ବାରଣ୍ଡା ଛାତରୁ କଂକ୍ରିଟ୍ ଖସି ପଡ଼ିଛି। ଫଳରେ ରୋଗୀ ଏଠାରେ କିଭଳି ଅସୁରକ୍ଷିତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ତା'ର ଜ୍ୱଳନ୍ତ ଉଦାହରଣ ପଦାକୁ ଆସିଛି। ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଅଭାବ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପରିଚାଳନା ଅବ୍ୟବସ୍ଥା ମଧ୍ୟରେ ଶହ ଶହ ରୋଗୀ ଉପଯୁକ୍ତ ଦୈନନ୍ଦିନ ସ୍ୱାସ୍ଥ୍ୟସେବା ପାଇଁ ଦୈନନ୍ଦିନ ଛଟପଟ ହେଉଛନ୍ତି। ୱାର୍ଡରେ ଜାଗା ନଥିବାରୁ କେତେକ ରୋଗୀ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି।

**ଅଳ୍ପକେ ବର୍ତ୍ତିଲେ ମହିଳା ରୋଗୀ**

ଆଜିର ଏହି ଅଘଟଣ ଉପଖଣ୍ଡର ଏହି ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା ରୋଗୀଙ୍କ ପ୍ରତି ବିପଦ ସଦୃଶ ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜାନକୀ ପାତ୍ର ନାମକ ମହିଳା ବାରଣ୍ଡାରେ ଶୋଇ ସାଲାଇନ୍ ନେଉଥିବାବେଳେ ତାଙ୍କର ମୁଣ୍ଡ ନିକଟରେ ଏକ କଂକ୍ରିଟ୍ ଖଣ୍ଡ ଖସିଥିଲା। ଭାଗ୍ୟକୁ ମହିଳା ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ରୋଗୀ ସମ୍ପର୍କୀୟ ଅଜିତ ଜେନା ଦୌଡ଼ି ପଳାଇ ଜୀବନ ରକ୍ଷା କରିଥିଲେ। ଗତବର୍ଷ ପ୍ରାୟ ୪କୋଟି ଟଙ୍କା ବ୍ୟୟବରାଦ ହୋଇ ପୂର୍ତ୍ତବିଭାଗ ତରଫରୁ ମେଡିକାଲର ମରାମତି କରାଯାଇଥିଲା। ମାତ୍ର ବର୍ଷକ ପରେ ଛାତରୁ କଂକ୍ରିଟ୍ ଖସିବା ଘଟଣା କାମର ମାନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତ୍ୱରିତ ଗ୍ରହଣ କରିବାକୁ ଦାବି ହେଉଛି।

## ସପରିବାର ଅପେରା ଦେଖୁଥିଲେ, ଘରେ କଳା କନା ବୁଲାଇଲେ ଚୋର



ତୁରୁମୁଙ୍ଗା, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲିପଶି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଯାଇଛି। ଘରର ସମସ୍ତ ସଦସ୍ୟ ଅପେରା ଦେଖୁଥିଲା ବେଳେ ଅନୁପସ୍ଥିତିର ସୁଯୋଗ ନେଇ ଚୋରମାନେ ମୂଲ୍ୟବାନ ଅଳଙ୍କାର, ଗହଣା ଆଦି ସାମଗ୍ରୀ ସଫା କରି ଦେଇଛନ୍ତି। ପୁଲିସ ତନାଘନା କରୁଥିଲା ବେଳେ ଏପର୍ଯ୍ୟନ୍ତ ଚୋରଙ୍କ ବିଷୟରେ ଟେର୍ ସୁଦ୍ଧା ପାଇପାରି ନାହିଁ। ଘରର ତାଲା ଭାଙ୍ଗି ନଗଦ ୩ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମଲ୍ଲିପଶି ଗ୍ରାମର ରଣାସାହିର ଭାଗବତ ରଣାଙ୍କ ପରିବାର ଲୋକେ ଗତ ରାତିରେ ମଲ୍ଲିପଶିରେ ହେଉଥିବା ଅପେରା ଦେଖିବାକୁ ଯାଇଥିଲେ। ଦୁର୍ବୃତ୍ତମାନେ ସୁଯୋଗ ଦେଖି ଘରେ କଳା କନା ବୁଲାଇ ଦେଇଛନ୍ତି। ଗୋଟିଏ ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ସୁନାଚୁଡି ଓ କାନଫୁଲ ହଳେ ଚୋରି ହୋଇଥିବା ନେଇ ଭାଗବତ ରଣା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ପାଟଣା ପୁଲିସ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ପାଟଣା ଥାନାରେ ମାମଲା ରୁଜୁ ହେବା ସହ ଏସ୍‌ଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କେନ୍ଦୁଝର,୧୦।୯ (ସମିସ): ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରଭାଷ ମୁଣ୍ଡା(୨୩)। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଭାଷଙ୍କ ସ୍ତ୍ରୀ ମିନତୀ ବାରି(୨୦)ଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସେ ବାଇକ୍ ଯୋଗେ କେନ୍ଦୁଝର ଅଭିମୁଖେ ଯାଉଥିବାବେଳେ ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ୨୦ନମ୍ବର ଜାତୀୟ ରାଜପଥର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ପ୍ରଭାଷ ରାସ୍ତାରେ ପଡ଼ିଯିବାରୁ ଗାଡିଚକ ତାଙ୍କ ଉପରେ ଚଢିଯିବା ଫଳରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସଦର ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଶବ ଜବତ କରିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ ହେବା ସହ ଏସ୍‌ଆଇ ନିହାର ରଞ୍ଜନ ରାଉତ ମାମଲାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପ୍ରଭାଷଙ୍କ ସ୍ତ୍ରୀ ଓ ତାଙ୍କ ନବଜାତ ଶିଶୁକନ୍ୟା ଅସହାୟ ହୋଇଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଗୋଷ୍ଠୀ ଜଙ୍ଗଲ ଅଧିକାର ସଂଯୋଜନା ବୈଠକ



ହାଟଡ଼ିହୀ,୧୦।୯ (ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ କେ.ବାଲିପାଳ ପଞ୍ଚାୟତ ମୟୂରନଚା ଗ୍ରାମରେ ଆର୍‌ସିଡିସି ଅନୁଷ୍ଠାନ ଦ୍ୱାରା ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ କିପରି ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଞ୍ଚଳ ଉପରେ ନିଜର ଅଧିକାର ପାଇଁ ପ୍ରମାଣପତ୍ର ସଂଲଗ୍ନ କରି ଦାବି ହାସଲ କରିବେ ସେ ଦିଗରେ ଅନୁଷ୍ଠାନର ପରିଚାଳକ ଆନନ୍ଦ ସେଠୀ ବୁଝାଇଥିଲେ। ଜଙ୍ଗଲ ମଧ୍ୟରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ତାହାର ଉଚିତ୍ ମୂଲ୍ୟ ପ୍ରାପ୍ୟରୁ ଅଧିବାସୀଙ୍କ ଶ୍ରମ ସାର୍ଥକ ହେବ ବୋଲି ଉପସ୍ଥିତ ଲୋକେ ମତ ଦେଇଥିଲେ। ଏହି ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, ୧୩ ପ୍ରକାର ଉନ୍ନତିମୂଳକ କାମ ହୋଇପାରିବ ଓ ତାହା ଆଇନସମ୍ମତ ଅଟେ ବୋଲି ଶ୍ରୀ ସେଠୀ କହିଥିଲେ। ଏଥିପାଇଁ ଉଭୟ ବନବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କରିବାକୁ ଗ୍ରାମବାସୀ ଲିଖିତ ଅନୁରୋଧ ଦେବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଯୁବ ସମାଜସେବୀ ବୁଧିରାମ ପୁର୍ତ୍ତି ସଭାପତିତ୍ୱ କରିଥିଲା ବେଳେ କୁନାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗୃହବିଭାଗ ବିଜ୍ଞପ୍ତିକୁ ଅନୁସୂଚିତ ଜାତିର ବିରୋଧ

ଆନନ୍ଦପୁର, ୧୦।୯ (ସମିସ)



ଗତ ଅଗଷ୍ଟରେ ରାଜ୍ୟ ସରକାର ଗୃହ ବିଭାଗ ମାଧ୍ୟମରେ ପ୍ରକାଶିତ କରିଥିବା ବିଜ୍ଞପ୍ତି ବିରୋଧରେ ଅନୁସୂଚିତ ବର୍ଗ ପକ୍ଷରୁ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିଜ୍ଞପ୍ତିକୁ ଅନୁସୂଚିତ ବର୍ଗଙ୍କ ପକ୍ଷରୁ ଘୋର ବିରୋଧ ମଧ୍ୟ କରାଯାଉଛି। ପୂର୍ବରୁ ଅନୁସୂଚିତ ଜାତି ଜନଜାତି ଅସ୍ପୃଶ୍ୟତା ନିବାରଣ ଅଧିନିୟମର ତଦନ୍ତ ଅଧିକାର ଦାୟିତ୍ୱ ପୁଲିସ ଏସ୍‌ଡିପିଓ ସ୍ତରରେ ଥିବା ବେଳେ ବର୍ତ୍ତମାନ ସରକାର ଏହି ଦାୟିତ୍ୱ ଇନସ୍ପେକ୍ଟରଙ୍କୁ ଦେବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଇନସ୍ପେକ୍ଟରମାନେ ସ୍ଥାନୀୟ ମଧ୍ୟସ୍ଥ ଓ ନେତାଙ୍କ ଦ୍ୱାରା ପ୍ରଭାବିତ ହେବେ।

**ଆନ ଛୁ ଉପଜି ।ପାଳୁ ଦାବିପ**

ଏହି ଅନଭିଜ୍ଞ ଅଫିସରମାନେ ଏହି ମାମଲାର ଉଚିତ ତଦନ୍ତ କରିବାରେ ବିଫଳ ହେବେ ବୋଲି ଆଶଙ୍କା କରାଯାଉଛି। ଏଥିରେ ଅନୁସୂଚିତ ଜାତି ଜନଜାତି ଅସ୍ପୃଶ୍ୟତା ନିବାରଣ ଆଇନ ଅଧିକ ଦୁର୍ବଳ ହେବ ବୋଲି ମଧ୍ୟ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଛନ୍ତି। ସାରା ରାଜ୍ୟର ଅନୁସୂଚିତ ଜାତି ଜନଜାତି ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ଆଜି ରାଜ୍ୟ ସରକାର ଓ ଗୃହ ବିଭାଗଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲାପାଳ/ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ବିଜ୍ଞପ୍ତିର ତୁରନ୍ତ ପ୍ରତ୍ୟାହର କରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିବା ସହ ଏହି ଆଇନର ତଦନ୍ତ ଅଧିକାର ଏସ୍‌ଡିପିଓ ଏବଂ ତାଙ୍କ ଉପରୋକ୍ତ ପଦାଧିକାରୀଙ୍କୁ ଦେବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୁଧବାର ଏ ସଂକ୍ରାନ୍ତରେ ଭୀମ୍ ଆର୍ମି ଭାରତ ଏକତା ମିଶନ ତରଫରୁ ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା, ବ୍ଲକ୍ ସଭାପତି ରଶ୍ମିରଞ୍ଜନ ଜେନା, ସଧାରଣ ସମ୍ପାଦକ ବିକ୍ରମ ଜେନା, ବ୍ଲକ୍ ସଂଯୋଜକ ବିଜୟ ଜେନାଙ୍କ ସମେତ ଦିଲ୍ଲୀପ ନାୟକ, ତାପସ ଜେନା, ଦେବକୁମାର ଜେନା, ଅନିରୁଦ୍ଧ ମଲ୍ଲିକ, ସମପ୍ରୀତି ମାରାଣ୍ଡି, ଆଲୋକ ମଲ୍ଲିକ, ସୌଭାଗ୍ୟ ଜେନା, ଜ୍ଞାନରଞ୍ଜନ ମଲ୍ଲିକ, ଶିବପ୍ରସାଦ ନାୟକ, ଲୋକନାଥ ଜେନା, ସୁଦର୍ଶନ ଜେନା ଏବଂ ଅନେକ ସମର୍ଥକ ଦାବୀପତ୍ର ପ୍ରଦାନ କରିଛନ୍ତି।

## ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷାକଲେ କୃଷି ନିର୍ଦ୍ଦେଶକ




କେନ୍ଦୁଝର, ୧୦।୯ (ସମିସ): ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ରାଜ୍ୟ କୃଷି ନିର୍ଦ୍ଦେଶକ ଶୁଭମ ସକସେନା ବୁଧବାର ପୂର୍ବାହ୍ନରେ ଦରବାର ହଲଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଉଦ୍ୟାନକୃଷି ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ଅଶୋକ ପାଣିଗ୍ରାହୀ, ଜିଲ୍ଲା କୃଷି ନିର୍ଦ୍ଦେଶକ ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂହ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମବାୟ, ଓଡିଶା ଜୀବିକା ମିଶନ, ଜଳସେଚନ, ଓଡିଶା କୃଷି ଶିଳ୍ପ ନିଗମ, କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ମାର୍କଫେଡ ଆଦି ବିଭାଗର ଅଧିକାରୀ ଏବଂ ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ।

# ବିସ୍ତାରିତ ହେଉଛି ନଦୀ ମୁହାଣ...

# ବୈତରଣୀର ରୂପ ନେବ କି ଗେଙ୍ଗୁଟି?



ବାରିକପୁର, ୧୦।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ଶାଖା ଗେଙ୍ଗୁଟି ଧିରେଧିରେ କାୟା ମେଲାଉଥିବା ବେଳେ ନଦୀ ମୁହାଣ ଏବେ ବିସ୍ତାରିତ ହେଉଛି। କିଛି ବର୍ଷ ହେବ ଗେଙ୍ଗୁଟିର ଭୌଗଳିକ ସ୍ଥିତି ପରିବର୍ତ୍ତନ ହେଉଛି। ଚଳିତ ବର୍ଷ ବୈତରଣୀ ନଦୀରେ ଦେଖାଦେଇଥିବା ବନ୍ୟା ପରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଛି। ସୂଚନା ଅନୁଯାୟୀ, ଷୋଳମପୁର ପଞ୍ଚାୟତ ମଣିନାଥପୁର ନିକଟ ବଲ୍ଲବୀଘାଟ ସେତୁ ଉପର ପାର୍ଶ୍ୱରେ ଗେଙ୍ଗୁଟିର ଉତ୍ପତ୍ତିସ୍ଥଳ ହୋଇଥିବା ବେଳେ ଏହା ମୁଢ଼ାପଦା, ଦାଣ୍ଡକୁଳ, ତିଖିଲିଆ, ବରାହନୂଆପଡା, କୂଳସାହି, ବିରୋଳି ଓ ଷଠଗାଁ ଅତିକ୍ରମ କରି ପାହାଡପୁର ଦେଇ ଧାମନଗର ବ୍ଲକକୁ ପ୍ରବେଶ କରିଛି। ପୂର୍ବରୁ ବୈତରଣୀ ଓ ଗେଙ୍ଗୁଟି ମୁହାଁଣ ଧୀରେ ଧୀରେ ନଷ୍ଟ କରାଯାଇଛି। ମୁହାଁଣକୁ ଛାଡିଦେଲେ ଗେଙ୍ଗୁଟିର ମଧ୍ୟଭାଗ ସ୍ଥାନଗୁଡ଼ିକରୁ ବିଗତ ଦୁଇତିନି ବର୍ଷ ହେବ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି। ପୂର୍ବେ ଗେଙ୍ଗୁଟି ନଦୀ କ୍ରିକେଟ ପଡିଆ ସଦୃଶ ଥିବା ବେଳେ ଏବେ ଧୀରେ ଧୀରେ ଅଗଭୀର ନଈରେ ପରିଣତ ହେବାକୁ ଯାଉଛି। ଏବେ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ଆସୁଥିଲେ ସୁଦ୍ଧା ଦଶ୍ୱାସନି ଘାଟଠାରୁ ପ୍ରାୟ ଅର୍ଦ୍ଧେକ ପାଣି ଗେଙ୍ଗୁଟିରେ ସିଧାସଳଖ ପ୍ରବେଶ କରୁଛି। ଏହାଛଡା ନୂତନ ବ୍ୟାରେଜ ନିର୍ମାଣ ଯୋଗୁଁ ମଧ୍ୟ ଗେଙ୍ଗୁଟିକୁ ଅନେକ କ୍ଷତି ପହଞ୍ଚାଇଛି। ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ଯଦି ପ୍ରଶାସନ ରୋକ ନଲାଗେ ତେବେ ଆଗାମୀ ଦିନରେ ଗେଙ୍ଗୁଟି ବୈତରଣୀ ନଦୀର ରୂପ ନେବ ବୋଲି କୁହାଯାଉଛି।

## ସେମାନେ ଯାହା କହନ୍ତି..



ବନ୍ୟା ଆସିଲେ ଗେଙ୍ଗୁଟି ଭୟଙ୍କର ରୂପ ନେଉଛି। ମନୁଷ୍ୟକୃତ ତ୍ରୁଟି ଯୋଗୁଁ ଆଗାମୀ ଦିନରେ ବିରୋଳୀ, ଷଠଗାଁ, ତିଖିଲିଆ, ଦାଣ୍ଡ କୂଳ ପ୍ରମୁଖ ଗ୍ରାମ ନଦୀରେ ଲୀନ ହେବ। ଗେଙ୍ଗୁଟିର ରୂପରେଖ ବଦଳିବା ପାଇଁ କେବଳ ବେଆଇନ ବାଲି ଉତ୍ତୋଳନ ହିଁ ଦାୟୀ।

- ବିଦ୍ୟାଧର ଜେନା, ଯୁବ ସଙ୍ଗଠକ, ବିରୋଳୀ



ବିଗତ ଦିନରେ ବୈତରଣୀ ନଦୀରୁ ବାଲି ସଫା ହୋଇଥିବା ବେଳେ ଏବେ ସମସ୍ତଙ୍କ ନଜର ଗେଙ୍ଗୁଟି ଉପରେ। ଏଥିରୁ ବେଆଇନ ଭାବେ ଶହଶହ ଟ୍ରିପ ବାଲି ଉତ୍ତୋଳନ ହେଉଛି। ଏଥିଯୋଗୁଁ ଆମ ଅଞ୍ଚଳ ସହିତ ଧାମନଗର ଓ ଦୋବଲ ଅଞ୍ଚଳ ମଧ୍ୟ ଭବିଷ୍ୟତରେ କ୍ଷତିଗ୍ରସ୍ତ ହେବ।

- ଅରବିନ୍ଦ ନାୟକ, ସମାଜସେବୀ, ଷୋଳମପୁର



ବେଆଇନ ବାଲି ଓ ମାଟି ଖୋଳା ହେବା ଯୋଗୁଁ ଗେଙ୍ଗୁଟିର ଗାରିମା ନଷ୍ଟ ହେଉଛି। ବନ୍ୟା ଆସିଲେ ଏହାଦ୍ୱାରା ଆଖପାଖ ପାଞ୍ଚସାତ ଖଣ୍ଡ ଗାଁର ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ଦିଗରେ ଆଗାମୀ ଦିନରେ ଯୋଜନାବଦ୍ଧ ଭାବେ ନଦୀର ପୁନରୁଦ୍ଧାର ହେବା ଜରୁରୀ ହୋଇଛି।

- ନରେନ୍ଦ୍ର କୁମାର ମହାନ୍ତି, ସାମାଜିକ କର୍ମୀ

# ଚଳନ୍ତା କାର୍‌ରୁ ଲୁଟ୍ ଉଦ୍ୟମ

ବାରିକପୁର,୧୦।୯ (ସମିସ): ଭଣ୍ଡାରିପୋଖରୀ ଥାନା ପାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତାରେ ଯାଉଥିବା ଏକ ଚଳନ୍ତା କାରରୁ ୨ଜଣ ଯୁବକ ଲୁଟ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଯାଜପୁର ସହରରୁ ସ୍ୱାମୀ-ସ୍ତ୍ରୀ ଗୋଟିଏ କାରରେ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ସେମାନଙ୍କୁ ପିଛା କରିଥିଲେ। ଦମ୍ପତିଦ୍ୱୟଙ୍କୁ ଯୁବକ ଦୁଇଜଣ ଗାଳିଗୁଲଜ କରିଥିଲେ। ଏହାଛଡା ଗାଡ଼ିକୁ ମଧ୍ୟ ପଥର ମାଡ଼ କରିଥିଲେ। ଏଥିରେ ସ୍ୱାମୀ-ସ୍ତ୍ରୀ ଭୟଭୀତ ହୋଇ ପଟା ପୋଲ ବଜାରଠାରେ ଗାଡ଼ି ରଖିଥିଲେ। ଏହି ସମୟରେ ଜଣେ ଯୁବକ ଖସି ପଳାଇଥିବା ବେଳେ ଅନ୍ୟ ଜଣେ ଯୁବକ କାର ନିକଟକୁ ଆସି ଲୁଟ କରିବା ପାଇଁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକମାନେ ଯୁବକଙ୍କୁ କାବୁ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ଯୁବକ ଜଣକୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡିଛି। ଲୁଟପାଟ ପାଇଁ ଯୁବକଦ୍ୱୟ ଏମିତି କରିଥିବା ଦମ୍ପତି ଅଭିଯୋଗ କରିଛନ୍ତି। ପୁଲିସ ଯୁବକ ଜଣଙ୍କୁ ପଚରାଉଚରା କରୁଥିବା ବେଳେ ଖବର ଲେଖା ହେବା ଯାଏଁ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡିଛି।

# କ୍ଷେତ୍ର ଦିବସ ପାଳିତ

ବାରିକପୁର,୧୦।୯ (ସମିମ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ପୁରୁଷମପୁରଠାରେ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ନିରୁପମା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ୍ କୃଷି ଅଧିକାରୀଣି ସୁଦିପ୍ତା ପଣ୍ଡା ଯୋଗ ଦେଇଥିଲେ। ବିଶେଷ କରି ଚଳିତ ବର୍ଷ ଯେଉଁ ଚାଷୀ ଭାଇମାନେ ଡାଲି ଜାତୀୟ ଫସଲ କରିଥିଲେ ସେମାନେ କେଉଁ ଭଳି ଲାଭାନ୍ୱିତ ହୋଇଛନ୍ତି ସେନେଇ ଆଲୋଚନା ହୋଇଥିଲା। ଚାଷୀ ଭାଇ ଭଉଣୀମାନେ ମୁଗବିରି ଚାଷରେ ମନୋନିବେଶ କରିବା ପାଇଁ କୃଷି ଅଧିକାରିଣୀ ପରାମର୍ଶ ଦେଇଥିଲେ। ଏଥିରେ ନିକଟସ୍ଥ ଆକୁଳିକଣା, ହାଜିପୁର, ନୂଆପୋଖରୀ, ରାଢୋ, ପୁରସ୍ତମପୁର ପ୍ରମୁଖ ଗ୍ରାମର ଚାଷୀମାନେ ଯୋଗ ଦେଇଥିଲେ। ଏଥିପୂର୍ବରୁ ବ୍ଲକର ଆଉ କିଛି ସ୍ଥାନରେ ମଧ୍ୟ ଡାଲିଜାତୀୟ ଫସଲକୁ ନେଇ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି।

# ୧୬.୬୩ ଗ୍ରାମ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଭଦ୍ରକ, ୧୦।୯ (ସମିସ): ଭଦ୍ରକ ଟାଉନ ପୁଲିସ ପାଟ୍ରୋଲିଂ ବେଳେ ୧୬.୬୩ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ଟାଉନ ଥାନା ଆଇଆଇସି ପ୍ରଶାଂଶୁଶେଖର ମିଶ୍ରଙ୍କ ସୂଚନାନୁଯାୟୀ, ବୁଧବାର ପୂର୍ବାହ୍ନରେ ମହତାବ ଛକଠାରେ ଏକ ବାଇକ୍‌ରେ ୨ଜଣ ଯୁବକ ସନ୍ଦେହଜନକ ଭାବେ ଯାଉଥିବା ବେଳେ ସବ୍‌ଇନ୍ସପେକ୍ଟର ଗୁରୁବାରୀ ସଏ ଅଟକାଇଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରିବା ବେଳେ ଏହି ଯୁବକଦ୍ୱୟଙ୍କଠାରୁ ବ୍ରାଉନ ସୁଗର ଜବତ ହୋଇଥିଲା। ପୁଲିସ ଏକ ମାମଲା ରୁଜୁକରି ଯାଜପୁର ଧର୍ମଶାଳା ଅଞ୍ଚଳର ସନ୍ତୋଷ ମଲ୍ଲିକ(୨୩) ଓ ଭଣ୍ଡାରିପୋଖରୀ ମଂଜୁରୀ ଅଞ୍ଚଳର ଚନ୍ଦନ ବେହେରା(୨୬)କୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା ବାଇକ୍, ନଗଦ ଅଢେଇ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରିଛି।

# ଆକ୍ସନ୍ ମୁଡ୍‌ରେ ଧାମନଗର ପୁଲିସ



ଧାମନଗର, ୧୦।୯ (ସମିସ): ଆକ୍ସନ ମୁଡରେ ଧାମନଗର ପୁଲିସ। ମେଡିକାଲ ବଜାର ବିଭିନ୍ନ ସ୍ଥାନ ତଥା ପାନ ଦୋକାନ ଏବଂ ଭେରାଇଟିଷ୍ଟୋରରେ ଚଢ଼ଉ କରାଯାଇଛି। ବୁଧବାର ଧାମନଗର ଥାନାର ନୂତନ ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସଦଳବଳେ ଏନଏସି ଅଞ୍ଚଳର ବିଭିନ୍ନ ଦୋକାନ ବଜାର ସହ ଭେରାଇଟିଷ୍ଟୋର ଉପରେ ଚଢ଼ଉ କରି ତମାଖୁ, ଗୁଟୁଖା ଜବତ କରି ଦୋକାନ ଆଗରେ ପୋଡ଼ି ନଷ୍ଟ କରାଯାଇଛି। ତେବେ ନିଶା ଦ୍ରବ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଏହାକୁ ବ୍ୟବହାର ନକରି ନିଜ ଜୀବନକୁ ସୁରକ୍ଷା ରଖନ୍ତୁ ବୋଲି ଅଧିକାରୀ ଶ୍ରୀ ସେଠୀ ପରାମର୍ଶ ଦେଇଛନ୍ତି। ସରକାରୀ ନିୟମକୁ ଆଧାର କରି ସ୍କୁଲ ଓ କଲେଜ ହସପିଟାଲ ଆଦି ନିକଟରେ ତମାଖୁ ଗୁଟୁଖା ସିଗାରେଟ ବିକ୍ରି ନକରିବା ପାଇଁ ପୁଲିସ ବ୍ୟବସାୟୀଙ୍କୁ ସତର୍କ ସୂଚନା ସହିତ ତାଗିଦ କରିଛନ୍ତି।

# ୩୪୦ ଲିଟର ଦେଶୀମଦ ଜବତ; ଜଣେ ଗିରଫ



ବନ୍ତ/ଆଗରପଡ଼ା,୧୦।୯ (ସମିସ): ବନ୍ତ ଥାନାଧିକାରିଣୀ ମୋନାଲିସା କର ୩୪୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏକ କାରରେ ବିପୁଳ ପରିମାଣର ମଦ ଚାଲାଣ ହେଉଥିବା ନେଇ ଖବରପାଇ ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥରେ ଚଢ଼ଉ କରିଥିଲା ପୁଲିସ। ଆନନ୍ଦପୁର ଆଡୁ ଭଦ୍ରକକୁ ଆସୁଥିବା ସମୟରେ କାରଟିକୁ ପୁଲିସ୍ ଅଟକାଇ ତନଖି କରିଥିଲା। ସେଥିରେ ଦେଶୀ ମଦ ଭର୍ତ୍ତି ଥିବାର ଦେଖି କାର ସହ ଚାଳକଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏହି ଚୋରା ମଦ ଭଦ୍ରକ ଗ୍ରାମାଞ୍ଚଳ ଥାନା ଚଢ଼େୟା ଅଞ୍ଚଳକୁ ଚାଲାଣ ହେଉଥିଲା। ଏକ ମାମଲା ରୁଜୁକରି ଗୋଟିଏ କାର, ୩୪୦ ଲିଟର ଦେଶୀ ମଦ ଓ ଚାଳକକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଚାଷ ଜମିରୁ ଜମା ପାଣି ନିଷ୍କାସନ କଲା ପ୍ରଶାସନ



ଧାମନଗର,୧୦।୯ (ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର, ଉଛସାହି, ବୟାଙ୍ଗଡିହି, ଦଳାଙ୍ଗ, ହସନାବାଦ, ଅର୍ଜୁନପୁର ଆଦି ପଞ୍ଚାୟତର ଶହ ଶହ ଚାଷୀଙ୍କ ଜମିରେ ପାଣି ଜମି ରହିଥିବା ସମସ୍ୟାର ସମାଧାନ ହୋଇଛି। ଗଙ୍ଗେଟି ନଦୀର ଶାଖା ନାଳରେ ହୋଇଥିବା ମାଟିବନ୍ଧକୁ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଧାମନଗର, ଧୂଷୁରୀ ପୁଲିସ, ଧାମନଗର ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଭାଙ୍ଗି ଦେଇଛନ୍ତି। ଫଳରେ ଏହାର ଉପର ମୁଣ୍ଡରେ ଜମି ରହିଥିବା ପାଣି ଜମିରୁ ନିଷ୍କାସିତ ହେବା ଆରମ୍ଭ ହୋଇଛି। ରାଧାବଲ୍ଲଭପୁର ପଞ୍ଚାୟତ ଅଧିନ ଷୋଳଗାଁଠାରେ କିଛି ଲୋକ ମାଛ ଧରିବା ଲାଗି ନାଳରେ ବନ୍ଧ ବାନ୍ଧି ଦେଇଥିଲେ। ୫ ଫୁଟ ଚଉଡ଼ାର ବନ୍ଧର ଦୁଇ ପାର୍ଶ୍ୱରେ ବଲା ଦେଇ ମଝିରେ ମାଟି ଓ ପଲିଥିନ ପାଲ ଦେଇ ବାନ୍ଧିଥିଲେ। ମଝିରେ ଗୋଟିଏ ସରୁ ନାଳ ରଖି ଜାଲ ବସାଉଥିଲେ। ଅଗଷ୍ଟ ମାସରୁ ଲଗାଣ ବର୍ଷା ହେବା ଫଳରେ ଦଳାଙ୍ଗ, ବିରୁହାଁ, ଜାହାଙ୍ଗୀର, ଡାହି, ମୁଲଣାଡିହ, ଆମ୍ବିଳିଗାଁ, ପୁରୁଷୋତ୍ତମପୁରବିନ୍ଧା ଓ ବୟାଙ୍ଗଡିହି ଗାଁର ଚାଷ ଜମିରେ ପାଣି ଜମି ରହୁଥିଲା। ମାସେ ଧରି ପାଣି ରହିବାରୁ ଧାନ ଚାଷ ନଷ୍ଟ ହେବାରେ ଲାଗିଥିଲା। ଅଧିକାଂଶ ଜମିରେ ଗଛ ପଚିବାରୁ ପୋକ ଲାଗିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଥିଲା। ଏହାପରେ ତହସିଲଦାର ଘଟଣାସ୍ଥଳରେ ବନ୍ଧ ଭାଙ୍ଗି ପାଣି ନିଷ୍କାସନ କରାଇଛନ୍ତି।

# ବଢୁଛି ନକଲି ଔଷଧ ଦୋକାନ: ତଦନ୍ତ ଦାବି

ଧାମନଗର, ୧୦।୯ (ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଛତୁ ଫୁଟିବା ପରି ଛୋଟବଡ଼ ଔଷଧ ଦୋକାନ ବୃଦ୍ଧି ପାଉଛି। ଏମାନେ ସରକାରୀ ପଞ୍ଜିକୃତ ଅଛନ୍ତି କି ନୁହଁ ସ୍ୱାସ୍ଥ୍ୟ ବିଭାଗ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ। ଗ୍ରାମାଞ୍ଚଳ ଓ ଛୋଟ ଛୋଟ ବଜାରରେ ମଧ୍ୟ ଖୁଲମଖୁଲା ନକଲି ଔଷଧ ବିକ୍ରି ହେଉଛି। ଉତ୍କଟ ବେକାରୀ ସମସ୍ୟା ନିରାକରଣ ଓ ଅଧିକ ଲାଭ ପାଇଁ ଯିଏ ଯେଉଁଠି ପାରିଲା ଔଷଧ ଦୋକାନ ଖୋଲି ବସି ଯାଇଛନ୍ତି। ଏମିତିକି ପାନ ଦୋକାନରେ ମଧ୍ୟ ବିଭିନ୍ନ ଔଷଧ ଉପଲବ୍ଧ ହେଉଥିବା ବେଳେ ଧାମନଗର ବ୍ଲକ ଅଞ୍ଚଳରେ ଲୁଚାଛପାରେ ଅନେକ ଔଷଧ ଦୋକାନ ଖୋଲାଯାଇଛି। ଏମାନଙ୍କର ବାସ୍ତବରେ ସରକାରୀ ଭାବେ ପଞ୍ଜିକୃତ ବ୍ୟବସାୟ କି ନୁହଁ, ଡ୍ରଗସ ଲାଇସେନ୍ସ ଅଛିକି ନାହିଁ ତାହା କାହାକୁ ଜଣା ନାହିଁ। ଏମାନେ ବିଭିନ୍ନ ନକଲି ଓ ଏକ୍ସପାଇରି ମେଡିସିନକୁ ମଧ୍ୟ ସାଧାରଣ ରୋଗୀମାନଙ୍କୁ ଚଢ଼ା ଦାମରେ ବିକ୍ରି କରନ୍ତି। ଭଦ୍ରକ ଜିଲ୍ଲା ଡ୍ରଗ୍ କଣ୍ଟ୍ରୋଲ ଅଫିସ ପକ୍ଷରୁ ଏମାନଙ୍କୁ ନିୟମିତ ଯାଞ୍ଚ କରାଯାଉ ନଥିବାରୁ ଏମାନଙ୍କ ପାଇଁ ପ୍ରତିବନ୍ଧକ ନାହିଁ। ଏହି ନକଲି ଔଷଧ ବ୍ୟବସାୟୀମାନେ ବିଭିନ୍ନ ଶସ୍ତା କମ୍ପାନୀର ଔଷଧ ବା ନକଲି ଔଷଧ ବିକୁଥିବା ବେଳେ ଏମାନଙ୍କ ପ୍ରତି ଲଗାମ ନାହିଁ। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିରବତାର କରଣ ବୁଝି ହେଉନାହିଁ। ଜୀବନ ମୃତ୍ୟୁ ସହ ଖେଳ ଖେଳୁଥିବା ଏହି ନକଲି ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କୁ ଲଗାମ ନାହିଁ। ବିଭାଗୀୟ ଦୁର୍ବଳତାର ଫାଇଦା ନେଇ ଏହି ବେପାରୀମାନେ କେଉଁଠୁ ଔଷଧ କିଣୁଛନ୍ତି, କେଉଁ କେଉଁ କମ୍ପାନୀର ପ୍ରସ୍ତୁତ ଔଷଧ ବିକୁଛନ୍ତି, ବିଲ୍ ଦେଉଛନ୍ତି କି ନାହିଁ ତାହାର ମଧ୍ୟ ଯାଞ୍ଚ ହେଉନାହିଁ। ଏମାନଙ୍କର ବୈଧତା ନେଇ ସାଧାରଣରେ ପ୍ରଶ୍ନ ଉଠୁଥିଲେ ବି ବିଭିନ୍ନ ପରିସ୍ଥିତି ଦୃଷ୍ଟିରୁ କେହି ବିରୋଧ କରୁନାହାନ୍ତି। ଯେଉଁଥିପାଇଁ ନକଲି ଔଷଧ ଓ ଏହାର ବିକ୍ରେତାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜନ ଜୀବନ ପ୍ରତି ସମସ୍ୟା ସୃଷ୍ଟି ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଏମାନଙ୍କୁ ଠାବ କରି ସେମାନଙ୍କ ବୈଧତା ସମ୍ପର୍କରେ ଯାଞ୍ଚ କରାଯାଇ ଅସାଧୁ ଉପାୟରେ ଖୋଲିଥିବା ମାଳ ମାଳ ନକଲି ଔଷଧ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ଆଗରପଡ଼ା କଲେଜରେ ଆନ୍ଦୋଳନ



ବନ୍ତ/ଆଗରପଡ଼ା, ୧୦।୯ (ସମିସ): ଆଗରପଡ଼ା କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ଦାବି ସହ ବର୍ଦ୍ଧିତ ଫି ପ୍ରତ୍ୟାହାର ଦାବିରେ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ସମସ୍ୟା ସମାଧାନ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ଆଗରପଡ଼ା ଥାନାରେ ଧାରଣାରେ ବସିବା ନେଇ ଲିଖିତ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା। ଶେଷରେ ବାଧ ହୋଇ ବୁଧବାର କଲେଜ ପରିସରରେ ଛାତ୍ରଛାତ୍ରୀମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହ କଲେଜ ପୁନଃ ଆଡ଼ମିସନ ଫି, ଆଇଟି ପାଠପଢାରେ ବର୍ଦ୍ଧିତ ଫି ପ୍ରତ୍ୟାହାର ନ ହେବା ଏବଂ ଉନ୍ନୟନମୂଳକ ଅର୍ଥର ସୁବିନିଯୋଗ ନହେବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ ଓ ଶୃଙ୍ଖଳା କମିଟି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାର ଜଣାପଡ଼ିଛି।

# ଗଣିତ ଶିକ୍ଷକ ପ୍ରଫୁଲ୍ଲ ଚୌଧୁରୀଙ୍କ ପରଲୋକ



ଅସୁରାଳି, ୧୦।୯ (ସମିସ): ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ପ୍ରଫୁଲ୍ଲ କୁମାର ଚୌଧୁରୀଙ୍କ ପରଲୋକ ହୋଇଯାଇଛି। ସେ ୨୦୧୭ରୁ ଧୂଷୁରୀ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଗଣିତ ବିଷୟକୁ ସରଳ ଓ ଆନନ୍ଦଦାୟକ ଭାବେ ଅନୁଭବ କରାଇବାରେ ତାଙ୍କର ଦକ୍ଷତା ଛାତ୍ରଛାତ୍ରୀଙ୍କ ମନରେ ଅମିଟ ଛାପ ଛାଡିଛି। ଅବସର ନେବାକୁ ଆହୁରି ୫ବର୍ଷ ବାକି ଥିଲା। ଚରମ୍ପାସ୍ଥିତ ବାସଭବନକୁ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ଦେବିକା ରାୟ, ରିମ୍ ସାଇ ସାମଲ, ରଶ୍ମିରେଖା ବିଶ୍ୱାଳ, ସଦାନନ୍ଦ ବେହୁରିଆ, ପରିଚାଳନା କମିଟି ସଭାପତି ଶିବପ୍ରସାଦ ବିଶ୍ୱାଳ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗୁଟ୍‌ଖା ଜବତକରି ପୋଡ଼ିଲା ପୁଲିସ



ବନ୍ତ/ଆଗରପଡ଼ା,୧୦।୯ (ସମିସ): ବୁଧବାର ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ କଲେଜ ସନ୍ନିକଟ ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣରେ ଗୁଟଖା ଜବତ କରାଯାଇ ଏହାକୁ ପୋଡ଼ାଯାଇ ସଂପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ଚଢ଼ଉ ଦେଖି ଅନେକ ବିକ୍ରେତା ଦୋକାନ ବନ୍ଦ କରି ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ଦେବାଳୟ ଆଦି ସ୍ଥାନରେ ଗୁଟଖା ପରି ମାଦକ ଦ୍ରବ୍ୟ ଅହରହ ବିକ୍ରି ହେଉଥିବାରୁ ପବିତ୍ର ପରିବେଶ ନଷ୍ଟ ହେଉଥିଲା। ଏଥିସହ ଛୋଟ ଛୋଟ ପିଲାମାନଙ୍କଠାରୁ ଆରମ୍ଭ କରି କଲେଜ ପିଲାମାନେ ଏଥିପ୍ରତି ଆସକ୍ତ ହୋଇ ବିପଥଗାମୀ ହେଉଥିବାର ଅନେକ ନଜିର ରହିଛି। ଏହିପରି ବାରମ୍ବାର ଚଢ଼ଉ କରାଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

● ‘ସୃଜନିକା’ ଗୃହ ନିର୍ମାଣକୁ ନେଇ ବିବାଦ

# ନିର୍ଦ୍ଧାରିତ ଜାଗାକୁ ନେଇ ତହସିଲଦାରଙ୍କୁ ଅଭିଯୋଗ

ବନ୍ତ/ଆଗରପଡ଼ା, ୧୦।୯ (ସମିସ):

ରାଜ୍ୟ ସରକାରଙ୍କ ତରଫରୁ ଟେରାକୋଟା ଶିଳ୍ପକୁ ଅଗ୍ରାଧିକାର ଦେବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରାଯାଉଛି। ଏଥିପାଇଁ ସରକାର ସାଧାରଣ ସୁବିଧାକେନ୍ଦ୍ର ‘ସୃଜନିକା’ ଗୃହ ନିର୍ମାଣର ଯୋଜନା କରିଛନ୍ତି। ସେଥିପାଇଁ ଅର୍ଥ ମଧ୍ୟ ମଂଜୁର କରିଛନ୍ତି। ମହାନ୍ତିପଡ଼ା ପଞ୍ଚାୟତରେ ଏକ ‘ସୃଜିନିକା’ ଗୃହ ନିର୍ମାଣ ପାଇଁ ମହାନ୍ତିପଡ଼ା ମୌଜାସ୍ଥିତ ଖାତା ନଂ ୮୧୯, ଖସଡ଼ା, ଏମପିପିଓ.୨୩ଡ଼ିସମିଲ ଜମିକୁ ବିଭାଗୀୟ ଅଧିକାରୀ ଚିହ୍ନଟ କରି ବନ୍ତ ତହସିଲଦାରଙ୍କୁ ଆବେଦନ କରିଥିବା ଜଣାପଡ଼ିଛି। ଏହାକୁ ନେଇ ମହାନ୍ତିପଡ଼ା ସରପଞ୍ଚ ଅଭିଯୋଗ ଉଠାଇଛନ୍ତି। ସରପଞ୍ଚ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୮/୨୦୨୫-୦୮.୦୭.୨୫ରେ ତହସିଲଦାରଙ୍କୁ ‘ସୃଜିନିକା’ ଗୃହ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜାଗାକୁ ନେଇ ଆପତ୍ତି ଉଠାଇଥିବା ଜଣାପଡ଼ିଛି। ସେ ତହସିଲଦାରଙ୍କଠାରୁ ଗତ ଜୁନ ୨୬ ତାରିଖରେ ଜାଣିବାକୁ ପାଇଲେଯେ ମହାନ୍ତିପଡ଼ା ମୌଜାସ୍ଥିତ ଖାତା ନଂ ୮୧୯, ଖସଡ଼ା, ଏମପିପିଓ.୨୩ଡ଼ିସମିଲ ଜମିକୁ ଟେରାକୋଟା କ୍ରାଫ୍ଟ କ୍ଲଷ୍ଟରର ବ୍ୟବହାର ପାଇଁ ତାଙ୍କ କାର୍ଯ୍ୟାଳୟ ଦେବାକୁ ଚାହୁଁଛି। ପତ୍ର ପାଇବା ପରେ ସରପଞ୍ଚ ପଞ୍ଚାୟତର ବରିଷ୍ଠ ନେତୃତ୍ୱ, ୱାର୍ଡସଭ୍ୟ, ନାଏବ ସରପଞ୍ଚ, ସମିତିସଭ୍ୟ ଏବଂ ୧୧ଟି ୱାଡର୍‌ର ଜନସାଧାରଣଙ୍କ ମତାମତ ଗ୍ରହଣ କଲେ। ଉପରୋକ୍ତ ସ୍ଥାନରେ ଗୋଟିଏ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ଅଛି; ଯାହା ସରକାରଙ୍କ ବିଭିନ୍ନ ସଭା ସମିତି ଏବଂ ଉନ୍ନତିମୂଳକ କାର୍ଯ୍ୟକ୍ରମ ମାନ ଆୟୋଜନ ପାଇଁ ବ୍ୟବହାର କରାଯାଉଛି। ତେଣୁ ପଞ୍ଚାୟତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ସ୍ଥାନରେ ଅନ୍ୟ କୌଣସି ଯୋଜନାକୁ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବାକୁ ପଞ୍ଚାୟତବାସୀଙ୍କ ତରଫରୁ ତହସିଲଦାରଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ପଞ୍ଚାୟତର ସ୍ୱାର୍ଥକୁ ଆଖି ଆଗରେ ରଖି କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେବା ଆଗରୁ ବିଭାଗ ପକ୍ଷରୁ ‘ସୃଜନିକା’ ଗୃହ ନିର୍ମାଣ ପାଇଁ ଅନ୍ୟ ସ୍ଥାନ ଚିହ୍ନଟ କରିବା ପାଇଁ ପଞ୍ଚାୟତବାସୀଙ୍କ ସମେତ ବିଭିନ୍ନ ମହଲରୁ ଦାବି ହେଉଛି।

## ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ସ୍ମୃତିରକ୍ଷା ଦିଗରେ ଅବହେଳା

# ଏଯାଏ ହୋଇପାରିଲାନି ପ୍ରତିମୂର୍ତ୍ତିଟିଏ ସ୍ଥାପନ



ଅସୁରାଳି,୧୦।୯ (ସମିସ): ଓଡ଼ିଆ ଯାତ୍ରା ସମ୍ରାଟ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ କୃତି ଓ କୀର୍ତ୍ତି ଧୀରେ ଧୀରେ ଜନମାନସରୁ ଲିଭିବାକୁ ବସିଛି। ପୂଜ୍ୟପୂଜା ପରମ୍ପରା ଅଭାବରୁ ଏହି ଯୁଗ ସ୍ରଷ୍ଟା ନାଟ୍ୟକାର, ଅଭିନେତାଙ୍କ ସ୍ମୃତି ଆଜି ତାଙ୍କ ଦେହାବସାନର ଦୀର୍ଘ ୩୩ବର୍ଷ ପରେ ବିସ୍ମୃତିର ଅତଳ ଗର୍ଭରେ ଲୀନ ହେବାକୁ ଯାଉଛି। କବି ଜଗନ୍ନାଥ ପାଣି, ଗଣକବି ବୈଷ୍ଣବ ପାଣି, କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ପରେ ଲୀଳା, ସୁଆଙ୍ଗ ତଥା ତାମସାକୁ ଏକ ନୂଆ ରୂପ ରଙ୍ଗ ଦେଇ ସଂଳାପଧର୍ମୀ ନାଟକ ମାଧ୍ୟମରେ ଓଡ଼ିଶାର ସର୍ବଶ୍ରେଷ୍ଠ ମନୋରଞ୍ଜନ ଧର୍ମୀ ଗଣମାଧ୍ୟମ ଯାତ୍ରାକୁ ଜାତୀୟ ସ୍ତରରେ ପରିଚିତ କରିବାରେ ସ୍ୱର୍ଗତ ପଣ୍ଡାଙ୍କ ଭୂମିକାକୁ ଯାତ୍ରା ସଚେତନ କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ। ୧୯୧୬ରେ ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଗଞ୍ଜାମାଳ ଗାଁରେ ଜନ୍ମିତ ଏହି ମହାନ କଳା ସାଧକଙ୍କ ୧୯୯୦ ମାର୍ଚ୍ଚ ୧୯ତାରିଖ ଜିଲ୍ଲାର ଘଣ୍ଟେଶ୍ୱର ତୋଟାପଡ଼ାଠାରେ ଯାତ୍ରା ମଞ୍ଚରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ ସହିତ ତତ୍କାଳୀନ ରାଜ୍ୟପାଳ ଆକବର ଅଲ୍ଲୀ ଖାଁ, ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କଠାରୁ ସମ୍ମାନିତ, ପୁରସ୍କୃତ ହେବା ସହ ଦିଲ୍ଲୀ, କଲିକତା, ଛତିଶଗଡ଼, ଗୁଜରାଟ ସୁରଟ, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟରେ ନିଜର କଳାତ୍ମକ ପ୍ରତିଭା ପାଇଁ ବହୁ ମର୍ଯ୍ୟାଦା ଜନକ ସମ୍ମାନ ଓ ସମ୍ବର୍ଦ୍ଧନା ଆଣିପାରିଥିଲେ। ଜିଲ୍ଲା ସଦର ମହକୁମାରେ ମଧ୍ୟ ତାଙ୍କର ପ୍ରତିମୂର୍ତ୍ତିଟିଏ ଅନେକ ଦାବି ସତ୍ତ୍ୱେ ହୋଇପାରି ନଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଯଥାଶୀଘ୍ର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ସ୍ମୃତି ରକ୍ଷା ଦିଗରେ ପଦକ୍ଷେପ ନେବାକୁ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ସାହିତ୍ୟିକ ଶ୍ରୀଧର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ରମାକାନ୍ତ ସୁତାର, ଯୁବନେତା ଅଭିଷେକ ରାଉତ, ସାହିତ୍ୟିକ ଦାଶରଥ ଦାସ, ଦୀପ୍ତିରଞ୍ଜନ ନାୟକ, ରତିକାନ୍ତ ନାୟକ, ଅଞ୍ଜନା ମହାକୁଡ, ବିମଳା ନାଥ ପ୍ରମୁଖ ଦାବି କରିଛନ୍ତି।

# ଶ୍ରମିକଙ୍କ ଆଇନଗତ ଅଧିକାର ପାଇଁ ଗଣଧାରଣା

ବ୍ରହ୍ମପୁର,୧୦।୯ (ସମିସ)

ସ୍ଥାନୀୟ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। ସମସ୍ତ ଠିକା କର୍ମଚାରୀ ଓ ନିର୍ମାଣ କ୍ଷେତ୍ରର ଶ୍ରମିକଙ୍କୁ ସମାନ ମଜୁରୀ ଆଇନ ଅନୁଯାୟୀ ମହିଳାଙ୍କୁ ମଜୁରୀ, ଘୋଷିତ ସାମାଜିକ ନିରାପତ୍ତା, ଆବେଦନର ୩୦ଦିନ ମଧ୍ୟରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ ଓ ସହାୟତା, ୧ରୁ ଅଧିକ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ପାଇଁ ଠୋସ ପଦକ୍ଷେପ, ପୂର୍ବରୁ ଶ୍ରମ ଜିଲ୍ଲାରେ କାମ କରୁଥିବା ଶ୍ରମିକଙ୍କ ବର୍ତ୍ତମାନ ଶ୍ରମ ଜିଲ୍ଲାକୁ ପୋର୍ଟିଂ ସହ ସମସ୍ତ ସହାୟତା ବ୍ୟବସ୍ଥା ଏବଂ ୪ଟି ଶ୍ରମ ସଂହିତାର ପ୍ରତ୍ୟାହାର ପ୍ରମୁଖ ଦାବିରେ ବହୁ ଶ୍ରମିକ ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀ ଏବଂ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜଗନ୍ନାଥପ୍ରସାଦ ଉପାନ୍ତ ଅଞ୍ଚଳର ଆଦିବାସୀ ଓ ଦଳିତ ବର୍ଗର ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଦିବାସୀ ନେତା ଟୁନା ମଲ୍ଲିକ କହିଥିଲେ। ସେମାନଙ୍କ ସମସ୍ୟାର ସମାଧାନ ନହେଲେ ଜଗନ୍ନାଥପ୍ରସାଦରେ ଆସନ୍ତା ୧୫ତାରିଖରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିକ୍ଷୋଭ ଅନୁଷ୍ଠିତ ହେବ। ଗଣଧାରଣାରେ ଟିୟୁସିଆଇର ରାଜ୍ୟ ସଭାପତି ବିଚିତ୍ର ପାତ୍ର, ସଂଗଠନ ସଂପାଦକ ନଳୀନିକାନ୍ତ ତ୍ରିପାଠୀ, ଓଡିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସଂପାଦକ ରାମଚନ୍ଦ୍ର ବାଡତ୍ୟା, ସି.ପି.ଆଇ(ଏମ୍‌ଏଲ୍) ରେଡଷ୍ଟାର ଜିଲ୍ଲା ସଂପାଦକ ଶଙ୍କର ଇନକିଲାବ, ଆଇନଜୀବି ମଧୁସୂଦନ ସେଠୀ, ଆଦିବାସୀ ଭାରତ ମହାସଭା ନେତା ଟୁନା ମଲ୍ଲିକ, ନୀଳାଞ୍ଚଳ ଜାନି, ଶ୍ରୀନିବାସ ରାଓ, ସଂଗ୍ରାମୀ ଶ୍ରମିକ ୟୁନିଅନର ପି. ଯୋଗେନ୍ଦ୍ର, ଟୁକୁନା ଜେନା, ସଞ୍ଜୟ ସାହୁ, ଯଶୋଦା ନାଇକ ଓ ଏନ୍. ରାଜେଶ୍ୱରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଶ୍ରମିକ ସାମିଲ ହୋଇଥିଲେ।



## ଓସିସି ଲିମିଟେଡ୍ କାର୍ଯ୍ୟାଳୟରୁ ଚୋରି

ବ୍ରହ୍ମପୁର,୧୦।୯ (ସମିସ): ଟାଉନ ଥାନା ଅନ୍ତର୍ଗତ ଭୀମାରାଓ ପେଟାରେ ଥିବା ଓଡିଶା କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ଼ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏନେଇ କାର୍ଯ୍ୟାଳୟର ମ୍ୟାନେଜର ଇଂ. ବସନ୍ତ କୁମାର ସେଠୀ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟାଳୟର ମୁଖ୍ୟଫାଟକର ତାଲା ଭଙ୍ଗା ଯାଇଥିବା ଦେଖି ପିଅନ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ବସନ୍ତ ସେଠୀ ପହଞ୍ଚି କାର୍ଯ୍ୟାଳୟ ଭିତରେ ଥିବା ଆଲମୀରା ଭଙ୍ଗା ଯାଇଥିବା ଓ ସେଥିରେ ଥିବା ଏକ ଲାପଟପ ଓ ଏକ ଏୟାର ବ୍ୟାଗ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। କାର୍ଯ୍ୟାଳୟରୁ ଲାପଟପ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଚୋରି ହୋଇଥିବା ନେଇ ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଛି।

● ଯୁବକଙ୍କ ମୋବାଇଲ ଲୁଟ୍ ଘଟଣା

## ଦୁଇଭାଇଙ୍କ ସମେତ ୩ ଗିରଫ

ବ୍ରହ୍ମପୁର,୧୦।୯ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ କେଶବ ନଗର ନିବାସୀ ଅତୁଲ୍ୟ କୁମାର ପଟ୍ଟନାୟକଙ୍କ ଠାରୁ ମୋବାଇଲ ଲୁଟ ଅଭିଯୋଗରେ ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଷାଣିନୂଆଗାଁ ଅଞ୍ଚଳର ନିହାଲ ଶର୍ମା(୨୨) ତାଙ୍କ ସାନଭାଇ ନିଖିଲ ଶର୍ମା(୨୦) ଏବଂ ଶ୍ରୀକାନ୍ତ ପାତ୍ରୀ(୨୧)। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ମୋବାଇଲ ଜବତ କରିଛି। ଗତ ୭ତାରିଖରେ ଅତୁଲ୍ୟ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ତାଙ୍କ ମୋବାଇଲକୁ ଝାମ୍ପି ନେଇ ଯାଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଆଖପାଖରୁ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ମଙ୍ଗଳବାର ପ୍ରଥମେ ଉପରୋକ୍ତ ଅଭିଯୁକ୍ତ ଦୁଇଭାଇଙ୍କୁ ଓ ପରେ ଅନ୍ୟତମ ଅଭିଯୁକ୍ତ ଶ୍ରୀକାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।



## ମା' ଦକ୍ଷିଣେଶ୍ୱରୀ ଦୁର୍ଗାପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର,୧୦।୯ (ସମିସ): ଲୋଚପଡ଼ା ମେନ୍‌ରୋଡ଼ ସ୍ଥିତ ରେଡ଼ିଓ ଷ୍ଟେସନ ନିକଟରେ ମା' ଦକ୍ଷିଣେଶ୍ୱରୀ ଦୂର୍ଗାପୂଜା କମିଟି ପକ୍ଷରୁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଗୁରୁବାର ଠାରୁ ତୋରଣ ସମେତ ପୂଜା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ସହ ଦୁଇସପ୍ତାହ ମଧ୍ୟରେ ସମସ୍ତ କାର୍ଯ୍ୟ ସରି ୨୮ ରୁ ଦଶମୀ ପର୍ଯ୍ୟନ୍ତ ମା' ମଣ୍ଡପରେ ପୂଜା ପାଇବେ ବୋଲି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ ତଥା ମହାନଗର ନିଗମ ୧୭ନମ୍ବର ୱାର୍ଡ କର୍ପୋରେଟର ଦୂର୍ଗା କୁମାର ଲାୟକ, କମିଟି ସଭାପତି ଅନନ୍ତ ଘଡେଇ, ସମ୍ପାଦକ ସିଏଚ୍. ରାମକ୍ରୀଷ୍ଣା, ୟୁ. ସନ୍ତୋଷ, ବିଦୁ ବିଷୋୟୀ, କାବୁ ପଟ୍ଟନାୟକ, ବୁଲୁ ବେହେରା, ଅନିଲ ରାଉତ ଓ ବିନୋଦ ରାଉତ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହିଥିଲେ।

## ନୂଆଗୋଳାବନ୍ଧରେ ଆରମ୍ଭ ହେଲା ସର୍ଭେ



ବ୍ରହ୍ମପୁର,୧୦।୯ (ସମିସ): ନୂଆଗୋଳାବନ୍ଧ ବାସିନ୍ଦାଙ୍କ ପାଇଁ କୀର୍ତ୍ତିପୁର ମୌଜା ଠାରେ ୧୦୦୮ ଘର ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲା। ଏଥି ମଧ୍ୟରୁ ପ୍ରାୟ ୭୦-୮୦ ପରିବାର ସ୍ଥାନାନ୍ତର ହୋଇଥିଲେ। ଅବଶିଷ୍ଟ ପରିବାର କ୍ଷତିପୂରଣ ସହ ଅନ୍ୟାନ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଏହାର ତଦାରଖ ନିମନ୍ତେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ସୋମବାର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ମଙ୍ଗଳବାର ଦିନ ବ୍ରହ୍ମପୁର ଉପ ଜିଲ୍ଲାପାଳ ଓ କନିଷି ତହସିଲଦାର କବିରାଜ ପ୍ରଧାନଙ୍କ ସହ ଏକ ଟିମ୍ ନୂଆଗୋଳାବନ୍ଧରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଆଜି ନୋଡାଲ ଅଫିସର ଚିତ୍ରସେନ ଦଳେଇଙ୍କ ସମେତ ୨ ଜଣ ସୁପରଭାଇଜର, ଗୋଳନ୍ଥରା, ଫୁଲଟା, କନିଷି, ଗୋପାଳପୁର, ପଦ୍ମପୁର, ଦୁମିଦୁମିର ରାଜସ୍ୱ ନିରିକ୍ଷକ ପ୍ରମୁଖ ଘରକୁ ଘର ଯାଇ ବିସ୍ଥାପିତ ଲୋକଙ୍କୁ ୧୦୦୮ ଘରକୁ ନଯିବାର କାରଣ ଏବଂ ନୂତନ ହିତାଧିକାରୀଙ୍କ ନାମ ପଞ୍ଜିକୃତ କରିଥିଲେ। ଆଜି ପ୍ରାୟ ୩୫୦ ଘରର ସର୍ଭେ ହୋଇଥିବା ଜଣାପଡ଼ିଛି। ଗ୍ରାମର ସମ୍ପୂର୍ଣ୍ଣ ତଥ୍ୟ ଚଳିତ ମାସ ୧୯ ତାରିଖ ସୁଧା ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ଏକ ପ୍ଲାଟୁନ ପୁଲିସ ମୁତୟନ ହୋଇଥିଲେ। ବର୍ତ୍ତମାନ ସୁଧା ୯୯୮ ବିସ୍ଥାପିତ ଲୋକଙ୍କ ପଟ୍ଟା ମିଳିଥିବା ଜଣାପଡ଼ିଛି।

ସମୁଦ୍ରର ଭୟଙ୍କର ଗର୍ଜନ...

## ପୁରୁଣା ପୋଡ଼ମପେଟାରେ ୩ ପରିବାର ଭୟଭୀତ

ଗଞ୍ଜାମ,୧୦।୯ (ସମିସ): ସମ୍ପ୍ରତି ବର୍ଷା ଦିନ ଯୋଗୁ ବାରମ୍ବାର ସାମୁଦ୍ରିକ ଝଡ଼ର ପ୍ରକୋପରେ ସମୁଦ୍ର ବିକଟାଳ ଗର୍ଜନ କରୁଛି। ଆଖି ଆଗରେ ସମୁଦ୍ରର ଉଚ୍ଚ ଲହଡି ମାଡ଼ରେ ଗୋଟାଏ ପରେ ଗୋଟିଏ ପକ୍କା ଘର ସମୁଦ୍ର ଆଁରେ ଲୀନ ହେଉଛି। ଗ୍ରାମର ଅର୍ଦ୍ଧାଧିକ ଗୃହ ସମୁଦ୍ର ଗିଳି ସାରିଥିବାବେଳେ ଆବାସ ଯୋଜନାରୁ ବଞ୍ଚିତ ତିନି ପରିବାର ଗଞ୍ଜାମ ବ୍ଲକର ପୁରୁଣା ପୋଡ଼ମପେଟା ଗ୍ରାମରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଜେ. ସୁକାନ୍ତି, ଜେ. ଲାଛେୟା, ସି ଏଚ. ପୋଟୁଡୁ ଏହି ତିନି ପରିବାର ବାରମ୍ବାର ପ୍ରଶାସନ ନିକଟରେ ଆବାସ ପାଇଁ ଆବେଦନ କରି ନିରାଶ ହୋଇଛନ୍ତି। ଜେ. ସୁକାନ୍ତି ବୟସ ୪୦ ହୋଇଥିବା ବେଳେ ସେ ଅବିବାହିତ। ବାପା ମୃତ୍ୟୁବରଣ କରିଥିବା ବେଳେ କିଛି ବର୍ଷ ହେଲା ମା' ଆରପାରିକି ଚାଲିଯାଇଛନ୍ତି। ଯାହାକୁ ନେଇ ବର୍ତ୍ତମାନ ସେ ନିଜ ଘରେ ଏକା ରହୁଛନ୍ତି। ଜେ. ଲାଛେୟାଙ୍କ ପରିବାରରେ ୭ ସଦସ୍ୟ ରହୁଥିବା ବେଳେ ଜେ. ଗୁରାଲୁ (୩୫)ତାଙ୍କ ଝିଅ ମଧ୍ୟ ଗୋଟିଏ ଘରେ ରହୁଛନ୍ତି। ଲାଛୟାଙ୍କ ଅନ୍ୟ ଏକ ଝିଅ ଜେ. ସାର୍ଣାଙ୍କ କିଛିଦିନ ହେଲା ଗୋଟିଏ ପୁତ୍ର ସନ୍ତାନ ହୋଇଥିବା ବେଳେ ସେ ସମୟରେ ତାଙ୍କ ଘରର ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ଗୋଟିଏ ପରିବାର ସି ଏଚ. ପୋଟଡୁଙ୍କ ସଦସ୍ୟ ସଂଖ୍ୟା ମଧ୍ୟ ୭। ତେଣୁ ତୁରନ୍ତ ଉକ୍ତ ତିନି ପରିବାରଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ପକ୍କାଘର ଯୋଗାଇ ଦେବାକୁ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଉଛି। ସୂଚନା ଥାଉକି ଋଷିକୁଲ୍ୟା ମୁହାଁଣ ଅଞ୍ଚଳରେ ଅଶାନ୍ତ ସମୁଦ୍ର ଯୋଗୁ ଉଚ୍ଚ ଲହଡି ମାଡ଼ ପ୍ରଭାବରେ ଉକ୍ତ ଗ୍ରାମର ସମସ୍ତ ପରିବାରଙ୍କୁ ପାଲୁରୁ ସାହେବ କେନାଲ ପାଶ୍ୱର୍ରେ ଓଡ଼ିଆପି କଲୋନୀ ମୟୁପଦା ଓ ଡୁମୁନଗିରୀ ପାହାଡ଼ ପାଦ ଦେଶରେ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଥିବା ବେଳେ ଏହି ତିନି ପରିବାର ସେଥିରୁ ବଞ୍ଚିତ ହୋଇଛନ୍ତି।



## ବିଜେପିର ମିଶ୍ରଣ ପର୍ବରେ ସରକାରୀ କର୍ମଚାରୀ; କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର,୧୦।୯ (ସମିସ): ଗଞ୍ଜାମ ଜିଲ୍ଲାର କୋଦଳାଠାରେ ଗତ ରବିବାର ଦିନ ଭାରତୀୟ ଜନତା ପାର୍ଟିର ସମ୍ବର୍ଦ୍ଧନା ଉତ୍ସବ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତିନିଜଣ ମନ୍ତ୍ରୀଙ୍କ ସମେତ ଗଞ୍ଜାମ ଜିଲ୍ଲାର ସାଂସଦ, ବିଧାୟକ ଓ ଦଳୀୟ ନେତୃତ୍ୱ ଯୋଗ ଦେଇଥିଲା। ଅନ୍ୟଦଳର ବହୁ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ କିଛି କର୍ମୀ ବିଜେପିରେ ଯୋଗ ଦେଇଥିଲେ। ଏହି ମିଶ୍ରଣପର୍ବ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା। କୋଦଳା ଏନ୍‌ଏସିର ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, କୋଦଳା ଏନ୍‌ଏସି ଯନ୍ତ୍ରୀ ଦୀପିକା ବେହେରା, ଏନ୍‌ଏସିର ମୁଖ୍ୟ କିରାଣି ହିମାଂଶୁ ଚରଣ ସ୍ୱାଇଁ, ବେଗୁନିଆପଡା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ବେଗୁନିଆପଡା ବ୍ଲକର ଜିପିଟିଏ ଧର୍ମେନ୍ଦ୍ର ବାଡତ୍ୟା ବିଜେପିର ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସଭା କାର୍ଯ୍ୟର ପରିଚାଳନା ଓ ଦାୟିତ୍ୱ ତୁଲାଇଥିବା ନେଇ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ସରକାରୀ ଅଧିକାରୀ ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ସମରଜିତ୍ ମହାନ୍ତି ଗଞ୍ଜାମ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓ ପ୍ରମୁଖ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ନିକଟକୁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଏନଏସି କାର୍ଯ୍ୟନର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସରଗମ୍ ଓ ପରେଶଙ୍କ ବିରୁଦ୍ଧରେ ଲାଗିଲା ଅନ୍ୟଏକ ଠକେଇ ମାମଲାର ରିମାଣ୍ଡ

ବ୍ରହ୍ମପୁର,୧୦।୯ (ସମିସ): ଏକ ଠକେଇ ମାମଲାରେ ଚନ୍ଦ୍ରପ୍ରଭା ସାହି ଦ୍ୱିତୀୟ ଲାଇନର ପରେଶ ରଞ୍ଜନ ସାହୁ ଓରଫ କିଟୁ ଓ କୁକୁଡ଼ାଖଣ୍ଡି ସୂର୍ଯ୍ୟନଗରର ସରଗମ୍ ତ୍ରିପାଠୀଙ୍କୁ ସଦର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଉଭୟେ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧିନ ବନ୍ଦୀ। ଉଭୟଙ୍କ ନାମରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୩ରୁ ଅଧିକ ଠକେଇ ମାମଲା ରୁଜୁ ହୋଇସାରିଛି। ବଡ଼ବଜାର ପୁଲିସ ବୁଧବାର ପୁଣି ଏକ ଠକେଇ ମାମଲାରେ ଉଭୟଙ୍କୁ ଯୋଡ଼ିଛି। ରିମାଣ୍ଡ ସମୟରେ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଶ୍ରୀରାମନଗର ଅଞ୍ଚଳର ରମେଶ ଚନ୍ଦ୍ର ସାହୁ ବ୍ୟାଙ୍କରୁ ଋଣ ନେଇ ଗୋଟିଏ କାର ଆଣିଥିଲେ ମାତ୍ର କିସ୍ତି ଦେଇପାରୁନଥିଲେ। ଅଭିଯୁକ୍ତ ପରେଶଙ୍କ ସହ ମିଶି ବେଙ୍ଗାଲୁରୁରେ ଏସ୍‌ଟି ଏଣ୍ଟରପ୍ରାଇଜର୍ସ ନାମକ ଏକ କମ୍ପାନୀରେ ତାଙ୍କ ଗାଡ଼ିକୁ ଭଡାରେ ଲଗାଇବାକୁ ଚାହିଁଥିଲେ। ପରେଶଙ୍କ କୁକୁଡ଼ାଖଣ୍ଡି ସ୍ଥିତ ଜଣେ ସମ୍ପର୍କୀୟ ସରଗମ୍ ତ୍ରିପାଠୀଙ୍କୁ ନୋଟାରି ଚୁକ୍ତିନାମା କରି ପରେଶଙ୍କ ଜରିଆରେ ଉକ୍ତ କମ୍ପାନୀରେ କାର୍‌କୁ ଭଡ଼ାରେ ଲଗାଇବାକୁ ରମେଶ ଦେଇଥିଲେ। ପରେଶ ୨୦୨୪ ଅଗଷ୍ଟ ପର୍ଯ୍ୟନ୍ତ ଭଡ଼ା ଟଙ୍କା ଦେଇଥିଲେ। ତେବେ ଗତ ୭ରୁ ୮ମାସ ଧରି ଉଭୟେ ଆଉ କୌଣସି ଟଙ୍କା ଦେଇନଥିଲେ କି ଗାଡ଼ି ଫେରାଇ ନଥିଲେ। ପରେ ଅଭିଯୁକ୍ତମାନେ ତାମିଲନାଡୁର ହୋସୁରର ଆର. ହରିଚରଣଙ୍କ ନିକଟରେ ଗାଡ଼ିଟିକୁ ବନ୍ଧକ ରଖିଥିବା ରମେଶ ଜାଣିବାକୁ ପାଇଥିଲେ। କେବଳ ରମେଶଙ୍କର ନୁହେଁ ବରଂ ସରଗମ ଏବଂ ପରେଶ ପୂର୍ବରୁ ବହୁ ଲୋକଙ୍କ ଗାଡ଼ି ଭଡ଼ାରେ ନେଇ ହରିଚରଣଙ୍କ ନିକଟରେ ବନ୍ଧକ ରଖି ଟଙ୍କା ଆଣିଥିବା ଜଣାପଡ଼ିଥିଲା। ଫଳରେ ରମେଶ ବାଧ୍ୟ ହୋଇ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଏକ ଠକେଇ ମାମଲାରେ ସଦର ଥାନା ପୁଲିସ ଦ୍ୱାରା କିଛିଦିନ ପୂର୍ବେ ଉପରୋକ୍ତ ଅଭିଯୁକ୍ତମାନେ ଗିରଫ ହୋଇ ଜେଲରେ ଥିବା ବଡବଜାର ଥାନା ପୁଲିସ ଜାଣିବାକୁ ପାଇଥିଲା। ଫଳରେ ବଡବଜାର ଥାନା ପୁଲିସ ଉକ୍ତ ଠକେଇ ମାମଲାରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ରିମାଣ୍ଡ ଲଗାଇଛି।



ଗୋପାଳପୁର ଏନ୍‌ଏସି ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ ଘଟଣା

## ସଂଘ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର,୧୦।୯ (ସମିସ): ଗୋପାଳପୁର ଏନ୍‌ଏସି ପକ୍ଷରୁ ଗତ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ପାଳନ ଅବସରରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରାଯାଇ ବଡ଼ଖାନାରୁ ବଞ୍ଚିତ ଘଟଣାରେ ବ୍ରହ୍ମପୁର ମହାନଗର ନିଗମ ମେହେନ୍ତର ଓ ସଫେଇ କର୍ମଚାରୀ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲ୍ଲାପାଳ, ରାଜ୍ୟ ମାନବାଧିକାର କମିଶନ ଓ ରାଜ୍ୟ ଅନୁସୂଚିତ ଜାତି କମିଶନଙ୍କ ଉଦ୍ଦେଶ୍ୟରେ ଏନ୍‌ଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ନ୍ୟାୟିକ ତଦନ୍ତ କରି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନବେଳେ ସଂଘର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ନାୟକ, ଉପ ସଭାପତି ତିଲୋଚନ ବେହେରା, ସାଧାରଣ ସମ୍ପାଦକ ମନୋରଞ୍ଜନ ଲିମାଇଁ, ସମ୍ପାଦକ ଜନାର୍ଦ୍ଦନ ଘଡ଼େଇ, କୋଷାଧକ୍ଷ ଜିତେନ୍ଦ୍ର ଘଡ଼େଇ ଓ ସଦସ୍ୟ ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସମଗ୍ର ଗଞ୍ଜାମ ଜିଲ୍ଲାରେ ପରିମଳ ବ୍ୟବସ୍ଥାକୁ ଠପ କରିଦିଆଯିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ନାୟକ ଚେତାବନୀ ଦେଇଛନ୍ତି।



## କବି ବିପ୍ର ଆଚାର୍ଯ୍ୟଙ୍କ 'ସକଳ ସୃଷ୍ଟି ସମ୍ଭାର' ଲୋକାର୍ପିତ

ବ୍ରହ୍ମପୁର,୧୦।୯ (ସମିସ): ଗୋଷାଣିନୂଆଗାଁ ସ୍ଥିତ ଶଙ୍କରାଚାର୍ଯ୍ୟ ମନ୍ଦିର ସମ୍ମିଳନୀ କକ୍ଷରେ କବି ବିପ୍ର ଆଚାର୍ଯ୍ୟଙ୍କ ସାମଗ୍ରିକ କୃତି 'ସକଳ ସୃଷ୍ଟି ସମ୍ଭାର' ଲୋକାର୍ପିତ ହୋଇଯାଇଛି। ସ୍ୱର୍ଗତ ଦାମିନୀ ଆଚାର୍ଯ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଲୋକାର୍ପିତ ଉତ୍ସବକୁ କବି ସୁଶାନ୍ତ ଦାଶ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ. ଶାନ୍ତନୁ କୁମାର ରଥ ଯୋଗଦେଇ ଗଞ୍ଜାମ ମାଟି କବି ବିପ୍ର ସାରଙ୍କ ସାହିତ୍ୟ କୃତି ପାଇଁ ଗର୍ବିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଜଜ୍ ଅବନୀ ଦାଶ, ଅନ୍ୟତମ ଅତିଥି ଭାବେ ଗାଳ୍ପିକ ବ୍ରଜମୋହନ ସାମଲ ମଞ୍ଚାସୀନ ଥିଲେ।



# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଡିଜିଟାଲ ସାକ୍ଷରତା ଅଭିଯାନ

### ଗଞ୍ଜାମ ଓ କୋରାପୁଟରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଉପଭୋକ୍ତା ସଂପ୍ରଦାୟ ସାମିଲ

ବ୍ରହ୍ମପୁର,୧୦।୯ (ସମିସ): ଟାଟା ସେଚ୍ଛାସେବୀ ସପ୍ତାହ ଉପଲକ୍ଷେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ପକ୍ଷରୁ ଗଞ୍ଜାମର ରଙ୍ଗେଇଲୁଣ୍ଡା ବ୍ଲକ ସ୍ଥିତ କମଳାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କୋରାପୁଟର ଗିରିଲିଗୁଡ଼ା ଗ୍ରାମରେ ଡିଜିଟାଲ୍ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ସାକ୍ଷରତା ଅଭିଯାନ ଅଧିନରେ ଗ୍ରାମାଞ୍ଚଳ ଓ ଛୋଟ ସହରାଞ୍ଚଳ ଗୁଡ଼ିକର ଏସଏଚଜି ମହିଳା ତଥା ଉପଭୋକ୍ତା ସଂପ୍ରଦାୟଙ୍କୁ ଡିଜିଟାଲ ଶିକ୍ଷା ଦିଆଯାଇଛି। ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମଞ୍ଜୁ ଗର୍ଗ ମହିଳାମାନଙ୍କୁ ଡିଜିଟାଲ ସାକ୍ଷରତାର ମହତ୍ତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। କମ୍ପାନୀ ପକ୍ଷରୁ ସ୍ୱେଚ୍ଛାସେବୀ କର୍ମଚାରୀମାନେ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଏ ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ସହ ଡିଜିଟାଲ ପଦ୍ଧତି କିପରି କାର୍ଯ୍ୟ କରେ ସେନେଇ ବୁଝାଇଥିଲେ। ସେହିପରି, ଦୈନନ୍ଦିନ ଜୀବନରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର, ଅନଲାଇନ ପେମେଣ୍ଟ ସିଷ୍ଟମ୍, ନିରାପଦ ଡିଜିଟାଲ୍ ଅଭ୍ୟାସ ଓ ସରକାରୀ ତଥା ବେସରକାରୀ ବ୍ୟାଙ୍କରେ ଡିଜିଟାଲ ସେବାର ବ୍ୟବହାର ଦିଗରେ ସଚେତନତା ସୃଷ୍ଟି କରାଯାଇଥିଲା। କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଏସଏଚଜି ମହିଳାମାନେ ଯୋଗ ଦେଇଥିବା ବେଳେ ସାଧାରଣ ଜୀବନରେ ଡିଜିଟାଲ ସେବାର ଉପଲବ୍ଧତା ଓ ଏହାର ସଠିକ ପରିଚାଳନା ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ। ପୁରା ଅଧିବେଶନଟି ଦ୍ୱିପାକ୍ଷିକ ଆଲୋଚନାରେ ପରିଚାଳିତ ହୋଇଥିଲା, ଯାହାଫଳରେ ମହିଳାମାନେ ଡିଜିଟାଲ ସେବା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ କର୍ମଚାରୀମାନେ ସେମାନଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଉପଭୋକ୍ତା ସଂପ୍ରଦାୟଙ୍କ ମଧ୍ୟରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବା ସହ ସେମାନଙ୍କୁ ଅଧିକ ସଶକ୍ତ କରିପାରୁଛି। ଦକ୍ଷିଣ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାଙ୍କ ଜୀବନ ମାନରେ ଉନ୍ନତି ଆଣିବା ନେଇ କମ୍ପାନୀ ସଦା ପ୍ରତିବଦ୍ଧ ରହିଛି।




## 'କଣ୍ଟା ପିଢ଼ା' ଯାତ୍ରାକୁ ନେଇ ସତ୍ୟନାରାୟଣଙ୍କ କଳାକୃତି

ବ୍ରହ୍ମପୁର, ୧୦।୯ (ସମିସ): ସୋରଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' କନ୍ଧୁଣୀ ଦେବୀଙ୍କ କଣ୍ଟା ପିଢ଼ା ଯାତ୍ରା ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଏକ ନିଆରା କଳାକୃତି ପ୍ରସ୍ତୁତ କରିଛନ୍ତି। ଗ୍ରାମର ନୂଆଁସାହି ସ୍ଥିତ ନିଜ ବାସଭବନ ସମ୍ମୁଖରେ ସେ ମା'ଙ୍କ ପ୍ରତିମୂର୍ତ୍ତି ତିଆରି କରି କଳାକୁଞ୍ଜ ପ୍ରସ୍ତୁତ କରିଛନ୍ତି। କାଚ ଓ ଚୁମ୍‌କି ବ୍ୟବହାର କରି ମା' କନ୍ଧୁଣୀ ଦେବୀଙ୍କ ଅବିକଳ ମୂର୍ତ୍ତି ନିର୍ମଣ କରିଛନ୍ତି। ଯାହାର ଉଚ୍ଚତା ୩ଫୁଟ ୬ଇଞ୍ଚ୍ ଏବଂ ପ୍ରସ୍ଥ ୩ ଫୁଟ ରହିଛି। ଯାତ୍ରାରେ କଳାକୁଞ୍ଜ ଦେଖିବାକୁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ ପରିଲକ୍ଷିତ ହେଉଛି।



### ବିପ୍ଳବୀ ବୀର ସହିଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ସ୍ମୃତି ସମାରୋହ

# ‘ବାଘାଯତୀନଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ’

ବାଲେଶ୍ୱର, ୧୦।୯ (ସମିସ)



ସ୍ମୃତିରକ୍ଷା ଆମେ କାହାପାଇଁ କରୁଛୁ । ଆମେ ଆଗାମୀ ପିଢ଼ିପାଇଁ କରୁଛୁ। ବାଘାଯତୀନ ସହିଦ ହୋଇଯାଇଛନ୍ତି ସତ କିନ୍ତୁ ଏହା କେବଳ ସେତିକିରେ ସୀମିତ ନରହୁ । ସେଇ ଅନୁଭୂତି ଆଗାମୀ ପିଢ଼ିମାନଙ୍କ ମନରେ ରହିଲେ ଯାଇ ବାଘାଯତୀନ ଇଂରେଜମାନଙ୍କ ସହ ଲଢ଼ି ଯେଉଁ ପ୍ରାଣବଳି ଦେଇଛନ୍ତି ତା’ର ପ୍ରକୃତ ମୂଲ୍ୟବୋଧ ହେବ ବୋଲି ଆଜି ସ୍ଥାନୀୟ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାଘାଯତୀନ ଉନ୍ନୟନ କମିଟି ପକ୍ଷରୁ ବିପ୍ଳବୀ ବୀର ସହିଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ସ୍ମୃତି ସମାରୋହରେ ମତ ପ୍ରକାଶ ପାଇଛି । ୧୯୦୫ରୁ ୧୯୧୫ ମଧ୍ୟରେ ଯେଉଁ ବିପ୍ଳବୀମାନେ ଇଂରେଜମାନଙ୍କୁ ହଟାଇବା ପାଇଁ ସଂଘର୍ଷରେ ସାମିଲ ହୋଇ ନିଜର ପ୍ରାଣବଳି ଦେଇଛନ୍ତି ତାହାରି ମଧ୍ୟରେ ରହିଛନ୍ତି ବିପ୍ଳବୀ ବାଘାଯତୀନ ଏବଂ ତାଙ୍କର ସହଯୋଗୀ। ଏଣୁ ସେମାନଙ୍କୁ ଚିରଦିନ ପର୍ଯ୍ୟନ୍ତ ମନେରଖିବା ସହ ତାଙ୍କ ସ୍ମୃତି ପାଇଁ ବିଭିନ୍ନ କାର୍ଯ୍ୟକ୍ଷମ କରାଯିବ । ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥ ଯାତ୍ରୀ ଦଳ ସହରର ବାରବାଟୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପହଂଚିବା ପରେ ଅତିଥିମାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସହିଦ ବାଘାଯତୀନ ପ୍ରତିମୂର୍ତ୍ତି ଏବଂ ତାଙ୍କର ଚାରିଜଣ ସାଥୀଙ୍କ ଫଟୋଚିତ୍ରରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସହିଦ ବାଘାଯତୀନଙ୍କ ଉଦମ୍ୟ ସାହସିକତା, ବଳିଷ୍ଠ ନେତୃତ୍ୱ ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମୀ ଇତିବୃତି ସମ୍ପର୍କରେ ଆଲୋକପାତ କରିଥିଲେ। ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ଦେବ ଦିବସ ପାଳନ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିବା ବେଳେ କମିଟିର ସମ୍ପାଦକ ହରେନ ଚନ୍ଦ୍ର ରଣା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସହୀଦ ସ୍ମୃତି ଦିବସ ପାଳନ ପରିପ୍ରେକ୍ଷୀରେ ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ବାଲେଶ୍ୱର ଜାତୀୟ ରାଜପଥ ଡାକ ବଙ୍ଗଳାରେ “ରକ୍ତତୀର୍ଥ’ ଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ପରେ ପରେ ବାଲେଶ୍ୱର ସହରାଞ୍ଚଳରେ ଥିବା ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣି ଗୋପବନ୍ଧୁ, ଫକୀର ମୋହନ ଗୋଲେଇ ଠାରେ ଫକୀର ମୋହନ ସେନାପତି, ଫାଣ୍ଡି ଛକ ଠାରେ ବିଜୁ ପଟ୍ଟନାୟକ, ଟାଉନ ହଲ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ରାଜା ବୈକୁଣ୍ଠ ଦେବ, ସିନେମା ଛକ ସହିଦ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ସମେତ ମହାନ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥିମାନେ ମାଲ୍ୟାର୍ପଣ ପରେ ବାରବାଟି ବାଳିକା ଉଚ୍ଚ ବିଦ୍ୟାଳୟରେ ସାମିଲ ହୋଇଥିଲେ। ବାଘା ଯତୀନ ହାଇ ସ୍କୁଲ, ଚଷାଖଣ୍ଡ ଦେଶୁଆ ପୋଖରୀସ୍ଥିତ “ରକ୍ତ ତୀର୍ଥ’କ୍ଷେତ୍ରରେ ବିପ୍ଳବୀ ବାଘା ଯତୀନଙ୍କ ବାଲେଶ୍ୱର ଜେଲରେ ଫାଶୀ ମଞ୍ଚ ଓ ସ୍ମୃତି ମଣ୍ଡପରେ ସହିଦମାନଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରିଥିଲେ। ବାଘାଯତୀନଙ୍କ ବଳିଦାନ ଦିବସ ଉପଲକ୍ଷେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବାଘା ଯତୀନ କ୍ଲବ ଠାରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ।

## ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଭୋଗରାଇ, ୧୦।୯ (ସମିସ): ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ମାଧ୍ୟମିକ ସ୍ତରରେ ଜିଲ୍ଲାସ୍ତରୀୟ ଚୟନରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍‌ର ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନନ୍ଦୀ ପ୍ରଥମ ସ୍ଥାନରେ ସଫଳତା ଲାଭ କରିବା ଫଳରେ ବାଲେଶ୍ୱରରେ ଥିବା ଗାନ୍ଧୀ ସ୍ମୃତିଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକ ଓ ବିଶିଷ୍ଟ ଅତିଥି ମାନଙ୍କ ଉପସ୍ଥିତିରେ ତାଙ୍କ ସହ ମୋଟ୍ ୪୯ ଜଣଙ୍କୁ ମାନପତ୍ର ଏବଂ ଫଳକ ପ୍ରଦାନ ପୂର୍ବକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଦ୍ୱାରିପାତର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ନନ୍ଦୀ ଓ ସନ୍ଧ୍ୟାରାଣୀ ନନ୍ଦୀଙ୍କ ଝିଅ ଏବଂ ଜଳସୋହରିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ହରେକୃଷ୍ଣ କୁଣ୍ଡୁଙ୍କ ପୁତ୍ରବଧୂ ହୋଇ ଶିକ୍ଷକ ଘର ଝିଅ ଓ ବୋହୂ ଭାବେ ବିଦ୍ୟାଳୟ ତଥା ଆଖପାଖ ଗ୍ରାମରେ ସମାଜସେବୀ ଭାବେ ପରିଚୟ ସୃଷ୍ଟି କରିଛନ୍ତି । ଈଶ୍ୱରଙ୍କ କୃପା, ଗୁରୁଜନଙ୍କ ଆଶୀର୍ବାଦ ଏବଂ ବିଜ୍ଞାନରେ ଛାତ୍ର ଛାତ୍ରୀଙ୍କ ଅପୂର୍ବ ସଫଳତା ଏହି ଗୌରବ ଆଣି ଦେଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ୩ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଚନ୍ଦନେଶ୍ୱର,୧୦।୯ (ସମିସ): ଭୋଗରାଇର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ଦକ୍ଷିଣ ତେଘରି ଲକ୍ଷ୍ମୀକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ୟାମାନନ୍ଦିପୁରର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ୨ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରଧାନ ଶିକ୍ଷକ ଗୌର ଗୋପାଳ ପ୍ରଧାନ,ସଂସ୍କୃତ ଶିକ୍ଷୟିତ୍ରୀ ଦେବଦୀପ୍ତି ପ୍ରଧାନ ଏବଂ ଏଲିମେଣ୍ଟାରୀ ସେକ୍ସନରେ ବ୍ଲକରୁ ଜୟକୃଷ୍ଣ ଆଇଚଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟରେ ଏନେଇ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପରିଚାଳନା କମିଟିର ସଭାପତି ଅଶୋକ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରଧାନ ବିଦ୍ୟାର୍ଥୀ, ଅଭିଭାବକ ଏବଂ ସହକର୍ମୀଙ୍କ ତ୍ୟାଗ ଓ ଉତ୍ତମ ଶିକ୍ଷାଦାନ ପାଇଁ ଆଜି ବିଦ୍ୟାଳୟକୁ ଏଭଳି ସମ୍ମାନ ମିଳିଥିବା କଥା ଉଲ୍ଲେଖ କରିଥିଲେ। ପରିଚାଳନା କମିଟିର ସଦସ୍ୟ ପଙ୍କଜ କୁମାର ଦାସ ଅତିଥି ପରିଚୟ, ହିମାଂଶୁ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶେଷରେ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ସଦସ୍ୟ ଓ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ସୂଚନା ଥାଉକି, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ୬୯୦ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ଲଗାତାର ୪ ବର୍ଷ ଧରି ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟ ବ୍ଲକ ଟପ୍ପର ହେଉଥିବା ବେଳେ ୨ବର୍ଷ ଜିଲ୍ଲା ଟପ୍ପର ହୋଇ ଆସୁଛନ୍ତି। ଏହାଛଡ଼ା ଗତ ବର୍ଷ ମଧ୍ୟ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଥିଲା ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବାଲେଶ୍ୱର,୧୦।୯ (ସମିସ): ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ଅନୁଷ୍ଠିତ ହେଉଥିବା ସଦର ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟରିୟମ ହଲ ପରିସରରେ ଆଜି ଉଦ୍‌ଯାପିତ ହୋଇଯାଇଛି । ବିଶେଷ କରି ଆଜି ମହିଳାଚାଷୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସିମୁଳିଆ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ରେମୁଣା ସଞ୍ଜିତା ଗିରି ପ୍ରମୁଖ ଯୋଗଦେଇଥିଲେ । ମହିଳାମାନଙ୍କୁ କିପରି ଭାବେ ସଶକ୍ତ କରଣ କରାଯାଇପାରିବ ତା ଉପରେ ଗୁରୁତ୍ୱାରୋପ କରାଯିବା ସହ ସେମାନେ କିପରି ଘରେ ରହି ଛତୁ ଚାଷ କରି ସେଥିରୁ ଅର୍ଥ ଉପାର୍ଜନ କରିପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହାଛଡା ସେମାନେ ବ୍ୟବସାୟିକ ଫୁଲ ଚାଷ ସାଙ୍ଗକୁ ଫଳ ଚାଷ, କାଜୁ ବାଦାମ ପ୍ରକ୍ରିୟାକରଣ, ନଡିଆ କତା, ମସଲା ଉନ୍ନୟନ ଯୋଜନା ଭିତିକ ଶିଳ୍ପ ଆରମ୍ଭ କରି ସେଥିରୁ ମଧ୍ୟ ଲାଭବାନ




ବିଧାୟକଙ୍କ ପ୍ରତିନିଧି ଲମ୍ବୋଦର ପ୍ରଧାନ, ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅମିତା ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସକ ଡ. ନରେଶ ମହାପାତ୍ର, ବ୍ଲକ ମତ୍ସ୍ୟ ଅଧିକାରୀ ଅସ୍ମିତା ପାଣ୍ଡେ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ମୃତି ହୋଇପାରିବେ ବୋଲି ଆଲୋଚନା ହୋଇଥିଲା । ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ଷେତ୍ର କର୍ମଚାରୀ ରାମଚନ୍ଦ୍ର ଧଳ, ଚନ୍ଦ୍ରଶେଖର ମୁର୍ମୁ ସହଯୋଗ କରିଥିଲେ ।

## ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରେରଣା ଦିବସ ପାଳିତ



ବାଲେଶ୍ୱର, ୧୦।୯ (ସମିସ): ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତି ବର୍ଷଭଳି ଚଳିତବର୍ଷ ‘ପ୍ରେରଣା ଦିବସ’ ପାଳିତ ହୋଇଯାଇଛି । ବାଲେଶ୍ୱର ବାର ଆସୋସିଏସନର ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଓ ବାର ଆସୋସିଏସନର ମିଳିତ ସହଯୋଗରେ ଏହି ଦିବସ ପାଳିତ ହୋଇଯାଇଛି । ବାଲେଶ୍ୱରରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗତ ୨୦୧୨ମସିହା ସେପ୍ଟେମ୍ବର ୫ତାରିଖ ଦିନ ବିଧାନସଭା ସମ୍ମୁଖରେ ଗଣଧାରଣାରେ ଯୋଗ ଦେଇ ବସ ଯୋଗେ ବାଲେଶ୍ୱର ଫେରୁଥିବା ସଦସ୍ୟ ସଦସ୍ୟାମାନେ ଏକ ସଡକ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୩୬ଜଣ ଆଘାତପ୍ରାପ୍ତ ହୋଇଥିବା ବେଳେ ପ୍ରାୟ ୧୫ଜଣ ଗୁରୁତର ହୋଇଥିଲେ । ଗୁରୁତରମାନେ ସୁସ୍ଥ ହେବାପାଇଁ କଟକ,ଭୁବନେଶ୍ୱର ଓ ରାଜ୍ୟ ବାହାରେ ବିଭିନ୍ନ ହସପିଟାଲରେ ଦୀର୍ଘଦିନ ଚିକିତ୍ସିତ ହୋଇଥିଲେ । ଏହି ଦୁର୍ଘଟଣା ସେମାନଙ୍କୁ ଓ କ୍ରିୟାନୁଷ୍ଠାନ କମିଟିର ଅନ୍ୟମାନଙ୍କୁ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନକୁ ଅଧିକ ପ୍ରେରଣା ଦେଇଥିଲା ବୋଲି ପ୍ରେରଣା ଦିବସ ସଭାରେ ବହୁ ବରିଷ୍ଠ ସଦସ୍ୟ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାର ଏସୋସିଏସନର ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନ ଏକ ଇତିହାସ ସୃଷ୍ଟି କରିଛି ବୋଲି କହିଥିଲେ। ଜିଲ୍ଲାବାସୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଫଳରେ ଏହା ପ୍ରତିଷ୍ଠା ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସଭାରେ କ୍ରିୟାନୁଷ୍ଠାନ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ, ପୂର୍ବତନ ସଭାନେତ୍ରୀ ମମତା ମହାପାତ୍ର, ପ୍ରତିଷ୍ଠାତା ସଭ୍ୟ ଭଗବାନ ଚନ୍ଦ୍ର ରାଉତ, ଉପସଭାନେତ୍ରୀ ସରସ୍ୱତୀ ପଣ୍ଡା, ରମେଶ ଚନ୍ଦ୍ର ଜେନା,ଇଂ ବନମାଳୀ ନାୟକ, ଅଭୟଚନ୍ଦ୍ର ମିଶ୍ର,ଦୀନବନ୍ଧୁ ଲେଙ୍କା, ଡ କ୍ଷିତୀଶ୍ୱର ଦାଶ, ସଚୀନ୍ଦ୍ର ଦାସ, କଲ୍ୟାଣୀ ନନ୍ଦ, ସୁମତି ପରିଡ଼ା ପ୍ରମୁଖ ଯୋଗଦେଇ ମେଡିକାଲ କଲେଜ ହସପିଟାଲରେ ଉତ୍ତମ ସ୍ୱାସ୍ଥ୍ୟସେବା, ହୃଦରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟ ପ୍ରଭୃତି ରୋଗଚିକିତ୍ସାର ବିଭାଗଗୁଡ଼ିକ ଖୋଲିବା,ଏମସର ବହିର୍ବିଭାଗ ପ୍ରତିଦିନ ଖୋଲିବା,ନର୍ସିଂ ଓ ଫାର୍ମାସିଷ୍ଟ କଲେଜ ପ୍ରଭୃତିର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହ ସଂପାଦକ ପ୍ରଫୁଲ୍ଲ କୁମାର ଦାସ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ଉପସଭାପତି ନିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

## ଆନ୍ତଃରାଜ୍ୟ ଡକାୟତ ଗିରଫ

ଜଳେଶ୍ୱର,୧୦।୯ (ସମିସ) : ଜଣେ ଆନ୍ତଃରାଜ୍ୟ ଡକାୟତକୁ ଧରି ତଦନ୍ତ ଲାଗି ଜଳେଶ୍ୱରରେ ପହଞ୍ଚିଛନ୍ତି କେନ୍ଦୁଝର ପୁଲିସ । ଜଳେଶ୍ୱର ଥାନା ଅଧିନ ବାଘାବାଳୀ ଗାଁର ଜନୈକ ଭଉଣୀ ଘରକୁ ଆସିଥିବା ବେଳେ ସେ ରହୁଥିବା କୋଠରୀରୁ ବନ୍ଧୁକ, ତେଲେଙ୍ଗା କଟୁରୀ, ସୁନାଗହଣା ଇତ୍ୟାଦି ପୁଲିସ୍ ଜବତ୍ କରିଛି । ଘଟଣା ଅନୁସାରେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ମହାଗବ ଗାଁର ବିଜୟ ଦାସଙ୍କ ପୁଅ ବ୍ରଜ ଗୋପାଳ ଦାସ(୨୮) ବିଭିନ୍ନ ସମୟରେ ଡକାୟତି, ଲୁଟପାଟ କରି ଆସୁଥିଲା । ତା ନାଁରେ କମର୍ଦ୍ଦା ଥାନାରେ ବେଆଇନ୍ ମାରଣାସ୍ତ୍ର ରଖିବା ଅପରାଧରେ ମାମଲା ଥିବା ବେଳେ ପଶ୍ଚିମବଂଗର ବିଭିନ୍ନ ଥାନା ଅଞ୍ଚଳରେ ବ୍ୟାଙ୍କ ଡକାୟତିରେ ସଂପୃକ୍ତି ରହିଥିଲା । ପୁଲିସ୍ ବାରମ୍ବାର ତା ଘର ଉପରେ ଚଢ଼ାଉ କରୁଥିବାରୁ ଦୁଇବର୍ଷ ହେବ ଘର ଛାଡି ଓ ନିଜ ସ୍ତ୍ରୀକୁ ବାପଘର ଗୁଣସାର୍ଥୀରେ ଛାଡିବା ପରେ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରି ରହୁଥିଲା । ଜଳେଶ୍ୱର ଥାନା ଅନ୍ତର୍ଗତ ବାଘାବାଳି ଗାଁରେ ତାର ଭଉଣୀ ଘରେ ରହୁଥିବାରୁ ବୁଧବାର କେନ୍ଦୁଝର ପୁଲିସ୍ ତାକୁ ଗିରଫ କରିବା ପରେ ବାଘାବାଳୀକୁ ଆଣିଥିଲା । ଜଳେଶ୍ୱର ପୁଲିସ୍ ସହାୟତାରେ ସେ ରହୁଥିବା ତାର ଭଉଣୀ ଘରେ ଖାନତଲାସୀ କରାଯାଇ ତେଲେଙ୍ଗା କଟୁରୀ, ବନ୍ଧୁକ, ସୁନା ଅଳଙ୍କାର ଇତ୍ୟାଦି ଜବତ କରାଯାଇଛି । ସୂଚନାଯୋଗ୍ୟ ଦୁଇ ବର୍ଷ ତଳେ ସ୍ଥାନୀୟ କଲେଜର ଜୈନିକ ଛାତ୍ରୀକୁ ବ୍ରଜ ଗୋପାଳ ବନ୍ଧୁକ ଦେଖାଇ ଅପହରଣ କରୁଥିବା ବେଳେ ପୁଲିସ ମାରଣାସ୍ତ୍ର ସହ ତାକୁ ଗିରଫ କରିଥିଲା ।

## ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧୦।୯ (ସମିସ): ଜଣେ ଅଭ୍ୟାସଗତ ସମ୍ପତ୍ତି ଚୋରି ଅଭିଯୁକ୍ତକୁ ଟାଉନ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏପରିକି ଗିରଫ ହୋଇଥିବା ସମ୍ପତି ଚୋର ଅଭିଯୁକ୍ତ ନାମରେ ବାଲେଶ୍ୱର ଟାଉନଥାନା, ଚାନ୍ଦିପୁର ଥାନା ଆଦି ବିଭିନ୍ନ ଥାନାରେ ୨୫ଟି ମାମଲା ମଧ୍ୟ ରହିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ଟାଉନଥାନା ଅର୍ନ୍ତଗତ ପାତ୍ରପଡା ଅଂଚଳର ଦୀନାନାଥ ପାଢ଼ୀ(୪୦) । ଗିରଫ ସମୟରେ ତା ଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ଚୋରି ହେଉଥିବା ନେଇ ବାରମ୍ବାର ଟାଉନଥାନାରେ ଅଭିଯୋଗ ହୋଇଆସୁଥିଲା। ତେବେ ଟାଉନ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୀନାନାଥଙ୍କ ଘରେ ଚଢ଼ଉ କରିଥିଲା। ଚଢ଼ଉ ପରେ ଜଣାପଡ଼ିଥିଲା ଯେ ସେ ଜଣେ ଅଭ୍ୟାସଗତ ସମ୍ପତ୍ତି ଚୋର। ୨୦୨୩ମସିହାରେ ଶାନ୍ତିକାନନ ଛକ ଠାରେ ଜଣେ ବ୍ୟକ୍ତିଙ୍କ ଠାରୁ ଏକ ମୋବାଇଲ ଚୋରି ହୋଇଥିବା ମଧ୍ୟ ଜଣାପଡ଼ିଥିଲା। ପୁଲିସର ଚଢ଼ାଉ ବେଳେ ତାଠାରୁ ଗୋଟିଏ ମୋବାଇଲ ମଧ୍ୟ ଜବତ କରାଯିବା ସହ ତାକୁ ଗିରଫ କରାଯାଇଥିଲା।

## ଦେଶୀମଦ ସହ କାର ଓ ବୁଲେଟ ଜବତ, ଦୁଇ ଗିରଫ

ବାଲେଶ୍ୱର,୧୦।୯ (ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬ଶହ ଲିଟର ଦେଶୀମଦ ଜବତ କରାଯିବା ଦୁଇଜଣ ବେପାରୀକୁ ଗିରଫ କରିଛି । ଏହାଛଡା ଗୋଟିଏ କାର ଓ ବୁଲେଟକୁ ମଧ୍ୟ ଜବତ କରିଛି । ଅବକାରୀ ବିଭାଗ ପକ୍ଷରୁ ନୀଳଗିରି ବ୍ଲକ ଅଯୋଦ୍ଧା ଛକ ଠାରେ ଚଢ଼ାଉ କରି ଗୋଟିଏ କାରରେ ରହିଥିବା ୬ଶହ ଲିଟର ଦେଶୀମଦକୁ ଜବତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଜବତ ହୋଇଥିବା ସାମଗ୍ରୀର ମୂଲ୍ୟ ଏକ ଲକ୍ଷ ୭୦ହଜାର ଟଙ୍କା ହେବ ବୋଲି ଜଣାଯାଇଛି । ଗିରଫ ଦ୍ୱୟ ହେଲେ ରେମୁଣା ଥାନା ଅର୍ନ୍ତଗତ ଆଳଦିଆ ଗ୍ରାମର ବିଦୁ ସିଂ (୨୧) ଏବଂ ନୀଳଗିରି ଥାନା ଅର୍ନ୍ତଗତ ଧୁବଶୀଳା ଅଞ୍ଚଳର ରମେଶ ମଣ୍ଡଳ(୨୫) । ଚଢ଼ାଉରେ ମୋବାଇଲ ସ୍କ୍ୱାର୍ଡ ଅଧିକାରୀ ହରିହର ସିଂ, ଏଏସଆଇ ଭବେଶ ଦାସ, ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ସୁନାରାମ ସୋରେନ, ପଙ୍କଜ ମହାନ୍ତି ସାମିଲ ଥିଲେ ।

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ

# ‘ଆତ୍ମହତ୍ୟା କେବଳ ବ୍ୟକ୍ତିଗତ ସଂକଟ ନୁହେଁ; ଏହା ସାମୂହିକ ଆହ୍ୱାନ’



ବାଲେଶ୍ୱର,୧୦।୯ (ସମିସ)

ଆତ୍ମହତ୍ୟା ଆଜିର ସମାଜରେ ଏକ ଗମ୍ଭୀର ଚିନ୍ତାର ବିଷୟ। ମନୋସାମାଜିକ ସମସ୍ୟା, ଆତ୍ମୀୟ ସମ୍ପର୍କରେ ବାଧା, ଶିକ୍ଷା-ଚାକିରିର ଚାପ ଓ ସାମାଜିକ ବିସଙ୍ଗତିରେ ପୀଡିତ ବ୍ୟକ୍ତିମାନେ ପ୍ରାୟତଃ ନିଜ ଜୀବନକୁ ସମାପ୍ତ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଗୁରୁତର ସମସ୍ୟା ପ୍ରତି ସଚେତନତା, ସହାନୁଭୂତି ଓ ସାମୂହିକ ଦାୟିତ୍ୱ ବାର୍ତ୍ତା ପ୍ରସାର ପାଇଁ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳିତ କରାଯାଇଛି। ପ୍ରୟୋଗୀକ ମନୋବିଜ୍ଞାନ ବିଭାଗର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ, ଆଲୋଚନା, ବିଶେଷଜ୍ଞ ବ୍ୟାଖ୍ୟାନ, ଚିତ୍ରାଙ୍କନ ପ୍ରଦର୍ଶନୀ ସହ ସଚେତନତାମୂଳକ ବାର୍ତ୍ତାନେଇ ଏକ ପ୍ରଭାବଯୁକ୍ତ ସମନ୍ୱୟ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ, ଆତ୍ମହତ୍ୟା କେବଳ ବ୍ୟକ୍ତିଗତ ସଂକଟ ନୁହେଁ, ଏହା ସମାଜର ସାମୂହିକ ଚ୍ୟାଲେଞ୍ଜ। ଆମେ ଯେତେବେଳେ ସଚେତନତା, ସହାନୁଭୂତି ଓ ସମର୍ଥନର ହାତ ବଢ଼ାଇବା, ସେତେବେଳେ ଆମେ ଅନେକ ପ୍ରାଣକୁ ବଞ୍ଚାଇପାରିବା। ସମ୍ମାନୀତ ଅତିଥି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଶିକ୍ଷାକ୍ଷେତ୍ରରେ ଛାତ୍ର-ଯୁବମାନଙ୍କ ପାଇଁ ସହାୟକ ଓ ସୁରକ୍ଷିତ ପରିବେଶ ଗଠନରେ ଶିକ୍ଷକ-ପ୍ରଶାସକଙ୍କ ଦାୟିତ୍ୱକୁ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଅଜିତ କୁମାର ମହାନ୍ତି (ଜେଏନୟୁର ପୂର୍ବତନ ଅଧ୍ୟକ୍ଷ) କହିଥିଲେ ଯେ ଶିକ୍ଷା, ପରିଚୟ ଓ ମନୋସାମାଜିକ ସୁସ୍ଥତା ଗଭୀର ଭାବେ ସମ୍ପୃକ୍ତ। ଆମେ ଯଦି ସହାନୁଭୂତି ଓ ସମ୍ବେଦନଶୀଳତାର ସହିତ ବ୍ୟକ୍ତିଙ୍କୁ ବୁଝିପାରିବା, ସେତେବେଳେ ଆମେ ତାଙ୍କୁ ନୂଆ ଜୀବନର ଆଶା ଦେଇପାରିବା। ଡା. ଶଶୀମଣି ମିଶ୍ର (କାଉନସେଲିଂ ସାଇକୋଲଜିଷ୍ଟ, କଟକ) ନିଜ ପ୍ରାୟୋଗିକ ଚିକିତ୍ସାନୁଭବକୁ ଉପସ୍ଥାପନ କରିବା ସହ ଆତ୍ମହତ୍ୟା ପ୍ରକ୍ରିୟାରେ ପୂର୍ବ-ହସ୍ତକ୍ଷେପ, କୁସଂସ୍କାର ହ୍ରାସ ଓ ସମାଜିକ ସହଭାଗୀତାକୁ ଆଭହତ୍ୟା ପ୍ରତିରୋଧର ମୁଖ୍ୟ ମାନଦଣ୍ଡ ବୋଲି ଉଲ୍ଲେଖ କରିଥିଲେ। ସମାଜରେ ବ୍ୟାପ୍ତ ଆତ୍ମହତ୍ୟାଗତ ପ୍ରବୃତ୍ତିକୁ ସ୍ପଷ୍ଟ କରିଥିବା, ଛାତ୍ରଛାତ୍ରୀଙ୍କ ଦ୍ୱାରା ‘ମୁଁ ବଞ୍ଚିବାର ଅଧିକାରୀ’ ନାଟକର ପ୍ରଦର୍ଶନ, ଦର୍ଶକଙ୍କୁ ଗଭୀର ସ୍ପର୍ଶ କରିଥିଲା। ଏଥି ସହିତ, ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହରେ ଆୟୋଜିତ ପ୍ରତିଯୋଗିତାର ବିଜୟୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପରିକଳ୍ପନା ଓ ପରିଚାଳନାରେ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଯଥା ଶଶାଙ୍କ ଗଡନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମଲ୍ଲ ପ୍ରମୁଖଙ୍କ ସକ୍ରିୟ ଭୂମିକା ରହିଥିଲା। ସଂଯୋଜକ ଭାବରେ ଡ଼କ୍ଟର ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

## ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ପାଳିତ




ବାଲେଶ୍ୱର: ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଅବସରରେ ଏକ ସଚେତନତା ସଭା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ ଅନୁଷ୍ଠାନରେ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଆଲୋଚନା ଦ୍ୱାରା ଆତ୍ମହତ୍ୟା ପ୍ରବଣକୁ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡାକ୍ତର ବ୍ରଜ କିଶୋର ଗିରି ଡ଼ିପ୍ରେସନ୍ କ’ଣ ଏବଂ ଏହା କିପରି ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି ତା ଉପରେ ଆଲୋକପାତ କରିଥିଲେ ଏବଂ ଟୋଲ ଫ୍ରି ନମ୍ବର(୧୪୪୧୬) କୁ କଲ୍ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସଞ୍ଜୀବ ପ୍ରଧାନ(ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ-କୁଷ୍ଠ), ଡାକ୍ତର ସତ୍ୟପ୍ରକାଶ ରାଉତରାୟ (ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ - ଭିବିଡି), ଡାକ୍ତର ପ୍ରଦୀପ କୁମାର କର (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ), ଗୋବର୍ଦ୍ଧନ ବିଶ୍ୱାଳ(ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ), ମୌସୁମୀ ସାମଲ, ଅନିତା କୁଣ୍ଡୁ ପ୍ରମୁଖ ଆତ୍ମହତ୍ୟା ପ୍ରତିରୋଧ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ରୁଦ୍ରନାରାୟଣ ଦାସ (ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ସଂଯୋଜକ) ଧନ୍ୟବାଦ ଦେଇଥିଲେ।

# ପାଇକମାଳକୁ ଏନ୍‌ଏସି ଦାବିରେ ବିଜେଡିର ୧୨ଘଣ୍ଟିଆ ବନ୍ଦ

ପାଇକମାଳ,୧୦।୯ (ସମିସ)



- ଦୋକାନ ଖୋଲାକୁ ନେଇ ବିଜେଡି ଓ ବିଜେପି ମୁହାଁମୁହିଁ
- ଶାନ୍ତି ଶୃଙ୍ଖଳା ପାଇଁ ୪ ପ୍ଲାଟୁନ ପୁଲିସ ମୁତୟନ

ପାଇକମାଳକୁ ଏନ୍‌ଏସି ଦାବି ନେଇ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଦିଆଯାଇ ଥିବା ବନ୍ଦ ଡାକରାରେ ପାଇକମାଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଗତ ବିଜେଡି ସରକାର ସମୟରେ ପାଇକମାଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ଚଳିତ ସରକାର ଏବେ ଯେଉଁ ଅଞ୍ଚଳକୁ ଏନଏସି ଘୋଷଣା କଲେ ସେଥିରେ ପାଇକମାଳର ନାମ ନାହିଁ। ତେଣୁ ଆଜି ବିଜେଡି ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ନେଇ ମଙ୍ଗଳବାର ଡାକବାଜି ଯନ୍ତ୍ରରେ ପ୍ରଚାର ପ୍ରସାର ହୋଇଥିଲା। ବନ୍ଦ ପାଳନ ପାଇଁ ସକାଳେ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିବାକୁ ବିଜୁ ଜନତା ଦଳ କର୍ମୀ ମାନେ ପିକେଟିଂ କରୁଥିବା ଦେଖାଯାଇଥିଲା। ତେବେ କିଛି ଦୋକାନ ଖୋଲା ଯିବା ନେଇ ବିଜେଡି ଓ ବିଜେପି ଦଳର କର୍ମୀ ମାନଙ୍କ ମଧ୍ୟରେ ତର୍କବିତର୍କ ହୋହାଲ୍ଲା ହୋଇଥିଲା। ଏସବୁ ଦେଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରା ଯାଇଥିଲା। ବିଜେଡି କର୍ମୀମାନେ ପାଇକମାଳ ଛକରେ ଧାରଣାରେ ବସିଥିଲେ। ବିଜେଡି ନେତା ଟାଇଲ ଚନ୍ଦ୍ର ଭୋଇଙ୍କ ପରିଚାଳନା ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବ୍ଲକ୍ ଉପାଧ୍ୟକ୍ଷ ଭାବନା ସିଂ, ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ଗୌତମ ସିଂ, ବିଜେଡି ନେତା ବିଜୟ ସ୍ବାଇଁ, ବନିତା ମହାନନ୍ଦ, ସସ୍ମିତା ବାରିକ, ଗିରୀଶ ଡନସନା, ରାଜୁ ଘିବେଲା, ଭୋଜରାଜ ସିଂ ବରିହା, ଆର୍ତ୍ତତ୍ରାଣ ସାହୁ, ବେଣୁଧର ଭୋଇ, ନରସିଂହ ବନଛୋର, ରୀତା ସୁନା ପ୍ରମୁଖ ନିଜ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଧାରଣାରେ ପାଇକମାଳ ବ୍ଲକ୍‌ର ସରପଞ୍ଚ ସମିତି ସହ ଶତାଧିକ ବିଜେଡି କର୍ମୀ ବନ୍ଦରେ ସାମିଲ ଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ସହ ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲେଟ, ଜଗଦଲପୁର ଆଦି ଥାନାର ଅଧିକାରୀ ସମେତ ୪ ପ୍ଲାଟୁନ ପୁଲିସ ଉପସ୍ଥିତ ରହିବା ସହ ପରିସ୍ଥିତି ଉପରେ କଡା ନଜର ରଖା ଯାଇଥିଲା।

● ଜବରଦଖଲ ଉଚ୍ଛେଦ

# ପ୍ରଶାସନର ସ୍ବେଚ୍ଛାଚାରିତା ବିରୋଧରେ ପୌରପରିଷଦର ଉଦ୍‌ବେଗ

ବରଗଡ଼,୧୦।୯ (ସମିସ): ବରଗଡ଼ ପୌରପରିଷଦ ପୌରାଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ପୌରପରିଷଦ ସଭାଗୃହରେ ଜରୁରୀକାଳୀନ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ପୌରପରିଷଦ ତରଫରୁ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନ କରିଥିବା ଥାନା ଆଗରେ ଥିବା ଏସଆରଆଇଟି କମ୍ପ୍ଲେକ୍ସ ତଥା ସମବାୟ ବ୍ୟାଙ୍କ ସମ୍ମୁଖରେ ଥିବା ଦୋକାନ ଗୃହ ଗୁଡିକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି। ଲାଇସେନ୍ସ ବଳବତ୍ତର ଥିବା ସତ୍ତ୍ୱେ ପୌରପରିଷଦକୁ ଅବଗତ ନ କରି ଦୋକାନ ଗୁଡିକୁ ଭଙ୍ଗା ଯାଇଥିବାରୁ ବୈଠକରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶାସନର ଏତାଦୃଶ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଥିଲା। ଆହୁରି ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ଉଚ୍ଚତମ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ, ଓଡ଼ିଶା ଏବଂ ରାଜ୍ୟ ମାନବାଧିକାର କମିଶନ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ସ୍ପଷ୍ଟ ଭାବେ ଉଲଂଘନ କରାଯାଉଛି। ଏହାକୁ ନେଇ ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ସହରରେ ଏପରି ଅଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ପୌରପରିଷଦ ସଭାରେ ଜିଲ୍ଲା ପ୍ରଶାସନର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା। ପୌର ପରିଷଦ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଦୋକାନ ଗୁଡିକୁ ଆଗାମୀ ଦିନରେ ମଧ୍ୟ ଉଚ୍ଛେଦ କରାଯିବାର ଆଶଙ୍କା ରହିଛି। ଏପରି ହେଲେ ପୌରପରିଷଦର ଆୟରେ କ୍ଷତି ହେବାର ସାମ୍ଭାବନା ରହିଛି। ପରିଣାମ ସ୍ୱରୂପ ପରବର୍ତ୍ତୀ ସମୟରେ ସହରର ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଅର୍ଥର ଅଭାବ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରକାଶ ଯେ, ପ୍ରଥମେ ବରଗଡ଼ ସହରର ମୁଖ୍ୟରାସ୍ତା ପୌରପରିଷଦ ଅଧୀନସ୍ତ ଥିଲା। କିନ୍ତୁ ପୌରପରିଷଦ ରକ୍ଷଣାବେକ୍ଷଣ କରି ନ ପାରିବାରୁ ୨୦୦୮/୨୦୦୯ ଆର୍ଥିକ ବର୍ଷରେ ଏହିରାସ୍ତାର ଦୋକାନ ଗୃହ ଗୁଡିକୁ ଛାଡି ପୁନର୍ବାର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାକୁ ତତ୍କାଳୀନ ରାଜ୍ୟ ସରକାର ଅନୁମୋଦନ କରିଥିଲେ। ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ ତରଫରୁ ଦୋକାନ ଗୁଡିକୁ ଉଚ୍ଛେଦ କରାଯାଉଥିବାରୁ ଏ ସଂକ୍ରାନ୍ତରେ ପୌର ପରିଷଦ ତରଫରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଛି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ପଦମପୁର,୧୦।୯ (ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜମରତଲା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାଜେଶ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରମୋଦ ନାଥ ଓ ଜୀବନାନନ୍ଦ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୀତିରଶ୍ମୀ ସେଠ ସହଯୋଗ କରିଥିଲେ। ବ୍ଲକ୍‌ର ୬ଟି ସ୍କୁଲରୁ ବିଜ୍ଞାନ ଭିତ୍ତିକ ୬ ଟି ନାଟକ ପ୍ରଦର୍ଶିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ନାଟକ 'ବିଜ୍ଞାନରେ ନାରୀ' ସର୍ବଶ୍ରେଷ୍ଠ ହୋଇ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲା। ନାଟକଟିର ଲେଖକ ଓ ନିର୍ଦ୍ଦେଶକ ଭାବେ ପୁଷ୍ପାଞ୍ଜଳି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଲାଲାଜୀ ବାଲାଜୀ ସଂସ୍କୃତ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ନାଟକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଂଶୁମାନ ସାହୁ ଶ୍ରେଷ୍ଠ ଅଭିନେତା ଓ ଶ୍ରାବଣୀ ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ।

# ସରକାରଙ୍କ ଏସ୍‌ସି-ଏସ୍‌ଟି ମାରଣ ନୀତି ବିରୋଧରେ ଦାବିପତ୍ର



ବରଗଡ଼,୧୦।୯ (ସମିସ): ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିବାରଣ ଆଇନ ୧୯୮୯କୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି ଓଡ଼ିଶା ତରଫରୁ ଗୁରୁଚରଣ ହରିପାଲଙ୍କ ନେତୃତ୍ୱରେ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶରେ ଜାତିଗତ ନିର୍ଯାତନାକୁ ରୋକିବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍ ୧୯୮୯ ରହିଛି। ଏହି ଆଇନ ଅନୁସାରେ ନିୟମ ରହିଛି ଯେ, କୌଣସି ଜାତିଭିତ୍ତିକ ଅଭିଯୋଗ ହେଲେ ନିର୍ଯାତନା ନିବାରଣ ଅଧୀନ ମାମଲା ଗୁଡିକୁ ଡିଏସପି ଠାରୁ ତଳ ପାହ୍ୟାର ଅଫିସର ମାନେ ତଦନ୍ତ କରିପାରିବେ ନାହିଁ। କିନ୍ତୁ ଓଡ଼ିଶାରେ ଗତ ଅଗଷ୍ଟ ୩୦ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି ଯେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍ ୧୯୮୯ ଅଧୀନ ମାମଲାରେ ପୁଲିସ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର ମାନେ ଗିରଫ, ତଦନ୍ତ, ଅନୁସନ୍ଧାନ ଓ ସ୍ୱତନ୍ତ୍ର ଅଦାଲତ ପାଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିବେ। ଗୃହ ବିଭାଗର ଏହି ବିଜ୍ଞପ୍ତି ପ୍ରତ୍ୟାହାର କରିବା ପାଇଁ ଆଜି ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି, ଓଡ଼ିଶା ତରଫରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ରେ ମଧ୍ୟ ଏକ ଟିମ୍ ଜିଲ୍ଲାପାଳଙ୍କୁ ଭେଟି ଏହି ବିଷୟରେ ଆଲୋଚନା କରିବା ସହ ଗୃହ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ କମିଟିର ଆବାହକ ଗୁରୁଚରଣ ହରିପାଲ, ଜଗଦୀଶ ବୌଦ୍ଧ, ପିତାମ୍ବର ମହାନନ୍ଦ, ଭୀମସେନ ନାଗ, ଗଙ୍ଗାଧର ବିଭାର, ବିକ୍ରମ ଛତର, ପୁରନ୍ଦର ଭୋସାଗର, ଅବିନାଶ ବାଗଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

● ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା

# ବାନ୍ଧୁପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ସେମିନାରକୁ ମନୋନୀତ



ଦହିତା,୧୦।୯ (ସମିସ): ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାନ୍ଧୁପାଲିର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସଂସ୍କାର ପଟ୍ଟନାୟକ (୧୦ମ ଶ୍ରେଣୀ), ଦ୍ୱିତୀୟ ସ୍ଥାନରେ ଶ୍ରୀୟମ ଶତପଥୀ (୯ମ ଶ୍ରେଣୀ) ରହିଛନ୍ତି। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ନାଟକ ପ୍ରତିଯୋଗିତାରେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀ ମାନେ ଉତ୍କୃଷ୍ଟ ନାଟକ ପ୍ରଦର୍ଶିତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଓ ନାଟକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ଜାନକୀ ବଲ୍ଲଭ ପାଇକ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ ଅଶ୍ୱିନୀ ଧରୁଆ, ମାନସ ଶତପଥୀ, ରମେଶ ନାୟକ, ବିଦେଶୀ ବରିହା ସମେତ ସମସ୍ତ ଅଭିଭାବକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ନୂଆଗଡ଼ ସ୍କୁଲରେ 'ମା'ଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ




ଭଟଲି,୧୦।୯ (ସମିସ): ଭଟଲି ବ୍ଲକ୍ ଅଧୀନ ନୂଆଗଡ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଉଦ୍ୟାନ କୃଷି ବିଭାଗ ତରଫରୁ 'ମାଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପରଦେଶୀ ବୁଦ୍ଧିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଭାବେଶ ଦଳେଇ ମୁଖ୍ୟ ଅତିଥି, ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧକାରୀ ଅଙ୍କିତା ଦାସ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ପାଣିଗ୍ରାହୀ, ସମାଜସେବୀ ମନବୋଧ ସାହୁ, ବିଦ୍ୟାଳୟ ଆଲୁମ୍ନି ସଦସ୍ୟ ଅଶୋକ ସାହୁ ଓ ଅଶ୍ୱିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଲେମ୍ବୁ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଗଜାନନ ବେହେରା, ଆନନ୍ଦ ସହୁ, ରାଜେଶ ପଟେଲ, ଶିକ୍ଷୟିତ୍ରୀ ସୁମିତ୍ରା ପଟେଲ, ଡଲି ସରାଫ ଓ ଜୁଲି ସରାଫ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ ଗାଇଡ ତରଫରୁ ପଚମାରୀ ଦିବସ



ଅମ୍ବାଭୋନା,୧୦।୯ (ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ପଚମାରୀ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ସାହୁ ପଚମାରୀ ଦିବସ ଭାରତ ଗାଇଡ ସହ ଥିବା ନିଆରା ସମ୍ପର୍କ ବିଷୟରେ ଅବଗତ କରିଥିଲେ। ଶିକ୍ଷୟିତ୍ରୀ ଉପମା ପ୍ରଧାନ ପଚମାରୀ ଜୈବ ମଣ୍ଡଳର ମହତ୍ତ୍ୱ ବିଷୟରେ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶୈରନ୍ଧ୍ରି ରଥ ମଞ୍ଚାସୀନ ଥିଲେ। ଶିକ୍ଷକ ଶୁଭାଶିଷ ଜଗତ, ଚିନ୍ମୟ ସାହୁ, କୌଶଲ୍ୟା ସାହୁଙ୍କ ତତ୍ତ୍ୱାବଧାନରେ ୪୦ ଟି ବୃକ୍ଷରୋପଣ କରା ଯାଇଥିଲା। ଶିକ୍ଷକ ଶୁଭାଶିଷ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶାନ୍ତ ସାହୁ ପ୍ରଦେଶ କଂଗ୍ରେସ ରାଜ୍ୟ ସୋସିଆଲ ମିଡିଆ କମିଟି ସଦସ୍ୟ

ବରଗଡ଼,୧୦।୯ (ସମିସ): କଂଗ୍ରେସର ଯୁବ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବରଗଡ଼ ଜିଲ୍ଲା ଯୁବ ସଭାପତି ସୁଶାନ୍ତ ସାହୁ ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ରାଜ୍ୟ ସୋସିଆଲ ମିଡିଆ କମିଟିରେ ସ୍ଥାନ ପାଇଛନ୍ତି।



ଶ୍ରୀ ସାହୁ ପୂର୍ବରୁ କଂଗ୍ରେସର ବିଭିନ୍ନ ପଦପଦବୀରେ ଦାୟିତ୍ୱ ବହନ କରି ଆସିଛନ୍ତି। ପଞ୍ଚାୟତ କଲେଜର ଛାତ୍ର ସଂସଦର ସାଧାରଣ ସଂପାଦକ, ଛାତ୍ର କଂଗ୍ରେସର ସଭାପତି ଏବଂ ବରଗଡ଼ ଜିଲ୍ଲା ଯୁବ କଂଗ୍ରେସର ସଭାପତି ପଦରେ ଦାୟିତ୍ୱ ତୁଲାଇ ସାରିଛନ୍ତି।

## ରାସ୍ତା ପାଇଁ ସବୁଜିମା ଧରାଶାୟୀ

# ରାସ୍ତା ନିର୍ମାଣ ପରେ ଗଛ ଲଗା ହେଉନି



ପଦ୍ମପୁର,୧୦।୯ (ସମିସ): ରାସ୍ତା ପାଇଁ ବଳି ପଡୁଛି ଶହଶହ ସଂଖ୍ୟାରେ ଗଛ। ଯେଉଁଠି ଉନ୍ନୟନ କାମ ପାଇଁ ଗଛ କଟା ହେବ ନିର୍ମାଣ ପରେ ସେହି ସ୍ଥାନରେ ପୁନଃ ଚାରାରୋପଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ଏହାପ୍ରତି କାହାରି ଦୃଷ୍ଟି ରହୁ ନ ଥିବାରୁ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଗମନାଗମନ ସୁବିଧା କରାଯିବା ସହ ପରିବେଶ ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ। ମାତ୍ର ଏଥିପାଇଁ କୌଣସି ପଦକ୍ଷେପ ନିଆ ଯାଉ ନଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଦ୍ମପୁର ପାଟଣାଗଡ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ପାଶ୍ୱର୍ରେ ଥିବା ଛୋଟ ବଡ ସବୁ ଗଛକୁ ଧରାଶାୟୀ କରାଯାଇଛି। କେବଳ ପଦ୍ମପୁର ସୀମା ପର୍ଯ୍ୟନ୍ତ ୨୬୮ ଗଛ କଟାଯାଇଛି। କେଉଁ କାଳରୁ ମହାଦ୍ରୁମରେ ପରିଣତ ହୋଇଥିବା ଏହି ଗଛ ଗୁଡିକ କଟିଯିବା ଫଳରେ ରାସ୍ତା ପାଶ୍ୱର୍ରେ ଛାଇ ଟିକିଏ ମିଳୁନାହିଁ। ଏଭଳି ସ୍ଥଳେ ପଥଚାରୀଙ୍କ ପାଇଁ ଥକ୍କା ମେଣ୍ଟାଇବା ପାଇଁ ସ୍ଥାନ ଆଉ ରହିନାହିଁ। ୪୦କିମି ଥିବା ପଦ୍ମପୁର ପାଟଣାଗଡ ରାସ୍ତା ଦୁଇ ଲେନ କରାହେବ। ଏହି ବିକାଶ ମୂଳକ କାର୍ଯ୍ୟକୁ ବିରୋଧ କରାଯାଉ ନାହିଁ; ମାତ୍ର ପରିବେଶ ସୁରକ୍ଷା ପ୍ରତି ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ,୧୦।୯ (ସମିସ): ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦି ଠାରେ, ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥିରେ ଭାଗବତ ଜମୋତ୍ସବ ସହିତ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗୀ ପକ୍ଷରୁ ପ୍ରବଚନ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପେଟୁପାଲି ନିବାସୀ କମଳାକାନ୍ତ ଜାଲ ଓ ତାଙ୍କ ପତ୍ନୀ ଜେମାଦେଇ ଜାଲ କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିଲେ। ପ୍ରବଚକ ବଳରାମ ମେହେର, ସୁରେଶ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ରୁପଦୀ ଭୋଇ ମଧ୍ୟ ଭାଗବତ ପାରାୟଣ ଓ ଭଜନ ପରିବେଷଣ କରିଥିଲେ। ସଭାରେ ସାଧୁ ସନ୍ଥ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ବରିଷ୍ଠ ସଭ୍ୟ ମହେନ୍ଦ୍ର ନାଗ, ବଡ ଭୋଇ, ସାନ ଭୋଇ, ରକ୍ଷାକାରୀ ସାହୁ, ଅଭିମନ୍ୟୁ ବଡ଼ିୟା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ଆଶ୍ୱିନ ପୂର୍ଣ୍ଣିମା ଅକ୍ଟୋବର ୫ ରୁ ୭ ତାରିଖ ଏହି ଭାଗବତ ଗାଦିରେ ତ୍ରିଦିବସିୟ, ସତସଙ୍ଗ, ପ୍ରବଚନ, ଭାଗବତ ସଭା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ମାନେ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଛି। ଏଣୁ ସମସ୍ତ ଯୋଗୀ ବୈଷ୍ଣବ, ସାଧୁ ସନ୍ଥ, ଶ୍ରୋତା ବକ୍ତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଏହି ମହୋତ୍ସବରେ ଉପସ୍ଥିତ ରହିବାକୁ ଆଞ୍ଚଳିକ ସତସଙ୍ଗ ଗୋଷ୍ଠୀ ନିବେଦନ କରିଛନ୍ତି।

# ଜମଲା ଡିଗ୍ରୀ କଲେଜରେ ତମାଖୁ ସଚେତନତା

ପଦ୍ମପୁର,୧୦।୯ (ସମିସ): ଜମଲା ଡିଗ୍ରୀ କଲେଜରେ ବୁଧବାର ଜାତୀୟ ସେବା ଯୋଜନା ତରଫରୁ ତମାଖୁ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଳାକହ୍ନେଇ ପଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ.ଲୋକପାଳ ଭୋଇ ଯୋଗ ଦେଇ ତମାଖୁ ଓ ନିଶା ଦ୍ରବ୍ୟ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଭିଳାଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ଆଇନଜୀବୀ ନିହାରିକା

ବରଗଡ଼,୧୦।୯ (ସମିସ): ନିହାରିକା ଗିରୀ ଏକାଧାରରେ ଜଣେ ଆଇନଜୀବୀ ଓ ସମାଜସେବୀ। ଗିରୀଙ୍କ ଆଦର୍ଶ ହେଉଛନ୍ତି ତାଙ୍କ ଜେଜେମା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରୀ। ଯେତେବେଳେ ପଶ୍ଚିମ ଓଡ଼ିଶାର କଥା ଆସେ ଗିରୀ ତାଙ୍କ ବ୍ୟସ୍ତ ବହୁଳ ଜୀବନକୁ ଭୁଲିଯାଇ ପ୍ରଥମେ ତାଙ୍କ ଅଞ୍ଚଳ କଥା ଦେଖନ୍ତି। ସେ କଟକ, ଭୁବନେଶ୍ୱରରେ ନିଜ ଆଇନ ପେସା କରିବା ସହିତ ପଶ୍ଚିମ ଓଡ଼ିଶାରୁ ଯାଉଥିବା ଅଗଣିତ ରୋଗୀଙ୍କୁ ସେବା ଯୋଗାଇ ଦେଇଛନ୍ତି। ସେମାନଙ୍କ ସେବାରେ କେବେ ଅବହେଳା କରିନାହାନ୍ତି। ସେମାନେ କୋଉ ଡାକ୍ତରଖାନାରେ ଆଡମିସନ ନେବେ, କେମିତି ସ୍ୱାସ୍ଥ୍ୟ କାର୍ଡ ଲାଗୁହେବ, ରକ୍ତ ଯୋଗାଡ ତଥା ସେମାନଙ୍କ ରହିବା, ଖାଇବା, ପିଇବା ସୁବିଧା ଯୋଗାଇ ଆସୁଛନ୍ତି। ଆହୁରି ମଧ୍ୟ ସେ ଆଇନ କ୍ଷେତ୍ରରେ ବହୁତ ଲୋକଙ୍କୁ ଗିରୀ ସହାୟତା କରିଛନ୍ତି। ତାଙ୍କ ଲକ୍ଷ୍ୟ ହେଲା କେମିତି ମାଗଣାରେ ଲୋକେ ଉଚିତ ନ୍ୟାୟ ପାଇବେ। ସମାଜର ଏକ ମୁଖ୍ୟ ସମସ୍ୟା ହେଉଛି ନିରକ୍ଷର ଲୋକମାନେ ନିଜର ସାମ୍ବିଧାନିକ ଅଧିକାର ଓ ମାନବିକ ଅଧିକାର ବିଷୟରେ ଅଜ୍ଞ ରହିବା। ଏଣୁ ସେ ଗରିବ, ନିଷ୍ପେସିତଙ୍କ ସହ ସମାଜରେ ନିଃସହାୟ ଅବହେଳିତ ନାରୀ ମାନଙ୍କୁ କୋର୍ଟ କଚେରୀ ମମଲାରେ ସାହାଯ୍ୟ କରିଆସୁଛନ୍ତି। ଯୌତୁକ ନିର୍ଯାତନା, ନାରୀ ନିର୍ଯାତନା, ପାରିବାରିକ ହିଂସାରେ ପୀଡ଼ିତା ମାନଙ୍କୁ ସହାୟତାର ହାତ ବଢ଼ାଇ ସାହାଯ୍ୟ କରି ଆସୁଛନ୍ତି। ଯେଉଁମାନେ କ୍ଷମତାରେ ରହି ମଧ୍ୟ ସମାଜ ପାଇଁ କିଛି କରି ପାରୁନାହାନ୍ତି, ସେମାନଙ୍କ ପାଇଁ ଆଜି ଜଣେ ସାଧାରଣ ନାରୀ ଅସାଧାରଣ ବ୍ୟକ୍ତିତ୍ୱର ଉଦାହରଣ ସୃଷ୍ଟି କରି ପାରିଛନ୍ତି।



# ବିଦ୍ୟୁତ୍ ସେବା ବନ୍ଦ; ପ୍ରତିବାଦରେ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼,୧୦।୯ (ସମିସ)



ବରଗଡ଼ରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ଆଇନ ଶୃଙ୍ଖଳା ପରିସ୍ଥିତି। ପ୍ରତିଦିନ କୋଉଠି ନା କୋଉଠି କିଛି ନା କିଛି ଆନ୍ଦୋଳନ ଚାଲିଛି। ସମସ୍ତେ ନିଜ ନିଜର ନାର୍ଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। କେତେବେଳେ ଚାଷୀ ପଞ୍ଜୀକରଣକୁ ନେଇ ତ କେତେବେଳେ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ। ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି। ବରଗଡ଼ ଭଟଲି ରାସ୍ତା ବରଡୋଳ ପଞ୍ଚାୟତ ଅଧୀନ ପ୍ରଧାନ ଟିକିରା ଅଞ୍ଚଳରେ ମଙ୍ଗଳବାର ଠାରୁ ବିଦ୍ୟୁତ ସେବା ଠପ ହୋଇଛି। ସ୍ଥାନୀୟ ଲୋକେ ବାରମ୍ବାର ଟାଟା ପାୱାର ଅଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା ସେମାନେ କର୍ଣ୍ଣପାତ କରୁନଥିଲେ। ଏମିତିକି ଫୋନ ବନ୍ଦ କରିଦେଉଥିବା ନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇଦିନ ଧରି ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ପ୍ରଧାନ ଟିକିରା ଅଞ୍ଚଳରେ ଲୋକେ ପିଇବା ପାଣି ଟିକେ ମଧ୍ୟ ପାଇ ପାରି ନଥିଲେ। ଏଣୁ ବୁଧବାର ଅପରାହ୍ଣରେ ଲୋକେ ବରଗଡ଼ ଭଟଲି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଫଳରେ ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତାରେ ଯିବାଆସିବା ଠପ ହୋଇଥିଲା। ପରେ ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଘଟଣା ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ୨୦୦ କେଭି କ୍ଷମତା ସମ୍ପନ୍ନ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବାର ବ୍ୟବସ୍ଥା କରିବା ପରେ ଲୋକେ ରାସ୍ତାରୋକରୁ ଓହରି ଥିଲେ।

ସକାଳ
THE SAKALA



# ଜୋର୍ ଧରିଲା ବିଞ୍ଝାରପୁର ଏନ୍ଏସି ଦାବି





ବିଞ୍ଝାରପୁର, ୧୦।୯ (ସମିସ)

ବିଜେଡି ସରକାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୬ଟି ଏନ୍ଏସି ଘୋଷଣା କରିଥିଲେ। ଏହି ୫୬ଟି ମଧ୍ୟରେ ଏକ ନମ୍ବର ସ୍ଥାନରେ ବିଞ୍ଝାରପୁରକୁ ଏନ୍ଏସି ଘୋଷଣା କରିଥିଲେ। କିନ୍ତୁ ନୂଆ କରି ଆସିଥିବା ବିଜେପି ସରକାର ମାତ୍ର ୨୮ଟିକୁ ମାନ୍ୟତା ହେବା ସହ ବିଞ୍ଝାରପୁରକୁ ବାଦ କରିଛନ୍ତି। ଏହାର ପ୍ରତିବାଦ କରି ଆଜି ବିଜୁ ଜନତା ଦଳ ପକ୍ଷରୁ ବିଞ୍ଝାରପୁରରେ ଜୋରଦାର ଆନ୍ଦୋଳନ କରାଯାଇଛି। ବିଜେଡି ପକ୍ଷରୁ ବୁଧବାର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଗଣ ବିକ୍ଷୋଭ ପୂର୍ବରୁ ହଜାର ହଜାର ବିଜେଡି କର୍ମୀ ବିଞ୍ଝାରପୁରଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରାରେ ବାହାରି ସମଗ୍ର ବ୍ଲକ ପରିକ୍ରମା କରିବା ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ପ୍ରମିଳା ବିଞ୍ଝାରପୁରର ଉନ୍ନତିରେ ନୂଆ ବିଜେପି ସରକାର ବାଧା ସୃଷ୍ଟି କରୁଥିବା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ବିଜେପି ସରକାର ଅଣଦେଖା କରି ବିଞ୍ଝାରପୁରକୁ ଏନ୍ଏସିରୁ ବଞ୍ଚିତ କରିଛନ୍ତି ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ। ବିଞ୍ଝାରପୁରକୁ ଏନ୍ଏସି ଦାବିକୁ ସରକାର ତୁରନ୍ତ ସ୍ୱୀକାର କରି ଘୋଷଣା ନ କଲେ ଆଗାମୀ ଦିନରେ ବିଜେଡି ଜନଆନ୍ଦୋଳନ କରିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ପ୍ରମିଳା। ଏହି ଗଣ ବିକ୍ଷୋଭରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଏର୍ସାଦ୍, ବ୍ଲକ ସଭାପତି ନନ୍ଦକିଶୋର ସାମଲ, ମୁରଲୀ ବେହେରା, ପ୍ରଦୀପ ମହାନ୍ତି, ଯୁବ ସଭାପତି ଦିଲ୍ଲୀପ ରାଉଳ, ଛାତ୍ର ସଭାପତି ଲେନିନ ଦାସ, ମହିଳା ସଭାପତି ତଥା ଜିଲ୍ଲାପରିଷଦ ସୁନିତା ନାୟକ, ଖଗେଶ୍ୱର ମହାନ୍ତି, ମାମିନା ମଲିକ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଇଂ ସୁଶାନ୍ତ ମିଶ୍ର, ଶ୍ୟାମସୁନ୍ଦର ବେହେରା, ସୁଖରଞ୍ଜନ ପରିଡ଼ା, ଅରୁଣ କୁମାର ସାହୁ, ଆନନ୍ଦ ଦାସ, ସରପଞ୍ଚ ଏମ୍ଡି ସବିର, ଆଶାଲତା ସାହୁ, କାର୍ତ୍ତିକ ଧଳ, ସ୍ମୃତି ସମୀକ୍ଷା ମଲ୍ଲିକ, ସରୋଜ ସାମଲ, ସୁଶାନ୍ତ ଦାସ, ରିୟଙ୍କା ଜେନା, ନିଶିପ୍ରଭା ଜେନା, ଦେବଦତ୍ତ ସେଠୀ, ପାର୍ବତୀ ମଲ୍ଲିକ, ମାନସ ମଲ୍ଲିକ, କଳିକାଦାସ, ନନ୍ଦକିଶୋର ମଲ୍ଲିକ, ସେକ ଲାକି, ସେକ ଜାବେଦ, ମୋଜାହିଦ୍ ଅଲ୍ଲୀ ଖାଁ, ସେକ୍ ବାସୁ, ଚନ୍ଦ୍ରଶେଖର ଧଳ, ବିନୟ କୁମାର ଧଳ, ସନ୍ତୋଷ କୁମାର ମଲ୍ଲିକ, କାଳୀପ୍ରସନ୍ନ ଦାସଙ୍କ ସମେତ ସୟଦପୁର, ବିଞ୍ଝାରପୁର ଓ ମାଁସଡ଼ା, କଏଣା-ରଘୁନାଥପୁର ଅଞ୍ଚଳରୁ ହଜାର ହଜାର ବିଜେଡ଼ି କର୍ମୀ ଏହି ଗଣ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଭାଲୁ ଆକ୍ରମଣରେ ଆହତ ଯୁବକଙ୍କ ମୃତ୍ୟୁ

କବାଟବନ୍ଧ/ଜେନାପୁର, ୧୦।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୈରୀ-ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ଜେନାପୁର ଥାନା ଅଞ୍ଚଳରେ ଗତ ୨୭ ତାରିଖରେ ଏକ ଭାଲୁ ଆକ୍ରମଣରେ ସ୍ଥାନୀୟ ଜେନାପୁର ଥାନା ଅନ୍ତର୍ଗତ ସମ୍ପାରୁ ପଞ୍ଚାୟତ ତୁରଙ୍ଗ ଗ୍ରାମର ଜଳଧର ଜେନାଙ୍କ ପୁଅ ଚିନ୍ମୟ ଜେନା (୩୦) ଗୁରୁତର ଆହତ ହୋଇଥିଲେ। ବୁଧବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଚିନ୍ମୟ ଗତ ୨୭ ତାରିଖ ବୁଧବାର ସକାଳ ପ୍ରାୟ ୬.୩୦ ସମୟରେ ଶୌଚ ହେବା ପାଇଁ ଗାଁ ନିକଟରେ ଥିବା କୁଆଁରିଆ ନାଳକୁ ଯାଇଥିଲେ। ଏହି ସମୟରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କର ଶରୀରର କ୍ଷତବିକ୍ଷତ ହୋଇଥିଲା। ସ୍ଥାନୀୟ ଲୋକମାନେ ଚିନ୍ମୟଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତେବେ ଘଟଣା ଦିନ ଠାରୁ ଉକ୍ତ ଭାଲୁକୁ ଧରିବା ପାଇଁ ବନ ବିଭାଗ ତତ୍ପରତା ପ୍ରକାଶ କରି ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଇ ଭାଲୁର ଗତିବିଧିକୁ ଲକ୍ଷ କରୁଥିଲେ ମଧ୍ୟ କୌଣସି ସନ୍ଧାନ ପାଇନାହିଁ। ଉକ୍ତ ଅଞ୍ଚଳରେ ବନ କର୍ମଚାରୀ ମାନେ କଡା ପାଟ୍ରୋଲିଂ ଜାରି ରଖିଛନ୍ତି। ତେବେ ଭାଲୁ ଆକ୍ରମଣରେ ଗୁରୁତର ଚିନ୍ମୟଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ଦାନଗଦି, ୧୦।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରରେ ସଭାପତି ଚୟନ ପାଇଁ ସଂଗଠନ ସୃଜନ ଅଭିଯାନ ଓଡ଼ିଶାର ସମସ୍ତ ବ୍ଲକ ସ୍ତରରେ କାର୍ଯ୍ୟକ୍ରମ ଚାଲୁଛି। ଏଣୁ ଉଭୟ ସୁକିନ୍ଦା ବ୍ଲକ ଓ ଦାନଗଦି ବ୍ଲକ କଂଗ୍ରେସ ତରଫରୁ ଉଭୟ ସୁକିନ୍ଦା ଓ ଦାନଗଦି ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦାରେ ରଞ୍ଜିତ ରାଜ ଓ ଦାନଗଦିରେ ଇଂ.ବିଭୁ ଭୂଷଣ ରାଉତଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରଦେଶ ପ୍ରଭାରୀ ଅଜୟ ଲଲ୍ଲୁ, ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଚାରୁଲତା ଟୋକାଶ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ସାଧାଂଶୁ ଦେଓ, ୟାକୁବ ଉସମନ ଖାଁ, ଜିଲ୍ଲା ସଂଯୋଜକ ମନୋଜ ରାଉତ, ମହେନ୍ଦ୍ର ଦାସ, ମଦନ ଖୁଣ୍ଟିଆ, ଜନ୍ମେଞ୍ଜୟ ବଳସାମନ୍ତ, ସ୍ୱର୍ଣ୍ଣଲତା ବାନରା, ସ୍ୱପ୍ନା ବେହୁରା, ରାଇଚରଣ ମହାନ୍ତି, ଦୟାନିଧି ପଳାଇ, ପ୍ରଭାତୀ ବଳ, ପୁଷ୍ପଲତା ପାତ୍ର, ସଞ୍ଜୁଲତା ଦାସ, ଉମାକାନ୍ତ ଜେନାମଣୀ, ସୁବ୍ରତ ବେହୁରା, ଅଜୟ ବେହେରା, ବୀର ସାହୁ, ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ

ପାଣିକୋଇଲି, ୧୦।୯ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ବରିଷ୍ଠ ନାଗରିକ ମଞ୍ଚ ପାଣିକକୋଇଲିର ୮ମ ସ୍ୱନକ୍ଷତ୍ର ଉତ୍ସବ ମଞ୍ଚ ସଭାଗୃହରେ ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ଗିରିଜାନନ୍ଦନ ମହାନ୍ତି ଉଦଘାଟନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଦ୍ୱୈତ ଚନ୍ଦ୍ର ଦାଶ ବେଦ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ଯୋଗଦେଇଥିବା ବେଳେ ଉଦଘାଟକ ଭାବେ ଇଂ. ଗିରିଜା ନନ୍ଦନ ମହାନ୍ତି ଯୋଗଦେଇଥିଲେ। ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ ଅତିଥି ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ସଂଗଠନର ବିବରଣୀ ଉପସ୍ଥାପନ କରିଥିଲେ। ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି ଉପସ୍ଥିତ ରହି ଅସୁବିଧା ସମୟରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ପ୍ରାଧ୍ୟାପକ ଡ. ଦାମୋଦର ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଯୋଗଦେଇଥିଲେ। ମଞ୍ଚ ପକ୍ଷରୁ ସ୍ଥାନୀୟ ବୃଦ୍ଧାଶ୍ରମ ଶେଷ ପରିଚୟ ପରିସରରେ ଥିବା ଅନ୍ତେବାସୀଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ବରିଷ୍ଠ ସଦସ୍ୟ ନିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁପୁର ମାଁସଡ଼ା ପୂର୍ତ୍ତ ରାସ୍ତା ଶୋଚନୀୟ

ପ୍ରୀତିପୁର, ୧୦।୯ (ସମିସ): ବିଞ୍ଝାରପୁର ବ୍ଲକର ମାଂସଡ଼ା ଠାରୁ ଦଶରଥପୁର ବ୍ଲକର ମଧୁପୁର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର କପିଳା ଠାରୁ ଅଳକୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ଏକ କିମି ରାସ୍ତା ଗମନା ଗମନ ଓ ପରିବହନ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଛି। ରାସ୍ତାର ବହୁ ସ୍ଥାନରେ ଫୁଟେ, ଦୁଇ ଫୁଟ ଗଭୀରର ଖାଲ ହୋଇଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ସବୁ ସମୟରେ ହାଇୱା ଯୋଗେ ବାଲି ବୁହା ହେଉଥିବାରୁ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ରାସ୍ତାର ସ୍ଥାୟୀ ମରାମତି ତଥା ପୁନଃନିର୍ମାଣ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଅର୍ଥ ନଥିବା ଆଳରେ ଆଜକୁ ଗତ ଏକ ବର୍ଷ ହେବ, ରାସ୍ତା ମରାମତି ହୋଇପାରିନାହିଁ। ଅପରନ୍ତୁ ପୂର୍ତ୍ତ ବିଭାଗ ଦ୍ୱାରା ଭଲ ଥିବା ରାସ୍ତାକୁ ମରାମତି ଓ ପୁନଃନିର୍ମାଣ ନାମରେ ଗୁପ୍ତ ଟେଣ୍ଡର କରାଯାଇ କୋଟି କୋଟି ଟଙ୍କା ଠିକାଦାର, ରାଜନେତା ଓ ଯନ୍ତ୍ରୀ ହରିଲୁଟ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଣୁ ରାସ୍ତାର ଦୂରବସ୍ଥାକୁ ଆଖି ଆଗରେ ରଖି ଏହାର ତୁରନ୍ତ ମରାମତି ଓ ପୁନଃନିର୍ମାଣ ପାଇଁ କିଛି ସମାଜସେବୀ, ବରିଷ୍ଠ ନାଗରିକ ମିଳିତ ଭାବେ ବିଞ୍ଝାରପୁର ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ସାରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଭୁବନାନନ୍ଦ ସାମଲ, ବଳରାମ ବଳ, ସନାତନ ସାହୁ, ଅମୂଲ୍ୟ ଦେବତା, ନିହାର ରଞ୍ଜନ ସାମଲ, ଧନେଶ୍ୱର ସାମଲ, ପଦୀପ ସାମଲ, ନବକିଶୋର ଜେନା, କୁଶ ମଳିକ ପ୍ରମୁଖ ଭେଟିଥିଲେ।

## ବଡ଼ଚଣାରେ ନୂତନ ଥାନା ଅଧିକାରୀ



ବଡ଼ଚଣା, ୧୦।୯ (ସମିସ): ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହେଲା ପରେ ତାଙ୍କ ସ୍ଥାନରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଯୋଗ ଦେଇଛନ୍ତି। ବିଗତ ଦିନରେ ସେ ଚଣ୍ଡିଖୋଲ ଛକରେ ଟ୍ରାଫିକ ବ୍ୟବସ୍ଥା ସୁଧାର, ଚୋରି, ଡକାୟତି, ରାହାଜାନୀ, ଚୋରାମଦ କାରବାର ରୋକିବାରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ବଡଚଣା ଥାନାରେ ଯୁବନେତା ଖଗେଶ୍ୱର ସାହୁ, ସୁଭାଷ ତ୍ରିପାଠୀ, କିଶୋର ବାରିକ, ରତିକାନ୍ତ ବେହେରା, ଅନନ୍ତ ଦାସ, ସୁଶାନ୍ତ ସାମଲ, ଅମିୟ ବରାଳ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ଜଣାଇଛନ୍ତି।

## ଶିଶୁ ସାହିତ୍ୟିକ ବୀର କିଶୋର ପାଢ଼ୀଙ୍କ ସ୍ମୃତିସଭା



ଧର୍ମଶାଳା, ୧୦।୯ (ସମିସ): ଜାରକା ହାଇସ୍କୁଲ ଆମ ପାଠାଗାର ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବଉଳଫୁଲ ଶିଶୁ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବୀର କିଶୋର ପାଢ଼ୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ରାଜ କିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି, ଡ. ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଡ. ବସନ୍ତ କୁମାର ସାହୁ, ସମ୍ପାଦିକା ଗୋଧୂଳି ବିମଳା ସିଂହ, ଗୋକର୍ଣ୍ଣିକା ସମ୍ପାଦକ ଡ. ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଗାଁ ଭୂଇଁ ପତ୍ରିକାର ସମ୍ପାଦକ ତଥା ଶିକ୍ଷାବିତ ସ୍ୱର୍ଗତ ପାଢ଼ୀ ଶିଶୁ ସାହିତ୍ୟ ଜଗତ ପାଇଁ ଏକ ଅମ୍ଳାନ ପ୍ରତିଭା ଥିଲେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବଉଳ ଫୁଲ ସମ୍ପାଦକ ବ୍ରଜେଶ୍ୱରୀ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ପଦ୍ମଜା ଶରଣ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱରୂପା ପଣ୍ଡା ଦେଶାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଶିଶୁ କବିତା ପାଠ କରାଯାଇଥିଲା। କବି ସରୋଜିନୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ଗଣେଶ୍ୱର ବେହେରା, ଧରିତ୍ରୀ ଦାସ ଓ ଜୀତେନ୍ଦ୍ର ବେହେରା ପ୍ରମୁଖ କବିତା ସଂଯୋଜନା କରିଥିଲେ। କବି ପ୍ରେମଲତା ମହାରଣା, ସୁବାସ ଚନ୍ଦ୍ର ସାହୁ, ଗୋବିନ୍ଦ ସାହୁ, ରତ୍ନାକର ନାୟକ, ଅକ୍ଷୟ କୁମାର ଦାଶ, ବ୍ରଜକିଶୋର ଦାଶ, ଜୀତେନ୍ଦ୍ର ବେହେରା, ଦେବସ୍ମିତା ଘଡେଇ, ଦୀନବନ୍ଧୁ କର, ପ୍ରଭାତ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା, ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ଶତାଧିକ କବି କବିତା ଆବୃତ୍ତି କରିଥିଲେ। କବି ନବଘନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

● ରାସ୍ତା ନ କରି ଟଙ୍କା ହଡ଼ପ ଘଟଣା

## ତଦନ୍ତର ୨ ମାସ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ବ୍ରହ୍ମବରଦା, ୧୦।୯ (ସମିସ): ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ/ନୀଳକଣ୍ଠପୁର ଗ୍ରାମରେ ରାସ୍ତା ନ କରି ଟଙ୍କା ହଡ଼ପ ଘଟଣାର ତଦନ୍ତକୁ ଦୁଇ ମାସ ବିତି ଯାଇଥିବା ବେଳେ ଆଜି ଯାଏଁ କାର୍ଯ୍ୟାନୁଷ୍ଠାନ ନ ନିଆଯିବାକୁ ନେଇ ସାଧାରଣରେ ତଦନ୍ତ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ତୁରନ୍ତ କାର୍ଯ୍ୟନୁଷ୍ଠାନ ନିଆ ନ ଗଲେ ଗ୍ରାମାବାସୀ ବାଧ ହୋଇ ଲୋକାୟୁକ୍ତର ଆଶ୍ରୟ ନେବେ ବୋଲି କହିଛନ୍ତି।

ଲୋକାୟୁକ୍ତକୁ ଯିବେ ଗ୍ରାମବାସୀ

ସୂଚନା ଅନୁଯାୟୀ କାକୁଡିକୁଦ ଗ୍ରାମ ଦ୍ୱିଜ ମହାରଣା ଘର ଠାରୁ ନଦୀବନ୍ଧ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ କରିବା ପାଇଁ ୨୫ ଫେବୃୟାରୀ ୨୦୨୫ରେ ମଞ୍ଜୁର ନମ୍ବର ୨୪୨୦୦୦୭/୨୦୨୪-୨୦୨୫/୨୪୦୫୭/ଏଏସ୍‌ରେ ୫ଲକ୍ଷ ଟଙ୍କା ବ୍ୟୟବରାଦରେ ମାଟି ରାସ୍ତା ନିର୍ମାଣ ପାଇଁ ଯୋଜନା ଆସିଥିଲା। ହେଲେ ଠିକାଦାର ବୋଝେ ବି ମାଟି ନ ପକାଇ ଜାଲିଆତି କରି ୪୮ ଦିନରେ ୩୩୬ ଜଣ ଶ୍ରମିକଙ୍କ ମଜୁରି ବାବଦରେ ୯୧ ହଜାର ୭ଶହ ୨୮ଟଙ୍କା ଉଠାଇ ନେଇଥିଲେ। ତେବେ ଉକ୍ତ ସ୍ଥାନଟି ଦୁର୍ଯ୍ୟୋଧନ ମହାରଣାଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବା ବେଳେ ଏହାକୁ କାକୁଡିକୁଦ ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ କରିଥିଲେ। ସରପଞ୍ଚ ମଞ୍ଜୁର କଲେ, ପିଇଓ, ଏଡିଇଓ ଓ ବିଭାଗୀୟ ଜେଇ ଏହି କାମ ହୋଇଛି କି ନାହିଁ ତାହାର ବିନ୍ଦୁବିସର୍ଗ ଜାଣି ପାରିଲେ ନାହିଁ କିପରି ବୋଲି ପ୍ରଶ୍ନ ଉଠୁଛି। ଏଭଳି ଅଭିଯୋଗକୁ ନେଇ ଗ୍ରାମବାସୀ ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଜିଲ୍ଲାପାଳ, ଭିଜିଲାନ୍ସ ଓ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ପୁଲିସ ଗ୍ରାମବସୀଙ୍କ ଉପସ୍ଥିତରେ ତଦନ୍ତକାର୍ଯ୍ୟ ଶେଷ କରି ଏଠାରେ ଦୁର୍ନୀତି ହୋଇଥିବା ଜାଣିବାକୁ ପାଇଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଘଟଣାସ୍ଥଳରୁ ଫୋନ ଯୋଗେ ଜଣାଇଥିଲେ। ପରେ ପରେ ଯାଜପୁର ବିଡିଓ ହେମନ୍ତ କୁମାର ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କମଳ ଲୋଚନ ରାଜଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଉକ୍ତ ସ୍ଥାନରେ ମୁଠାଏ ବି ମାଟି ପଡ଼ି ନଥିବା ଗ୍ରାମବାସୀଙ୍କୁ କହିବା ସହିତ ଆଉ ଥରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କହିଥିଲେ। ହେଲେ ଘଟଣାକୁ ୨ ମାସ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ ଉକ୍ତ ହଡ଼ପକାରୀ ବ୍ୟକ୍ତିମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାକୁ ନେଇ ପ୍ରଶାସନ ପ୍ରତି ସାଧାରଣ ଜନତାଙ୍କ ଭରସା ତୁଟୁଥିବା କହିଛନ୍ତି। ଏଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବା ସହିତ ଲୋକାୟୁକ୍ତ କରିବାକୁ ଚେତାବନୀ ଦେଇଛନ୍ତି।

## ଜିନ୍ଦଲ୍ ପକ୍ଷରୁ ଡଷ୍ଟବିନ୍ ବିତରଣ

ଦାନଗଦୀ, ୧୦।୯ (ସମିସ): ଯାଜପୁର ଜିନ୍ଦଲ୍ ଷ୍ଟେନ୍‌ଲେସ ଫାଉଣ୍ଡେସନ୍ ଏହାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଏହି ଗ୍ରମରେ ପ୍ରାଥମିକ ପର୍ଯ୍ୟାୟରେ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦୀ ପ୍ରଭୃତି ଗ୍ରାମ ସହିତ ଦାନଗଦୀ ବଜାରକୁ ଡଷ୍ଟବିନ୍ ଯୋଗାଇ ଦିଆଯାଇଛି। ସିଙ୍ଗାଗାଡ଼ିଆ ଗ୍ରାମରେ ଏକ ଡଷ୍ଟବିନ୍ ବିତରଣ କାର୍ଯ୍ୟକ୍ରମ କରି ସଠିକ୍ ଆବର୍ଜନା ନିଷ୍କାସନ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ ସ୍ଥାନୀୟ ପରିବାରକୁ ୨୦୦ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦାନଗଦୀ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଉଦଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଯାଜପୁରର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସ୍ୱଚ୍ଛତା ବିଭାଗର ମୁଖ୍ୟ ମାନସ କୁମାର ମହାରଣା, ଦାନଗଦୀ ବ୍ଲକ ସ୍ୱଚ୍ଛତା ବିଭାଗର ସଂଯୋଜକ ଦୀପ୍ତିକୁମାର ମଲ୍ଲିକ, ତ୍ରିଜଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ କାଗେଜି ପାତ୍ର, ନାଏବ ସରପଞ୍ଚ ଜାହାଙ୍ଗୀର୍ ଖାନ୍, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହେମାଞ୍ଜଳି ପତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସିଏସଆର ବିଭାଗ ଦ୍ୱାରା ଆୟୋଜିତ କରାଯାଇଥିଲା।



## ଧାନ କ୍ଷେତ ଜଗିବାକୁ ଯାଇ ୨ ଚାଷୀ ମୃତ

କବାଟବନ୍ଧ/ ଜେନାପୁର, ୧୦।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଗତ ଗତ ୫ ଦିନ ମଧ୍ୟରେ ୭ ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ୭ ଜଣ ପୁରୁଷ ହୋଇଥିବା ବେଳେ ସମସ୍ତଙ୍କ ମୃତ୍ୟୁ ଅସ୍ୱାଭାବିକ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ସଡ଼କ ଦୁର୍ଘଟଣାରେ ୪ ଜଣ ଏବଂ ବିଦ୍ୟୁତ ଆଘାତରେ ୨ ଏବଂ ଜଣେ ଭାଲୁ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବୁଧବାର ସକାଳ ସମୟରେ ଏହି ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଚଢ଼େଇଧରା ଛକରୁ ଢେଙ୍କାନାଳ ଜିଲ୍ଲାର ନିହଲପ୍ରସାଦକୁ ସଂଯୋଗ କରୁଥିବା ରାସ୍ତାରେ ୨ ଜଣ ଚାଷୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ସାହାଣୀଡ଼ିହ ପଞ୍ଚାୟତ ଅଧୀନ ଲୁଣିବେରୀ ଗ୍ରାମର ସନାତନ ସାମଲ (୫୫) ଏବଂ ଅନ୍ୟ ଜଣେ ଗଡ଼ମଧୁପୁର ପଞ୍ଚାୟତ ଚଢ଼େଇଧରା ଗ୍ରାମର ନବଘନ ପରିଡ଼ା (୬୨) ବୋଲି ଜଣାପଡ଼ିଛି। ଉଭୟ ଚଢ଼େଇଧରା-ନିହଲପ୍ରସାଦ ରାସ୍ତା ଦେଇ ଯାଇଥିବା ଅଞ୍ଚଳରେ ଧାନ ଚାଷ କରିଥିଲେ। ଧାନ ଫସଲକୁ ଖାଇ ଦେଉଥିବା ବୁଲା ଗାଈ, ଗୋରୁ, ଷଣ୍ଢ ଆଦିଙ୍କୁ ଜଗିବା ପାଇଁ ଉଭୟ ରାସ୍ତା କଡ଼ରେ ବସିଥିବା ଅନୁମାନ କରାଯାଉଛି। ଏହି ସମୟରେ ନିହଲପ୍ରସାଦ ପଟରୁ ୫୩ ନମ୍ବର ଜାତୀୟ ରାଜପଥ ଆଡ଼କୁ ଦ୍ରୁତ ଗତିରେ କଳାପଥର ବୋଝେଇ କରି ଆସୁଥିବା ଏକ ହାଇୱା ତାଙ୍କ ଉପରେ ମାଡ଼ି ଯାଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ଶରୀରର ପୁରା ରାସ୍ତାରେ ମିଶି ଯାଇଥିଲା। ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଜେନାପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ପିଚୁ କାରଖାନାକୁ ନେଇ ତେଜୁଛି ଅସନ୍ତୋଷ

## ଚାଷ ଜମିରେ ପଡୁଛି ପ୍ରଭାବ; ବିପଦରେ ବନ୍ୟଜନ୍ତୁ

କୋରେଇ, ୧୦।୯ (ସମିସ)

ବ୍ୟାସନଗର ତହସିଲ ଅଧୀନ ପଚ୍ଛିକୋଟ ପଞ୍ଚାୟତ ମଞ୍ଜରୀ ମୌଜାରେ ଅବସ୍ଥିତ ପିଚୁ କାରଖାନା ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଯାଜପୁର ରୋଡ୍ ରେଞ୍ଜ ଅନ୍ତର୍ଗତ ପଚ୍ଛିକୋଟ ଡିପିଏଫ୍‌ର କୋରାବନ୍ଧୀ ଓ ଗୋହିରାଗଡ଼ିଆ ଜଙ୍ଗଲକୁ ଲାଗି ଥିବା ଏହି କାରଖାନାରେ ପରିବେଶ ପ୍ରତି ଦୃଷ୍ଟି ନଦେଇ ଖୋଲାମେଲାରେ ଚିପ୍ସ, ବଜୁରି ତଥା ଆବଶ୍ୟକ କଞ୍ଚାମାଲ୍ ଏଣେତେଣେ ଗଛିତ ରଖାଯାଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହେଇଛି। ଏହି ପିଚୁ କାରଖାନାଟି ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀ ଗ୍ରାମ, ପାଟରଙ୍ଗା ପଞ୍ଚାୟତର ମଲାରିଆ ଗ୍ରାମ, ପଚ୍ଛିକୋଟ ପଞ୍ଚାୟତର ମଞ୍ଜୁରୀ ଗ୍ରାମ ଏହି ୩ଟି ଗ୍ରାମର ସୀମା ସଂଯୋଗ ସ୍ଥଳରେ ଏହା ଅବସ୍ଥିତ। ଏହାକୁ ଲାଗି କୋରାବନ୍ଧୀ ଓ ଗୋହିରାଗଡ଼ିଆର ପ୍ରାକୃତିକ ଜଙ୍ଗଲ ଥିଲା ବେଳେ ଏହାର ସୀମାକୁ ଲାଗି ଏକ ଜଳାଶୟ ମଧ୍ୟ ଅଛି। ନିକଟରେ ଦିଲ୍ଲୀ ପବ୍ଲିକ ସ୍କୁଲ ଓ ଏକ ଆଇନ କଲେଜ ମଧ୍ୟ ଅଛି। ଏହା ସହିତ ଜଙ୍ଗଲ ବିଭାଗ ଦ୍ୱାରା ରୋପଣ କରାଯାଇଥିବା ଏକ ସାଗୁଆନ ଜଙ୍ଗଲ ମଧ୍ୟ ଅଛି। ଏ ଅଞ୍ଚଳଟି ଏକ ସବୁଜ ବଳୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏପରିସ୍ଥଳେ ଏଠାରେ ଏକ ପିଚୁ କାରଖାନା ସ୍ଥାପନ କରାଯିବା କେତେଦୂର ଯଥାର୍ଥ ତାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି। ପିଚୁ ପ୍ଲାଣ୍ଟର ବହୁ ଗୁଣରେ ପ୍ରଦ୍ୟୁଷଣ ସୃଷ୍ଟି ହୋଇଥାଏ। ଏହି କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ କଳା ଧୂଆଁ ପ୍ରଭାବରେ ଆଖପାଖରେ ଥିବା ମଲାରିଆ, କୋରାବନ୍ଧୀ, ରଗଡ଼ି, ମଞ୍ଜୁରୀ, ପାଟରଙ୍ଗା ଆଦି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଉଛି। ବିଭିନ୍ନ ପ୍ରକାର ବାୟୁ ଜନିତ ରୋଗରେ ଅଞ୍ଚଳବାସୀ ଆକ୍ରାନ୍ତ ହୋଉଛନ୍ତି। ଏହାର ବର୍ଜ୍ୟବସ୍ତୁ ଯୋଗୁଁ ନିକଟସ୍ଥ ଚାଷ ଜମି ମଧ୍ୟ ପ୍ରଭାବିତ ହେଉଛି।



ଶାଳ ଜଙ୍ଗଲ ଠାରୁ ମାତ୍ର କେଇ ମିଟର ଦୂରରେ ଥିବା ଏହି କାରଖାନାର ଶବ୍ଦ, ବିଷାକ୍ତ ଧୂଆଁ, ବର୍ଜ୍ୟବସ୍ତୁ ବନ୍ୟଜନ୍ତୁଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଇବା ସହ ଜଙ୍ଗଲର ପ୍ରାକୃତିକ ପରିବେଶକୁ ବ୍ୟାହତ କରୁଥିବାର ଅଭିଯୋଗ ହେଉଛି। ମେସିନ ଚାଲୁଥିବା ଶବ୍ଦରେ ବନ୍ୟଜନ୍ତୁ ଦିଗହରା ହୋଇ ପାଣି ପାଇଁ ଗାଁମୁହାଁ ହେଉଛନ୍ତି ଓ ରାସ୍ତା ପାରି ହେବା ସମୟରେ ଗାଡ଼ି ଦୁର୍ଘଟଣାରେ ପ୍ରାଣୀଙ୍କ ଜୀବନ ଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ରୋଡ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବନବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀ କିପରି ଏଠାରେ କାରଖାନା ସ୍ଥାପନ କରିବାକୁ ଅନୁମତି ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ସମ୍ପର୍କରେ ଯାଜପୁର ରୋଡ୍ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ମଦନମୋହନ ସାହୁଙ୍କୁ ପଚାରିବାରେ ସେ କହିଲେ ଅଭିଯୋଗ କଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ସେମାନେ ଯାହା କୁହନ୍ତି

ପିଚୁ ପ୍ଲାଣ୍ଟ ବହୁ ଗୁଣରେ ପ୍ରଦ୍ୟୁଷଣ ସୃଷ୍ଟି କରିଥାଏ। ଏଥିରୁ ଯେଉଁ ଧୂଆଁ ବାହାରୁଛି ତାହା ଏ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରିବା ସହିତ ବନ୍ୟଜନ୍ତୁ ବିଭିନ୍ନ ରୋଗର ଶୀକାର ହୋଉଛନ୍ତି। ଏହା ଯୋଗୁଁ ସବୁଜ ସୁନ୍ଦର ପରିବେଶ ଅସନ୍ତୁଳ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାରଖାନାକୁ ବନ୍ଦ କରିବା ଉଚିତ।

**କୃପାସିନ୍ଧୁ ରାଉତ**, ସମ୍ପାଦକ, ବନ ସୁରକ୍ଷା ସମିତି, ଗୋହିରାଗଡ଼ିଆ

ଭୌଗଳିକ ଦୃଷ୍ଟି କୋଣରୁ ଏହା ୩ଟି ପଞ୍ଚାୟତର ସୀମାରେ ଅବସ୍ଥିତ। ଏହାର କୁପ୍ରଭାବ ଏ ଅଞ୍ଚଳରେ ପଡୁଛି। ପିଚୁ ପ୍ଲାଣ୍ଟ ଦୁର୍ଗନ୍ଧ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ବିଭିନ୍ନ ବାୟୁଜନିତ ରୋଗରେ ଅଞ୍ଚଳବାସୀ ଆକ୍ରାନ୍ତ ହୋଉଛନ୍ତି। ତେଣୁ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବା ଉଚିତ।

**ରଞ୍ଜନ ଦାସ**, ସ୍ଥାନୀୟ ବାସିନ୍ଦା

ଜଙ୍ଗଲକୁ ଲାଗି ଏଭଳି ପିଚୁ ପ୍ଲାଣ୍ଟ ସ୍ଥାପନ ହେବା ଦୁର୍ଭାଗ୍ୟଜନକ। ଏହାର ବାଉଣ୍ଡରି ନାହିଁ। ବର୍ଜ୍ୟବସ୍ତୁ ଏଣେତେଣେ ପଡୁଛି। ନିର୍ଗତ କଳା ଧୂଆଁରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ତୁରନ୍ତ ଏହାକୁ ବନ୍ଦ କରିବାକୁ ଆମେ ଦାବି କରୁଛୁ।

**ବସନ୍ତ କୁମାର କର**, ଯୁବନେତା, ପାଟରଙ୍ଗା ପଞ୍ଚାୟତ